# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଖଡ଼୍‌ଗେଙ୍କ ହାତରେ | ୧୦




ପୁଣି କୋର୍ଟ ଆସିବେ ସୈଫ୍ | ୧୨


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୫୩ Vol. 20 No-53 15 MAY 2023 MONDAY BHUBANESWAR ସୋମବାର, ୧୫ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ଓଡ଼ିଶାର ସିମ୍, ପାକିସ୍ତାନରେ ଅପରେଟ୍

# ୩ ଅଭିଯୁକ୍ତଙ୍କୁ ବାନ୍ଧିଲା ଏସ୍‌ଟିଏଫ୍



ଜୟନାରାୟଣ ପଙ୍କଜ (ଆଇଜି, ଏସ୍‌ଟିଏଫ୍)



**ନୟାଗଡ଼ର ୨, ଯାଜପୁରର ଜଣେ ଗିରଫ**

**ଜାଲିଆତି କରି ହାତଉଥିଲେ ସିମ୍**

**୧୯ ମୋବାଇଲ, ୬୧ ଏଟିଏମ୍ କାର୍ଡ ଜବତ**

ଭୁବନେଶ୍ୱର,୧୪।୫(ଭାସ୍କର ନ୍ୟୁଜ): ଭାରତ ପାଇଁ ବିପଦ ସାଜିଛନ୍ତି ଦୁଇ ପଡ଼ୋଶୀ ରାଷ୍ଟ୍ର ଚୀନ ଓ ପାକିସ୍ତାନ। ଚୀନ ଜୋରଜବରଦସ୍ତ ଭାରତର ଭୂଖଣ୍ଡକୁ ଦଖଲ କରିବା ପାଇଁ ବିଭିନ୍ନ ଉପାୟରେ ଯୋଜନା କରି ଆସୁଥିବା ବେଳେ ପାକିସ୍ତାନ ଆତଙ୍କବାଦୀମାନଙ୍କୁ ତାଲିମ ଦେଇ ଭାରତରେ ହିଂସାକାଣ୍ଡ ଭିଆଇବା ପାଇଁ ଅହରହ ଯୋଜନା କରି ଚାଲିଛି। ଏସବୁ ଭିତରେ ଗୃହ ଶତ୍ରୁ ବିଭୀଷଣ ପରି ଦେଶର ବହୁ ଲୋକ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ଓ ଆତଙ୍କବାଦୀଙ୍କ ସହ ସମ୍ପର୍କ ରଖି ଦେଶର ଗୁପ୍ତ ତଥ୍ୟ ସେମାନଙ୍କୁ ପ୍ରଦାନ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ତେବେ ଓଡ଼ିଶାର ସିମ ପାକିସ୍ତାନରେ ଅପରେଟ ହେବା ଘଟଣା ପ୍ରଚାର ହେବା ପରେ ଏସଟିଏଫ୍ ପକ୍ଷରୁ ଏନେଇ ତଦନ୍ତ ଆରମ୍ଭ ହୋଇଥିଲା। ଏସଟିଏଫ ତଦନ୍ତ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଛି। ସେମାନଙ୍କ ମଧ୍ୟରେ ନୟାଗଡ଼ର ଦୁଇ ଜଣ ରହିଥିବା ବେଳେ ଅନ୍ୟଜଣେ ଯାଜପୁରର ବୋଲି ଏସ୍‌ଟିଏଫ୍ ଆଇଜି ଜୟନାରାୟଣ ପଙ୍କଜ ସୂଚନା ଦେଇଛନ୍ତି। ଶ୍ରୀ ପଙ୍କଜ କହିଛନ୍ତି ଯେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପଠାଣୀ ସାମନ୍ତ ଲେଙ୍କା, ସରୋଜ କୁମାର ନାୟକ ଓ ସୌମ୍ୟ ପଟ୍ଟନାୟକ। ଏମାନେ ଜାଲିଆତି କରି ଅନ୍ୟ ନାମରେ ସିମ ହାତଉ ଥିଲେ। ଓଡ଼ିଶାରେ ସିମ ରଖି ଏହାର ଓଟିପିକୁ ପାକିସ୍ତାନ ଏଜେଣ୍ଟଙ୍କୁ ବିକ୍ରି କରୁଥିଲେ। ଏପରିକି ସେହି ଓଟିପି ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇକୁ ମଧ୍ୟ ସେମାନେ ବିକ୍ରି କରୁଥିଲେ। ସେହି ଓଟିପି ଜରିଆରେ ବିଭିନ୍ନ ସୋସିଆଲ ମିଡ଼ିଆ ଏକାଉଣ୍ଟ ମଧ୍ୟ ଖୋଲା ଯାଉଥିଲା। ଗୁପ୍ତଚରୀ ବୃତ୍ତି କରିବା, ଆତଙ୍କୀଙ୍କୁ ତଥ୍ୟ ପ୍ରଦାନ କରିବା ତଥା ଦେଶ ବିରୋଧୀ ଭଳି କାର୍ଯ୍ୟରେ ଏହି ଓଟିପିକୁ ସେୟାର କରାଯିବା ସହ ସୋସିଆଲ ମିଡ଼ିଆ ଏକାଉଣ୍ଟ କାମରେ ମଧ୍ୟ ବ୍ୟବହାର ● ପୃଷ୍ଠା ୮ ଦେଖନ୍ତୁ

## ■ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା ■

# ଏସ୍‌ଡିସିରେ ଆଉ ୧୪ ଜିଲ୍ଲା ସାମିଲ




- **ଏସ୍‌ଡିସି ପରିସୀମା ୨୩ ଜିଲ୍ଲାକୁ ବୃଦ୍ଧି**
- **ଜନଜାତିଙ୍କ ବିକାଶ ପାଇଁ ୨୨୩ କୋଟି**
- **ବିକାଶର ପରିଭାଷାରେ କଳା ଓ ସଂସ୍କୃତିର ଭୂମିକା ସ୍ୱତନ୍ତ୍ର**

ଭୁବନେଶ୍ୱର,୧୪।୫(ଭାସ୍କର ନ୍ୟୁଜ): ସ୍ୱତନ୍ତ୍ର ବିକାଶ ପରିଷଦରେ ସାମିଲ ହେଲା ଆଉ ୧୪ ଜିଲ୍ଲା। ଫଳରେ ସ୍ୱତନ୍ତ୍ର ବିକାଶ ପରିଷଦର ପରିସୀମା ୨୩ ଜିଲ୍ଲାକୁ ବୃଦ୍ଧି ପାଇଲା । ଏ ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରବିବାର ଭୁବନେଶ୍ୱର ଆଦିବାସୀ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର ବିକାଶ ପରିଷଦର ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିବା ସହ ଜନଜାତିଙ୍କ ବିକାଶ ପାଇଁ ୨୨୩ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ଘୋଷଣା କରିଛନ୍ତି । ୨୦୧୮ରେ ପ୍ରଥମ ଥରପାଇଁ ଅଭିନବ ଭାବେ ଆଦିବାସୀବହୁଳ ଜିଲ୍ଲାରେ ଆଦିବାସୀ ଭାଷା, ନୃତ୍ୟ, ସଂଗୀତ ଓ କଳାକାରଙ୍କୁ ● ପୃଷ୍ଠା ୮ ଦେଖନ୍ତୁ

## ସଂକ୍ଷେପରେ...

### ବ୍ୟାଙ୍କରେ ଅଗ୍ନିକାଣ୍ଡ

ପିପିଲି,୧୪।୫(ଭାସ୍କର ନ୍ୟୁଜ): ପିପିଲି-ଡେଲାଙ୍ଗ ଘୋରଡିଆ ଠାରେ ଥିବା ଗ୍ରାମ୍ୟବ୍ୟାଙ୍କ ଶାଖାରେ ଅଗ୍ନିକାଣ୍ଡ ଘଟିଛି। ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ତେବେ ଏଥିରେ ବ୍ୟାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ଯାଇଥିବା ସୂଚନା ମିଳିଛି ।

### ଘର ଭିତରକୁ ପଶିଗଲା କାର୍, ମହିଳା ମୃତ

ବୌଦ୍ଧ,୧୪।୫(ଭାସ୍କର ନ୍ୟୁଜ): ରାତିରେ ଘର ଭିତରେ ଶୋଇଥିଲେ। ହଠାତ୍ ଏକ କାର୍ ଘର ଭିତରକୁ ପଶିଗଲା। ଶୋଇଥିବା ଅବସ୍ଥାରେ ମହିଳାଙ୍କ ଉପରେ ଚଢ଼ିଗଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଲା। ଏଭଳି ଏକ ଅଭାବନୀୟ ଘଟଣା ଜାତୀୟ ରାଜପଥ-୫୭ର ରାଧାନଗରରେ ଠାରେ ଘଟିଛି। ଘଟଣା ପରେ ଡ୍ରାଇଭର ଚମ୍ପଟ ମାରିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚ ତଦନ୍ତ କରିବା ସହ ମୃତଦେହ ଜବତ କରିଛି।

### ଆଜି ଶପଥ ନେବେ ଦୀପାଳି


ଭୁବନେଶ୍ୱର,୧୪।୫(ଭାସ୍କର ନ୍ୟୁଜ): ଝାରସୁଗୁଡ଼ାର ନବନିର୍ବାଚିତ ବିଧାୟିକା ଦୀପାଳି ଦାସ ସୋମବାର ଶପଥଗ୍ରହଣ କରିବେ। ତେବେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଇସ୍ତଫା ଦେଇଥିବାରୁ ତାଙ୍କୁ ଉପବାଚସ୍ପତି ରଜନୀକାନ୍ତ ସିଂ ଶପଥପାଠ କରାଇବା ନେଇ ସୂଚନା ମିଳିଛି। ଦୀପାଳି ରବିବାର ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ତାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

**ସେନ୍‌ସେକ୍ସ:** ୬୨,୦୨୭.୯୦

**ତାପମାତ୍ରା: ଭୁବନେଶ୍ୱର**
ସର୍ବାଧିକ: ୩୯ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

### ୧୪।୫ର ମତାମତ

ଗୁଡ୍ ଗଭର୍ଣ୍ଣାନ୍ସ-୨୦୨୪ ନିର୍ବାଚନରେ ପ୍ରଭାବ ପକାଇବ କି ?




### ଆଜିର ପ୍ରସଙ୍ଗ

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜନଜାତିଙ୍କ ବିକାଶରେ ସହାୟକ ହେଉଛି କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଆଇସିଏସ୍‌ଇ ଦଶମ, ଆଇଏସ୍‌ସି ଦ୍ୱାଦଶ ରେଜଲ୍ଟ ପ୍ରକାଶିତ

# ପାସ୍ ହାର ଯଥାକ୍ରମେ ୯୮.୯୪, ୯୬.୯୩%



ପ୍ରିୟଙ୍କା ପରାଶର



- **ଦଶମରେ ୯ ଜଣ, ଦ୍ୱାଦଶରେ ୫ ଜଣ ମିଳିତ ଟପ୍ପର**
- **ଦଶମରେ ପ୍ରିୟଙ୍କା, ବିଷ୍ଣୁ, ଦ୍ୱାଦଶରେ ଦିଶା ଓଡ଼ିଶା ଟପ୍ପର**

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪।୫(ବ୍ୟୁରୋ): କାଉନସିଲ ଫର ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକଜାମିନେସନ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ପାସ ହାର ଦଶମରେ ୯୮.୯୪ ପ୍ରତିଶତ ରହିଥିବା ବେଳେ ଦ୍ୱାଦଶରେ ପାସ ହାର ୯୬.୯୩ ପ୍ରତିଶତ ରହିଛି। ଅଫିସିଆଲ ୱେବସାଇଟରେ ଛାତ୍ରଛାତ୍ରୀମାନେ ଏହି ରେଜଲ୍ଟ ଦେଖି ପାରିବେ। ଆଇସିଏସି ବୋର୍ଡ ଦଶମ ପରୀକ୍ଷାରେ ୯୯.୮ ପ୍ରତିଶତ ନମ୍ବର ରଖି ୯ ଜଣ ଏବଂ ଆଇସିଏସ ଦ୍ୱାଦଶ ପରୀକ୍ଷାରେ ୯୯.୭୫ ପ୍ରତିଶତ ନମ୍ବର ରଖି ୫ ଜଣ ମିଳିତ ଟପ୍ପର ହୋଇଛନ୍ତି। ଦଶମ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ହେଲେ ରୁଷିଲ କୁମାର, ଅନନ୍ୟା କାର୍ତ୍ତିକ, ଶ୍ରେୟା ଉପାଧ୍ୟାୟ, ଅଦ୍ୱୟ ସରଦେଶାୟୀ, ଯଶମନିଶ ଭସିନ, ତନୟ ସୁଶିଲ ଶାହା, ହିୟା ସଙ୍ଘଭି, ଅଭିସି ସିଂ ଓ ସମ୍ବିତ ମୁଖୋପାଧ୍ୟାୟ। ସେହିପରି ଆଇସିଏସ ଦଶମ ପରୀକ୍ଷାରେ ରୀୟା ଅଗ୍ରୱାଲ, ଇପସିତା ଭଟ୍ଟାଚାର୍ଯ୍ୟ, ମହମ୍ମଦ ଆର୍ୟନ ତାରିକ, ସୁଭମ କୁମାର ଅଗ୍ରୱାଲ ● ପୃଷ୍ଠା ୮ ଦେଖନ୍ତୁ

## ଲ୍ୟାଣ୍ଡଫଲ୍ ପରେ ଦୁର୍ବଳ

# ତାଣ୍ଡବ ରଚିଲା 'ମୋକା'

**ବାଂଲାଦେଶ-ମିଆଁମାର ଉପକୂଳରେ ଲ୍ୟାଣ୍ଡଫଲ୍**

**ପ୍ରବଳ ବର୍ଷା ସହ ୧୭୫ କି.ମି ବେଗରେ ପବନ**

**ବିମାନ ସେବା ପ୍ରଭାବିତ, ସବୁ ବିମାନ ବାତିଲ**

**ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର**

**ବିଦ୍ୟୁତ ସେବା ଠପ୍, ଭୂସ୍ଖଳନ ଆଶଙ୍କା**



ନୂଆଦିଲ୍ଲୀ,୧୪।୫: ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମୋକା ଲ୍ୟାଣ୍ଡଫଲ୍ କରିବା ପରେ ଦୁର୍ବଳ ହୋଇ ପଡ଼ିଛି। ମିଆଁମାର ଓ ବାଂଲାଦେଶ ଉପକୂଳରେ ଏହା ଲ୍ୟାଣ୍ଡଫଲ କରିଛି। ଏହାର ପ୍ରଭାବରେ ବାଂଲାଦେଶ ଓ ମିଆଁମାରର ବିଭିନ୍ନ ଅଞ୍ଚଳ ବିଶେଷ ଭାବେ ପ୍ରଭାବିତ ହୋଇଛି। ଲ୍ୟାଣ୍ଡଫଲ ସମୟରେ ପ୍ରବଳ ବର୍ଷା ସହ ୧୭୫ କି.ମିରୁ ଅଧିକ ବେଗରେ ପବନ ବୋହିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି। ବାତ୍ୟାକୁ ଦୃଷ୍ଟିରେ ରଖି ବିମାନ ସେବାକୁ ବାତିଲ କରି ଦିଆଯାଇଥିବା ବେଳେ ଉପକୂଳରେ ରହୁଥିବା ହଜାର ହଜାର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବାଂଲାଦେଶ ସୀମାରେ ରହୁଥିବା ଲକ୍ଷାଧିକ ରୋହିଙ୍ଗ୍ୟା ଶରଣାର୍ଥୀ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ଷା ଓ ପବନ ଯୋଗୁ ବିଦ୍ୟୁତ ଖୁଣ୍ଟ ଓ ବଡ଼ବଡ଼ ଗଛ ଉପୁଡ଼ି ପଡ଼ିଥିବାରୁ ବିଦ୍ୟୁତ ସେବା ପ୍ରଭାବିତ ହୋଇଛି। ସେହିପରି ବିଭିନ୍ନ ସ୍ଥାନରେ ଗ୍ୟାସ ଷ୍ଟେସନକୁ ବନ୍ଦ ରଖାଯାଇଛି। ବାଂଲାଦେଶ ଅପେକ୍ଷା ମିଆଁମାରରେ ବ୍ୟାପକ କ୍ଷତି ହୋଇଥିବା ସୂଚନା ମିଳିଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଭୂସ୍ଖଳନର ଆଶଙ୍କା ରହିଛି। ଏପରିକି ସମୁଦ୍ର ଜୁଆର ୧୩ ଫୁଟ ଉପରକୁ ଉଠିବାର ଯଥେଷ୍ଟ ସମ୍ଭାବନା ଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷରେ ଏହି ବାତ୍ୟା ଯୋଗୁଁ ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି।


## ■ ଅଭାବନୀୟ ■

# ହ୍ରଦରେ ବୁଡ଼ି ୫ ନାବାଳକ ମୃତ

ଗାନ୍ଧିନଗର,୧୪।୫: ବୁଲିବା ଓ ହ୍ରଦରେ ଗାଧୋଇବା ସେମାନଙ୍କ ପାଇଁ କାଳ ପାଲଟିଲା। ଗାଧୋଇବା ସମୟରେ ବୁଡ଼ି ଯାଉଥିବା ଦୁଇ ବନ୍ଧୁଙ୍କୁ ଉଦ୍ଧାର କରିବାକୁ ଯାଇ ଆଉ ୩ ଜଣଙ୍କ ମୃତ୍ୟୁ ଘଟିଲା। ଦୁଇଜଣ ନାବାଳକ ଗାଧୋଇବା ସମୟରେ ବୁଡ଼ି ଯାଉଥିବା ଦେଖି କୂଳରେ ବସିଥିବା ଆଉ ୩ଜଣ ନାବାଳକ ସେମାନଙ୍କୁ ଉଦ୍ଧାର କରିବା ପାଇଁ ପାଣିକୁ ଡେଇଁ ପଡ଼ିଥିଲେ। ହେଲେ ସ୍ଥିତି ଏପରି ହୋଇଥିଲା ଯେ ୫ ଜଣ ଯାକ ନାବାଳକ ପାଣିରେ ବୁଡ଼ି ପ୍ରାଣ ହରାଇବା ଭଳି ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଗୁଜୁରାଟର କ୍ରିଷ୍ଣାସାଗର ହ୍ରଦରେ ଏଭଳି ଦୁଃଖଦ ଘଟଣା ଘଟିଛି। ୫ ଜଣ ନାବାଳକ ଏହି ହ୍ରଦକୁ ବୁଲିବା ପାଇଁ ଯାଇଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ପହଁରିବା ପାଇଁ ପାଣିକୁ ଲମ୍ଫ ମାରିଥିଲେ। ଅନ୍ୟ ୩ ନାବାଳକ କୂଳରେ ବସି ପହଁରିବା ଦୃଶ୍ୟ ଉପଭୋଗ କରିଥିଲେ। ହେଲେ ସ୍ଥିତି କିଛି ସମୟ ପରେ ବଦଳି ଯାଇଥିଲା। ପାଣିରେ ପହଁରୁଥିବା ଦୁଇ ନାବାଳକ ବୁଡ଼ି ଯାଇଥିଲେ। ଏହା ଦେଖି ଅନ୍ୟ ୩ ନାବାଳକ ପାଣିକୁ ଡେଇଁଥିଲେ। ସେମାନେ ମଧ୍ୟ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିଥିଲେ ମଧ୍ୟ କାହାକୁ ବଞ୍ଚାଇବାକୁ ସକ୍ଷମ ହୋଇନଥିଲେ। ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନଙ୍କ ବୟସ ୧୬ରୁ ୧୭ ଭିତରେ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି।

## ଭୟଙ୍କର ହେଉଛି ରୁଷ-ୟୁକ୍ରେନ ଯୁଦ୍ଧ

# ଗୁଳି ମାଡ଼ରେ ଖସିଲା ରୁଷର ୪ ଏୟାରକ୍ରାଫ୍ଟ



କିଭ୍,୧୪।୫: ରୁଷ ଓ ୟୁକ୍ରେନ ମଧ୍ୟରେ ବର୍ଷାଧିକ କାଳ ଲାଗି ରହିଥିବା ଯୁଦ୍ଧ ଏବେ ଭୟଙ୍କର ରୂପ ଧାରଣ କରିଛି। ରୁଷର ବିଜୟ ଉତ୍ସବ ପାଳନ ପରେ ରୁଷ ସେନା ୟୁକ୍ରେନ ଉପରେ ଘନଘନ ଆକ୍ରମଣ ଜାରି ରଖିଛି। ତେବେ ଏହି ଯୁଦ୍ଧରେ ରୁଷ ସେନାକୁ ଏକ ବଡ଼ଧରଣର ଝଟକା ଲାଗିଛି। ୟୁକ୍ରେନ ସୀମାରେ ରୁଷର ଦୁଇଟି ଯୁଦ୍ଧ ବିମାନ ଓ ଦୁଇଟି ହେଲିକେପ୍ଟରକୁ ୟୁକ୍ରେନ ସେନା ଗୁଳିମାଡ଼ କରି ଧ୍ୱଂସ କରିଦେଇଛି। ଏହି ଘଟଣା ପଛରେ ୟୁକ୍ରେନ ସେନାର ଏକ ବଡ଼ ଭୂମିକା ଥିବା ରୁଷ ପକ୍ଷରୁ ଅଭିଯୋଗ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ରୁଷର ଏସ୍‌ୟୁ-୩୪, ଏସ୍‌ୟୁ-୩୫ ଫାଇଟର ବିମାନ ଓ ଦୁଇଟି ଏମଆଇ-୮ ହେଲିକେପ୍ଟର ୟୁକ୍ରେନ ସୀମାରେ ଉଡୁଥିବା ବେଳେ ୟୁକ୍ରେନ ସେନା ଏହାକୁ ଗୁଳିମାଡ଼ କରି ଖସାଇ ଦେଇଥିଲେ। ରୁଷ ପକ୍ଷରୁ ୟୁକ୍ରେନରେ ହମଲା କରିବା ପାଇଁ କେତେକ ଯବାନମାନଙ୍କୁ ଏୟାରଲିଫ୍ଟ କରାଯାଉଥିଲା। ହେଲେ ସୀମାରେ ଏହି ହେଲିକେପ୍ଟରଗୁଡ଼ିକୁ ଗୁଳିମାଡ଼ ଖସାଇ ଦିଆଯାଇଥିଲା। ଦୁଇଟି ବିମାନରେ ଥିବା ଯବାନମାନେ ୟୁକ୍ରେନର ଚେରନିହିଭରେ ମିସାଇଲ ଓ ବୋମାମାଡ଼ ପାଇଁ ଯାଉଥିଲେ। ସେହିପରି ଅନ୍ୟ ଦୁଇଟି ହେଲିକେପ୍ଟର ସେମାନଙ୍କ ବ୍ୟାକ୍‌ଅପ୍ ପାଇଁ ପଠାଯାଇଥିଲା। ହେଲେ ରୁଷର ସବୁ ଯୋଜନା ପଣ୍ଡ ହୋଇ ଯାଇଥିଲା। ରୁଷିଆ ଏନେଇ ୟୁକ୍ରେନକୁ ଦାୟୀ କରୁଥିବା ବେଳେ ୟୁକ୍ରେନର ପ୍ରତିକ୍ରିୟା ମିଳିପାରି ନାହିଁ।

# ପ୍ରବୀଣ ସୁଦ୍ ସିବିଆଇର ନୂଆ ନିର୍ଦ୍ଦେଶକ



ନୂଆଦିଲ୍ଲୀ,୧୪।୫: କର୍ଣ୍ଣାଟକର ପୋଲିସ ମହାନିର୍ଦ୍ଦେଶକ ପ୍ରବୀଣ ସୁଦ୍ ସିବିଆଇର ନୂତନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି। ସେ ଦୁଇ ବର୍ଷ ପାଇଁ ଏହି ପଦବୀରେ ରହିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏବଂ ଲୋକସଭାରେ ବିରୋଧୀ ଦଳର ନେତାଙ୍କୁ ନେଇ ଗଠିତ କମିଟି ତାଙ୍କ ନିଯୁକ୍ତି ଉପରେ ମୋହର ମାରିଛନ୍ତି। ନୂତନ ନିର୍ଦ୍ଦେଶକ ନିଯୁକ୍ତି ନେଇ ୩ ଜଣ ବରିଷ୍ଠ ଆଇପିଏସଙ୍କ ନାମ ତାଲିକାଭୁକ୍ତ କରାଯାଇଥିଲା। ପ୍ରବୀଣଙ୍କ ବ୍ୟତିତ ମଧ୍ୟପ୍ରଦେଶ ଡିଜିପି ସୁଧୀର ସକସେନା ଓ ବରିଷ୍ଠ ଆଇପିଏସ ତାଜ ହାସନଙ୍କ ନାଁ ମଧ୍ୟ ତାଲିକାରେ ରହିଥିଲା। ତେବେ ସୁଧୀର ଓ ତାଜଙ୍କୁ ପଛରେ ପକାଇ ପ୍ରବୀଣ ଏହି ପଦବୀ ପାଇଁ ମନୋନୀତ ହୋଇଛନ୍ତି। ବର୍ତ୍ତମାନର ସିବିଆଇ ନିର୍ଦ୍ଦେଶକ ଥିବା ସୁବୋଧ କୁମାର ଜୟସ୍ୱାଲଙ୍କ କାର୍ଯ୍ୟକାଳ ଆସନ୍ତା ୨୫ ତାରିଖରେ ଶେଷ ହେବ। ଏହାପରେ ପ୍ରବୀଣ ନୂଆ ଦାୟିତ୍ୱ ଗ୍ରହଣ କରିବେ। ସେ ଏହି ପଦବୀରେ ଦୁଇ ବର୍ଷ ରହିବେ। ପ୍ରବୀଣ ସୁଦ ହେଉଛନ୍ତି ୧୯୮୬ ମସିହା ଆଇପିଏସ କ୍ୟାଡରର। ସୂଚନାଯୋଗ୍ୟ ଯେ ସିବିଆଇ ମୁଖ୍ୟଙ୍କ କାର୍ଯ୍ୟକାଳ ସାଧାରଣତଃ ଦୁଇ ବର୍ଷ ରହିଥିବା ବେଳେ ଏହାକୁ ଅତି ବେଶୀରେ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ପାରିବ। ତେବେ ପ୍ରବୀଣଙ୍କ କ୍ଷେତ୍ରରେ କେନ୍ଦ୍ର ସରକାର କି ପଦକ୍ଷେପ ଗ୍ରହଣ କରିବେ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସିବିଆଇର ଡାଇମଣ୍ଡ ଜୁବୁଲି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



କର୍ଣ୍ଣାଟକରେ କଂଗ୍ରେସ ଜିତିଲା
ଝାରସୁଗୁଡାରେ ବିଜେଡି,
ବିଜେପିବାଲାଙ୍କ ନାଆଁଗନ୍ଧ ନାହିଁ
ଟ୍ରାଜେଡି ହିଁ ଖାଲି ଟ୍ରାଜେଡି ।
ଯିଏ ଯେତେ ମାରୁ ଭୁରୁଡ଼ି,
ବିଶ୍ୱାସ ଭରସା ଯଦି ତୁଟିଗଲା
ଧାନ ନୁହଁ ସିଏ ଅଗାଡି !!




ଖଇରପୁଟ, (ଭାସ୍କର ନ୍ୟୁଜ୍): କୁଡୁମୁଲୁଗୁମ୍ମା ସ୍ଥିତ ଅଦାଲତ ପ୍ରକୋଷ୍ଠରେ ଜିଲ୍ଲା ଆଇନ ପ୍ରାଧିକରଣ ଆନୁକୁଲ୍ୟରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଡୁମୁଲୁଗୁମ୍ମା ଅଦାଲତର ମାଜିଷ୍ଟ୍ରେଟ ସୁମନ୍ତ କୁମାର ପଟ୍ଟନାୟକ ଉପସ୍ଥିତ ରହି ମାମଲା ଗୁଡ଼ିକର ଫଏସଲା କରିଥିଲେ ଯେଉଁଥିରେ ସରକାରୀ ଓକିଲ ସରୋଜ କୁମାର ସାହୁ, ମୁଖ୍ୟ କିରାଣୀ ବୃନ୍ଦାବନ ପଣ୍ଡା, କନିଷ୍ଠ କିରାଣି ସସ୍ୱଗ୍ରାମ କେଶରୀ ମହାରଣା, ଓକିଲ ବିଷ୍ଣୁ ଚରଣ ନାଳା, ଜୟଦେବ ପାତ୍ର ଓ ସୁନୀତା ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଜିର ଏହି ଲୋକ ଅଦାଲତ ମାଧ୍ୟମରେ ସର୍ବମୋଟ ୩୯ ଗୋଟି ମାମଲାର ଫଏସଲା ହୋଇଥିବା ବେଳେ ଏଥିରେ ଜୋରିମାନା ବାବଦକୁ ସର୍ବମୋଟ ୨୭୦୦ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ଆଜିର ଏହି ଲୋକ ଅଦାଲତ ମାଧ୍ୟମରେ ସର୍ବମୋଟ ୩୯ ଗୋଟି ମାମଲାର ଫଏସଲା ହୋଇଥିବା ବେଳେ ଏଥିରେ ଜୋରିମାନା ବାବଦକୁ ସର୍ବମୋଟ ୨୭୦୦ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ଦୀର୍ଘ ସମୟ ଧରି ପଡିରହିଥିବା ମାମଲା ଗୁଡ଼ିକର ବିଚାରଣ ଓ ସମାଧାନ ଉକ୍ତ ଲୋକ ଅଦାଲତ ମାଧ୍ୟମରେ ହେଉ ଥିବାରୁ ଜନ ସାଧାରଣ ବହୁ ଖର୍ଚ୍ଚାନ୍ତରୁ ରକ୍ଷା ପାଇବା ସହ ନ୍ୟାୟ ବ୍ୟବସ୍ଥାରେ ନିଜର ବିଶ୍ୱାସ ପ୍ରକଟ କରିଛନ୍ତି।

# ପାଣି ପାଇଁ ଡହଳ ବିକଳ ଗ୍ରାମବାସୀ

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକରେ ବସୁଧା ଯୋଜନା ଫେଲ୍ ମାରିବା ନେଇ ଅଭିଯୋଗ ଏବେ ବାସ୍ତବତା ପାର୍ଶ୍ୱକୁ ଅଗ୍ରସର। ଟାଙ୍କି ଅଛି କିନ୍ତୁ ପାଣି ନାହିଁ। ଏପରି କି ଟ୍ୟାପ୍‌ରେ ଆସୁଥିବା ପାଣିର ଗୁଣବତାକୁ ନେଇ ଅଭିଯୋଗ କଲେ ସୁଦ୍ଧା ଶୁଣିବାକୁ କେହି ବି ନାହିଁ। କେତେକ ପଞ୍ଚାୟତରେ ଗୋଟିଏ ବେଳା ପାଣି ଦିଆଗଲେ ଅନ୍ୟବେଳା ମିଳୁନି। ମାତ୍ର ପଞ୍ଚାୟତର ମୁଖ୍ୟ ଖର୍ଚ୍ଚରୁ ଇଲେକ୍ଟ୍ରି ବିଲ୍ ଲକ୍ଷାଧିକ ଟଙ୍କା ଆସୁଛି। ଏପରି ପରିସ୍ଥିତି ସୃଷ୍ଟି ହୋଇଛି କେବଳ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏବଂ ପଞ୍ଚାୟତରେ କାର୍ଯ୍ୟ କରୁଥିବା ପମ୍ପଡ୍ରାଇଭରମାନଙ୍କ ବେପରୁଆ ମନୋଭାବ ଯୋଗୁଁ। ଅଣ୍ଡରା ଇଚ୍ଛାପୁର ପଞ୍ଚାୟତରେ ଟାଙ୍କି ନିର୍ମାଣରେ ବ୍ୟାପକ ଅନିୟମିତତା ଯୋଗୁଁ ଟାଙ୍କିର ବାହାର ପାର୍ଶ୍ୱରୁ ଅହରହ ପାଣି ଝରୁଥିବା ବେଳେ ଲୋକଙ୍କ ନିକଟରେ ପାଣି ପହଞ୍ଚି ପାରୁନାହିଁ।



ନାଗପୁର ପଞ୍ଚାୟତରେ ଟାଙ୍କି ଥିବା ବେଳେ ଗୋଟିଏ ବେଳା ପାଣି ଚାଲୁଛି ଅନ୍ୟ ବେଳା ବନ୍ଦ ରହୁଛି। ଅଭିଯୋଗ କଲେ ପମ୍ପ ଡ୍ରାଇଭରମାନେ ସିଧାସଳଖ ଉତର ଦେଉଛନ୍ତି ଆମେ ୨୦୦୦ ଟଙ୍କାରେ ମାସେ ଚଳାଇ ପାରିବୁ ନାହିଁ। ମାତ୍ର ଏପରି କର୍ମଚାରୀଙ୍କ ବିରୋଧରେ ଯଦି କୌଣସି ଅଭିଯୋଗ ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀ ଗୋପି ବଲ୍ଲଭ ପାଣିଗ୍ରାହୀଙ୍କୁ ଅବଗତ କଲେ ସେ ମଧ୍ୟ ସମାନ ଉତର ଦେଉଛନ୍ତି। ଅନ୍ୟପକ୍ଷରେ ପାଣି ପାଇଁ ଡହଳବିକଳ ହେଉଥିବା ନାଗପୁର ପଞ୍ଚାୟତ ସମେତ ଏହି ପଞ୍ଚାୟତରୁ ପାଣି ଦିଆଯାଇଥିବା ପାରିଚଢେଇ ଗ୍ରାମର ଅଧିବାସୀ ଏବେ କାହାକୁ କିଛି ନକହି ଏକ କିଲୋମିଟର ଦୂର ଷୋଳପୁର ଠାରୁ ପିଇବା ପାଣି ନେଉଛନ୍ତି। ଗୋପ ପଞ୍ଚାୟତର ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ଠାରୁ ଆରମ୍ଭ କରି ବାୟାକୁଦା ପର୍ଯ୍ୟନ୍ତ ସମସ୍ତ ନୂତନ ପାଣି ଟାଙ୍କି ଏବେ ଭୁଷୁଡିବା ଅବସ୍ଥାକୁ ଆସିଯାଇଛି। ଏହି ଟାଙ୍କି ଗୁଡିକର ନିମ୍ନମାନର କାର୍ଯ୍ୟ ଏବେ ଜଳ ଜଳ ହୋଇ ଦିଶିଲାଣି। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ ପାଣି ଟାଙ୍କିକୁ ସମ୍ପୂର୍ଣ୍ଣ ପୁରଣ କରାଯାଉନି କାରଣ ସମ୍ପୂର୍ଣ୍ଣ ପୁରଣ କରାଗଲେ ତାହା ଭୁଷୁଡି ପଡିବ। ଅଭିଯୋଗ ଅନୁଯାୟୀ ପାଣି ଟାଙ୍କି ନିର୍ମାଣରେ ୩୦ ପ୍ରତିଶତ ପିସି ଆଦାୟ ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ନିଜ ନାମ ଗୋପନ ରଖି ଜନୈକ ଠିକାଦାର କହିଛନ୍ତି। ଗଣେଶ୍ୱରପୁର ପଞ୍ଚାୟତରେ ଗଣେଶ୍ୱରପୁର ବାଳକ ଉଚ୍ଚ ବିଦ୍ୟାଳୟ ପରିସରସ୍ଥ ଟାଙ୍କିରୁ ଅନବରତ ପାଣି ବୋହି ଏବେ ଉକ୍ତ ପରିସରରେ ଥିବା ପାଚେରୀ ପ୍ରତି ବର୍ଷ ଭୁଷୁଡିବା ଦେଖାଗଲାଣି। ଏହି ଟାଙ୍କିରୁ ଦିନ ରାତି ପାଣି ଚୋରି କରି ପ୍ରତ୍ୟେକ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଦିଆଯାଉଥିବାରୁ ଏହି ଟାଙ୍କିର ବିଦ୍ୟୁତ ବିଲ୍ ଏବେ ଆକାଶ ଛୁଆଁ ହେଲାଣି। ନିୟମାନୁଯାୟୀ ପଞ୍ଚାୟତ ତରଫରୁ ଯଦି କୌଣସି ଗ୍ରାମକୁ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯାଏ ତେବେ ସମ୍ପୃକ୍ତ ଠିକାଦାର ନିଜସ୍ୱ ବ୍ୟବସ୍ଥାରେ ଉଚ୍ଚ ଗୁଣବତାର ପାଣି ଯୋଗାଇ ଦେବ। କିନ୍ତୁ ସମ୍ପୃକ୍ତ ଠିକାଦାର ଜଣକ ଏହି ଟାଙ୍କିରୁ ପାଣି ନେବା ଯୋଗୁଁ ବିଦ୍ୟୁତ୍ ବିଲ୍‌କୁ ନେଇ ଉଠୁଛି ଅନେକ ଅଭିଯୋଗ। ଏହି ସବୁର ଯଦି କୌଣସି ଅଭିଯୋଗ ଗ୍ରାମବାସୀମାନେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଦିଅନ୍ତି କିମ୍ବା ଫୋନ୍ ଯୋଗେ ପଚାରିବାକୁ ଚେଷ୍ଟା କରନ୍ତି ତେବେ କନିଷ୍ଠ ଯନ୍ତ୍ରୀ ଜଣକ ବେପରୁଆ ଭାବେ ଏହାକୁ ଏଡାଇ ଦେଉଥାଆନ୍ତି। ଏନେଇ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଗୋପୀନାଥ ପାଣିଗ୍ରାହୀକୁ ପଚାରିବାରେ ସେ କହିଛନ୍ତି ଯେ, ଅଭିଯୋଗ ଆସିଲେ ଆମେ ନିଶ୍ଚିତ ଭାବେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ।

## ଯୋରନ୍ଦା ମହିମା ପୀଠକୁ ଆକର୍ଷଣୀୟ ପାଇଁ ୧୦ କୋଟି ଟଙ୍କା ବ୍ୟୟ କରାଯିବ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ମହିମା ଧର୍ମର ପ୍ରଚାର ପ୍ରସାର ଏବଂ ଆନ୍ତର୍ଜାତୀୟ କ୍ଷେତ୍ରରେ ଖ୍ୟାତି ବୃଦ୍ଧି ପାଇଁ ଯୋରନ୍ଦା ମହିମା ପୀଠକୁ ୧୦ କୋଟି ଟଙ୍କା ବ୍ୟୟ କରାଯାଇ ଆକର୍ଷଣୀୟ କରାଯିବ। ଏହି ଉଦ୍ଦେଶ୍ୟରେ ଶୁକ୍ରବାର ଦିନ ଯୋରନ୍ଦା ପୀଠଠାରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବିଶ୍ୱସ୍ତରୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ମହିମା ପୀଠର ପାରିପାର୍ଶ୍ୱିକ ଉନ୍ନତି ସ୍ୱରୁପ ବୃକ୍ଷରୋପଣ, ଉଦ୍ୟାନ, ପର୍ଯ୍ୟାପ୍ତ ଆଲୋକିକରଣ, ରାସ୍ତାଘାଟର ବିକାଶ, ପାନ୍ଥଶାଳା ନିର୍ମାଣ, ଉନ୍ନତ ମାନର ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପୋଖରୀ ଓ ଜଳ ଉତ୍ସଗୁଡିକର ଉନ୍ନତି ବିଧାନ ଆଦି ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ପୀଠର ସର୍ବାଙ୍ଗୀନ ବିକାଶ ହୋଇ ଆକର୍ଷଣୀୟ ହେଲେ ଓଡିଶା ତଥା ଦେଶରେ ଏକ ପ୍ରମୁଖ ଧର୍ମପୀଠର ମାନ୍ୟତା ପାଇପାରିବ ବୋଲି ଜିଲା ଆରକ୍ଷୀ ଅଧିକ୍ଷକ ଜ୍ଞାନରଞ୍ଜନ ମହାପାତ୍ର ଆଶା ବ୍ୟକ୍ତ କରିଥିଲେ।

ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦିଶ ରାୟ, ପୀଠରେ ଚାଲିଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପୀଠର ଆବଶ୍ୟକତା ଓ ଏହାର ଉପଯୋଗୀତାକୁ ନେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ, ନିର୍ମାଣ କାର୍ଯ୍ୟର ତାଲିକା କରି ଦେବାକୁ ମହିମା ସନ୍ୟାସୀମାନଙ୍କୁ କୁହାଯାଇଛି।

ଯୋରନ୍ଦା ପୀଠରେ ଉପାସନା ନିମନ୍ତେ ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟରୁ ଲାଗି ରହିଥିବା ସମସ୍ୟାର ଆପୋଷ ସମାଧାନ ଓ ମିଳାମିଶା ହୋଇଥିବାରୁ ବୈଠକରେ ଯୋଗଦେଇଥିବା ମହିମା ସନ୍ନ୍ୟାସୀମାନେ ଜିଲା ପ୍ରଶାସନ, ନିର୍ବାଚିତ ଲୋକପ୍ରତିନିଧୀ, ସ୍ଥାନୀୟ ଅଧିକାରୀମାନଙ୍କୁ, ସେମାନଙ୍କର ଉଦ୍ୟମ ପାଇଁ ସାଧୁବାଦ ଜଣାଇଛନ୍ତି।

ପୀଠର ଉନ୍ନତି ପାଇଁ ସରକାର ୧୦ କୋଟି ଟଙ୍କା କରୁଥିବାରୁ ସନ୍ନ୍ୟାସୀମାନେ ଖୁସି ବ୍ୟକ୍ତ କରିଛନ୍ତି। ଏହି ବୈଠକରେ ସଦର ଉପଜିଲାପାଳ ସୁଶ୍ରୀ ସ୍ନିଗ୍ଧାରାଣୀ ଧଳ ସ୍ୱାଗତ ଭାଷଣ ଦେଇ ପୀଠର ଉନ୍ନତି କରଣ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

ଏହି ବୈଠକରେ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ରଞ୍ଜନ ସାହୁ, ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ଚିନରା ଏବଂ ମହିମା ସନ୍ନ୍ୟାସୀଗଣ ଯୋଗଦେଇ ପୀଠର ଉନ୍ନତି ବିଧାନ ସମ୍ପର୍କର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଚଣ୍ଡିଖୋଲ ଛକରେ ସଫେଇ କାର୍ଯ୍ୟକ୍ରମ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ଛକ ଏକ ୪ର୍ଥ ଜାତୀୟ ରାଜପଥ ସଙ୍ଗମସ୍ଥଳୀ ଏବଂ ଜନ ଗହଳିରେ ପରିପୂର୍ଣ୍ଣ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥିଙ୍କ ପୁତ୍ର ତଥା ଟିମ୍ ବଡ଼ଚଣା ଅଧ୍ୟକ୍ଷ, ଯୁବ ସମାଜ ସେବୀ ଆଦିତ୍ୟ ଶତପଥୀଙ୍କ ଜନ୍ମ ଦିନ ଅବସରରେ ଚଣ୍ଡିଖୋଲ ଛକଠାରେ ସଫେଇ କାର୍ଯ୍ୟ କରାଯାଇଥିଲା। ପ୍ରଥମେ ଚଣ୍ଡିଖୋଲଠାରେ ଥିବା ବୁଦ୍ଧ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରି ଏହି ଜନ ଗହଳି ପୂର୍ଣ୍ଣ ବଜାର ତଥା ଦୈନିକ ପରିବା ମାର୍କେଟ, ମାଛ ମାର୍କେଟ, ବସ୍ ଷ୍ଟାଣ୍ଡ, ଅଟୋ ଷ୍ଟାଣ୍ଡ, କାର ଷ୍ଟାଣ୍ଡ ବୁଦ୍ଧ ପ୍ରତିମୂର୍ତ୍ତି ଠାରୁ ଆରମ୍ଭ କରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଫେଇ ହୋଇଥିଲା ଓ ପରେ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ସଫେଇ କାର୍ଯ୍ୟକୁ ସାରିଥିଲେ। ଏହି ସଫେଇ କାର୍ଯ୍ୟକୁ ଟିମ୍ ବଡଚଣା ପକ୍ଷରୁ ଆୟୋଜିତ ହୋଇ ଥିବା ବେଳେ ଟିମ୍ ବଡଚଣା କ୍ଲିନ୍ ବଡଚଣା ନାରା ସ୍ଲୋଗାନ ଦେଇ ଥିବା ଦେଖିବାକୁ ମିଳିଥିଲା। ବଡଚଣା ଅଞ୍ଚଳର ବହୁ ଯୁବକ, ଛାତ୍ର, ବିଜୁ ଜନତା ଦଳର କର୍ମକର୍ତ୍ତା ଯଥା ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲ୍ଲା ପରିଷଦ ଯତୀନ୍ଦ୍ର ନାୟକ, ପଲ୍ଲୀ ମଙ୍ଗଳ ସଭାପତି ସଞ୍ଜୟ କୁମାର ସ୍ୱାଇଁ, ମିହିର ସ୍ୱାଇଁ, ଯଯାତି କେଶରୀ ରାଉତ, ରଞ୍ଜନ କୁମାର ଦାସ, ନବଦୀପ ନାୟକ, ଲାଲବାବୁ ଲାଲୁ ଖାଁ, ଦିଲ୍ଲୀପ କୁମାର ନାୟକ, ମସିର ଆଲମ, ରିୟାଯୁଦ୍ଦିନ ଖାନ, ମହମ୍ମଦ ଇମ୍ରାନ, ଶରତ ଚନ୍ଦ୍ର ପାଣିଗ୍ରାହୀ, ବିଶ୍ୱଜିତ ଜେନା, ଜିତେନ୍ଦ୍ର ସ୍ୱାଇଁ, ଜଗରନ୍ନାଥ ମୁଦୁଲି, ସେକ୍ ଅକାତ ଆକବର, ଆମ୍ବୁଜ କୁମାର ରାଉତ, ସଞ୍ଜୟ ବେହେରା, ଜୟନ୍ତ ରାଉତ, ଅମୁଲ୍ୟ କୁମାର ଦାସ, ପ୍ରକାଶ ପ୍ରଧାନ, ରଫିକ ଖାଁ ଜବାର ଖାନ ସେକ ସନାଉଲ୍ଲା, ଯାସିନ ଖାନ ପ୍ରମୁଖ ଯୋଗ ଦେଇ ସଫେଇ କାର୍ଯ୍ୟ କରିବା ସହିତ ଚଣ୍ଡିଖୋଲ ବଜାର ବୁଲି ବୁଲି ପ୍ରତ୍ୟେକ ବ୍ୟବସାୟମାନଙ୍କୁ ମିଠା ଦେବା ସହିତ ଟିମ୍ ବଡ଼ଚଣା ସଭାପତି ପ୍ରତେକ ଦୋକାନି ଭାଇମାନଙ୍କୁ ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ଭାଇମାନଙ୍କୁ କହିଥିଲେ।

## ରାଜ୍ୟସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ

କୋଣାର୍କ, (ଭାସ୍କର ନ୍ୟୁଜ୍): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ସ୍ଥିତ ଅର୍କଶ୍ରୀ ଶିଳ୍ପୀ ବାଟିକାଠାରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ୬ଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆସର, ଆଲୋଚନା ଚକ୍ର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ - ୨୦୨୩ ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ, କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସଭାପତି ପ୍ରଦୀପ୍ତ କୁମାର ଛାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟକ ଭାବେ ବିଶିଷ୍ଟ କବି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ କୁମାର ପାଟ୍ଟଶାଣୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ଲେଖକ ସମ୍ମେଳନର ଅଧ୍ୟକ୍ଷ ତଥା ବିଶିଷ୍ଟ କବି ଶଙ୍କର୍ଷଣ ପରିଡା ଯୋଗ ଦେଇ ଓଡିଆ ଭାଷା




ଓ ସଂସ୍କୃତିର ଜୀବନ୍ତ ପ୍ରତିଛବି ହେଉଛି ସାହିତ୍ୟ। ସଂସ୍କୃତି ଓ ସାହିତ୍ୟର ଏହି ମହାଜାଗତିକ ଧାରାକୁ ଉଜ୍ଜୀବିତ ରଖିବା ପାଇଁ ସାମ୍ପ୍ରତିକ ସମୟର ସାହିତ୍ୟର ମୂଲ୍ୟବୋଧର ଆଧାର ଭିତରେ ଏହାର ପଠନ ଓ ଚିନ୍ତନ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବରେ ବ୍ୟଙ୍ଗ କବି ହାସ୍ୟ କୁମୁଦ ସମ୍ପଦ କୁମାର ରଥ ଯୋଗଦେଇ କୋଣାର୍କର ଐତିହ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କବି ତଥା ପ୍ରଶାସନିକ ଅଧିକାରୀ ଡଃ ସଂଗ୍ରାମ କେଶରୀ ସାମନ୍ତରାୟ, କାକଟପୁର ବିଡିଓ ଡଃ ତୁଷାର ଜ୍ୟୋତି ରଂଜନ, ପରିବେଶବିତ ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂପାଦକ ଭାଗିରଥୀ ସ୍ୱାଇଁ ବାର୍ଷିକ ବିବରଣୀ ପାଠ, ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ଆଭିମୁଖ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆୟୋଜିତ କବିତାପାଠୋତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବରେ ଝାଡଖଣ୍ଡର ବିଶିଷ୍ଟ କବି ସତ୍ୟ ପ୍ରକାଶ କର, ବରିଷ୍ଠ ସାମ୍ବାଦିକ ଲଳିତଟେନ୍ଦୁ ପଲାଉରୀ, କବୟିତ୍ରୀ ଜୟନ୍ତୀ ସ୍ୱାଇଁ, ମାନସୀ ବେହୁରା ପ୍ରମୁଖ ଯୋଗଦାନ କରିଥିଲେ। ଏହି କବିତା ଆସର କାର୍ଯ୍ୟକ୍ରମକୁ କବି ଗଙ୍ଗାଧର ଓଝା ଓ କଳ୍ପନା ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କୋଣ ଅନୁକୋଣରୁ ୧୦୦ରୁ ଉର୍ଦ୍ଧ୍ୱ କବି, କବୟିତ୍ରୀ, ଗବେଷକ, ଲେଖକ ଓ ସାହିତ୍ୟ ପ୍ରେମୀ ବ୍ୟକ୍ତି ବିଶେଷମାନେ ଯୋଗଦାନ କରି ସ୍ୱରଚିତ କବିତାମାନ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ସୁକାନ୍ତ କୁମାର ବିଶ୍ୱାଳ, ସଚ୍ଚିଦାନନ୍ଦ ଗୋଛାୟତ, ରୀତାରାଣୀ ସେଠ, ସୌଭାଗ୍ୟ ସ୍ୱାଇଁ, ଶିକ୍ଷକ ପ୍ରବୀଣ କୁମାର ସୁବୁଦ୍ଧି, ମହେଶ୍ୱର ସାମଲ ଓ ମଂଗରାଜ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ୟୁନାଇଟେଡ୍ ଫୋର୍ ସୋସିଆଲ୍ ଇଣ୍ଟ୍ରେଷ୍ଟ୍ ଫାଉଣ୍ଡେସନ୍ ପକ୍ଷରୁ ଦହି ଓ ଛତୁଆ ସରବତ ବଣ୍ଟନ

ରାଇରଙ୍ଗପୁର, (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟୁନାଇଟେଡ୍ ଫୋର୍ ସୋସିଆଲ୍ ଇଣ୍ଟ୍ରେଷ୍ଟ୍ ଫାଉଣ୍ଡେସନ୍ ତରଫରୁ ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡର ରାଇରଙ୍ଗପୁର-ଜାମଦା ରାସ୍ତା ବାଘିଆ ଗାଁ ଶଙ୍କରପୁରଠାରେ ସଂଗଠନର ରାଜ୍ୟ ସଂଯୋଜକ ପ୍ରଶ୍ନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଦହି, ଓଆରଏସ୍ ଓ ଛତୁଆ ସରବତ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାସ୍ତାରେ ଯାତାୟତ କରୁଥିବା ବ୍ୟକ୍ତିବିଶେଷ, ବସଯାତ୍ରୀ, ଅଟଚାଳକ, ପଥର ଫଟାଳିମାନଙ୍କୁ, ଗ୍ୟାରେଜ୍ କର୍ମଚାରୀଙ୍କୁ, ସାଇକେଲ୍ ସଜାଡୁଥିବା ବ୍ୟକ୍ତିମାନଙ୍କୁ ଏବଂ ଶଙ୍କରପୁର ବସ୍ତି ବାସିନ୍ଦାଗଣଙ୍କୁ ବିଭିନ୍ନ ସରବତ ବଣ୍ଟନ କରାଯାଇଛି। ଜାମଦା ତହସିଲ୍‌ର ଅତିରିକ୍ତ ତହସିଲଦାର୍ ବିକାଶ ମୁଣ୍ଡାରୀ, ଜାମଦା ଆଇଆଇସି କୃଷ୍ଣଚନ୍ଦ୍ର ଜାନି, ଜାମଦା ବିଡିଓ ଦେବାଶିଶ୍ ପଣ୍ଡା, ଅଜୁ ବେହେରା, ତାଳଗାଁ ଗାଁର ୱାର୍ଡ ମେମ୍ବର ରାଜୁ ମଣ୍ଡଳ, ସମାଜସେବୀ ମନୋଜ ମଣ୍ଡଳ, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ରନାଥ ମହାନ୍ତ, ସମାଜସେବୀ ସନ୍ତୋଷ ବେହେରା, ଅର୍ଜୁନ ପରାମାଣିକ, କିଶୋର ବେହେରା, ତାପସ ଡିଉ, ରାଇରଙ୍ଗପୁର ଆଇଟିଆଇର ଅଧ୍ୟକ୍ଷ ସୈଲେଶ୍ ସିଂ, ଆନନ୍ଦ ବିନ୍ଧାଣୀ, ପୂର୍ଣ୍ଣଚନ୍ଦ୍ର ମାଝୀ, ୟୁଏସ୍‌ଆଇ ସଂଗଠନର କୁନି ସଦସ୍ୟା ସୁଶ୍ରୀ ପକ୍ଷାନ୍ୱିତା ଶତପଥୀ, ମାଇଦି ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଗ୍ରୀଷ୍ମକାଳୀନ ସମୟରେ କେଉଁପରି ଖରା ସମୟକୁ କଟାଇବା ତାହାରି ଉପରେ ବହୁମୂଲ୍ୟ କଥା ସଂଗଠନର ରାଜ୍ୟ ସଂଯୋଜକ ପ୍ରଶ୍ନ କୁମାର ଶତପଥୀ ଖରା ସମୟରେ ରାସ୍ତାରେ ଯାଆସ କରୁଥିବା ବ୍ୟକ୍ତିମାନଙ୍କୁ ସୂଚନା ଦେଇଥିଲେ।

## କାହାସ୍ୱାର୍ଥରେ ପିଲାଙ୍କ ସ୍କୁଲ ଯାତାୟତ ରାସ୍ତାକୁ ଅବରୋଧ

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦର ମହକୁମାରେ କୋମଳମତୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ବହୁ ପୁରାତନ ଯାତାୟତ ରାସ୍ତାକୁ କି ସ୍ୱାର୍ଥରେ ପଞ୍ଚାୟତ ଅବରୋଧ କରିଥିବା ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ମୁତାବକ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ରାଜନଗର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟରୁ ରବି ଲେଙ୍କାଙ୍କ ଜୟଦୂର୍ଗା ବହି ଦୋକାନ ଦେଇ ଯାଇଥିବା ନିୟମିତ ରାସ୍ତାରେ ଯାତାୟତ କରୁଥିଲେ। ଶ୍ରୀଯୁକ୍ତ ଲେଙ୍କା ମଧ୍ୟ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ସମୟରେ ମଧ୍ୟ ସମ୍ପୃକ୍ତ ରାସ୍ତାରେ ପିଲାମାନେ ଯାତାୟତ କରନ୍ତି ଏହି ବିଦ୍ୟାଳୟକୁ। ଏଥିମଧ୍ୟରେ ବିଦ୍ୟାଳୟ ପାଚେରି ସମ୍ମୁଖରେ ଥିବା ପୋଖରିକୁ ପୋତା ଯାଇ ସାପ୍ତାହିକୀ ହାଟ କରାଗଲା। ପରମୂହୁର୍ତ୍ତରେ ପଞ୍ଚାୟତ ହାଟକୁ ଆର୍‌ଏମ୍ ସିକୁ ହସ୍ତାନ୍ତର କରାଗଲା। ଆର୍‌ଏମ୍‌ସି ଏହି ହାଟରେ ଦୋକାନ ଗୃହମାନ ନିର୍ମାଣ କଲା ଏବଂ ଜୟଦୁର୍ଗା ବହି ଦୋକାନ ଦେଇ ଯାଇଥିବା ସ୍କୁଲ ରାସ୍ତାକୁ ଛାଡି ଦୋକାନ ଘର କରିଛି। ଏହାସତ୍ୱେ ସେହି ରାସ୍ତାରେ ପଞ୍ଚାୟତ ତରଫରୁ ପ୍ରାୟ ୩ଲକ୍ଷ ଟଙ୍କା ବିନିମୟରେ ସିସି ରାସ୍ତା



ମଧ୍ୟ ପଞ୍ଚାୟତ ପକ୍ଷରୁ କରାଯାଇଥିଲା। ହେଲେ ସିସି ରାସ୍ତା କରାଯିବା କିଛିଦିନ ପରେ ପିଲାମାନଙ୍କ ସ୍କୁଲ ଯିବା ରାସ୍ତାକୁ ଅବରୋଧ କରି ପଞ୍ଚାୟତ ନିର୍ବାଚନ କିଛିଦିନ ପୂର୍ବରୁ କାହା ସ୍ୱାର୍ଥରେ ପରିଶ୍ରାଗାରା ସମେତ ଏକ ଦୋକାନ ଗୃହ ନିର୍ମାଣ କରା ଯାଉଥିଲା। ଏହି ନିର୍ମାଣଧିନ ସ୍ଥାନର ଅନୁମତି ତହସିଲଦାରଙ୍କ ଦ୍ୱାରା ଦିଆଯିବା କଥା, କିନ୍ତୁ ତତ୍କାଳୀନ ତହସିଲଦାର ଭୋଳାନାଥ ସେଠୀଙ୍କ ଠାରୁ ଅନୁମତି ନେଇନଥିବା ଶ୍ରୀ ସେଠୀ କହିଥିଲେ। ଏନେଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପିନାଥ ଲେଙ୍କା ଓ ବିଦ୍ୟାଳୟର ସଭାପତି ଉଭୟେ ମିଶି ବିଡିଓ, ବାଇଧର ଏବଂ ଥାନା ଅଧିକାରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ ଦେଇଥିବା ଶ୍ରୀ ଲେଙ୍କା କହିଥିଲେ। ଏ ସମ୍ବନ୍ଧରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ତତ୍କାଳୀନ ବିଡିଓ ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ ନିର୍ମାଣଧିନ ସୌଚାଳୟକୁ ବନ୍ଦ କରିଥିଲେ ଏବଂ ପିଲାମାନଙ୍କ ସ୍ୱାର୍ଥକୁ ଦେଖି ଅବରୋଧ ଉଠାଇବାକୁ କହିଥିଲେ। ଏବେ ଦେଢ ବର୍ଷ ହେବ ପିଲାମାନେ କାଦୁଅ ତଥା ବୁଲି ବୁଲି ଅସୁରକ୍ଷିତ ଭାବେ ସ୍କୁଲକୁ ଯାତାୟତ କରୁଛନ୍ତି। ଏବେ ଭାଙ୍ଗିବା ପରିବର୍ତେ ତରବରିଆ ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଚତୁରତାର ସହ କାର୍ଯ୍ୟ କରି ବନ୍ଦ ରହିଛି। ତେଣୁ ପିଲାମାନଙ୍କ ସୁବିଧା ପାଇଁ ତୁରନ୍ତ ଅବରୋଧ ମୁକ୍ତ କରି ଅନ୍ୟତ୍ର ପରିଶ୍ରାଗାରା (ଶୌଚାଳୟ) ନିର୍ମାଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏଥିରୁ ବ୍ୟତିକ୍ରମ ହେଲେ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଜନସ୍ୱାର୍ଥ ମାମଲା କରିବାକୁ ଚେତାବନୀ ଦେଇଛନ୍ତି।

## ସିବିଏସ୍‌ଇ ପରୀକ୍ଷା: ୨ ଜଣ ଟପ୍ପର

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପ୍ରକାଶ ପାଇଲା ସିବିଏସ୍‌ସି ପରୀକ୍ଷାଫଳ। ବିବେକାନନ୍ଦ ପବ୍ଲିକ ସ୍କୁଲ ଦଶମ ଶ୍ରେଣୀର ଛାତ୍ରୀ ସସ୍ମିତା ମହାନ୍ତ, ଶେଖର ସାନୁ ଓ ଦ୍ୟାଦଶରେ ଜ୍ୟୋତିନ ଚୁଡିବାଲା ହେଲେ କରଞ୍ଜିଆ ଟପ୍ପର ହୋଇଛନ୍ତି। ସ୍ଥାନୀୟ ବିବେକାନନ୍ଦ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀରେ ଶତପ୍ରତିଶତ ସଫଳତା ହୋଇଥିବା ବେଳେ ସସ୍ମିତା ମହାନ୍ତ, ଶେଖର ସାନୁ ୮୮%ନମ୍ବର ରଖି କରଞ୍ଜିଆ ଟପର ହୋଇଛନ୍ତି। ସେହିପରି ବିବେକାନନ୍ଦ ପବ୍ଲିକ ସ୍କୁଲର ଦ୍ୟାଦଶ ଶ୍ରେଣୀର ଛାତ୍ର ଜ୍ୟୋତିନ ଚୁଡ଼ିବାଲା ୯୪%ନମ୍ବର ରଖି ଉପଖଣ୍ଡ ଟପର ହୋଇଛଅନ୍ତି।

## ରୋଟ୍ରାକ୍ଟ କ୍ଲବ୍‌ର ଢେଙ୍କାନାଳର ନୂତନ ସଭାପତି ଓ ସମ୍ପାଦିକା ମନୋନୀତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ରୋଟ୍ରାକ୍ଟ କ୍ଲବ ଢେଙ୍କାନାଳର ନୂତନ ସଭାପତି ଓ ସମ୍ପାଦିକା ମନୋନୀତ ହୋଇଯାଇଛନ୍ତି। ଶିବପ୍ରସାଦ ସ୍ୱାଇଁ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଅମ୍ରିତା ମିଶ୍ର ସମ୍ପାଦିକା ଭାବେ ମନୋନିତ ହୋଇଛନ୍ତି। କ୍ଲବ୍ ତରଫରୁ ସଭ୍ୟମାନଙ୍କର ସହ ସମ୍ମତି କ୍ରମେ ଏହି ଦୁଇ ଜଣକୁ ଆଗାମୀ ୨୦୨୩-୨୪ ବର୍ଷ ପାଇଁ ନୂତନ ସଭାପତି ଓ ସମ୍ପାଦିକା ଭାବେ ମନୋନୀତ କରାଯାଇଛି।

## ଚତୁର୍ଥୀ ରାତିରେ ସୁନା ଗହଣା ଓ ଟଙ୍କା ଧରି ପ୍ରେମିକ ସହିତ ନବବଧୂ ଚମ୍ପଟ


ନିମାପଡ଼ା, ଭାସ୍କର ନ୍ୟୁଜ୍): ନିମାପଡ଼ା ଅଂଚଳରେ ଏକ ଚାଂଚଲ୍ୟକର ଘଟଣା ଦେଖିବାକୁ ମିଳିଛି। ନବବଧୂ ଚତୁର୍ଥୀ ଦିନ ରାତିରେ ସୁନା ଅଳଙ୍କାର ଧରି ପ୍ରେମିକ ସହିତ ଚମ୍ପଟ ମାରିବା ଘଟଣାକୁ ନେଇ ନିମାପଡ଼ା ଅଂଚଳରେ ଚହଳ ସୃଷ୍ଟି କରିଛି। ଏହି ଘଟଣା ସଂପର୍କରେ ପୃଥକ୍ ପୃଥକ୍ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଂଚଳର ଏକ ଯୁବତୀଙ୍କର ପରିବାର ସହମତି କ୍ରମେ ନିମାପଡ଼ା ଥାନା ଭିଲ୍ଲିଗ୍ରାମ ପଂଚାୟତରେ ଏକ ଧନୀଶାଳୀ ବ୍ୟକ୍ତିଙ୍କ ଘରେ ଗତ ବୁଧବାର ବିବାହ ଅନୁଷ୍ଠିତ ହୋଇଥିଲା। ନିମାପଡ଼ାରୁ ବର ରୋଷଣୀ କରି ବଳଙ୍ଗା ଥାନା ଅଂଚଳର ଏକ ଗ୍ରାମରେ ପହଂଚି ସେଠାରେ ବିବାହ କରି ନବବଧୂକୁ ଧରି ଗ୍ରାମକୁ ଆସିଥିଲେ। ବିବାହର ତୃତୀୟ ଦିନ ଶୁକ୍ରବାର ଭୋଜିଭାତ ଗ୍ରାମବାସୀ ଜ୍ଞାତି କୁଟୁମ୍ବ ମାନଙ୍କୁ ଦିଆଯାଇଥିଲା। ଶନିବାର ଚତୁର୍ଥୀ ହୋଇଥିବାରୁ ପୁରୋହିତ ଚତୁର୍ଥୀ କର୍ମ ସାରିଥିବା ବେଳେ ରାତ୍ର ୧୦ଟା ସମୟରେ ପୂର୍ବ ଯୋଜନା ମୁତାବକ ନବବଧୂ ସୁନା ଗହଣା ଧରି ବାରିପଟେ ଚମ୍ପଟ ମାରିଥିଲା। ନିକଟରେ ଅପେକ୍ଷା କରିଥିବା ପ୍ରେମିକ ସହିତ ପଳାଇଥିବା ବେଳେ ବୋହୂ ପାଇଁ ପୁଅଘର ପରିବାର ରାଣୀ ହାର ଠାରୁ ଧରି ବିବାହ ଗିଫ୍ଟ ପ୍ରାୟତଃ ୨୦ ଲକ୍ଷ ଟଙ୍କାର ସୁନା ଗହଣା ଧରି ନବବଧୂ ପ୍ରେମିକ ସହିତ ପଳାଇଥିବା ବେଳେ ଏହି ଘଟଣା ସଂପର୍କରେ ଥାନାରେ ବରଘର ପକ୍ଷରୁ ଅଭିଯୋଗ ହୋଇଛି। କନ୍ୟାଘର ପକ୍ଷରୁ ମଧ୍ୟ ଅଭିଯୋଗ ହୋଇଥିବା ବେଳେ କନ୍ୟାଘର ପରିବାର ପୂର୍ବରୁ ଝିଅ ଭଲପାଇଥିବା ଜାଣି କିପରି ଭାବେ ବିବାହ କରୁଥିଲେ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ବାରଦା ଗ୍ରାମପଞ୍ଚାୟତରେ ବାଦପାଲା

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ବରଦା ଗ୍ରାମ ପଞ୍ଚାୟତରେ ଆଞ୍ଚଳିକ ବାଦ ପାଲା ଗତ ମଇ ମାସ ୧୧ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖରେ ଉଦ୍‌ଯାପିତ୍ ହୋଇଯାଇଛି। ଗାୟକ ବିଜୟ କୁମାର ଓଝା ଓ ଗାୟକ ଗଗନ ବିହାରୀ ମହାପାତ୍ର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ବିପିନ କୁମାର ସାହୁ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଲଳିତ କୁମାର ଦାସ, ସଂପାଦକ ଅମୂଲ୍ୟ କୁମାର ନାଥ, କୋଷାଧ୍ୟକ୍ଷ କୁଳମଣି ଦାଶ, ସକ୍ରୀୟ ସଭ୍ୟ ଲକ୍ଷ୍ମଣ କୁମାର ସାହୁ, ଚକ୍ରଧର ବିହାରୀ, ମାନସ କୁମାର ସାହୁ, ଭଗବାନ ବେହେରା, ଦେବରାଜ ସାହୁ, ସାଗର ସାହୁ, ମାୟାଧର ସାହୁଙ୍କ ସହିତ ଅନ୍ୟମାନେ ପରିଚାଳନା କରୁଥିଲେ। କାର୍ଯ୍ୟକ୍ରମରେ ଗାୟକ ବିଚିତ୍ରାନନ୍ଦ ପଣ୍ଡା, ସରପଞ୍ଚ ଦିପ୍ତିମୟୀ ବେହେରା, ସମିତି ସଭ୍ୟା ଅନ୍ନପୂର୍ଣ୍ଣା ସେଠୀଙ୍କ ସମେତ ପ୍ରାର୍ଥନା ପାଲା ସମୀକ୍ଷକ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ହୋଇ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ଦିନ ପାଲାକୁ ଗଁଦିଆ ସ୍ମୃତି ସଂସଦ ସଭାପତି ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ, ଗଁଦିଆ ବ୍ଲକ ପୋରୁହଖୋଜସରପଞ୍ଚ ରତିକାନ୍ତ ସାହୁ, ଥିଙ୍କରସ ଫୋରମ୍ ସଭାପତି ସୁବ୍ରତ କୁମାର ସାହୁ, ଆଞ୍ଚଳିକ ସେବା ସଂଗଠନ ସଭାପତି ବିଦ୍ୟାଧର ସାହୁ, ଷଡ଼ଙ୍ଗୀ ପାଲା କମିଟି ସଭାପତି ମଙ୍ଗୁଳି ଚରଣ ବେହେରା, ସଂପାଦକ ବିଜୟ କୁମାର ବରାଳଙ୍କ ସହିତ ସହସ୍ରାଧିକ ଲୋକ ଉପସ୍ଥିତ ହୋଇ ପାଲାକୁ ଉପଭୋଗ କରୁଥିଲେ। ଶିକ୍ଷାବିତ ବିନାୟକ ମହାନ୍ତି ସଂଯୋଜନା କରିଥିଲେ।

# ଗୋପରେ ମନରେଗା କେଳେଙ୍କାରୀ !

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ମନରେଗା ବିଭାଗରେ ଦୁଇ ଜଣ ଅଧିକାରୀ ଦୀର୍ଘ ୧୨ ବର୍ଷ ଧରି ଗାଦି ମାଡି ବସିଛନ୍ତି। ଯେଉଁଥି ପାଇଁ ସୀମା ଟପିଲାଣି ଏହି ବିଭାଗରେ ଦୁର୍ନୀତି। ୩ ଥର ବଦଳି ପରେ ମଧ୍ୟ ଗାଡି ଛାଡୁନାହାନ୍ତି ଏପିଓ ମୋନାଲିସା ଶତପଥୀ ଏବଂ ତାଙ୍କ କାର୍ଯ୍ୟାଳୟର ଏକାନ୍ତ ସହଯୋଗୀ କର୍ମଚାରୀ ବିଦ୍ୟାଧର ରାଉତରାୟା ଯାହାକୁ ନେଇ ଗୋପ ବ୍ଲକର ଅନେକ ଜନପ୍ରତିନିଧି ଏମାନଙ୍କ ବିରୋଧରେ ଅଭିଯୋଗ କଲେ ସୁଦ୍ଧା ଫଳ ଶୂନ ହେଉଛି। ଏହି ବିଭାଗରେ ଏହି ଦୁଇ ଜଣଙ୍କ ବାଦ କେତେ ଜଣ ଜିଆର୍‌ଏସ୍ ସମସ୍ତ ଦୁର୍ନୀତି କରିବାକୁ ରୀତିମତ ଚଳାଇଛନ୍ତି ଏକ ଷଡଯନ୍ତ୍ର। ଯଦି ଦୁର୍ନୀତି ବିଷୟକୁ ନେଇ ନେବା ତେବେ ମୃତ ବ୍ୟକ୍ତିଙ୍କ ନାମରେ ମିଥ୍ୟା ମଷ୍ଟରରୋଲ ବାହାର କରି ଲକ୍ଷାଧିକ ଟଙ୍କା ଚଳୁ




କରିଦେଉଛନ୍ତି। ଏପରିକି ଗୋଟିଏ ପୋଖରୀକୁ ଦୁଇରୁ ତିନି ଥର ବିଲ୍ କରିନେବାରେ ମାଷ୍ଟର ଏହି ଦୁଇ ଜଣ କର୍ମଚାରୀ। ଡଭାର ପଞ୍ଚାୟତରେ ପୋଖରୀ ନଥାଇ ମଧ୍ୟ ବିଲ୍ କରିନେଇଥିବା ବେଳେ ଏ ନେଇ ଦୈନିକ ଖବର କାଗଜରେ ପ୍ରକାଶ ପାଇବା ପରେ ଏହାକୁ ନେଇ ବିଭାଗୀୟ ଅଧିକାରୀ ଜଣକ କୌଣସି ମତେ ଏହାକୁ ଚାପି ଦେବକୁ ଉଦ୍ୟମ କରୁଥିବା ବେଳେ ଉକ୍ତ ପୋଖରୀରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ମଧ୍ୟ କେହି ବି ମଧ୍ୟ ପୋଖରୀ ଖୋଳା ବିଷୟରେ ଜାଣନ୍ତିନି ବୋଲି କହିବା ପରେ ମଧ୍ୟ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଡଭାର ପଞ୍ଚାୟତରେ ୧୦ ରୁ ୧୫ଟି ପୋଖରୀ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ବିଲ୍ କରି ଚଳୁ କରିଦେଇଥିବା ବେଳେ ଏବେ ମୃତକମାନଙ୍କ ନାମରେ ଚାଲିଛି ଅହରହ ମଷ୍ଟରରୋଲ। ସୋସିଆଲ ଅଡିଟ୍‌ରେ ଏପରି ତଥ୍ୟ ଆସିବା ପରେ ବିଭାଗୀୟ ଅଧିକାରୀ ଜଣକ ଜିଆର୍‌ଏସ୍‌ମାନଙ୍କୁ ଧମକ ଦେବା ସହିତ ତୁରନ୍ତ ସେମାନଙ୍କ ଦରମାରୁ ଉକ୍ତ ଅର୍ଥ କାଟି ଡିପୋଜିଟ୍ କରିବାକୁ କହିଛନ୍ତି। କିନ୍ତୁ ମୃତକଙ୍କୁ କାହିଁକି ମଷ୍ଟରରୋଲରେ ରଖାଗଲା କିମ୍ବା ଉକ୍ତ କାର୍ଯ୍ୟର ସତ୍ୟତାକୁ ନଦେଖିବା ଫଳରେ ଏବେ ଏହି ରୋଗ ଏବେ ମାଡି ବସିଲାଣି ସମ୍ପୂର୍ଣ୍ଣ ବିଭାଗକୁ। ଏପିଓ ମୋନାଲିସା ଶତପଥି ବିଭାଗ ଛାଡି କେବେ ବି କୌଣସି ପ୍ରକଳ୍ପ ଦେଖିବାକୁ ଯିବାକୁ ନାଁ ଧରନ୍ତିନି। କେବଳ କନିଷ୍ଠ ଯନ୍ତ୍ରୀ, ଜିଆର୍‌ଏସ୍ ଓ ଗ୍ରାମସେବକମାନଙ୍କ ଉପରେ ଦୋଷ ଲଦି ଦେଇ ନିଜେ ସମ୍ପୂର୍ଣ୍ଣ ଦୋଷମୁକ୍ତ ହେବାକୁ ଚେଷ୍ଟା କରୁଛନ୍ତି। ମୃତକ ବ୍ୟକ୍ତିଙ୍କ କାର୍ଯ୍ୟ ଦେବାରେ ଛଇତନା, ନାଗପୁର, କୁଆଁପଡା, ବଉଲାଙ୍ଗ ଭଳି ପଞ୍ଚାୟତ ସର୍ବାଗ୍ରେ ରହିଛି। ତେବେ ଏପରି ଖୁଲମଖୁଲା ଦୁର୍ନୀତି ନିଜ ବିଭାଗରେ ବାରମ୍ବାର ହେଉଥିବା ବେଳେ ଏପିଓ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରି ଏବଂ ନିଜ ସହ ଯୋଗୀକୁ ସୁରକ୍ଷା ଦେଇ ନଜର ଦୁର୍ନୀତିର କାୟାବିସ୍ତାର କରିଚାଲିଛନ୍ତି। ଅନ୍ୟପକ୍ଷରେ ବାରମ୍ବାର ବଦଳି ସତ୍ୱେ କେଉଁ ଅଧିକାରୀ ଏହି ଅଧିକାରୀଙ୍କ ୧୨ ବର୍ଷ ଏପିଓ ଗାଦିରେ ବସିବା ନିମନ୍ତେ ସୁରକ୍ଷା ଦେଉଛନ୍ତି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୋଗ ହେଉଛି ଯେ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟର ଜନୈକ ଅଧିକାରୀ ମୋଟା ଅଙ୍କର ମାସିକିଆ ପାଉଣା ନେଇ ଏପରି କାର୍ଯ୍ୟକୁ ସମ୍ଭାଳି ପାରିଛନ୍ତି। ତେବେ ଏମାନଙ୍କୁ କିଏ ସୁରକ୍ଷା ଦେଉଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଯେ ୧୨ ବର୍ଷ ଧରି କୌଣସି ଅଧିକାରୀ ଗୋଟିଏ ସିଟ୍‌ରେ ରହିବାକୁ ନେଇ ସେପରି କିଛି ବ୍ୟବସ୍ଥା ନାହିଁ।

# ମହାନଗର





କଟକ(ଭାସ୍କର ନ୍ୟୁଜ୍): ରବୀନ୍ଦ୍ର ନାଥ ଠାକୁରଙ୍କ ୧୬୨ତମ ଜୟନ୍ତୀ କଟକର ଶତାବ୍ଦୀ ଭବନରେ ପାଳିତ ହୋଇ ଯାଇଛି । ଏହି ଅନୁଷ୍ଠାନରେ ମେୟର ସୁବାସ ସିଂ ମହାଶ୍ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଶ୍ୱକବିଙ୍କ ମହାନ ସାହିତ୍ୟ, କବିତା, ଗ୍ରନ୍ଥ, ରଚନା ମାନ ଯୁଗ ଯୁଗ ଧରି ସାରା ବିଶ୍ୱକୁ ମନ୍ତ୍ରମୁଗ୍ଧ କରି ଚାଲୁଛି ବୋଲି କହିଥିଲେ । ଅନୁଷ୍ଠାନର ଉପସ୍ଥାପକ ଉତ୍କଳ ବଙ୍ଗୀୟ ଆସୋସିଏସନ ଓ କଟକ ଦୁର୍ଗାବାଡ଼ି ସମିତି ପକ୍ଷରୁ 'ହୃଦୀ ମାଝାରେ' ସାଂସ୍କୃତିକ ଅନୁଷ୍ଠାନର ସଂଯୋଜିକା ରାଖି ସେନଙ୍କ ତତ୍ୱାବଧାନରେ ସଂଗୀତ, ଗୀତି ନାଟ୍ୟ, ଆବୃତ୍ତି ଓ କବିତା ପାଠ ପରିବେଷଣ କରାଯାଇଥିଲା । ପରିଶେଷରେ ସୁଭାଶିଷ ସେନ ସମସ୍ତ ଅତିଥି, ଦର୍ଶକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକ

# ସଂସ୍କୃତି ଏବଂ ଅର୍ଥ ବ୍ୟବସ୍ଥାର ପ୍ରୋତ୍ସାହନ ନେଇ ହେବ ଆଲୋଚନା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିବାର ଭୁବନେଶ୍ୱରରେ ଆରମ୍ଭ ହୋଇଛି ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକ। ଏଥିରେ ଯୋଗଦେଇଛନ୍ତି ଜି -୨୦ ସଦସ୍ୟ ରାଷ୍ଟ୍ରର ୮ ଜଣ ଅତିଥି ଓ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧି। ସାଂସ୍କୃତିକ ସମ୍ପତ୍ତିର ସଂରକ୍ଷଣ ଓ ପୁନଃ ପ୍ରତିଷ୍ଠା, ଦୀର୍ଘ ସ୍ଥାୟୀ ଭବିଷ୍ୟତ ପାଇଁ ଜୀବନ୍ତ ଐତିହ୍ୟର ଉପଯୋଗ ନେଇ ଆଲୋଚନା ହେବ। ଏହାବ୍ୟତୀତ ସଂସ୍କୃତି ଏବଂ ସୃଜନଶୀଳ ଉଦ୍ୟୋଗ ଓ ଅର୍ଥ ବ୍ୟବସ୍ଥାର ପ୍ରୋତ୍ସାହନ ନେଇ ଆଲୋଚନା ହେବ। ଆଜି ସନ୍ଧ୍ୟାରେ 'Sustain: The Craft Edium' ଶୀର୍ଷକ ପ୍ରଦର୍ଶନୀକୁ ଉଦଘାଟନ କରିବେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଶନ ରେଡ୍ଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ସହିତ ଓଡ଼ିଶାରେ ଥିବା ଏଏସ୍ଆଇ ଅନୁମୋଦିତ କୀର୍ତ୍ତିରାଜୀ ଉପରେ ସମୀକ୍ଷା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି ବୈଠକ ଆୟୋଜିତ ହେବ । ଏଏସ୍ଆଇ ଡିଜି କିଶୋର ବାସା କହିଛନ୍ତି, ବିଭିନ୍ନ କୀର୍ତ୍ତିରାଜିର ବାଇ-ଲ ପ୍ରସ୍ତୁତି ଏକ ମନ୍ଥର ପ୍ରକ୍ରିୟା। ଗତ ୧୦ ବର୍ଷରେ ଦେଶରେ ବହୁତ କମ୍ ବାଇ-ଲ ପାସ ହୋଇଛି। ମୋର କାର୍ଯ୍ୟକାଳରେ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବି। କପିଳେଶ୍ୱର ମନ୍ଦିରର ସଂରକ୍ଷଣକୁ ନେଇ ଉତ୍ତମ ଯୋଜନା କରାଯିବ ବୋଲି ଡିଜି କହିଛନ୍ତି। ଏଥିସହ ବିଭିନ୍ନ ପର୍ଯ୍ୟାୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହେବ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଦୀପାଳି ଦାସ

## ଲୋକଙ୍କ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ାର ନବ ନିର୍ବାଚିତ ବିଧାୟିକା ଦୀପାଳି ଦାସ ରବିବାର ଭୁବନେଶ୍ୱର ଆସିବା ପରେ ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଆଶୀର୍ବାଦ ନେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡା ଲୋକଙ୍କ ପାଇଁ ସମର୍ପିତ ହୋଇ କାମ କରିବାକୁ ଦୀପାଳିଙ୍କୁ ପରାମର୍ଶ ଦେଇଛନ୍ତି । ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ଦୀପାଳି କହିଥିଲେ ଯେ ଏ ବିଜୟ ଝାରସୁଗୁଡ଼ାବାସୀଙ୍କର ଓ ମୁଖ୍ୟମନ୍ତ୍ରୀଙ୍କର । ଉପନିର୍ବାଚନ ପାଇଁ ସମସ୍ତେ ବହୁତ ପରିଶ୍ରମ କରିଛନ୍ତି । ବାପାଙ୍କ ସ୍ୱପ୍ନ ଥିଲା ଝାରସୁଗୁଡ଼ାର ନୂତନ ନିର୍ମାଣ । ବାପାଙ୍କ ଦ୍ୱାରା କରାଯାଇଥିବା ବିକାଶ କାର୍ଯ୍ୟ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଝାରସୁଗୁଡ଼ାରେ ହାର୍ଟ ହସ୍ପିଟାଲ, କ୍ୟାନସର ହସ୍ପିଟାଲ, ଓଭରବ୍ରିଜର ସ୍ୱପ୍ନ ପୂରଣ ହେବ । ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଝାରସୁଗୁଡ଼ାବାସୀଙ୍କ ସ୍ୱପ୍ନ ସାକାର କରିବି ବୋଲି ଦୀପାଳି କହିଛନ୍ତି ।

## ଗ୍ୟାଙ୍ଗଷ୍ଟର ରହୁଥିବା ଜେଲରେ ବଢ଼ିବ ସୁରକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗ୍ୟାଙ୍ଗଷ୍ଟର ରହୁଥିବା ଜେଲ ମାନଙ୍କରେ ସୁରକ୍ଷା ବଢାଯିବ । ଜେଲରେ କର୍ମଚାରୀ ବଡି କ୍ୟାମେରା ପିନ୍ଧିବେ । ଝାରପଡା ଓ ଚୌଦ୍ୱାର ପରେ ଆଉ ୭ଟି ଜେଲକୁ ବଡି କ୍ୟାମେରା ମିଳିବ । ପ୍ରଥମ ପର୍ଯ୍ୟାୟରେ ଝାରପଡା ଓ ଚୌଦ୍ୱାରକୁ ୨୦ଟି କ୍ୟାମେରା ମିଳିଥିଲା । ବ୍ରହ୍ମପୁର, ସମ୍ବଲପୁର, କେନ୍ଦ୍ରାପଡା, ବାଲେଶ୍ୱର, ଝାରସୁଗୁଡା, ସୁନ୍ଦରଗଡ଼ ଓ କୋରାପୁଟରେ ଏଭଳି ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି ଜେଲ୍ ଡିଜି ମନୋଜା ଛାବ୍ରା ।




'ଲକ୍ଷ୍ୟ ଡ୍ୟାନ୍ସ ଏକାଡେମୀ' ପକ୍ଷରୁ ଆୟୋଜିତ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ

## ୩ ସରକାରୀ କାର୍ଯ୍ୟର ସମୀକ୍ଷା କଲେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ



କଟକ(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କଟକରେ ତାଙ୍କ ବିଭାଗର ତିନୋଟି ସରକାରୀ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗଡିରାଉତ ପାଟଣାରେ ଜାତୀୟ ରାଜପଥରୁ ମହାନଦୀ କୂଳେ ଥିବା ସରସ୍ୱତୀ ବିଦ୍ୟାମନ୍ଦିର ଆବାସିକ ବିଦ୍ୟାଳୟ ପର୍ଯ୍ୟନ୍ତ ମୋରମ ରାସ୍ତା ବଦଳରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦେଇଥିବା ୧ କୋଟି ଓ ରାଜ୍ୟ ସରକାରଙ୍କ ୯୬ ଲକ୍ଷ ଟଙ୍କାରେ ହେବାକୁ ଥିବା କଂକ୍ରିଟ ରାସ୍ତା କାର୍ଯ୍ୟ ସମୀକ୍ଷା, ପୋତାପୋଖରୀ ଠାରୁ ମହାନଦୀ କୂଳେ କୂଳେ ଜାତୀୟ ରାଜପଥ ସହ ସମାନ୍ତରାଳ ଭାବେ ୩୬ କିଲୋମିଟର ଲମ୍ବା ୧୦୦ କୋଟି ଟଙ୍କା ବଜେଟର ନଦୀବନ୍ଧ କଂକ୍ରିଟ ରାସ୍ତା କାର୍ଯ୍ୟ ସମୀକ୍ଷା ତଥା ଉଦିମୂଳ ଠାରୁ ଗଡିରାଉତ ପାଟଣା ସରସ୍ୱତୀ ବିଦ୍ୟା ମନ୍ଦିର ପର୍ଯ୍ୟନ୍ତ ୧୨ଟି ବୁରୁଜ କାର୍ଯ୍ୟ ବର୍ଷା ପୂର୍ବରୁ ତୁରନ୍ତ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ମନ୍ତ୍ରୀଙ୍କ ବିଭାଗର ଭାରତ ସରକାରଙ୍କ ଅଧିକାରୀଙ୍କ ସମେତ କଟକ ଉପ ଜିଲ୍ଲାପାଳ, ତହସିଲଦାର, ବିଡ଼ିଓ, ଇରିଗେଶନ ଓ ଆର ଡି ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ । କଟକ ନଗର ଜିଲ୍ଲା ବିଜେପି ସଭାପତି ଲଲାଟେନ୍ଦୁ ବଡୁ ଓ ରାଜ୍ୟ ଭାଜପା ନେତା ଦିଲ୍ଲୀପ ମଲ୍ଲିକ ଏହି ସମୀକ୍ଷା କାର୍ଯ୍ୟରେ ଉପସ୍ଥିତ ଥିଲେ ।

## ପ୍ରେରଣା ପକ୍ଷରୁ ବିଶ୍ୱ ମାତୃତ୍ୱ ଦିବସ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ମାତୃତ୍ୱ ଦିବସ ଅବସରରେ ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମରେ ବିଶ୍ୱ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବୃଦ୍ଧାଶ୍ରମରେ ଥିବା ସମସ୍ତ ମାଆ ତଥା ବାପାମାନଙ୍କୁ ଉତ୍ତରୀୟ, ଲୁଗା ଆଦି ବଂଟନ କରାଯାଇଥିଲା। ଏଥିସହିତ ସମସ୍ତ ଅନ୍ତେବାସିନୀ ମାନଙ୍କ ମଧ୍ୟରେ ଏକ କେକ୍ କଟାଯିବା ସହ ମିଠା ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରେରଣା ଗ୍ରୀନ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ। ଏହି କାର୍ଯ୍ୟକ୍ରମରେ କାଇପଦର ଶ୍ରୀଜଗନ୍ନାଥ କଲେଜ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମର ପ୍ରତିଷ୍ଠାତା ବିଚିତ୍ରାନନ୍ଦ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଥାଲାସେମିଆ ରୋଗୀଙ୍କ ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କଟକ(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର, ଚାଉଳିଆଗଞ୍ଜ ପକ୍ଷରୁ ରବିବାର ବିଦ୍ୟାଧରପୁର ଠାରେ ଥାଲାସେମିଆ ରୋଗୀ ମାନଙ୍କ ପାଇଁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୦ ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା। ଭାରତୀୟ ଜନ ଔଷଧି,ଓଡ଼ିଶା ର ନୋଡାଲ ଅଧିକାରୀ ଦେବେନ୍ଦ୍ର ନାୟକ ଉଦ୍ଘାଟନ କରି କହିଲେ ବର୍ତ୍ତମାନ ଆମ ରାଜ୍ୟରେ ସାତ ହଜାରରୁ ଊର୍ଦ୍ଧ୍ୱ ଏବଂ କଟକ ଜିଲ୍ଲା ରେ ୧୫୦୦ ରୁ ଊର୍ଦ୍ଧ୍ୱ ଥାଲାସେମିଆ ରୋଗୀ ଅଛନ୍ତି। ଏମାନଙ୍କୁ ନିୟମିତ ଭାବରେ ରକ୍ତ ଦେବାକୁ ପଡ଼େ। ଏହି ଚିକିତ୍ସା ବହୁତ ବ୍ୟୟ ବହୁଳ। ତେଣୁ ଏମାନଙ୍କ ପାଇଁ ରକ୍ତର ଆବଶ୍ୟକତା ପଡୁଥିବାରୁ ଏହାକୁ ଦୃଷ୍ଟିରେ ରଖି ପ୍ରଧାମନ୍ତ୍ରୀ ଜନ ଔଷଧି କେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଛି।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ବିଭାଗ ପ୍ରସ୍ତୁତ: ପ୍ରମିଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବଢିବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏହାର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛି ବୋଲି ବିଭାଗୀୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ ପ୍ରକାଶ କରିଛନ୍ତି । ସାମ୍ବାଦିକ ମାନଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ମଲିକ କହିଛନ୍ତି ଯେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାମ କରୁଛି । ସବୁ ଜିଲ୍ଲାରୁ ପ୍ରତ୍ୟେକ ଦିନ ଏ ସମ୍ପର୍କିତ ରିପୋର୍ଟ ମଗା ଯାଉଛି । ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର ଅଂଶୁଘାତ ସମ୍ପର୍କିତ ଖବର ଆସି ନାହିଁ । ସେ କହିଛନ୍ତି ଯେ ଶକ୍ତି ବିଭାଗ ଠାରୁ ଆରମ୍ଭ କରି ପାନୀୟ ଜଳ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗକୁ ପ୍ରସ୍ତୁତ ରହିବାକୁ ପୂର୍ବରୁ ଆଲର୍ଟ କରାଯାଇଛି । ଖରା ଦିନରେ ପାନୀୟ ଜଳର ଅଭାବ ନ ହେବା ତଥା ବିଭିନ୍ନ ଚିକିତ୍ସାଳୟରେ ଆବଶ୍ୟକୀୟ ଔଷଧ ଓ ଚିକିତ୍ସାର ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସି ପରିସରରେ ଅଗ୍ନିକାଣ୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆର୍‌ଏମ୍‌ଆର୍‌ସି) ପରିସରରେ ରବିବାର ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ପରିସରରେ ଥିବା ଏକ ଷ୍ଟୋର ରୁମ୍‌ରେ ନିଆଁ ଲାଗି ଯାଇଥିଲା । ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୌଭାଗ୍ୟବଶତଃ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଅଗ୍ନିକାଣ୍ଡ ହୋଇଥିବା ଷ୍ଟୋର ରୁମରେ ଅନେକ ବ୍ୟବହାର ହୋଇସାରିଥିବା ସାମଗ୍ରୀ ରହିଥିଲା। ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଆର୍‌ଏମ୍‌ଆର୍‌ସିରେ କାମ କରୁଥିବା ଜଣେ କର୍ମଚାରୀ କହିଛନ୍ତି ଯେ ନିଆଁ ଲାଗିବା ପରେ ଅଗ୍ନିଶମବାହିନୀଙ୍କୁ ଜଣାଇଥିଲୁ । ସେମାନେ ସଙ୍ଗେ ସଙ୍ଗେ ପହଞ୍ଚି ଯାଇଥିଲେ। ଏହି ଷ୍ଟୋର ରୁମ୍‌ରେ କେବଳ ବ୍ୟବହାର ହୋଇସାରିଥିବା ଜିନିଷ ରଖାଯାଇଥିଲା। ବହୁ ପରିମାଣରେ କାଗଜ ପେଟି ନଷ୍ଟ ହୋଇସାରିଥିବା ପ୍ଲାଷ୍ଟିକ୍ ଜିନିଷ, ଅବ୍ୟବହୃତ ଟେବୁଲ ଓ ଚୌକି ଆଦି ଏଠାରେ ଥିଲା। ପ୍ଲାଷ୍ଟିକ ଜିନିଷ ଗୁଡ଼ିକ ଥିବାରୁ ନିଆଁ ଲିଭାଇବାକୁ ଟିକେ ଅଧିକ ସମୟ ଲାଗିଥିଲା।

## ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ

# କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍, କେଇଏମ୍ ଓ କିସ୍-ଦିଲ୍ଲୀ ଛାତ୍ରଛାତ୍ରୀଙ୍କ ରେକର୍ଡ ସଫଳତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଭୁବନେଶ୍ୱରସ୍ଥିତ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍, କଲରାବାଙ୍କ ସ୍ମାର୍ଟ ଭିଲେଜସ୍ଥିତ କଳିଙ୍ଗ ଇଂଲିଶ ମିଡ଼ିୟମ ସ୍କୁଲ୍ (କେଇଏମ୍) ଓ ସହରାଞ୍ଚଳ ଗରିବ ପିଲାଙ୍କ ପାଇଁ ଦିଲ୍ଲୀରେ ପ୍ରତିଷ୍ଠିତ କିସ୍-ଦିଲ୍ଲୀର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀ ସଫଳତା ହାସଲ କରିଛନ୍ତି। ସମସ୍ତ ବିଦ୍ୟାଳୟରେ ଶତପ୍ରତିଶତ ସଫଳତା ହୋଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ସ୍ନେହା ନାୟକ କଳାରେ ୯୮.୪ ପ୍ରତିଶତ ନମ୍ବର ରଖି ଓଡ଼ିଶା ଟପ୍‌ପର ହେବାର ଗୌରବ ଅର୍ଜନ କରିଛନ୍ତି। ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ପରିଦର୍ଶନ କରି ଏଠାରେ ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ ଓ ଉତ୍ସାହିତ କରିବା ସହ ମିଠା ବଣ୍ଟନ କରିଥିଲେ। ଶ୍ରୀ ସାମନ୍ତଙ୍କ ଦ୍ୱାରା କଟକ ଜିଲ୍ଲା ଗ୍ରାମାଞ୍ଚଳ ପିଲାଙ୍କ ପାଇଁ କଲରାବାଙ୍କ ସ୍ମାର୍ଟ ଭିଲେଜଠାରେ ପ୍ରତିଷ୍ଠିତ କଳିଙ୍ଗ ଇଂଲିଶ ମିଡ଼ିୟମ ସ୍କୁଲର ଛାତ୍ରଛାତ୍ରୀମାନେ ମଧ୍ୟ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ୍ କରିଛନ୍ତି। ଏଠାରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହା ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ସହରାଞ୍ଚଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## 'ମାଆ ନିଜ ସନ୍ତାନ ପାଇଁ ସମଗ୍ର ଜୀବନ କଷ୍ଟ ସହ୍ୟ କରିଥାଏ'




### କିମ୍‌ସରେ ବିଶ୍ୱ ମାତୃ ଦିବସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଆର ମମତା ଓ ବାତ୍ସଲ୍ୟ ସନ୍ତାନଙ୍କ ଜୀବନର ସ୍ରୋତ। ମାଆ ନିଜ ସନ୍ତାନ ପାଇଁ ସମଗ୍ର ଜୀବନ କଷ୍ଟ ସହ୍ୟ କରିଥାଏ ଏବଂ ପ୍ରତି ବଦଳରେ ସନ୍ତାନକୁ ପୃଥିବୀର ସର୍ବଶ୍ରେଷ୍ଠ ମଣିଷ ଭାବେ ଗଢ଼ି ତୋଳେ। ରବିବାର କିମ୍‌ସ-ଭୁବନେଶ୍ୱର ପରିସରରେ ବିଶ୍ୱ ମାତୃ ଦିବସ ପାଳନ ଅବସରରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହା କହିଛନ୍ତି। କିମ୍‌ସ ପରିସରରେ ମାଇଁ ମଦର ମାଇଁ ହିରୋ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶ୍ରୀ ସାମନ୍ତ ନିଜ ଜୀବନରେ ମାଆଙ୍କ ପ୍ରଭାବ ସମ୍ପର୍କରେ କହିବା ସହ ମାଆ ସ୍ୱର୍ଗତ ନୀଳିମାରାଣୀଙ୍କ ସ୍ମୃତିଚାରଣ କରିଥିଲେ। ନୀଳିମାରାଣୀ ନିଜ ଜୀବନକୁ ଜଳାଞ୍ଜଳି ଦେଇ ଶ୍ରୀ ସାମନ୍ତଙ୍କୁ ଜଣେ ସଫଳ ମଣିଷ ଭାବେ ଗଢ଼ି ତୋଳିଥିଲେ। କିନ୍ତୁ ନିଜ ଜୀବନର ଦୀର୍ଘ ୨୫ବର୍ଷର ସଂଘର୍ଷ ମଧ୍ୟରେ ଶ୍ରୀ ସାମନ୍ତ ନିଜ ମାଆଙ୍କ ପ୍ରତି ଯଥେଷ୍ଟ ସମୟ ଦେଇପାରିନଥିବାରୁ ଦୁଃଖ ପ୍ରକାଶ କରିଥିଲେ। ମାଆଙ୍କ ସ୍ମୃତି ଓ ଅନୁଭୂତିରେ ଶ୍ରୀ ସାମନ୍ତ ଲେଖିଥିବା 'ମାଇଁ ମଦର ମାଇଁ ହିରୋ' ପୁସ୍ତକଟି ବେଶ ଲୋକପ୍ରିୟ ହୋଇଥିବା ବେଳେ ବିଶ୍ୱର ପ୍ରାୟ ଶହେଟି ଦେଶର ଲୋକ ଏହି ପୁସ୍ତକ ପଢ଼ିବାର ସୁଯୋଗ ପାଇଛନ୍ତି ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଥିଲେ। କିମ୍‌ସରେ ପ୍ରତିବର୍ଷ ମେ ଦ୍ୱିତୀୟ ରବିବାର ବିଶ୍ୱ ମାତୃ ଦିବସ ପାଳନ କରାଯାଇଥାଏ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ (କିମ୍‌ସ) ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍‌ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି, କିମ୍‌ସ ମେଡିକାଲ୍ ଅଧୀକ୍ଷକ ଡା. ରାମଚନ୍ଦ୍ର ଦାସଙ୍କ ସମେତ କିମ୍‌ସର ବହୁ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଏଲିମେଣ୍ଟାରୀ ଶିକ୍ଷକଙ୍କ ଧାରଣା ଜାରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କନିଷ୍ଠ ଶିକ୍ଷକମାନଙ୍କୁ ୨୮୦୦ ଟଙ୍କା ଗ୍ରେଡ଼ପେ ଦେଇ ନିୟମିତ କରିବା, ୨୦୧୯ ମସିହା ଏଲିମେ ।ରୀ କ୍ୟାଡ଼ର ରୁଲରେ ମାଟ୍ରିକ ସିଟି ପଦବୀକୁ ଉଚ୍ଛେଦ କରି +୨ ସିଟି / ଗ୍ରାଜୁଏଟ ସିଟି ବା ବିଏଡ଼ କରିବା, ୨୦୧୨ ମସିହାଠାରୁ ନିଯୁକ୍ତ ଏଲିମେ ।ରୀ ଶିକ୍ଷକ (ଓଟିଇଟି)ମାନଙ୍କୁ ୬ଟି ଇନକ୍ରିମେ ଦେଇ ଚାକିରୀକାଳ ଗଣନା କରିବା ସହିତ ୨୦୦୧ ମସିହାଠାରୁ ନିଯୁକ୍ତ ଶିକ୍ଷକମାନଙ୍କୁ ଦରମା ସୁରକ୍ଷା ପ୍ରଦାନ କରିବା, ଏଲିମେଣ୍ଟାରୀ ବିଦ୍ୟାଳୟରେ କାର୍ଯ୍ୟରତ ଉଚ୍ଚ ଯୋଗ୍ୟତାଧାରୀ ଶିକ୍ଷକ (ବି.ଏଡ଼, ଏମ୍.ଏଡ଼) ମାନଙ୍କୁ ବିଭାଗୀୟ ପରୀକ୍ଷା ଜରିଆରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନଙ୍କୁ ପଦୋନ୍ନତି କିରବା ଏବଂ ଏଲିମେଣ୍ଟାରୀ ଶିକ୍ଷକମାନଙ୍କର ବଦଳି ନୀତିକୁ କୋହଳ କରିବା ଆଦି ୫ ଦଫା ଦାବି ନେଇ ଏଲିମେଣ୍ଟାରୀ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଧାରଣା ତୃତୀୟ ଦିନରେ ପହଞ୍ଚିଛି। ମହାସଂଘର ଆବାହକ ପ୍ରବୀଣ କୁମାର ଦାସ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଭେଟିରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍ଥାୟୀ ନିଯୁକ୍ତିର ମାନ୍ୟତା ପାଇଥିବା ବେଳେ ଏଥିରୁ ଏଲିମେଣ୍ଟାରୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଉପେକ୍ଷିତ କରିବା ମହାସଂଘକୁ ଗଭୀର ଆଘାତ ଦେଇଛି।



ଜୟଦେବ ଭବନରେ 'ମୂର୍ଚ୍ଛନା'ର ଆଧୁନିକ ନୃତ୍ୟ ପ୍ରତିଯୋଗିତା

## 'ଅଟୋ ଚାଳକଙ୍କୁ ଅସଂଗଠିତ ଶ୍ରମିକର ମାନ୍ୟତା ମିଳୁ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆମ ରାଜ୍ୟର ସମସ୍ତ ଅଟୋ ଚାଳକମାନଙ୍କୁ ଅସଂଗଠିତ ଶ୍ରମିକର ମାନ୍ୟତା ଦେଇ ରାଜ୍ୟ ସରକାର ଅନ୍ୟ ଅସଂଗଠିତ ଶ୍ରମିକମାନଙ୍କୁ କଲ୍ୟାଣ ବୋର୍ଡ ଜରିଆରେ ଯେଉଁସବୁ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି, ତାହା ଅଟୋ ଚାଳକମାନଙ୍କୁ ଦିଅନ୍ତୁ ବୋଲି ରାଜଧାନୀ ଅଟୋ ଚାଳକ ସଂଘ ଦାବି କରିଛି। ଆଜି ଏଆଇଟିୟୁସିର ରାଜ୍ୟ ଅଫିସରେ ସଂଘର ସଭାପତି ସୁର ଜେନାଙ୍କ ଅଧ୍ୟକ୍ଷତାରେ ରାଜଧାନୀ ଅଟୋ ଚାଳକ ସଂଘର ଏକ ଜେନେରାଲ ବଡି ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉଦ୍‌ବୋଧନ ଦେଇଥିଲେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା । ଏଆଇଟିୟୁସି ଓ ରାଜଧାନୀ ଅଟୋ ଚାଳକସଂଘ ପକ୍ଷରୁ ଆଗାମୀ ୧୫ଦିନ ମଧ୍ୟରେ ଉପରୋକ୍ତ ଦାବି ନେଇ ଶ୍ରମ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୁର ଜେନା ଓ ବିଜୟ ଜେନା ଘୋଷଣା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟ୍ୟାକ୍ସି ଓ ଅଟୋ ମହାସଂଘର ରାଜ୍ୟ ସମ୍ପାଦକ ବିଜୟ ପଟ୍ଟନାୟକ, ବୀରେନ୍ଦ୍ର ବାରିକ, ରାଧାକାନ୍ତ ଶତପଥୀ, ଦୀପକ ମହାପାତ୍ର, ବିଶ୍ୱନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।



ସଇଁତଲା, (ଭାସ୍କର ନ୍ୟୁଜ୍): ସଇଁତଲା ପଞ୍ଚାୟତର ସରପଞ୍ଚ ସୁବ୍ରତ ନାଗଙ୍କ ପ୍ରଚେଷ୍ଟାରେ ପ୍ରଥମ ପର୍ଯାୟରେ ସଇଁତଲାର ବାପୁଜୀ ଛକ, ଆଲୋକ ଛକ, ନବଜୀବନ ଛକ, ରମେଶ ଛକ ଠାରେ ପଞ୍ଚାୟତ ତରଫରୁ ନୂତନ ଲାଇଟ ଲଗାଯିବ ସହ ତାକୁ ବିଦ୍ୟୁତ ସଂଯୋଗ ଦିଆ ଯାଇଅଛି। ସଇଁତଲା ପଞ୍ଚାୟତର ଦୀର୍ଘ ଦିନ ହେବ ସଇଁନ୍ତଲା ବ୍ଲକ୍‌ର ସଇଁନ୍ତଲା ପଞ୍ଚାୟତର ବିଭିନ୍ନ ଛକରେ ବିଦ୍ୟୁତ ସଂଯୋଗ ହୋଇନଥିବା ବେଳେ ରାସ୍ତା କଡ଼ରେ ଲାଇଟ ବ୍ୟବସ୍ଥା ମଧ ନ ଥିଲା। ଅନେକ ଦିନ ହେବ ସଇଁନ୍ତଲା ବାସୀ ପ୍ରଶାସନକୁ ଗୁହାରି କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିଲେ। ହେଲେ ସଇଁନ୍ତଲାର ଯୁବ ସରପଞ୍ଚ ସୁବ୍ରତ ନାଗଙ୍କ ନିଜ ଚେଷ୍ଟା ବଳେ ସଇଁନ୍ତଲାର ବାପୁଜୀ ଛକ, ଆଲୋକ ଛକ, ନବଜୀବନ ଛକ ଓ ରମେଶ ଛକକୁ ବୈଦୁତିକ ସଂଯୋଗ କରିବା ସହ ଏହି ଛକ ଗୁଡ଼ିକର ରାସ୍ତା କଡ଼ରେ ଲାଇଟ୍‌ର ବ୍ୟବସ୍ଥା କରିଛନ୍ତି। ତେବେ ସରପଞ୍ଚ ତାଙ୍କ ପ୍ରଥମ ପର୍ଯ୍ୟାୟରେ ଚାରୋଟି ଛକରେ ଲାଇଟ ବ୍ୟବସ୍ଥା କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସଇଁନ୍ତଲାର ଅନ୍ୟ ଛକରେ ଲାଇଟ ବ୍ୟବସ୍ଥା କରାଯିବ ବୋଲି ସରପଞ୍ଚ ଶ୍ରୀ ନାଗ କହିଛନ୍ତି। ତେବେ ସରପଞ୍ଚଙ୍କ ଏହି କର୍ଯ୍ୟକଳାପକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# ଜୁନ ୧ରୁ ଅମଲାଙ୍କ ସମୁହ ଛୁଟି ନିଷ୍ପତ୍ତି




ଜୟପୁର, (ଭାସ୍କର ନ୍ୟୁଜ୍): ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲ୍ଲା ମିଳିତ ଅମଲା ମଞ୍ଚ ସଭାପତି ଶଶୀଭୂଷଣ ଦାଶ ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ। କୋରାପୁଟ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ/ ବିଭାଗରେ କାର୍ଯ୍ୟରତ ଅମଲା ଓ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଯୋଗଦାନ କରିଥିଲେ। ସରକାରଙ୍କ ଅମଲାମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ ନିତିକୁ ସମସ୍ତେ ନିନ୍ଦା କରିଥିଲେ। ଯେହେତୁ ବର୍ତ୍ତମାନ ସୁଦ୍ଧା ସରକାର ଅମଲାମାନଙ୍କ ଗୋଟିଏ ମାତ୍ର ଦାବିକୁ କାର୍ଯ୍ୟକାରୀ କରିବାରେ କୁଣ୍ଠାବୋଧ କରୁଛନ୍ତି ଏନେଇ ରାଜ୍ୟ ମିଳିତ ଅମଲା ମଞ୍ଚର ନିର୍ଦ୍ଦେଶରେ ମଇ ୨୨ ତାରିଖ ଠାରୁ ମଇ ୩୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ ପରିଧାନ କରିବା ସହିତ ଜୁନ ୧ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମସ୍ତ ବିଭାଗ ଓ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅମଲା ଭାଇ ଭଉଣୀମାନେ ସମୁହ ଛୁଟିରେ ରହିବା ନେଇ ବୈଠକରେ ଚୁଡାନ୍ତ ନିଷ୍ପତି ନିଆଯାଇଥିବା ଜଣା ପଡ଼ିଛି। ଅମଲାମାନେ ଯେମିତି ଏଥିରୁ ବଞ୍ଚିତ ନ ହୁଅନ୍ତି ସେ ନେଇ ୧୬ ଟି ସ୍କ୍ୱାର୍ଡ ଗୋଠନ କରାଯାଇଥିବା ସୁଚନା ମିଳିଛି। ପ୍ରକାଶ ଥାଉ କି ତା ୨୧.୦୪.୨୦୨୩ ରିଖ ଦିନ ଓଡ଼ିଶାର ସମସ୍ତ ଜିଲ୍ଲାର ଅମଲା ଭାଇ ଭଉଣୀମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ଉଦ୍ଦେଶ୍ୟରେ ମାନ୍ୟବର ଜିଲ୍ଲାପାଳ ମହୋଦୟଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସେହିପରି କୋରାପୁଟ ଜିଲ୍ଲା ମିଳିତ ଅମଲା ମଞ୍ଚ ପକ୍ଷରୁ ୫୦୦ରୁ ଊର୍ଦ୍ଧ୍ୱ ଅମଲା ଭାଇ ଭଉଣୀମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କ ଉଦ୍ଦେଶ୍ୟରେ ମାନ୍ୟବର ଜିଲ୍ଲାପାଳ ମହୋଦୟ କୋରାପୁଟଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ ତଥାପି କିଛି ସୁଫଳ ମିଳିନଥିବା ସଂଘ ପ୍ରକାଶ କରିଥିବା ସୁଚନା ମିଳିଛି। ଉକ୍ତ ବୈଠକରେ ମୁଖ୍ୟତଃ ସୁନାକର ରାଉତ ମୁଖ୍ୟ ଉପଦେଷ୍ଟା, ଶ୍ରୀ ପ୍ରସନ୍ନ କୁମାର ନାୟକ ଅଧ୍ୟକ୍ଷ, ଶ୍ରୀ ମୋନଜ କୁମାର ବାରିକ୍ ଉପଦେଷ୍ଟା ଓ ଶ୍ରୀ ନିତ୍ୟାନନ୍ଦ ଭତ୍ରା ସମ୍ପାଦକ ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ଶାଖାଙ୍କ ସମେତ ଅମଲା ମଞ୍ଚର ବରିଷ୍ଠ ସଦସ୍ୟ କର୍ମକର୍ତ୍ତା ଓ ବହୁ ସଂଖ୍ୟକ ଅମଲା ଭାଇ ଭଉଣୀମାନେ ଯୋଗଦାନ କରିଥିଲେ। ପରିଶେଷରେ ଶ୍ରୀ ଦାଶ ସମସ୍ତ ଉପସ୍ଥିତ ଅମଲାମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ। କୋଷାଧ୍ୟକ୍ଷ ବିଭାଗ, ନିବନ୍ଧକ ବିଭାଗ, ରାଜସ୍ୱ ବିଭାଗ ଓ ତତ୍ ସହିତ ଜିଲ୍ଲାର ୩୨ଟି ବିଭାଗର କାର୍ଯ୍ୟରତ ସମସ୍ତ ଅମଲା ଯଦି ଛୁଟିରେ ରୁହନ୍ତି ତାହେଲେ ସମସ୍ତ କାର୍ଯ୍ୟାଳୟ ଏକ ପ୍ରକାର ଠପ୍ ହେବା ନେଇ ଚର୍ଚ୍ଚା ଜୋର ଧରିଛି।

# 'ଡାଇଭର୍ସନ ରାସ୍ତା ନିର୍ମାଣ ପରେ ଟିପିସର ଡ୍ରେନ୍ କାର୍ଯ୍ୟ ଆରମ୍ଭ ହବ'

ଆସିକା, (ଭାସ୍କର ନ୍ୟୁଜ୍): ଡାଇଭର୍ସନ ରାସ୍ତା ନିର୍ମାଣ ପରେ ଟିପିସର ନାଳ କାର୍ଯ୍ୟ ଆରମ୍ଭ ହବା ପାଇଁ ଏକ ଜରୁରୀ ବୈଠକ ସତ୍ୟନାରାୟଣ ମନ୍ଦିରଠାରେ ବଜାର କମିଟି ଉପସଭାପତି ଅନିଲ ପୃଷ୍ଟିଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିନାୟକ ବଜାର କମିଟି ସଭାପତି ସାଗର ସାବତ, ଆଇନ ପରାମର୍ଶ ଦାତା ଦେବକାନ୍ତ ଶର୍ମା, ବଣିକ ସଂଘ ସମ୍ପାଦକ ସୀମାଞ୍ଚଳ ପରିଡ଼ା, ଆସିକା ଏନ୍‌ଏସି ପକ୍ଷରୁ ଅଧକ୍ଷା ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ ବଣିକ ସଂଘ, ଲକ୍ଷ୍ମୀ ବଜାର, ବିନାୟକ ବଜାର ଓ ଆସିକାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ଆସିକା ଏନ୍‌ଏସି ଅନ୍ତର୍ଗତ ଲକ୍ଷ୍ମୀ ବଜାରରେ ଥିବା ବହୁ ପୁରାତନ ଟିପିସର ନାଳ ଉପରେ ଥିବା ପୁରୁଣା ସେତୁକୁ ଭାଙ୍ଗି ନୂତନ ବ୍ରିଜ ନିର୍ମାଣ ପାଇଁ ଆସିକା ଏନ୍‌ଏସି ପକ୍ଷରୁ ବିଧିବଦ୍ଧ ଭାବେ ୯୫ଲକ୍ଷ ୫୪ ହଜାର ଟଙ୍କାରେ ଟେଣ୍ଡର ହୋଇଥିଲା। ଏହି ବ୍ରିଜ୍‌ର ଲମ୍ବ ୫୦ ଫୁଟ, ଚଉଡା ୪୦ ଫୁଟ ହେବ ଓ ଠିକାଦାର ହରିହର ସ୍ୱାଇଁଙ୍କ ନାମରେ କାର୍ଯ୍ୟଦେଶ ଏନ୍‌ଏସି ପକ୍ଷରୁ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟ ତିନି ମାସ ମଧରେ ଶେଷ କରିବା ପାଇଁ ଧାର୍ଯ୍ୟ ହୋଇଛି। ଏହି ପୁରୁଣା ବ୍ରିଜ୍ ଭାଙ୍ଗିବା କାର୍ଯ୍ୟ ଆସନ୍ତା କାଲି ରାତି ଦଶ ଘଣ୍ଟ ଠାରୁ ଆରମ୍ଭ ହେବ ବୋଲି ୨୪ ଘଣ୍ଟା ପୂର୍ବରୁ ଆସିକା ଏନ୍‌ଏସି ପକ୍ଷରୁ ଘୋଷଣା କରାଯାଇଛି। ଏହାକୁ ଭିତ୍ତି କରି ଆଜି ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବ୍ରିଜ୍ ତୁରନ୍ତ ନିର୍ମାଣ ପାଇଁ ସମସ୍ତ ସହମତି ରହିଥିଲା। କିନ୍ତୁ ଆସିକା ସହରର ମୁଖ୍ୟ ବଜାର ବିନାୟକ ବଜାରଠାରୁ ଲକ୍ଷ୍ମୀ ବଜାର ଅଟେ।

ଆସିକା ଜନସାଧାରଣ ଏହି ପୋଲ ଦେଇ ବିନାୟକ ବଜାରଠାରୁ ଲକ୍ଷ୍ମୀ ବଜାର ପର୍ଯ୍ୟନ୍ତ ଯିବା ଆସିବା କରିଥାନ୍ତି। ଏହି ବଜାରରେ ୩୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟ ଅନୁଷ୍ଠାନ ନିଜର ପଟପାଟଣା ମେଣ୍ଟାଉଛନ୍ତି। ଦୈନିକ ୧୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ବିଭିନ୍ନ ବ୍ୟବସାୟ ଅନୁଷ୍ଠାନ ଯାଆଅସ କରନ୍ତି। ଅନ୍ୟପଟେ ସ୍କୁଲ କଲେଜ ଚାକିରିଆ ବସଷ୍ଟାଣ୍ଡ ପାଇଁ ମୁଖ୍ୟ ରାସ୍ତା ଅଟେ। ବ୍ରିଜ୍ ଭାଙ୍ଗି ନିର୍ମାଣ କରିବା ପୂର୍ବରୁ ସମସ୍ତ ବ୍ୟବସାୟୀ ଅନୁଷ୍ଠାନ ଓ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଥମେ ଡାଇଭର୍ସନ ତିଆରି କର ଏହା ପରେ ନୂତନ ବ୍ରିଜ୍ ନିର୍ମାଣ କରିବା ପାଇଁ ସଭାରେ ଘୋଷଣା କରାଯାଇଥିଲା।

# ଛାତ୍ର ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ସ୍ଥିତ ଭାରତୀ ସେଲିବ୍ରେସନ୍ ଠାରେ ଗଞ୍ଜାମ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଛତ୍ରପୁର ବିଧାୟକ ସୁବାଷ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜୀବନବିନ୍ଦୁ ଜିଲ୍ଲା ସଂଯୋଜକ ସୁବାଷ ମହାରଣା, ଓଡ଼ିଶା ମୋ ପରିବାରର ରାଜ୍ୟ ସମ୍ପାଦକ ନୀଳମଣି ପଟ୍ଟନାୟକ, ଛତ୍ରପୁର ଏନ୍‌ଏସି ଉପାଧ୍ୟକ୍ଷ ଜି.ପାପା ରାଓ, ବିଜୁ ଛାତ୍ର ଜନତା ଦଳ ନଗର ଉପସଭାପତି ଟି.ଚନ୍ଦ୍ର ଶେଖର ରାଓ, ଜିଲ୍ଲା ସମ୍ପାଦକ ନାଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ରହି



ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ। ଏହି ଶିବିରରେ ମୋଟ ୭୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସ୍ଥିତ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି। ଏଭଳି ସମୟରେ ଜିଲ୍ଲା ଛାତ୍ର ବିଜେଡି ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ବିଜୁ ଛାତ୍ର ନଗର ସଭାପତି ଲକ୍ଷସିତ ବେହେରା, ସମାଜସେବୀ କେ.କେଦାର ରାଜୁ, ଲିଙ୍ଗରାଜ ମହାପାତ୍ର, ବାଦଲ ପ୍ରଧାନ, ରାକେଶ ଦାସ, ଦେବାଶିଷ କଁଅର, ସଚିନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାମ କରୁନି ଏସି



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବହୁତ ଦିନ ହେଲା ରୋଗୀମାନେ ଚିକିତ୍ସିତ ହେଉଥିବା ୱାର୍ଡ ରୁମ୍ ଏୟାର କଣ୍ଡିସନ ମେସିନ କାର୍ଯ୍ୟକାରୀ ହେଉ ନାହିଁ। ଫଳରେ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏହି ଅବସରରେ ଅଞ୍ଚଳ ବାସିନ୍ଦା ମୁଖ୍ୟ ଚିକିତ୍ସାଳୟର ନିର୍ବାହୀ ଅଧିକାରୀ ତଥା ଏଡିଏମ୍ ମେଡିକାଲଙ୍କ ପାଖରେ ବାରମ୍ବାର ଅଭିଯୋଗ ଜଣାଇଥିଲେ। ଏହା ସହିତ ଅନୁରୋଧ ମଧ କରୁଥିବା ସତ୍ୱେ ଆଜି ସୁଦ୍ଧା ସେ ଏସି ମେସିନଗୁଡିକ କାର୍ଯ୍ୟକାରୀ ହେଉନାହିଁ। ଆଜିର ତଥା ଗ୍ରୀଷ୍ମ ପ୍ରବାହ ଜ୍ୟେଷ୍ଠ ମାସର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ହସ୍ପିଟାଲରେ ଚିକିତ୍ସିତ ହେବା ପାଇଁ ଆସୁଥିବା ରୋଗୀମାନେ ଖରା ଉତ୍ତାପ ଗରମରେ ହଇରାଣ ହରକତ ହେଉଛନ୍ତି। ଏହି ହସ୍ପିଟାଲରେ ସମସ୍ତ ଏସି ଖରାପ ଥିବାରୁ କାର୍ଯ୍ୟକାରୀ ହେଉନାହିଁ। କେବଳ ରୋଗୀମାନେ ରହୁଥିବା ରୁମ୍‌ର ଏସି ଖରାପ ସୋଇଥିବା ବେଳେ ଏହି ଚିକିତ୍ସାରେ ଷ୍ଟାପ ନର୍ସଙ୍କ ରହୁଥିବା ଏବଂ ଡାକ୍ତରମାନେ କାର୍ଯ୍ୟ କରୁଥିବା ସ୍ଥାନରେ ଏସି କାର୍ଯ୍ୟ କାରି ହେଉଛି। କେବଳ ରୋଗୀ ସୁବିଧା ସୁଯୋଗ ନିମନ୍ତେ ସରକାର ଯୋଗାଇ ଦେଉଥିବା ବିଷୟରେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଦାଇତ୍ୱରେ ଥିବା ଅଧିକାରୀମାନେ ଏହାକୁ ଅଣଦେଖା କରୁଥିବା ଦେଖିବାକୁ ମିଳିଛି। ଏହି ବିଷୟରେ ଆଜି ଏଡିଏମ୍ ମେଡିକାଲ ଡାକ୍ତର ପଣ୍ଡାଙ୍କ ସହିତ ଯୋଗାଯୋଗ କରିବାରୁ ସେ ଉତ୍ତର ରଖିଥିଲେ ଆମେ ଏହି ବିଷୟରେ ଜିଡି ବିଭାଗକୁ ଚିଠା ଲେଖି ଜଣିଇଛୁ। ସେମାନେ ଆସିଲେ ମରାମତି ହେବ। ଆମେ ସେଥିପାଇଁ ଆଉ ଅଧିକା କିଛି କରିବା ସମ୍ଭାବନା ନାହିଁ ବୋଲି ଜଣାଇଥିଲେ। ଯଦି ଦାଇତ୍ୱରେ ଥିବା ଅଧିକାରୀ ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଏହି ବିଷୟରେ ଆଲୋଚନା କରିବା ଆବଶ୍ୟକ ଥିଲା। ଓଡ଼ିଶା ସରକାର କିମ୍ବା ଭାରତ ସରକାରଙ୍କ କୋଟିକୋଟି ଟଙ୍କାର ଯୋଜନା ଗଜପତି ଜିଲ୍ଲା ନାଁ ମାତ୍ରକୁ ପାଇଁ। ଏଠାରେ ଲୋକଙ୍କ ହିତ ପାଇଁ ସରକାରଙ୍କ ଯୋଜନା ଗଜପତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ବିଫଳ ହୋଇଛି ତେଣୁ ଏହି ବିଭାଗରେ ଆସୁଥିବା ଯୋଜନା ଖର୍ଚ୍ଚ ଉପରେ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଦାବି ରହିଛି।

# ଚିକିତ୍ସା ପାଇଁ ଅର୍ଥ ସାଜଛି ବାଧକ



କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଭଙ୍ଗା ଚାଳ ଛପର ଘରେ ବିତୁଛି ଜୀବନ। ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ଏପରି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ପାରାଦୀପ ଗଡ଼ ପଞ୍ଚାୟତ ପାରାଦୀପ ଗଡ଼ ଗ୍ରାମର ଜଣେ ଅସହାୟ ଗରିବ ଶ୍ରେଣୀର ବ୍ୟକ୍ତି ଶୁଶାନ୍ତ ମହାନ୍ତି। କିଛି ଦିନ ତଳେ ଶୁଶାନ୍ତ ଘରେ ଶୋଇଥିବା ବେଳେ ଖଟରୁ ତଳକୁ ଖସି ପଡ଼ିଥିଲେ। ଯାହା ଫଳରେ ତାଙ୍କ ମେରୁଦଣ୍ଡରେ ଆଘାତ ଲାଗିଥିବାରୁ ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଶୁଶାନ୍ତଙ୍କ ଧର୍ମ ପତ୍ନୀ ତାଙ୍କୁ ଛାଡି କେଉଁଆଡେ ପଳାଇ ଯାଇଛନ୍ତି। ଏଥି ସହିତ ମୃତ୍ୟୁ ସହିତ ବିଛଣାରେ ପଡ଼ି ଭୋକ ଉପାସରେ କାଳାତିପାତ କରୁଥିବା ଶୁଶାନ୍ତ ମହାନ୍ତିଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିନିଥିବା ପାରାଦୀପ ଗଡ଼ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିବା ସେ ପ୍ରକାଶ କରିଛନ୍ତି। ଯଦି କେହି ସହ ହୃଦୟ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ହୁଏତ ଶୁଶାନ୍ତ ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଉଛି।

# କର୍କଟ ପୀଡିତା ସୁକାନ୍ତିଙ୍କୁ ଆର୍ଥିକ ସହାୟତା


ପୀଡ଼ିତାଙ୍କୁ ସହାୟତାର ହାତ ବଢ଼ାଇଲା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ବାଲିସୁଆଁ ଗ୍ରାମର କର୍କଟ ପୀଡିତା ସୁକାନ୍ତି ଚୌଧୁରୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ଉତ୍ତମ ଚୌଧୁରୀଙ୍କ ଧର୍ମପତ୍ନୀ ସୁକାନ୍ତି ଏକ ବର୍ଷ ହେବ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ଉତ୍ତମ ଜଣେ ଗରିବ ଲୋକ ଏବଂ ଚାଷବାସ କରି ପରିବାର ପ୍ରତିପୋଷଣ କରନ୍ତି। ଘର କହିଲେ ନଡା ଛପର ମାଟି କାନ୍ଥର ଘର। ବର୍ତ୍ତମାନ ଅର୍ଥାଭାବରୁ ନିଜ ପତ୍ନୀଙ୍କର ଅସ୍ତ୍ରୋପଚାର କରାଇ ପାରୁନାହାନ୍ତି ଯାହା ଫଳରେ ସୁକାନ୍ତି ଏବେ ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି। ଏବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତି, ସଚିବ ସାରଦା ପ୍ରସନ୍ନ ନନ୍ଦ, କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ବାସୁଦେବ ପଟ୍ଟନାୟକ ଏବଂ ସଂଯୋଜକ କୁନେଶ ବାରିକ ପ୍ରମୁଖ ସୁକାନ୍ତିଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ସୁକାନ୍ତି ଏବଂ ତାଙ୍କ ସ୍ୱାମୀ କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

# ଜିଲ୍ଲା କଂଗ୍ରେସ ପକ୍ଷରୁ କର୍ଣ୍ଣାଟକ ବିଜୟ ଉତ୍ସବ ପାଳିତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): କର୍ଣ୍ଣାଟକରେ କଂଗ୍ରେସର ବିପୁଳ ବିଜୟ ପରିପ୍ରେକ୍ଷୀରେ ଆଜି ଗଞ୍ଜାମ ଜିଲ୍ଲା କଂଗ୍ରେସ ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଛି। ସ୍ଥାନୀୟ ବାପୁଜି ଆଶ୍ରମଠାରେ କଂଗ୍ରେସ ତରଫରୁ ମିଠା ଓ ବାଣ ଫୁଟାଇ କର୍ଣ୍ଣାଟକ ଜନମତକୁ ସ୍ୱାଗତ କରା ଯାଇଥିଲା। ସମ୍ପ୍ରଦାୟିକବାଦୀ ଓ ବିଭେଦକାରୀ ଶକ୍ତି ବିପକ୍ଷରେ ଏହା ଜନମତ। ରାହୁଲ ଗାନ୍ଧୀଙ୍କର ଭାରତଯୋଡ଼ ଯାତ୍ରାର ପ୍ରଭାବ ଓ ଶାନ୍ତିକାମୀ କର୍ଣ୍ଣାଟକ ବାସୀ ଘୃଣା ସୃଷ୍ଟିକାରୀ ବିଜେପି ଓ ନରେନ୍ଦ୍ର ମୋଦିଙ୍କୁ ପ୍ରତ୍ୟାଖ୍ୟାନ କରିଥିବାରୁ କଂଗ୍ରେସ କର୍ମୀମାନେ ଖୁସିବ୍ୟକ୍ତ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ପିସିସି ମୁଖପାତ୍ର ପୀତବାସ ପଣ୍ଡା, ମୁନା ରେଡି, ମହେଶ୍ୱର ପାତ୍ର, ଭୀମରାଜୁ ରେଡି, ଶଙ୍କର ଅଧିକାରୀ, ଡବ୍ଲୁ ବାଳକ୍ରୀଷ୍ଣା, ଦେବେନ୍ଦ୍ର ଚର୍ଚି, ନଗର କଂଗ୍ରେସ ସଭାନେତ୍ରୀ ଶୁଭାସିନୀ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ବନଜା ପଣ୍ଡା, ବୃନ୍ଦାବନ ଖଟେଇ, ଦଣ୍ଡପାଣି ପାତ୍ର, ସନାତନ ସାହୁ, ରିତା ଦଳେଇ, ଗୀତାଞ୍ଜଳି ସାହୁ, ରଶ୍ମିତା ସାହୁ, ରିନା ନାୟକ, ବବିତା ନାୟକ, ଜ୍ୟୋତି ରେଡି, ରଂଜିତା ମୁନି, ବୈଜନ୍ତିମାଳା ସାହୁ, ଶର୍ମିଳା ଚର୍ଚି, ବିଶ୍ୱନାଥ ରଣା, ରଞ୍ଜିତ ଚର୍ଚି, ରାଜୁ ରେଡ୍ଡି ପ୍ରମୁଖ ଯୋଗଦେଇଥିଲେ।

# ବିଶିଷ୍ଟ ସାମାଜସେବୀଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ପ୍ରସ୍ତୁତି

ଫୁଲବାଣୀ, (ଭାସ୍କର ନ୍ୟୁଜ୍): ଗୁଣ ଚିହ୍ନେ ଗୁଣିଆ ସୁନା ଚିହ୍ନେ ବଣିଆ, ଅର୍ଥାତ ଜ୍ଞାନୀ ଗୁଣିଙ୍କ ଆଦର ଯେଉଁଠି ସେମାନେ ରହିଲେ ବି ସମ୍ମାନ ପାଇବା ହିଁ ପାଇବେ। ଜନ୍ମ ବାସ ସ୍ଥାନ ଅଲଗା ହେଲେବି ସାମାଜସେବୀଙ୍କୁ ତାଙ୍କର ସେବା ଓ ସାହାଯ୍ୟ ସହଯୋଗ ଜରିଆରେ ସମସ୍ତଙ୍କୁ ଆପଣାର କରି ନେଇଥାନ୍ତି।

ଜନ୍ମ ଯଦିଓ ଗଞ୍ଜାମ ଜିଲ୍ଲା ଫୁଲବାଣୀଠାରେ ରହଣି ସମୟରେ ସାମାଜ ସେବା କ୍ଷେତ୍ରରେ ମଧ କିଛି କମ ନାହିଁ। ସ୍ୱର୍ଗତ ଅଦ୍ୱିତୀ ବେହେରା ଏପରି ଏକ ମହିଳା ଥିଲେ ଯିଏକି ନିଜେ ସଳିତା ପରି ଜଳି ଜଳି ଅନ୍ୟକୁ ଆଲୋକିତ କରୁଥିଲେ।

ଦରିଦ୍ର ସେବାକୁ ନାରାୟଣ ସେବା ତାଙ୍କର ବ୍ରତ ଥିଲା। ଦୁଃଖୀ ରଙ୍କଙ୍କୁ ନିଜ ପୁଅ ଝିଅ ଠାରୁ ଅଧିକ ସ୍ନେହ କରୁଥିଲେ। ସାଇ ପଡ଼ିଶାର ସମସ୍ତଙ୍କୁ ନିଜର କରି ସୁବିଧା ଅସୁବିଧାରେ ପାରୁ ପର୍ଯ୍ୟନ୍ତ ସାହାର୍ଯ୍ୟ ସହଯୋଗ କରିବା ତାଙ୍କର ଏକ ଅଭ୍ୟାସ। ଆଜକୁ ଦୁଇ ବର୍ଷ ତଳେ ଅର୍ଥାତ୍ ୨.୦୬.୨୦୨୧ ରେ ପରଲୋକ ଗମନ କରିଥିଲେ। ଦୁଇ ବର୍ଷ ବିତି ଯାଇଥିଲେ ମଧ ଆଜି ବି ବଞ୍ଚି ରହିଛନ୍ତି ସମସ୍ତଙ୍କ ହୃଦୟରେ।

ସେ ଏକାଧାରରେ ସମସ୍ତଙ୍କ ପାଇଁ ସ୍ନେହୀ, ଶ୍ରଦ୍ଧାବାନ, ନୀତିବାନ, ଆଦର୍ଶମୟୀ, ଅସୀମ ଧୈର୍ଯ୍ୟ, ସହନଶୀଳତାରେ ନିପୁଣ ଥିଲେ। ତାଙ୍କର ଏହି ସବୁ ଗୁଣ ପାଇଁ ଆଜିବି ପରିବାର ଲୋକଙ୍କ ସମେତ ଅଞ୍ଚଳବାସୀ ଝୁରୁଛନ୍ତି ସାମାଜ ସେବୀ ଅଦ୍ୱିତୀ ବେହେରାଙ୍କୁ।

ଏନେଇ ତାଙ୍କର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଇଁ ତାଙ୍କର ପରିବାର ଲୋକଙ୍କ ସମେତ ଅଞ୍ଚଳବାସୀଙ୍କ ସହଯୋଗରେ ଆୟୋଜିତ ହେବାକୁ ଯାଉଛି ତାଙ୍କର ସ୍ମୃତିରେ ଏବଂ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଜଗନ୍ନାଥଙ୍କ ଚାରଣା ବିନ୍ଦରେ ବିନମ୍ର ପ୍ରାର୍ଥନା କରି ଏକ ସ୍ମୃତି ସଭା।

ଏହି କାର୍ଯ୍ୟକ୍ରମରେ ନମିତା, ମିଟ, କିଟ, ପ୍ରଭାସ, ଲିଟୁ, ନୀତୁ, ନନ୍ଦିତା କୁମାରୀ, ନିଶି ଲିସା, ରିତୁ, ମୁନା, ଗୁଡି, ରକି, ରାଜ, ପାପୁଲୁ, ଓମ, ବିଭୁ ସୋମ ତୋର ଅତି ଆପଣାର ନତୁନୁ ସମସ୍ତେ ଆଜି ତାଙ୍କର ଆଶୀର୍ବାଦକୁ ଅନାଇ ବସି ପୁରୁଣା କଥା ମନେ ପକାଇ ତାଙ୍କର ସଦ୍‌ଗତି କାମନା କରିଛନ୍ତି।

## ଠାକୁରାଣୀ ପର୍ବ ପାଇଁ ଉତ୍ସବ ମୁଖର ମରାଠିଗୁଡା

# ପାରମ୍ପରିକ ବେଶରେ କଳାକାର



ଗୁଣପୁର, (ଭାସ୍କର ନ୍ୟୁଜ୍): ଠାକୁରାଣୀ ପର୍ବ ପାଇଁ ଉତ୍ସବ ମୁଖର ଗୁଣୁପୁର ଉପକଣ୍ଠ ମରାଠିଗୁଡା ଗ୍ରାମ। ଗୁଣପୁରର ବିଭିନ୍ନ ସାହିରେ ଠାକୁରାଣୀ ପର୍ବ ଚାଲିଛି। ଗୁଣପୁର ମରାଠିଗୁଡା ଗ୍ରାମରେ ପ୍ରତ୍ୟେକ ତିନି ବର୍ଷକୁ ଥରେ ଠାକୁରାଣୀ ପର୍ବ ଅନୁଷ୍ଠିତ ହୁଏ।

ଚଳିତ ବର୍ଷ ଏହି ପର୍ବ ଅନୁଷ୍ଠିତ ହେଉଛି। ମେ ମାସ ୧୦ ତାରିଖରୁ ଏହି ପର୍ବ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ସାତଦିନ ବ୍ୟାପି ଏହି ପର୍ବ ଚାଲିବ।

ଠାକୁରାଣୀ ପର୍ବ ପାଇଁ ପ୍ରତ୍ୟେକ ଘରେ ସମ୍ପର୍କୀୟ ବନ୍ଧୁ ବାନ୍ଧବ ଆଗମନ ଛୁଟିଥାଏ। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଠାକୁରାଣୀ ଘଟକୁ ପାରମ୍ପରିକ ବାଦ୍ୟ ସହ ପ୍ରତ୍ୟେକ ସାହିରେ ଭ୍ରମଣ କରାଯାଏ।

ଏହି ଉତ୍ସବ ଅବସରରେ ପାରମ୍ପରିକ ବାଦ୍ୟ ସହ ପାରମ୍ପରିକ ବେଶରେ ସ୍ଥାନୀୟ ମରାଠିଗୁଡାର କଳାକାରମାନେ ବେଶ ପୋଷାକରେ ସୁନ୍ଦର ଭାବରେ ସଜିତ ହୋଇ ପାରମ୍ପରିକ ପୌରାଣିକ ନାଚ ଗୀତ କରି ପ୍ରତ୍ୟେକ ସାହିକୁ ବୁଲି ନୃତ୍ୟ ପରିବେଷଣ କରିଥାନ୍ତି।

ଏହି ପର୍ବରେ ମରାଠିଗୁଡ଼ା ଗ୍ରାମର ପ୍ରତ୍ୟେକ ମହିଳା ଓ ପୁରୁଷମାନେ ଅଂଶଗ୍ରହଣ କରି ପର୍ବ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରୁଛନ୍ତି।

## ଶିକ୍ଷା ବିଭାଗର ଖାମଖିଆଲି ନୀତି

# ୪ ବର୍ଷ ହେଲା ଜାଲ୍ ଶିକ୍ଷକଙ୍କ ତଦନ୍ତ ସରୁନି

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ସରକାରୀ ବିଦ୍ୟାଳୟରେ ଉନ୍ନତମାନର ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ କୋଟି କୋଟି ଟଙ୍କା ବ୍ୟୟ କରି ବିଦ୍ୟାଳୟ ଗୁଡିକର ରୁପାନ୍ତର କରିଛନ୍ତି। ଶିକ୍ଷାଦାନ କରୁଥିବା ଶିକ୍ଷକ ଦକ୍ଷତା ବୃଦ୍ଧି କରି ଅନ୍ୟ କର୍ପୋରେଟ ସଂସ୍ଥାର ଶିକ୍ଷାଦାନ ସହ ସମକକ୍ଷ ହେବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ସରକାରୀ ବିଦ୍ୟାଳୟର ଶିକ୍ଷାଦାନ ଉପରେ ରହିଥିବା 'ଜାଲ୍ ଶିକ୍ଷକ' ନାମକ କଳାଦାଗକୁ ସମ୍ପୂର୍ଣ ଭାବେ ଲିଭାଇବାକୁ ଉଦ୍ୟମ ତ୍ୱରାନ୍ୱିତ କରିବାରେ ଅବହେଳା ପ୍ରଦର୍ଶନ କରିଛନ୍ତି। ଗତ ୪ ବର୍ଷ ଧରି ଏହି ସମସ୍ୟା ଅସମାଧିତ ସ୍ଥିତିରେ ରହିଛି। ଫଳରେ ଜିଲ୍ଲାରେ ସରକାରୀ ବିଦ୍ୟାଳୟରେ ନିଜ ପିଲାଙ୍କୁ ପଢ଼ାଉଥିବା ବିଦ୍ୟାର୍ଥୀଙ୍କ ଅଭିଭାବକମାନେ ସରକାରୀ ସ୍କୁଲରୁ ମୁହଁ ଫେରାଉଛନ୍ତି। କାରଣ ଏହି ଜିଲ୍ଲାରେ ଏଯାବତ୍ ୪୪୧ ଜଣ ଶିକ୍ଷକ ଜାଲ ସାର୍ଟିଫିକେଟ ଦେଇ ଶିକ୍ଷକତା କରୁଥିବାରୁ ସେହି ଶିକ୍ଷା କେତେ ଗୁଣାତ୍ମକ ହୋଇଥିବା ତାହା ସହଜେ ଅନୁମେୟ ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି। ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇସାରିଛି। ଖରାଛୁଟି ପରେ ବିଦ୍ୟାଳୟ ଖୋଲିଲେ ପୁଣି ଥରେ ନକଲି ଶିକ୍ଷକ ୪୪୧ ଜଣ ପିଲାଙ୍କୁ ପାଠ ପଢ଼ାଇବେ। ଜିଲ୍ଲାର ନକଲି ଶିକ୍ଷକ କେଉଁ ବ୍ଲକ୍‌ର କେତେ ଅଛନ୍ତି ସେ ନେଇ ଗତ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଛି। ସେହି ଅଞ୍ଚଳର ବିଦ୍ୟାର୍ଥୀମାନେ ବିଦ୍ୟାଳୟକୁ ଯିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଚଳିତ ବର୍ଷ ଜୁଲାଇ ମାସ ୧୭ ତାରିଖରେ ଏ ସଂପର୍କିତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ଜୁଲାଇ ୨୪ ତାରିଖରେ ପରବର୍ତୀ ଶୁଣାଣି ହାଇକୋର୍ଟରେ ହେବା ପାଇଁ ଧାର୍ଯ୍ୟ ହୋଇଛି। ସୂଚନା ଯୋଗ୍ୟ ଯେ, କେବଳ ଯେ ରାଜ୍ୟର ନକଲି ଶିକ୍ଷକ ପାଇଁ ନୁହେଁ ଏହା ସହ ରାଜ୍ୟରେ କେତେ ନକଲି ବିଦ୍ୟାଳୟ ଅଛି, କେତେ ନକଲି ବିଦ୍ୟାର୍ଥୀ ଅଛନ୍ତି ତାହାର ବି ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗଞ୍ଜାମ ଜିଲ୍ଲାରେ ଗତ ୩ ବର୍ଷ ଠାରୁ ଚଳିତ ବର୍ଷ ଜାନୁଆରୀ ୧୩ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ ୪୪୧ ଜଣ ଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି। ସେଥିମଧ୍ୟରୁ ପ୍ରାଥମିକ ଯାଞ୍ଚ କରି ୯୬ ଜଣ ଶିକ୍ଷକଙ୍କ ବିରୁଦ୍ଧରେ ଥାନାରେ ଏତଲା ଦିଆଯାଇଛି। ଏହା ବ୍ୟତୀତ ୪୭ ଜଣଙ୍କୁ ଶିକ୍ଷାଦାନରୁ ବାଦ ଦିଆଯାଇଛି। ସେଥିମଧରେ ୮ ଜଣଙ୍କୁ ଚାକିରିରୁ ବିଦା କରାଯାଇଛି। ତେବେ ଏଠାରେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଯେ ଯୋଗ୍ୟତା ନଥାଇ ଶିକ୍ଷକତାର ସୁଯୋଗ ପାଇ କରଦାତାଙ୍କ ଅର୍ଥରୁ ନେଇଥିବା ଲକ୍ଷାଧିକ ଟଙ୍କା ଦରମା ଜାଲ୍ ଶିକ୍ଷକଙ୍କ ଠାରୁ ଆଦାୟ କେଉଁ କାରଣରୁ କରାଯାଇନାହିଁ। ଅନ୍ୟପକ୍ଷରେ ଗତ ୪ ବର୍ଷ ଧରି ଗଞ୍ଜାମ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ଖାମଖିଆଲି ଭାବେ କାର୍ଯ୍ୟରତ ଜାଲ ଶିକ୍ଷକଙ୍କ ତଦନ୍ତ ଚାଲିଛି। ଇତି ମଧରେ ଦୁଇ ଜଣ ଶିକ୍ଷାଧିକାରୀ ବଦଳିଲେଣି। କିନ୍ତୁ ଦିନକୁ ଦିନ ଜାଲ ଶିକ୍ଷକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ବର୍ଷ ମେ ମାସ ସୁଦ୍ଧା ମୋଟ ଅଭିଯୋଗ ୩୪୭ ଥିବା ବେଳେ ୨୦୨୩ ମସିହା ଜାନୁଆରୀ ସୁଦ୍ଧା ଏହି ସଂଖ୍ୟା ୪୪୧ରେ ପହଞ୍ଚିଛି। ଜିଲ୍ଲାର ବିଇଓମାନେ ତଥ୍ୟ ଦେବାରେ ବିଳମ୍ବ କରିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ପ୍ରକାଶ ଯୋଗ୍ୟ ଯେ ଶିକ୍ଷକମାନେ ରେଗୁଲାର ଶିକ୍ଷକ ହେବା ପୂର୍ବରୁ ଶିକ୍ଷା ସହାୟକ ଭାବେ ଯୋଗ ଦେଇଥିଲେ। ସେହି ସମୟରେ ଡିପିସିଙ୍କଠାରେ ପ୍ରଦାନ କରିଥିବା ମାର୍କଲିଷ୍ଟ ଏବଂ ଜିଲ୍ଲା ଶିକ୍ଷସ୍ୱୀକାରୀଙ୍କ ଠାରେ ପ୍ରଦାନ କରିଥିବା ମାର୍କଲିଷ୍ଟରେ ଫରକ ରହୁଛି। ସେଗୁଡିକୁ ଏକାଠି କରିବାରେ ସମସ୍ୟା ଉପୁଜିଥିବା କୁହାଯାଇଛି। ତେଣୁ ପ୍ରକ୍ରିୟା ବିଳମ୍ବିତ ହୋଇଛି। ପ୍ରକାଶ ଯୋଗ୍ୟ ଯେ ଜାଲ ସର୍ଟିଫିକେଟ ଦେଇ ଶିକ୍ଷକତା କରିଥିବା ଶିକ୍ଷକମାନେ ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ, ଜାମ୍ମୁ କଶ୍ମୀର, ଉତ୍ତର ପ୍ରଦେଶ ଭଳି ରାଜ୍ୟର ଶିକ୍ଷାନୁଷ୍ଠାନରୁ ସାର୍ଟିଫିକେଟ ହାସଲ କରିଛନ୍ତି। ତେଣୁ ସେଠାକାର କର୍ତ୍ତୃପକ୍ଷଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା କଷ୍ଟସାଧ ହେବା ସଙ୍ଗକୁ ସମୟ ସାପେକ୍ଷ ହେଉଛି ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ବିଇଓ ଆସ୍କା ଅଧୀନରେ କାର୍ଯ୍ୟରତ ୩୬ ଜଣ, ବେଗୁନିଆପଡ଼ାର ୪୫ ଜଣ, ଛତ୍ରପୁରର ୨୯ ଜଣ, ବୁଗୁଡ଼ାର ୫ ଧାରାକୋଟର ୨୩ ଜଣ, ଗଞ୍ଜାମର ୬ ଜଣ, ହିଞ୍ଜିଳିକାଟୁର ୨୬ ଜଣ, ଜଗନ୍ନାଥପ୍ରସାଦର ୯ ଜଣ, କବିସୂର୍ଯ୍ୟନଗରର ୯୦ ଜଣ, ଖଲ୍ଲିକୋଟର ୨୪ ଜଣ, କୁକୁଡ଼ାଖଣ୍ଡିର ୨୧ ଜଣ, ପାତ୍ରପୁରର ୧୨ ଜଣ, ପୋଲସରାର ୩୦ ଜଣ, ପୁରୁଷୋତ୍ତମପୁରର ୬ ଜଣ, ରଙ୍ଗେଇଲୁଣ୍ଡାର ଶେରଗଡ଼ର ୨୨ ଜଣ, ସୋରଡ଼ାର ୨୩ ଜଣ ଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ ରହିଛି। ଜିଲ୍ଲା ପ୍ରଶାସନ ରାଜ୍ୟ ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାର ଶିକ୍ଷା ବିଭାଗରେ ରହିଥିବା ଏହି ନକଲି ଶିକ୍ଷକ ନାମକ କଳାଦାଗକୁ ଯଥା ଶୀଘ୍ର ଲିଭାଇବାକୁ ତତ୍ପରତା ପ୍ରକାଶ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରରେ ଥିବା କୋଣ୍ଡା ସାହିର ବୁଢ଼ାରାଜାଙ୍କ ଘଣ୍ଟ ପର୍ବର ଶୁଭାରମ୍ଭ ହୋଇଛି। ଏହି ଘଣ୍ଟ ପୂର୍ବ ସାହିର ରୀତିନୀତି ଅନୁଯାୟୀ ପ୍ରତ୍ୟେକ ତିନି ବର୍ଷକୁ ଥରେ ଅଣାଯାଏ। ଘଣ୍ଟ ପର୍ବକୁ ଦେଖିବା ପାଇଁ ପ୍ରତ୍ୟେକ ଘରେ ବନ୍ଧୁବାନ୍ଧବଙ୍କୁ ଡକାଇ ଖୁସି ମନାଇଥାନ୍ତି। ସାହିର ସମସ୍ତଙ୍କ ସାହାଯ୍ୟ ସହଯୋଗରେ ବୁଢ଼ାରାଜାଙ୍କ ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ଅସ୍ଥାୟୀ ମଣ୍ଡପକୁ ଅଣାଯାଇଥାଏ। ମା'ଙ୍କ ପାଦ ଆଣିବା ବେଳେ ବାଦ୍ୟ, ଶଙ୍ଖ, ହୁଳହୁଳି,ମାନସିକ କରିଥିବା ଲୋକମାନେ ଲୁଗା ପକାଇ ବା ବିଛାଇ ପାଛୋଟି ନାଚି ନାଚି ଆଣିଥାନ୍ତି। ଏହି ଘଣ୍ଟ ପର୍ବ ଶୁକ୍ରବାର ଠାରୁ ଆରମ୍ଭ ହୋଇ ପଞ୍ଚଦିନ ଧରି ଚାଲୁ ରହିବ। ଘଟ ହାଣ୍ଡି ଓ ଚାଙ୍ଗୁଡ଼ିକୁ ପୂଜକ ମାନେ ଧରି ଦିନର ସମୟର ନିୟମ ଅନୁଯାୟୀ ସଦର ବ୍ଲକର ପ୍ରତ୍ୟେକ ସାହିକୁ ଘଣ୍ଟ ବୁଲାଇ ମା' ପୂଜା ପାଇଥାନ୍ତି। ରାତ୍ର ସମୟରେ ପୂଜା ମଣ୍ଡପକୁ ଫେରି ଆସିଥାନ୍ତି। ଏହି ପର୍ବ ସାହିର ମଙ୍ଗଳ କାମନା ନିମନ୍ତେ, ଚାଷରେ କିଭଳି ଭାବରେ ଠିକ ଅମଳ ହେବ ପାଇଁ ପୂଜା ପାଠ କରିଥାନ୍ତି। ୫ ଦିନ ପରେ ମା'ଙ୍କୁ ଶୀତଳ ଭୋଗ ଦେଇ ପର୍ବ ଉଦ୍‌ଯାପନ କରାଯିବ।



# ସିମନବାଡ଼ିରେ ମାଓବାଦୀଙ୍କ ଉପସ୍ଥିତି ଜାହିର



## ୧୨ ଦଫା ଦାବି ନେଇ ୨୪ ଘଣ୍ଟିଆ ବନ୍ଦ ଡ଼ାକରା

ବାଲିଗୁଡ଼ା, (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାକୁ ଦିନିକିଆ ଗସ୍ତରେ ପୋଲିସ ମହାନିର୍ଦ୍ଦେଶକ ଆସି ମାଓ ସମୀକ୍ଷା କରି ଫେରୁ ଫେରୁ ପୁଣି ଉପସ୍ଥିତି ଜାହିର କଲେ ସିପିଆଇ ପୂର୍ବ ଜୋନାଲ ବ୍ୟୁରୋ ମାଓବାଦୀ । ଦାରିଙ୍ଗବାଡି ଥାନା ଅଞ୍ଚଳ ୫୯ ନମ୍ବର ଜାତୀୟ ରାଜପଥ ସ୍ଥିତ ସିମନବାଡ଼ିର ଟୋଲଗେଟ୍ ଓ ବୁଢ଼ାଗୁଡ଼ା ଛକ ଠାରେ ଲାଲ ବ୍ୟାନର ମାରି ନିଜର ଉପସ୍ଥିତି ଜାହିର କରିଛନ୍ତି । ଏହି ବ୍ୟାନର ମାଧ୍ୟମରେ ୧୨ ଗୋଟି ଦାବି ଉପସ୍ଥାପନ କରିବା ସହ ମେ' ୧୫ ତାରିଖ ଦିନ କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ବୌଦ୍ଧ, ନୟାଗଡ଼, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛନ୍ତି । ଆଉ ଏହି ବନ୍ଦ ଡାକରାକୁ ସମର୍ଥନ କରି ଧାରଣା, ଆନ୍ଦୋଳନ ଓ ରାସ୍ତାରୋକ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଗରିବ ତଥା ଆଦିବାସୀ ପରିବାରଙ୍କୁ ଆବାସ ଯୋଜନାରେ ସାମିଲ କରି ପିଡିଏସ ଚାଉଳ ସମେତ ତେଲ, ଲୁଣ ଓ ଡାଲି ମାଗଣାରେ ପ୍ରଦାନ କରିବା, ଦରଦାମ ବୃଦ୍ଧି ବନ୍ଦ କରିବା, ସବୁ ଗାଁ କୁ ପକ୍କା ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ୍ ସେବା ଯୋଗାଇ ଦେବା,୧୦୦ ୟୁନିଟ ବିଜୁଳି ମାଗଣାରେ ଯୋଗାଇ ଦେବା, ପ୍ରତ୍ୟେକ ପଞ୍ଚାୟତରେ ସ୍ୱାସ୍ଥ୍ୟ କେନ୍ଦ୍ର କରି ଅଭିଜ୍ଞ ଡକ୍ଟର ଙ୍କୁ ନିଯୁକ୍ତି, ପ୍ରତି ପଞ୍ଚାୟତରେ ଆଦର୍ଶ ସ୍କୁଲ ନିର୍ମାଣ, ବନ୍ଦ ହୋଇଥିବା ସ୍କୁଲ କୁ ଖୋଲାଯିବା ସହ ଶିକ୍ଷକ ପଦବୀ ପୂରଣ, ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀଙ୍କୁ ୩ ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ ସହ ମୁକ୍ତ ଉଚ୍ଚ ଶିକ୍ଷା, ବିସ୍ଥାପନ ବନ୍ଦ କରିବା, ବକ୍ସାଇଟ , କୋଇଲା ଓ ଅନ୍ୟ ଖଣିଜ ପଦାର୍ଥ ଖନନ ପାଇଁ ଦିଆ ଯାଇଥିବା ଲିଜ ବାତିଲ, ଅଙ୍ଗନବାଡ଼ି, ଆଶା କର୍ମୀ ଓ ଶିକ୍ଷକଙ୍କ ଦାବୀ ପୂରଣ କରିବା ଭଳି ଦାବୀ ରହିଛି । ମାଓବାଦୀ ମାନେ ଗତ ୧୨ ତାରିଖ ଦିନ ଫିରିଙ୍ଗିଆ ଥାନା ସାଉଲିପଡ଼ା ଗ୍ରାମରେ ପୂର୍ବତନ ସରପଞ୍ଚ ସୁବଳ କହଁରଙ୍କୁ ପୋଲିସ ଇନଫର୍ମର ସନ୍ଦେହରେ ହତ୍ୟା କରିଥିଲେ ।

## ପୋଲିସ ଡିଜିଙ୍କ କୋରାପୁଟ ଗସ୍ତ

# ମାଓବାଦୀଙ୍କ ଗତିବିଧିକୁ ଜଗିବ ଡ୍ରୋନ୍

କୋରାପୁଟ (ଭାସ୍କର ନ୍ୟୁଜ୍): କୋରାପୁଟରେ ରହିଥିବା ମାଓ ଗତିବିଧିକୁ ଜଗିବ ଡ୍ରୋନ। ଡ୍ରୋନ୍ ସହଯୋଗରେ ଜିଲ୍ଲାରେ ରହିଥିବା ମାଓବାଦୀଙ୍କ ଗତିବିଧିକୁ ନିୟନ୍ତ୍ରଣ କରାଯିବ। ଏଥିପାଇଁ ଜିଲ୍ଲାରେ ୬ଟି ଡ୍ରୋନକୁ ସାମିଲ କରାଯିବ ବୋଲି କୋରାପୁଟ ଗସ୍ତରେ ଆସି କହିଛନ୍ତି ପୋଲିସ ଡିଜି ସୁନିଲ କୁମାର ବଂଶଲ। ଡିଜିଙ୍କ ସହ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀ ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜିବ ପଣ୍ଡା, ଆଇଜି ଅପରେସନ ସତ୍ୟବ୍ରତ ଭୋଇ କୋରାପୁଟ ଗସ୍ତରେ ଆସିଛନ୍ତି। ସୁନାବେଡା ହାଲ ହେଲିପ୍ୟାଡରେ ଅବତରଣ କରି ପୋଲିସ ଓ ବିଏସଏଫ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଜିଲ୍ଲାର ମାଓ ସ୍ଥିତି ଓ ମାଓ ବିରୋଧି ଅପରେସନ ସମ୍ପର୍କରେ ଆଲୋଚନା କରିବା ସହ ଜିଲ୍ଲାର ଆଇନଶୃଙ୍ଖଳା ସ୍ଥିତି ନେଇ କରିଛନ୍ତି ଆଲୋଚନା। ଆଲୋଚନାରେ ଦକ୍ଷିଣ ପଶ୍ଚିମାଞ୍ଚଳ ପୋଲିସ ଡିଆଇଜି ରାଜେଶ ପଣ୍ଡିତ, ଡିଆଇଜି ବିଏସ୍ଏଫ ଶୈଳେଶ କୁମାର, କନ୍ଧମାଳ



ଏସପି ସୁଭେନ୍ଦୁ ପାତ୍ର, କୋରାପୁଟ ଏସ୍‌ପି ଅଭିନବ ସୋନକର ଉପସ୍ଥିତ ରହିଥିଲେ। ମାଓବାଦୀଙ୍କ ଦ୍ୱାରା ହିଂସା କାଣ୍ଡକୁ ଦୃଢ ନିନ୍ଦା କରିଛନ୍ତି ପୋଲିସ ଡ଼ିଜି । ସାଧାରଣ ଲୋକଙ୍କ ଧନ ଜୀବନକୁ କ୍ଷତି ପହଞ୍ଚାଇବା କାହାରି ଅଧିକାର ନାହିଁ । ହିଂସାର ପଥ ଛାଡି ସମାଜର ମୂଖ୍ୟ ସ୍ରୋତରେ ସାମିଲ ହେବାକୁ ମାଓବାଦୀଙ୍କୁ ଆହ୍ୱାନ କରିଛନ୍ତି ଡିଜି । ଆଇନ ଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରାଗଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜି ମାଓବାଦୀକୁ କଡା ସନ୍ଦେଶ ଦେଇଛନ୍ତି । ଆଲୋଚନା ପରେ କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲା ଗସ୍ତ କରିଥିବା ସୂଚନା ଦେଇଛନ୍ତି କୋରାପୁଟ ଏସ୍‌ପି ଅଭିନବ ସୋନକର ।

# କୋରାପୁଟ ଟପ୍ପର ହେଲେ ଶୀତିଲଗ୍ନା



କୋରାପୁଟ,(ଭାସ୍କର ନ୍ୟୁଜ): ସିବିଏସଇ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଏଥିରେ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଶୀତିଲଗ୍ନା ଶତପଥୀ ୯୬.୦୮ ପ୍ରତିଶତ ମାର୍କ ରଖି କୋରାପୁଟ ଟପ୍ପର ହୋଇଛନ୍ତି। ସେ ମୋଟ ୫୦୦ ନମ୍ବରରୁ ୪୮୪ ମାର୍କ ରଖିଛନ୍ତି। ଏହାକୁ ନେଇ କୋରାପୁଟରେ ଖୁସିର ଲହରୀ ଖେଳିଯାଇଛି। ସେ ଏହିଠାରେ ଯୁକ୍ତଦୁଇ ବିଜ୍ଞାନ ପଢିବାକୁ ମନନିବେଶ କରିଥି ?ବାବେଳେ ଭବିଷ୍ୟତରେ ଡାକ୍ତର ହୋଇ ଦେଶମାତୃକାରେ ସେବା କରିବେ ବୋଲି କହିଛନ୍ତି। ବାପା ରବି ଶତପଥୀ ଜଣେ ଅଧ୍ୟାପକ ଓ ମା ବତଶେବା ତାଣ୍ଡିଙ୍କର ଏକମାତ୍ର କନ୍ୟା। ଭାରତର ମହାନ ଜନନାୟକ ତଥା ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ୧୩୦ ତମ ଜନ୍ମ ବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହ ଇଂରାଜୀ ଭାଷାରେ ନିଜର ବକ୍ତବ୍ୟ ପ୍ରଦାନ କରି ଅଜସ୍ର ପ୍ରଶଂସା ସାଉଁଟିଥିଲେ ଶିତିଲଗ୍ନା। ଏହାସହ ସଡକ ସୁରକ୍ଷା ସଚେତନତାକୁ ନେଇ ନିକଟ ଅତିତରେ ଆୟୋଜିତ ଜାତୀୟ କ୍ଷୁଦ୍ର ଚଳଚିତ୍ର ପ୍ରତିଯୋଗିତାରେ ଶୀତିଲଗ୍ନା ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଜାତୀୟ ସ୍ତରରେ ସମ୍ମାନୀତ ହୋଇଥିଲେ ।

# ଆତତାୟୀଙ୍କ ଗୁଳି ମାଡ଼ରେ ଆଶା ସଂସ୍ଥା ନିର୍ଦ୍ଦେଶକଙ୍କ ମୃତ୍ୟୁ

ଗୁଣପୁର (ଭାସ୍କର ନ୍ୟୁଜ୍): ଗୁଣପୁର ବଂଶଧାରା ନଦୀ ଓଭରବ୍ରିଜ୍ ନିକଟରେ ଆତତାୟୀର ଗୁଳିମାଡରେ ଆଶା ସଂସ୍ଥାର ନିର୍ଦ୍ଦେଶକ ଗୌରି ମିଶ୍ର(୫୫)ଙ୍କ ମୃତ୍ୟୁ ଘଟଣା ସହରରେ ଚାଞ୍ଚଲ୍ୟ ଖେଳିଯାଇଛି। ଘଟଣାକୁ ନେଇ ସହରର ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହେବା ସହ ସ୍ତବ୍ଧ ହୋଇପଡ଼ିଛି। ମୁଖାପିନ୍ଧା ଦୁର୍ବୃତ୍ତ ଅତିନିକଟରୁ ଗୌରୀ ମିଶ୍ରଙ୍କ ମୁଣ୍ଡରେ ଗୁଳି ମାଡ କରି ଫେରାର୍ ହୋଇଯାଇଛି। ବାଇକ୍‌ରେ ଦୁର୍ବୃତ୍ତ ଆସିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ସ୍ୱର୍ଗତ ଗୌରୀ ମିଶ୍ର ଅନ୍ୟ ତିନି ଜଣ ସାଙ୍ଗଙ୍କ ସହ ବଂଶଧାରା ନଦୀ ବ୍ରିଜ ଉପରକୁ ଶନିବାର ସନ୍ଧ୍ୟାରେ ବୁଲିବାକୁ ଯାଇଥିଲେ। ସେଠାରୁ ଘରକୁ ଫେରିବା ପାଇଁ ନିଜ ବାଇକ୍‌ରେ ବସିଥିବା ବେଳେ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ମୁଣ୍ଡରେ ଗୁଳି କରିଥିଲେ।



ଖବର ପାଇ ପୋଲିସ ୧୦୮ ଆମ୍ବୁଲାନ୍ସରେ ଗୁରୁତର ଅବସ୍ଥାରେ ଗୁଣୁପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁଳିମାଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଏଥିସହ ରାୟଗଡ଼ାରୁ ଏକ ତିନିଜଣିଆ ସାଇଣ୍ଟିଫିକ ଟିମ୍ ଆସି ଘଟଣାସ୍ଥଳରୁ ରକ୍ତ ନମୁନା ସଂଗ୍ରହ କରିବା ସହ ଗୁଳିରେ ଠୋକ ଜବତ କରିଛନ୍ତି। ଏଭଳି ଘଟଣା ଶାନ୍ତ ସହର ଗୁଣୁପୁର ଇତିହାସରେ ପ୍ରଥମ ହୋଇଥିବା ବେଳେ ଆଇନଶୃଙ୍ଖଳାକୁ ନେଇ ପୋଲିସ ଆଗରେ ଚାଲେଞ୍ଜ ସୃଷ୍ଟି କରିଛି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ,ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧିର ଦାସ ଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଚିକିତ୍ସାଳୟରେ ପହଞ୍ଚି ସ୍ୱର୍ଗତ ଗୌରୀ ମିଶ୍ରଙ୍କ ଆତ୍ମାର ସ୍ଥିତି କାମନା କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ତେବେ ଖୁବ ଶୀଘ୍ର ଏହି ଘଟଣାରେ ଜଡ଼ିତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସଡିପିଓ ସୂଚନା ଦେଇଛନ୍ତି।

# ସିବିଏସ୍‌ଇ ଦଶମ ପରୀକ୍ଷାରେ ହିମେଶ ଜିଲ୍ଲା ଟପ୍ପର



ଖଇରପୁଟ (ଭାସ୍କର ନ୍ୟୁଜ୍): ସିବିଏସ୍‌ଇ ଦଶମ ପରୀକ୍ଷାରେ ହିମେଶ ମାଲକାନଗିରି ଜିଲ୍ଲା ଟପ୍ପର ହୋଇଛନ୍ତି ହିମେଶ୍ ରଞ୍ଜନ ସିକଦାର। ରଞ୍ଜନ ସିକଦାରଙ୍କ ନାମ ଏବେ ଖୁବ୍ ଚର୍ଚ୍ଚାରେ । ମାଲକାନଗିରି ଜିଲ୍ଲାର ଲାଠିଆଗୁଡା ଠାରେ ରହୁଥିବା ବାପା ସୁଧିର ରଞ୍ଜନ ସିକଦାର ଓ ମାତା ପଦ୍ମାବତୀ ସିକଦାରଙ୍କ ଜ୍ୟେଷ୍ଠ ପୁତ୍ର ହିମେଶ ପିଲାଟି ଦିନରୁ ପାଠପଢାରେ ବହୁତ ଆଗ୍ରହୀ । ମାଲକାନଗିରି ଆଇଏମଏସଟି ବିଦ୍ୟାଳୟରେ ପାଠପଢା ଆରମ୍ଭ କରଥିବା ହିମେଶ୍ ପରବର୍ତ୍ତୀ ସମୟରେ ନବୋଦୟ ବିଦ୍ୟାଳୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ନିକଟରେ ହୋଇଥିବା ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୭.୬ ପ୍ରତିଶତ ମାର୍କ ରଖି ମାଲକାନଗିରି ଜିଲ୍ଲାର ଟପ୍ପର ହୋଇଥିଲାବେଳେ ରାଜ୍ୟ ସ୍ତରରେ ୪ର୍ଥ ସ୍ଥାନ ଅଧିକାର କରିଛି । ପୁଅର ଏଭଳି କୃତିତ୍ୱ ରେ ବାପା ମା' ଦୁହେଁ ଭାବବିହ୍ୱଳ ହୋଇ ନିଜ ଖୁସି ଜାହିର କରିଥିଲାବେଳେ ଜବାହାର ନବୋଦୟ ବିଦ୍ୟାଳୟ ମାଲକାନଗିରିର ପ୍ରିନ୍ସିପାଲ ଓ ଶିକ୍ଷକମାନେ ଖୁସି ବ୍ୟକ୍ତ କରିବା ସହ ହିମେଶ୍‌ର ଉତ୍ତରୋତ୍ତର କାମନା କରିଛନ୍ତି ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ଥିବା କୋଣ୍ଡା ସାହି ନିକଟରେ ଥିବା ବୁଢ଼ାରାଜା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦଘାଟନ ହୋଇଯାଇଛି। ପ୍ରଥମ ଦିନରେ ଖେଳରେ ନାରାୟଣପୁର ଓ ହାତୀମୁଣ୍ଡା ମଧ୍ୟରେ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ବାର୍ଲି ଗୌତମ, ସମ୍ମାନିତ ଅତିଥି ସମିତି ସଭ୍ୟା ଏମ ପଦ୍ମା ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ବିଜେଡି ଯୁବ ସଭାପତି ରାଜୀବ ନାୟକ ଉପସ୍ଥିତ ରହିଥିଲେ। ଏହି ଖେଳ (୧୨)ଓଭର ମଧ୍ୟରେ ହୋଇଥିବା ବେଳେ ସମୁଦାୟ (୩୨)ବତିଶି ଟି ଦଳ ଭାଗ ନେଇଛନ୍ତି। ବିଜେତା ଦଳକୁ ବାର ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳ ୮ ହଜାର ସହ ଟ୍ରଫି ପ୍ରଧାନ କରାଯିବ ବୋଲି ସୂଚନା ମିଳିଛି। ପ୍ରଥମ ଦିନରେ ଅମ୍ପେୟାର ଅନୀଲ ନାଲଦରା ଏବଂ ଅକ୍ଷୟ ପଟନାୟକ ଓ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଦେଖିବା ପାଇଁ ଆଖ ପାଖ ଅଞ୍ଚଳର ଅନେକ କ୍ରୀଡାପ୍ରେମୀମାନେ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା।

# କୁଡୁମୁଲୁଗୁମ୍ମା କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ




ଖଇରପୁଟ-, କୁଡୁମୁଲୁଗୁମ୍ମା ସ୍ଥିତ ଅଦାଲତ ପ୍ରକୋଷ୍ଠ ରେ ଜିଲ୍ଲା ଆଇନ ପ୍ରାଧିକରଣ ଆନୁକୂଲ୍ୟରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁଡୁମୁଲୁଗୁମ୍ମା ଅଦାଲତର ମାଜିଷ୍ଟ୍ରେଟ ସୁମନ୍ତ କୁମାର ପଟ୍ଟନାୟକ ଉପସ୍ଥିତ ରହି ମାମଲା ଗୁଡ଼ିକର ଫଏସଲା କରିଥିଲେ ଯେଉଁଥିରେ ସରକାରୀ ଓକିଲ ସରୋଜ କୁମାର ସାହୁ, ମୁଖ୍ୟ କିରାଣୀ ବୃନ୍ଦାବନ ପଣ୍ଡା, କନିଷ୍ଠ କିରାଣି ସସ୍ୱଗ୍ରାମ କେଶରୀ ମହାରଣା, ଓକିଲ ବିଷ୍ଣୁ ଚରଣ ନାଲା, ଜୟଦେବ ପାତ୍ର ଓ ସୁନୀତା ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଆଜିର ଏହି ଲୋକ ଅଦାଲତ ମାଧ୍ୟମରେ ସର୍ବମୋଟ ୩୯ ଗୋଟି ମାମଲାର ଫଏସଲା ହୋଇଥିବା ବେଳେ ଏଥିରେ ଜୋରିମାନା ବାବଦକୁ ସର୍ବମୋଟ ୨୭୦୦ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି । ଦିର୍ଘ ସମୟ ଧରି ପଡିରହିଥିବା ମାମଲା ଗୁଡ଼ିକର ବିଚାରଣ ଓ ସମାଧାନ ଉକ୍ତ ଲୋକ ଅଦାଲତ ମାଧ୍ୟମରେ ହେଉ ଥିବାରୁ ଜନ ସାଧାରଣ ବହୁ ଖର୍ଚ୍ଚାନ୍ତ ରୁ ରକ୍ଷା ପାଇବା ସହ ନ୍ୟାୟ ବ୍ୟବସ୍ଥାରେ ନିଜର ବିଶ୍ୱାସ ପ୍ରକଟ କରିଛନ୍ତି ।

# ମହାଲକ୍ଷ୍ମୀ ଦେବୀଙ୍କ ନୂତନବିଗ୍ରହ ପ୍ରତିଷ୍ଠା ଉତ୍ସବ

ଚିକିଟି (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟୀ ପୌରପରିଷଦରେ ମହାଲକ୍ଷ୍ମୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ପଣ୍ଡିତ ଅଶୋକ କୁମାର ପାଢି ଙ୍କ ପୌରହିତରେ ଶନିବାର ଠାରୁ ଶୁଭାରମ୍ଭ ହୋଇଅଛି । ଶନିବାର ମଣ୍ଡଳାଧିବାସ, ଅଙ୍କୁରାରୋପଣ ଓ ନାମଧିବାସ କରାଯାଇଥିବା ବେଳେ ରବିବାରରେ ପ୍ରାତଃ କାଳରେ ନିକଟସ୍ଥ ବାହୁଦା ନଦୀରୁ ଶହଶହ ମହିଳା ଜଳଯାତ୍ରା କରିଥିବା ସହ ଦିକ୍ଷା ଗ୍ରହଣ, ପ୍ରତିଷ୍ଠା ଆରମ୍ଭ, ସାଳାସଂସ୍କାର, ବଇଦିକାଗ୍ନି ସ୍ଥାପନ ଓ ନାମଜଗ୍ନଆରମ୍ଭ, ସୋମବାର ଦିନ ମଣ୍ଡଳ ପୂଜା ଘୃତଯଙ୍ଗ୍ୟ ଦେବତାଧିବାସ ରୁକବେଦାନ୍ତ ଏକସହ ଆଠ ଶ୍ରୀ ସୁକ୍ତପାରାୟଣ ଓ ହବନ, ମଙ୍ଗଳ ବାରରେ ମହାସ୍ନାନ ଦେବତା ସ୍ୱସ୍ତିକ ମଣ୍ଡଳେ ସୟନ ଓ ଯିବାନ୍ୟାସ, ବୁଧବାରରେ ପାର୍ଶ୍ୱଦ୍ୱାର ଚକ୍ର ଧ୍ୱଜ ସ୍ଥାପନ,ମହାଧିକ ଭ୍ରମଣ,ଯଜମାନ ପ୍ରତିଷ୍ଠା ଓ ପୂର୍ଣାହୁତି ସହ ଅଞ୍ଚଳର ସର୍ବମଙ୍ଗଳ ନିମନ୍ତେ ପ୍ରାର୍ଥନା କରିବା ସହ ଅନେକ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ସମ୍ପାଦନ କରିବା ନିମନ୍ତେ ଧାର୍ଯ୍ୟ କରାଯାଇଥିବା ବେଳେ ଭକ୍ତ ମାନକୁ ପ୍ରତିଦିନ ପ୍ରସାଦ ସେବନ ନିମନ୍ତେ ବ୍ୟବସ୍ଥା କରାଯାଇଥିବା ମନ୍ଦିର କମିଟି ମୁଖ୍ୟ ସଭାପତି ଶ୍ରୀଯୁକ୍ତ ଧର୍ମା ସାହୁ ପ୍ରକାଶ କରିଛନ୍ତି ଓଏହି କାର୍ଯ୍ୟକ୍ରମକୁ ସଫଳ କରିବା ସକାଶେ ଚିକିଟୀ ପେଣ୍ଠ ତଥା ଆଖପାଖ ଅଞ୍ଚଳର ଅନେକ ଜ୍ଞାନୀ ଗୁଣୀ ବ୍ୟକ୍ତି ମାନେ ପୂର୍ଣ୍ଣ ସହଯୋଗ କରୁଥିବା ମଧ ଦେଖିବାକୁ ମିଳିଛି ।

# ସଇଁତଲା ସହର ରାସ୍ତାରେ ଜଳିଲା ଲାଇଟ୍

ସଇଁତଲା (ଭାସ୍କର ନ୍ୟୁଜ୍): ସଇଁତଲା ପଞ୍ଚାୟତର ସରପଞ୍ଚ ସୁବ୍ରତ ନାଗଙ୍କ ପ୍ରଚେଷ୍ଟାରେ ପ୍ରଥମ ପର୍ଯାୟରେ ସଇଁତଲାର ବାପୁଜୀ ଛକ, ଆଲୋକ ଛକ, ନବଜୀବନ ଛକ, ରମେଶ ଛକ ଠାରେ ପଞ୍ଚାୟତ ତରଫରୁ ନୂତନ ଲାଇଟ ଲଗାଯିବା ସହ ବିଦ୍ୟୁତ ସଂଯୋଗ ଦିଆଯାଇଛି । ଦୀର୍ଘଦିନ ହେବ ସଇଁନ୍ତଲା ବ୍ଲକର ସଇଁନ୍ତଲା ପଞ୍ଚାୟତର ବିଭିନ୍ନ ଛକରେ ବିଦ୍ୟୁତ ସଂଯୋଗ ହୋଇନଥିବା ବେଳେ ରାସ୍ତା କଡ଼ରେ ଲାଇଟ ବ୍ୟବସ୍ଥା ମଧ୍ୟ ନ ଥିଲା। ଅନେକ ଦିନ ହେବ ସଇଁନ୍ତଲାବାସୀ ପ୍ରଶାସନ କୁ ଗୁହାରି କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିଲେ। ହେଲେ ସଇଁନ୍ତଲାର ଯୁବ ସରପଞ୍ଚ ସୁବ୍ରତ ନାଗଙ୍କ ନିଜ ଚେଷ୍ଟା ବଳେ ସଇଁନ୍ତଲାର ବାପୁଜୀ ଛକ, ଆଲୋକ ଛକ,ନବଜୀବନ ଛକ ଓ ରମେଶ ଛକକୁ ବୈଦ୍ୟୁତିକ ସଂଯୋଗ କରିବା ସହ ଏହି ଛକ ଗୁଡ଼ିକର ରାସ୍ତା କଡ଼ରେ ଲାଇଟର ବ୍ୟବସ୍ଥା କରିଛନ୍ତି। ସରପଞ୍ଚ ତାଙ୍କ ପ୍ରଥମ ପର୍ଯ୍ୟାୟରେ ଚାରୋଟି ଛକରେ ଲାଇଟ ବ୍ୟବସ୍ଥା କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସଇଁନ୍ତଲାର ଅନ୍ୟ ଛକରେ ଲାଇଟ ବ୍ୟବସ୍ଥା କରାଯିବ ବୋଲି ସରପଞ୍ଚ ଶ୍ରୀ ନାଗ କହିଛନ୍ତି। ତେବେ ସରପଞ୍ଚଙ୍କ ଏହି କର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# 'ସୁବର୍ଣ୍ଣଦୀପ'ର ୨୯ତମ ସ୍ୱନକ୍ଷତ୍ର ଉତ୍ସବ



ବରଗଡ଼(ଭାସ୍କର ନ୍ୟୁଜ୍): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଠାରେ ଯୁଗୋପଯୋଗୀ ସୁବର୍ଣ୍ଣଦୀପ, ଶିଶୁ କିଶୋର ପତ୍ରିକାର ୨୯ତମ ଜନ୍ମ ସଂଖ୍ୟା ଲୋକାର୍ପିତ ହୋଇଯାଇଛି। ଏହି ସମାରୋହରେ ସର୍ଦ୍ଦାର ପ୍ରୀତମ ସିଂ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ମନୋରଞ୍ଜନ ମେହେର ଓ ସମ୍ମାନିତ ଅତିଥି ଭାବେ ବ୍ରହ୍ମା କୁମାରୀ ସୁଚିତ୍ରା ଭଉଣୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା କବି ତଥା ଚିତ୍ରଶିଳ୍ପୀ ଦୁଃଖି ସେବକ ସାହୁ ନିଜ ବକ୍ତବ୍ୟରେ ସୁବର୍ଣ୍ଣଦୀପ ଦୀର୍ଘ୨୯ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ବରଗଡ଼ରୁ ପ୍ରକାଶ ପାଇ,ପତ୍ରିକା ପ୍ରକାଶନ କ୍ଷେତ୍ରରେ ଏକ ଅଧ୍ୟାୟ ସୃଷ୍ଟି କରିଛି ବୋଲି ମତ ରଖିଥିଲେ। ଶ୍ରୀମତୀ ବାସନ୍ତୀ ଗୁରୁଙ୍କୁ ନାରୀ କବି 'କୁନ୍ତଳା କୁମାରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିବା ବେଳେ ସାହିତ୍ୟିକ/ନାଟ୍ୟକାର ଅଜିତ କୁମାର ବେହେରା ଓ ପ୍ରଜାପିତା ବ୍ରମହାକୁମାରୀ ଅନୁଷ୍ଠାନକୁ ଆଧ୍ୟାତ୍ମିକ ଯୋଗ ଶିକ୍ଷା ପାଇଁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପତ୍ରିକାର ସମ୍ପାଦକ ପ୍ରଦୀପ୍ତ ଭାନୁ ମହାନ୍ତି ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହ ସମ୍ପାଦକ ଅଧ୍ୟାପକ ନବକୃଷ୍ଣ ମିଶ୍ର ସମ୍ମାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସଭାରେ ରବିନାରାୟଣ ସାହୁ, ସୁପ୍ରଭା ସାମଲ , ତ୍ରୈଲୋଚନ ପ୍ରଧାନ, ସଂଗୀତା ଦୀପ ପ୍ରମୁଖ ସାହିତ୍ୟିକ/ସାହିତ୍ୟିକା ଓ ପତ୍ରିକା ପ୍ରଚ୍ଛଦ ଶିଶୁ ଶିଳ୍ପୀ ରକସୀଦ କୁମାର ମେହେର ଯୋଗ ଦେଇଥିଲେ। ପରିଶେଷରେ ଶିଶୁ ସାହିତ୍ୟ ସଂଗଠକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ତିହାର ଲୋକମହୋତ୍ସବ ଉଦ୍‌ଘାଟିତ

# ଦୁଲାବିହା ଓ ପଞ୍ଚରଶି ନୃତ୍ୟରେ ବିଭୋର ହେଲେ ଦର୍ଶକ

କନ୍ଧମାଳ (ଭାସ୍କର ନ୍ୟୁଜ): ବୌଦ୍ଧ ଜ଼ିଲ୍ଲା କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତର ଶିମିଳିପଦର-ପତ୍ରାପାଲି ଗାଁର ଶଙ୍ଖନାଦ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତିହାର ମହୋତ୍ସବ-୨୦୨୩ ଉଦଘାଟିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ବୌଦ୍ଧ ଜ଼ିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ଯୋଗ ଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଚଳଚ୍ଚିତ୍ର ଅଭିନେତା ତଥା ଅଧ୍ୟାପକ ଡକ୍ଟର ପୁରୁଷୋତ୍ତମ ମିଶ୍ର, ସମ୍ମାନିତ ଅତିଥିଭାବେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଓମ ପ୍ରକାଶ ମିଶ୍ର, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଘିକୁଣ୍ଡି ସରପଞ୍ଚ ସମରେନ୍ଦ୍ର






ପ୍ରଧାନ, ସ୍ଥାନୀୟ ସରପଞ୍ଚ ସାରଦୁଲ ନାଗ,ଅଧ୍ୟାପକ ସୌରଭ ରଞ୍ଜନ ଖମାରି, ଜ଼ିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଅନିଲ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରେ ସାଂସ୍କୃତିକ ଅନୁଷ୍ଠିତ ହୋଇଥିଲା। ନରେନ୍ଦ୍ର କୁମାର ଖେତୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ସ୍ତରରେ ନିଜର ନୃତ୍ୟ ପାଇଁ ଚର୍ଚ୍ଚିତ କଳାକାର ସୁମିରନ ପାଢ଼ୀଙ୍କ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିବାବେଳେ, ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ ମା' ସରସ୍ୱତୀ ସାଂସ୍କୃତିକ କଳା ବିକାଶ କେନ୍ଦ୍ର ସାଲେପାଲି, ବରଗଡର କଳାକାରମାନଙ୍କ ଦ୍ୱାରା ପଞ୍ଚରଶି ନୃତ୍ୟ , ନଟରାଜ କଳା ପରିଷଦ ବଲାଙ୍ଗୀରର କଳାକାରମାନଙ୍କ ଦ୍ୱାରା ଡାଲଖାଇ, ଫଗୁନପୁନି ଏବଂ ବଉଲି କଳା ପରିଷଦ ବରପଦର ,ବୌଦ୍ଧର କଳାକାରମାନଙ୍କ ଦ୍ୱାରା ଦୁଲାବିହା ନୃତ୍ୟ ମଧ ରାତ୍ରି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିବାକୁ ସକ୍ଷମ ହୋଇଥିଲା । ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଲୋକମହୋତ୍ସବ ର ପ୍ରଥମ ଦିନରେ ହଜାର ହଜାର ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା ।



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ନିର୍ବାଚନ ଫଳାଫଳରୁ ଶିକ୍ଷା

# ଜାତୀୟ ଦଳର ଆତ୍ମଚିନ୍ତନ ଲୋଡ଼ା

ବହୁ ପ୍ରତୀକ୍ଷିତ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଏବଂ ଓଡ଼ିଶାର ଝାରସୁଗୁଡ଼ା ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନର ଫଳାଫଳ ଘୋଷିତ ହୋଇଛି । ସମଗ୍ର ଦକ୍ଷିଣ ଭାରତର ଏକମାତ୍ର ବିଜେପି ଶାସିତ ରାଜ୍ୟ କର୍ଣ୍ଣାଟକରେ ଏହି ଦଳକୁ ଶୋଚନୀୟ ପରାଜୟର ସାମ୍ନା କରିବାକୁ ପଡିଥିବା ବେଳେ ଝାରସୁଗୁଡ଼ା ଉପନିର୍ବାଚନରେ ରାଜ୍ୟର କ୍ଷମତାସୀନ ବିଜୁ ଜନତା ଦଳ ବିଜୟର ମୁକୁଟ ପିନ୍ଧିଛି । ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ପ୍ରଭାବଶାଳୀ ନେତା ନବକିଶୋର ଦାସଙ୍କ ଦୁଃଖଦ ବିୟୋଗ ପରେ ଝାରସୁଗୁଡ଼ା ଆସନରେ ଏହି ଉପନିର୍ବାଚନ ହୋଇଥିଲା ଏବଂ ବିଜେଡି ଏଥିରେ ତାଙ୍କର କନ୍ୟା ଦୀପାଳି ଦାସଙ୍କୁ ପ୍ରାର୍ଥୀ କରିଥିଲା । ଘୋଷିତ ଫଳାଫଳ ଅନୁଯାୟୀ ଦୀପାଳି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କୁ ୪୮ହଜାର ୭୦୦ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି । ତେବେ ସବୁଠାରୁ ବଡ଼କଥା ହେଉଛି ଯେ, ଏକଦା କଂଗ୍ରେସର ଗଡ଼ ରୂପେ ପରିଚିତ ଏହି ଆସନରେ ଦଳୀୟ ପ୍ରାର୍ଥୀ ତରୁଣ ପାଣ୍ଡେଙ୍କ ପ୍ରଦର୍ଶନ ଏତେ ନୈରାଶ୍ୟଜନକ ହୋଇଛି ଯେ ନିଜର ଅମାନତ ରକ୍ଷା କରିବାକୁ ମଧ୍ୟ ସେ ସକ୍ଷମ ହୋଇନାହାନ୍ତି । ବିଜେଡି ପ୍ରାର୍ଥୀ ଦୀପାଳିଙ୍କୁ ୧ଲକ୍ଷ ୭ହଜାର ୧୯୮ ଭୋଟ୍, ବିଜେପିର ଟଙ୍କଧରଙ୍କୁ ୫୮ହଜାର ୪୭୭ଭୋଟ୍ ମିଳିଥିବା ସ୍ଥଳେ କଂଗ୍ରେସ ପ୍ରାର୍ଥୀଙ୍କୁ ମାତ୍ର ୪ହଜାର ୪୯୬ଖଣ୍ଡ ଭୋଟ୍ ମିଳିଛି । ଗତ ୨୦୧୯ ମସିହାର ସାଧାରଣ ନିର୍ବାଚନରେ ସ୍ୱର୍ଗତ ନବ ଦାସ ଯେତିକି ଭୋଟ୍ ହାତେଇ ଥିଲେ, କନ୍ୟା ଦୀପାଳି ଏହି ଉପନିର୍ବାଚନରେ ତା'ଠାରୁ ୮ହଜାର ଅଧିକ ଭୋଟ୍ ପାଇଛନ୍ତି । ସେହିପରି ୨୦୧୯ ମସିହାର ନିର୍ବାଚନରେ ବିଜେପି ପ୍ରାର୍ଥୀ ପାଇଥିବା ଭୋଟ୍ ପରିମାଣ ଠାରୁ ଏଥର ଦଳୀୟ ପ୍ରାର୍ଥୀ ଟଙ୍କଧର ଅଧିକ ଭୋଟ୍ ହାସଲ କରିଛନ୍ତି । ଅନ୍ୟପକ୍ଷରେ ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ୧୮ ହଜାରରୁ ଅଧିକ ଭୋଟ୍ ମିଳିଥିବାବେଳେ ତାହା ୪ହଜାର ୪୯୬କୁ ଖସି ଆସିଛି । ଏହି ଫଳାଫଳକୁ ବିଶ୍ଳେଷଣ କଲେ ସ୍ପଷ୍ଟ ହେଉଛି ଯେ, କଂଗ୍ରେସ ଭୋଟ୍ ବ୍ୟାଙ୍କର ଦ୍ରୁତ ଅବକ୍ଷୟ ଘଟିବା ସଙ୍ଗେ ସଙ୍ଗେ ଉଭୟ ବିଜେଡି ଓ ବିଜେପି ଏହି ଦଳର ପକେଟ୍ ଭୋଟ୍‌କୁ ବାଣ୍ଟି ନେଇଛନ୍ତି । ମୋଟାମୋଟି ଭାବରେ ଝାରସୁଗୁଡ଼ା ଉପନିର୍ବାଚନର ଫଳାଫଳରୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ସୁଶାସନ ପ୍ରତି ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ପୁନଃ ପ୍ରକଟିତ ହୋଇଛି । ନବ ଦାସଙ୍କ ହତ୍ୟା ଜନିତ ଅନୁକମ୍ପା ସାଙ୍ଗକୁ ମୁଖ୍ୟମନ୍ତ୍ରୀଙ୍କ ବିକାଶର ଏଜେଣ୍ଡା ଓ ନିର୍ମଳ ଭାବମୂର୍ତ୍ତି ଦୀପାଳିଙ୍କୁ ବିପୁଳ ଭୋଟ୍ ବ୍ୟବଧାନରେ ବିଜୟୀ କରାଇବାରେ ସକ୍ଷମ ହୋଇଛି । ଦେଶର ସର୍ବପୁରାତନ ଜାତୀୟ ଦଳ କଂଗ୍ରେସ ଏହାର ଶୋଚନୀୟ ପ୍ରଦର୍ଶନ ପାଇଁ ଯଦି ଆତ୍ମସମୀକ୍ଷା ଓ ଆତ୍ମଚିନ୍ତନ ନକରେ, ତେବେ ଆଗାମୀ ଦିନରେ ଓଡ଼ିଶାରେ ଏହା ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେବା ସୁନିଶ୍ଚିତ ମନେହେଉଛି । ଅନ୍ୟପକ୍ଷରେ ଜାତୀୟ ରାଜନୀତିରେ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା କର୍ଣ୍ଣାଟକରେ କ୍ଷମତାସୀନ ବିଜେପି ଧରାଶାୟୀ ହୋଇଥିବାବେଳେ କଂଗ୍ରେସ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିଛି । ୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାରେ ସରକାର ଗଠନ କରିବାକୁ ମ୍ୟାଜିକ୍ ସଂଖ୍ୟା ୧୧୩ ହୋଇଥିବା ସ୍ଥଳେ କଂଗ୍ରେସ ଯଥେଷ୍ଟ ଅଧିକ ୧୩୬ଟି ଆସନ ଦଖଲ କରିଛି । ବିଜେପି ୬୫ ଓ ଜେଡିଏସ୍‌କୁ ୧୯ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଶାସକ ଦଳ ବିଜେପିର ୧୨ଜଣ ମନ୍ତ୍ରୀ ନିର୍ବାଚନରେ ପରାଜିତ ହୋଇଛନ୍ତି । କର୍ଣ୍ଣାଟକରେ ପ୍ରତି ପାଞ୍ଚବର୍ଷରେ ସରକାର ବଦଳିବାର ଯେଉଁ ପରମ୍ପରା ରହିଆସିଛି, ଏଥର ମଧ୍ୟ ତାହାର ପୁନରାବୃତ୍ତି ଘଟିଛି । ରାଜ୍ୟରେ ଏଥର ଝୁଲା ବିଧାନସଭା ହେବ ବୋଲି ଅନେକ ଏକ୍‌ଜିଟ୍ ପୋଲ୍ ଯେଉଁ ପୂର୍ବାନୁମାନ କରିଥିଲେ, ତାହା ଭୁଲ୍ ପ୍ରମାଣିତ ହୋଇଛି । ତେବେ କଂଗ୍ରେସ ନିଜର ନିର୍ବାଚନ ଇସ୍ତାହାରରେ ଦେଇଥିବା 'ଲୋଭନୀୟ ପ୍ରତିଶ୍ରୁତିଗୁଡ଼ିକ କାର୍ଯ୍ୟକାରୀ' କରିବା ତା' ଆଗରେ ବଡ଼ ଆହ୍ୱାନ ରୂପେ ଦେଖାଦେଇଛି ।

# ବିଶ୍ୱର ଅର୍ଦ୍ଧେକ ଅଞ୍ଚଳର ଜଳବାୟୁ ବଦଳିଯିବ !



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ସାରା ବିଶ୍ୱ ଏବେ ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ମୁଖୀନ ହେଉଛି । ଯାହାଫଳରେ ଏକ ବଡଧରଣର ପରିବେଶ ପରିବର୍ତ୍ତନର ଆଶଙ୍କା ସୃଷ୍ଟି କରୁଛି । ଚରମ ହିଟ୍‌ୱେଭ୍, ମରୁଡି, ବନ୍ୟା ଓ ବାତ୍ୟା ସମ୍ଭାବନା ଅଧିକ ତୀବ୍ର ଓ ନିୟମିତ ଘଟଣା ହୋଇଛି । ବିଶ୍ୱ ତାପାୟନବୃଦ୍ଧି ଏହାର ଏକ ମୁଖ୍ୟ ଘଟଣା ବୋଲି କୁହାଯାଉଛି । ଏକ ଆକଳନ ଅନୁସାରେ ଏହି ତାପାୟନ ବୃଦ୍ଧିଯୋଗୁ ତାପମାତ୍ରାରେ ବୃଦ୍ଧି ସହିତ ସ୍ଥାନୀୟ ସ୍ତରରେ ଜଳବାୟୁ ପରିବର୍ତ୍ତନ ହେବାର ଯଥେଷ୍ଟ କାରଣ ରହିଛି । ୨୦୨୧ମସିହା ବେଳକୁ ବିଶ୍ୱର ୩୮-୪୦ପ୍ରତିଶତ ଭୂଭାଗ ବର୍ତ୍ତମାନ ତୁଳାନରେ ଏକ ଭିନ୍ନ ଜଳବାୟୁ ଜୋନ୍‌ରେ ପ୍ରବେଶ କରିଥିବ । ଏବଂ ଆଗକୁ ପୃଥିବୀର ଭୂଭାଗର ପ୍ରାୟ ୫୦ପ୍ରତିଶତ ଅଜଣା ଜଳବାୟୁ କ୍ଷେତ୍ରରେ ରୂପାନ୍ତରିତ ହେବ । ଆକଳନରୁ ଜଣାପଡିଛି ଯେ ବିଶ୍ୱ ତାପନ ହାର ବଢିଚାଲିବ । ଏହା ଦ୍ୱାରା ପୃଥିବୀର ଅଧିକ ଅଞ୍ଚଳ ମରୁଭୂମି ପାଲଟିବ । ସେହିପରି କୃଷିକ୍ଷେତ୍ର ପ୍ରଭାବିତ ହୋଇ ଖାଦ୍ୟ ଉତ୍ପାଦନ ଉପରେ ପ୍ରଭାବ ମଧ୍ୟ ପକାଇବ । ବିଶ୍ୱର ଥଣ୍ଡା ଜୋନରେ ଥିବା ଦେଶଗୁଡିକ ଗରମ ଜୋନ୍‌କୁ ଆସିବା ସହିତ ଗରମ ଜୋନ ଥିବା ଅଞ୍ଚଳଗୁଡିକରେ ଅଧିକ ଗରମ ହେବା ଆଶଙ୍କା କରାଯାଉଛି । ଜଳବାୟୁ ପରିବର୍ତ୍ତନର ଏହି ପ୍ରଭାବ ଆମ ଦେଶରେ ମଧ୍ୟ ପରିଲକ୍ଷିତ ହେଉଛି । ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟ ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା । ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡିଶା । ଏ ପ୍ରସଙ୍ଗରେ ସାମୁଦ୍ରିକ ବିଜ୍ଞାନୀ ପ୍ରଫେସର ପ୍ରତାପ କୁମାର ମହାନ୍ତି କହିଛନ୍ତି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା । ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡ଼ିଶା ଉପକୂଳ ଦେଇ ଯାଇଛି । ନିକଟରେ 'ୟସ୍'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ । ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ । ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି । ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି । ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି ।

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କୁ ଘାରୁଛି । ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଓ ବନ୍ୟା ଡର । ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି । ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଚ୍ଛି । ସେହିପରି ୨୦୧୫ରେ ଭୟଙ୍କର ଭୂ-କମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା । ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ପାଞ୍ଚବର୍ଷ ପୂରିବାକୁ ଯାଉଛି । ସେହି ପ୍ରଳୟର କଥା ମନେପଡିଲେ ଏବେ ବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ନିକଟରେ 'ଫନି' ଭଳି ପ୍ରାକୃତିକ ବାତ୍ୟାର ପ୍ରକୋପକୁ ଆମେ ଅଙ୍ଗେ ନିଭେଇ ସାରିଛୁ । ପ୍ରକୃତିର ଏହି କ୍ରୁର ରୂପ କେତେବେଳେ କିଭଳି ଆକାର ଧାରଣକରିବ ତାହା ଆମ କଳ୍ପନାର ବାହାରେ । ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ । ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ବା ଲଘୁଚାପ ସୃଷ୍ଟିହେଲେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି ।

କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରକାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନଥିଲା, ହେଲେ ଏବର ବିଜ୍ଞାନୀ ପୁଅମାନେ ଭଲଭାବେ ଜାଣିଛନ୍ତି ଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛଥିବ କି ନଥିବ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବନାହିଁ । ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନୀ ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ ।

ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ଆମକୁ ମନେରଖିବାକୁ ହେବ ଯେ, କେବଳ ଆମର ସୁରକ୍ଷା ନୁହେଁ ଉତ୍ତରପିଢିର ସୁରକ୍ଷା ଦାୟିତ୍ୱ ହିଁ ଆମ ଉପରେ ନ୍ୟସ୍ତ । ଏବେ ପୁଣି ମହାମାରୀ କରୋନାର ପ୍ରଭାବ ବିଶ୍ୱତାପାୟନ ଓ ଜଳ ବାୟୁ ପରିବର୍ତ୍ତନ ଉପରେ କି ପ୍ରଭାବ ପକାଇବ ସେ ବିଷୟରେ ଚିନ୍ତା କରିବାର ଅଛି କୁହାଯାଉଛି ଯେ କରେନା ଜନିତ ଲକ୍‌ଡାଉନ୍ ଓ ସଟଡାଉନ୍ ଯୋଗୁଁ ଗଙ୍ଗାନଦୀର ଜଳ ନିର୍ମଳ ଓ ବାୟୁ ଏବଂ ଶବ୍ଦ ପ୍ରଦୂଷଣର ମାତ୍ରା ମଧ୍ୟ ହ୍ରାସ ପାଇଛି ଆଗାମୀ ଦିନରେ ଏହାକି ମୋଡ ନେବ ଓ ପରିବେଶ ଉପରେ କିପରି ପ୍ରଭାବ ପକାଇବ ଓ ତାକୁ ଦେଖିବାକୁ ବାକି ରହିଲା । ଏହି ଜଳବାୟୁ ପରିବର୍ତ୍ତନ ଆମ ଦେଶର ଅର୍ଥନୀତିକୁ ୨୦୨୧ ମସିହାରେ ପ୍ରଭାବିତ କରିଛି । ୨୦୪୦ ମସିହା ବେଳକୁ ଦେଶର ଦାରିଦ୍ର୍ୟ ହାର ୩.୫ପ୍ରତିଶତ ବୃଦ୍ଧି ହୋଇପାରେ ବୋଲି ଏକ ରିପୋର୍ଟରୁ ଜଣାପଡିଛି । ଖାଲି ସେତିକି ନୁହେଁ ବିଂଶ ଶତାବ୍ଦୀ ଆରମ୍ଭରୁ ପୃଥିବୀର ୧୪.୧୭ ପ୍ରତିଶତ ଭୂଭାଗର ଜଳବାୟୁ ପରିବର୍ତ୍ତନ ହୋଇଛି । ଉତ୍ତର ଆମେରିକା, ୟୁରୋପ, ଓସେନିୟାର ସର୍ବାଧିକ ପରିବର୍ତ୍ତନ ହୋଇଛି । ବିଶେଷଜ୍ଞଙ୍କ ମତ ଅନୁସାରେ ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ପତ୍ତନ ଆହୁରି ବଢିବାର ସମ୍ଭାବନା । ଫଳସ୍ୱରୁପ ପ୍ରାକୃତିକ ବିପର୍ଯ୍ୟୟ ବଢି ବଢିଯିବ । ଏଣୁ ଏଦିଗରେ ଅଧିକ ସତର୍କ ଓ ସଚେତନ ରହିବା ଆବଶ୍ୟକ । ଏହା ହିଁ ସମୟର ଆହ୍ୱାନ ।

# ଐତିହାସିକ ରାୟ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,
ମୋ: ୯୪୩୭୯୯୪୩୭୯

ଗତ ୨୦୨୨ ମସିହା ଜୁନ୍ ମାସରେ ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଏମଭିଏ ସରକାରର ପତନ ନେଇ ସୃଷ୍ଟି ହୋଇଥିବା ଗୋଳମାଳିଆ ରାଜନୈତିକ ସ୍ଥିତି ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ କ୍ଷମତାସୀନ ଆପ୍ ସରକାର ଓ ଉପ-ରାଜ୍ୟପାଳଙ୍କ ମଧ୍ୟରେ ଲାଗି ରହିଥିବା କ୍ଷମତା ଲଢେଇ ନେଇ ସୁପ୍ରିମକୋର୍ଟ ପାଞ୍ଚ ଜଣିଆ ସମ୍ବିଧାନିକ ଖଣ୍ଡପୀଠ ଦେଇଥିବା ରାୟ କେବଳ ଐତିହାସିକ ନୁହେଁ, ଭାରତୀୟ ଗଣତାନ୍ତ୍ରିକ ଶାସନ କ୍ଷେତ୍ରରେ ଭବିଷ୍ୟତ ପାଇଁ ଏକ ପଥ ପ୍ରଦର୍ଶକ ବୋଲି ନିଃସନ୍ଦେହରେ କୁହାଯାଇ ପାରିବ । ସାମ୍ବିଧାନିକ ଖଣ୍ଡପୀଠ ମହାରାଷ୍ଟ୍ରରେ ଏବେ କ୍ଷମତାସୀନ ଏକନାଥ ସିନ୍ଧେଙ୍କ ସରକାର କ୍ଷମତାରେ ରହିବ ବୋଲି କହିଥିବାବେଳେ ବିରୋଧୀ ଦଳ କିମ୍ବା ସ୍ୱାଧୀନ ବିଧାୟକଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ଆଗତ ହୋଇନଥିବା ସତ୍ତ୍ୱେ ତତ୍କାଳୀନ ରାଜ୍ୟପାଳ ବିଧାନସଭାରେ ଉଦ୍ଧବଙ୍କ ସରକାରଙ୍କୁ ଆସ୍ଥାୟୀ ଭୋଟ ଲୋଡିବା ପାଇଁ ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ସମ୍ବିଧାନ ବିରୋଧି ବୋଲି ଦର୍ଶାଇଛନ୍ତି । ତେବେ ଆସ୍ଥାଭୋଟ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦରୁ ଠାକରେ ଇସ୍ତଫା ଦେଇଥିବାରୁ ତାଙ୍କ ସରକାରଙ୍କୁ ପୁନର୍ବାର କ୍ଷମତାକୁ ଫେରାଇ ଅଣାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ଯାହାକି ଠାକରେଙ୍କ ଅପରିପକ୍ୱତାର ପରିଚୟ ଦେଇଛି ବୋଲି କହିବାକୁ ହେବ । ସୁପ୍ରିମକୋର୍ଟଙ୍କ ରାୟ ଉଦ୍ଧବ ଗୋଷ୍ଠୀର ନୈତିକ ବିଜୟ ହୋଇଥିବାବେଳେ ସେ ଯେ, ଜଣେ ଅଭିଜ୍ଞ, ପରିପକ୍ୱ ରାଜନେତା ନୁହଁନ୍ତି, ତାଙ୍କର ଆଗୁଆ ଇସ୍ତଫା ଦେବା ସ୍ପଷ୍ଟ ସଂକେତ ପ୍ରଦାନ କରିଛି । ସେହିପରି ରାଜ୍ୟପାଳ ଏକ ସାମ୍ବିଧାନିକ ପଦବୀ ହୋଇଥିବାବେଳେ ଗୋଟିଏ ରାଜନୈତିକ ଦଳର ଆଭ୍ୟନ୍ତରୀଣ କନ୍ଦଳକୁ ବିଧାନସଭାରେ ଆସ୍ଥା ଭୋଟ ଦ୍ୱାରା ସମାଧାନ କରାଯାଇପାରିବ ନାହିଁ । ତେବେ ରାଜ୍ୟପାଳଙ୍କ ଆସ୍ଥା ଭୋଟ ଲୋଡିବା ପାଇଁ ନିର୍ଦ୍ଦେଶ ଦେବା ସମ୍ପୂର୍ଣ୍ଣ ଭୁଲ୍ ବୋଲି କହିଛନ୍ତି । ସେହିପରି ରାଜ୍ୟପାଳଙ୍କ ଦ୍ୱାରା ଉତ୍ପନ୍ନ ପରିସ୍ଥିତି ଯୋଗୁଁ ଉଦ୍ଧବ ସରକାର ପାଇଁ ବାଧ କରିଥିଲା । ସେହିପରି ସମ୍ବିଧାନର ଦଶମ ପରିଚ୍ଛେଦରେ ଦଳ ବିରୋଧ ଆଇନ ଅନୁଯାୟୀ ଦଳବଦଳକାରୀ ୧୬ଜଣ ବିଧାୟକଙ୍କ ସମ୍ପର୍କରେ ନିଷ୍ପତ୍ତି ନେବାରେ ବାଚସ୍ପତିଙ୍କର ନିଷ୍ପତ୍ତି ନେବାରେ ବିଳମ୍ବ ହୁଏ ବୋଲି ଖଣ୍ଡପୀଠ କହିବା ସଙ୍ଗେ ଏହା ଉପରେ ଅଦାଲତ କୌଣସି ନିଷ୍ପତ୍ତି ନନେଇ ବାଚସ୍ପତିଙ୍କ ଉପରେ ଛାଡିଦେଇଛନ୍ତି । ତେବେ ବହିଷ୍କାର ନୋଟିସର ସମ୍ମୁଖୀନ ହୋଇଥିବା ଜଣେ ବାଚସ୍ପତି ନିଷ୍ପତ୍ତି ନେଇପାରିବେ କି ନାହିଁ, ବୃହତ ସାମ୍ବିଧାନିକ ଖଣ୍ଡପୀଠ ଉପରେ ଛାଡି ଦେଇଛନ୍ତି କିନ୍ତୁ ବାଚସ୍ପତିଙ୍କ ନିଷ୍ପତ୍ତି ଅଦାଲତ ସମୀକ୍ଷାର ପରିସର ଭୁକ୍ତ ବୋଲି ଖଣ୍ଡପୀଠ କହିଛନ୍ତି । ଖଣ୍ଡପୀଠ ଆଉ ଏକ ପ୍ରସଙ୍ଗ ଉପରେ ଯେଉଁ ମତ ଦେଇଛନ୍ତି । ତାହା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ହୁଇପ୍ ଜାରି ଏବଂ ନେତା ନିର୍ବାଚନ କେବଳ ଗୋଟିଏ ରାଜନୈତିକ ଦଳ କରିପାରିବେ । ବିଧାୟକ ଦଳ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି । ସୁପ୍ରିମକୋର୍ଟଙ୍କ ରାୟ ଏବେ ସ୍ପଷ୍ଟ ସଂକେତ ପ୍ରଦାନ କରିଛି ଯେ, ଠାକରେ ନିଜର ନୈତିକ ବିଜୟ ଦାବି କରିପାରନ୍ତି । କିନ୍ତୁ ଗଣତନ୍ତ୍ରରେ ସଂଖ୍ୟା ଗରିଷ୍ଠତା ସର୍ବଦା ଗୁରୁତ୍ୱପୂର୍ଣ୍ଣ । ଅନ୍ୟପକ୍ଷରେ କେନ୍ଦ୍ରଶାସିତ ଜାତୀୟ ରାଜଧାନୀ ଦିଲ୍ଲୀରେ ସରକାର ଓ ଉପ ରାଜ୍ୟପାଳଙ୍କ ମଧ୍ୟରେ ଚାଲିଥିବା କ୍ଷମତା ଲଢେଇରେ ନିର୍ବାଚିତ ସରକାର ମୁଖ୍ୟ ଏବଂ ସରକାର ବା ମନ୍ତ୍ରୀମଣ୍ଡଳର ସୁପାରିଶ ଓ ପରାମର୍ଶକୁ ଉପ ରାଜ୍ୟପାଳ ଗ୍ରହଣ କରିବାକୁ ବାଧ ବୋଲି ଖଣ୍ଡପୀଠ ଦେଇଥିବା ରାୟ ଅରବିନ୍ଦ କେଜିରିୱାଲ ସରକାରଙ୍କ ସବୁଠାରୁ ବଡ ବିଜୟ ବୋଲି କୁହାଯିବ । ଯାହାକି କେନ୍ଦ୍ର ସରକାର ପାଇଁ ଶକ୍ତ ଧକ୍କା ବୋଲି କୁହାଯାଇପାରିବ । କହିବା ବାହୁଲ୍ୟ ଯେ, ଦିଲ୍ଲୀ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦା ଏବଂ ବିଧାନସଭା ଗଠନ ପରଠାରୁ ଯେତେ ସବୁ ସରକାରୀ କ୍ଷମତାସୀନ ହୋଇଛନ୍ତି । ତେବେ ଯେପରି ଉପ-ରାଜ୍ୟପାଳ ଏବଂ ସରକାରଙ୍କ ମଧ୍ୟରେ କ୍ଷମତା ଲଢେଇ ଲାଗି ରହିଛି । ପୂର୍ବସରକାରଗୁଡିକ ଅମଳରେ କେବେ ହେଲେ ଦେଖାଯାଇନଥିଲା । ଦିଲ୍ଲୀ ୨୦୧୫ରେ ବିଜେପିକୁ ଧୂଳି ଚଟାଇ ଆପ୍ ସରକାର କ୍ଷମତାସୀନ ହେବା ପରେ କେନ୍ଦ୍ର ସରକାର ଗଭର୍ଣ୍ଣମେଣ୍ଟ ଅଫ ନ୍ୟାସନାଲ ଟେରିଟୋରି ଅଫ ଦିଲ୍ଲୀ(ଜିଏନସିଡିଡି) ଆକ୍ଟର ସଂଶୋଧନ କରି ଉପ-ରାଜ୍ୟପାଳଙ୍କୁ ଅଧିକ କ୍ଷମତା ପ୍ରଦାନ କରିଥିଲେ । ଯାହାକି ଆପ୍ ସରକାରଙ୍କୁ କ୍ଷମତାହୀନ କରାଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କହିଲେ ହୁଏତ ଭୁଲ ହୋଇନପାରେ । ଅଫିସର ଓ କର୍ମଚାରୀ ଦିଲ୍ଲୀ ସରକାରଙ୍କ ଅଧୀନରେ ଏବଂ ଜମିଜମାର, ଆଇନ ଶୃଙ୍ଖଳା କେନ୍ଦ୍ର ସରକାରଙ୍କ ହାତରେ ରହିବ ବୋଲି ଖଣ୍ଡପୀଠ ସ୍ପଷ୍ଟ ରାୟ ଦେଇଥିବାବେଳେ ଉପ-ରାଜ୍ୟପାଳ ସରକାରଙ୍କ ସୁପାରିଶ ଓ ପରାମର୍ଶରେ କାର୍ଯ୍ୟ କରିବାକୁ ରାୟ ଦେଇ ଦେଶର ସଂଘୀୟ ବ୍ୟବସ୍ଥାକୁ ସୁଦୃଢ କରିଛନ୍ତି । ଖଣ୍ଡପୀଠ ମଧ୍ୟ ଯେଉଁ ପ୍ରଶ୍ନ ଉଠାଇଛନ୍ତି ତାହାର ଯଥାର୍ଥତା ରହିଛି । ଅଫିସର ନିଯୁକ୍ତି ଓ ବଦଳି ଯଦି ସରକାରଙ୍କ ହାତରେ ନରହିବ, ତେବେ ସେମାନେ ମାନିବେ ନାହିଁ । ଅଫିସର ଯଦି ଅମାନିଆ ହେବେ, ସରକାର କାର୍ଯ୍ୟ କରିବେ କିପରି ? ନିର୍ବାଚିତ ସରକାର ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ତେଣୁ ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରରେ ସର୍ବେସର୍ବା । ଗଣତନ୍ତ୍ରରେ ନିର୍ବାଚିତ ସରକାର ହେଉଛନ୍ତି ମୁଖ୍ୟ । ଉପ-ରାଜ୍ୟପାଳଙ୍କର ସ୍ୱାଧୀନ ନିଷ୍ପତି ନେବାର କୌଣସି କ୍ଷମତା ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି । କାର୍ଯ୍ୟପାଳିକା ଠାରୁ ବିଧେୟକ ଉଚ୍ଚତର । ଦିଲ୍ଲୀରେ କ୍ଷମତାସୀନ ଆପ ସରକାର ହେଉଛନ୍ତି ମୁଖ୍ୟ । ତେବେ ଜିଏନଟିସିଡି ଆକ୍ଟର ସମ୍ବିଧାନିକ ଖଣ୍ଡପୀଠ ରାୟ ପରେ ଅକାମୀ ହୋଇଯାଇଛି ବୋଲି କୁହାଯିବ ।

# ସ୍ମାର୍ଟସିଟିରେ ବିଡିଏ ଓ ବିଏମ୍‌ସିର ଭୂମିକା

ବୁଦ୍ଧରାମ ସାହୁ
ପ୍ରାକ୍ତନ କାଉନ୍‌ସିଲର୍
ଖାରବେଳ ନଗର, ଭୁବନେଶ୍ୱର

୨୦୧୫ ମସିହାରେ କେନ୍ଦ୍ର ସରକାରଙ୍କ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦେଶର ଶହେଟି ସହରକୁ ସ୍ମାର୍ଟସିଟିରେ ପରିଣତ କରିଥିଲେ । ତା'ମଧ୍ୟରୁ ଭୁବନେଶ୍ୱର ଅନ୍ୟତମ ହୋଇଥିବା ହେତୁ ତାହାକୁ ବିଭିନ୍ନ କିସ୍ତିରେ ଏକ ହଜାର କୋଟି ଅନୁଦାନ ଦିଆଯାଇଥିଲା ଏବଂ ସେଥିରୁ ବିଭିନ୍ନ ପ୍ରକଳ୍ପର ପ୍ରାୟ ଷାଠିଏ ଭାଗ ପ୍ରକଳ୍ପକୁ ପରିବେଶ ଅନୁକୂଳ, ଭିତ୍ତିଭୂମି ବିକାଶ ଓ ଜ୍ଞାନକୌଶଳକୁ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯାଇଥିଲା । ସ୍ମାର୍ଟସିଟି ଗଠନ ପୂର୍ବରୁ ବିଏମ୍‌ସି କର୍ତ୍ତୃପକ୍ଷ ୮୧ଟି ପ୍ରକଳ୍ପର ପ୍ରସ୍ତାବ ଦେଇଥିବା ସ୍ଥଳେ ବିଏସ୍‌ସିଏଲ୍ ମାତ୍ର ୨୮ଟି ପ୍ରକଳ୍ପ ନିର୍ମାଣ ସାରିଥିଲେ ମଧ୍ୟ ସେଥିରୁ ଅର୍ଦ୍ଧାଧିକ ପ୍ରକଳ୍ପ ଲକ୍ଷ୍ୟ ସାଧନ କରିବାରେ ଫଳପ୍ରଦ ହୋଇପାରିନାହିଁ ।

ଭୁବନେଶ୍ୱରକୁ ସ୍ମାର୍ଟସିଟି ମାନ୍ୟତା ଦିଆଯାଇଥିଲେ ମଧ୍ୟ ଏଥିରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ସହରରେ ବସ୍ତି ସମସ୍ୟା । ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ବୃଦ୍ଧି ଯୋଗୁ ଜବରଦଖଲ ବଢ଼ିବା ସଙ୍ଗେ ସଙ୍ଗେ ବସ୍ତି ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଜନସଂଖ୍ୟା ବୃଦ୍ଧି ଯୋଗୁ ରାସ୍ତାଘାଟ, ଗମନାଗମନର ଅସୁବିଧା ସହିତ ଅଧିକାଂଶ ସ୍ଥାନରେ ଟ୍ରାଫିକ୍ ସମସ୍ୟାର ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି । ଇତିମଧ୍ୟରେ ସ୍ମାର୍ଟସିଟିରେ ଜନପଥକୁ ସ୍ମାର୍ଟ ଜନପଥରେ ରୂପାନ୍ତରିତ କରାଯାଇଛି । ଏହି ପ୍ରକଳ୍ପର ଦୁଇଟି ମଲ୍‌ଟିଲେଭଲ୍ କାର୍ ପାର୍କିଂ, ମାର୍କେଟ୍ ବିଲ୍‌ଡିଂ ଓ ଶହୀଦନଗର ଠାରେ କରାଯାଇଥିବା ସ୍ମାର୍ଟଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ପ୍ରଚଳନ କରାଯାଇଛି । ଜନପଥ ଏବଂ ରାଜପଥରେ ଦୋହରା ରାସ୍ତା ନିର୍ମାଣ କରାଯାଇ ସେଥିରେ ଫୁଟପାଥ୍ ବା ଚଲାରାସ୍ତା କରାଯାଇ ତାହାକୁ ସ୍ମାର୍ଟ ଜନପଥରେ ପରିବର୍ତ୍ତନ କରାଯାଇପାରିଛି । ଏଥିସହିତ ମୋ ବସ୍‌ଷ୍ଟପ୍ ନିର୍ମାଣ, ଅତ୍ୟାଧୁନିକ ଟ୍ରାଫିକ୍ ପରିଚାଳନା ପ୍ରକଳ୍ପ, ସେନସରି ପାର୍କ, ସ୍ମାର୍ଟ ପାର୍କ ସହିତ ଶହୀଦ ନଗର ଓ ବାପୁଜୀ ନଗରରେ ପବ୍ଲିକ୍ ସର୍ଭିସ୍ ସେଣ୍ଟର ଇତ୍ୟାଦି ପାଇଁ ପଦକ୍ଷେପ ନିଆଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ସ୍ମାର୍ଟସିଟି ଜନପଥରେ ବି.ଏମ୍.ସି. ବିଲଡିଂ ଏବଂ ଭୁବନେଶ୍ୱର ଅପରେସନ୍ ସେଣ୍ଟର ନିର୍ମାଣ କରାଯାଇପାରିଛି । ଯେଉଁଠି ଭୁବନେଶ୍ୱର ଅପରେସନ୍ ସେଣ୍ଟର ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେଉଥିବା ସ୍ଥଳେ ବିଏମ୍‌ସି ବିଲ୍ଡିଂ ଆଂଶିକ ଭାବେ କାର୍ଯ୍ୟକାରୀ ହେବା ଆରମ୍ଭ କରାଯାଇଛି ।

ରାସ୍ତାରେ ଦୁଷ୍କର୍ମ ପ୍ରତିରୋଧ ପାଇଁ ପାଞ୍ଚକୋଟି ଟଙ୍କା ବ୍ୟୟରେ ସ୍ମାର୍ଟ କିଓସ୍କ ନିର୍ମାଣ ହୋଇଥିଲେ ମଧ୍ୟ ସେଥିରେ ଏମର୍‌ଜେନ୍‌ସି ବଟନ୍ ବ୍ୟବହୃତ ନହୋଇପାରି ଅଚଳ ଅବସ୍ଥାରେ ପଡ଼ିରହିଛି । ସହରର ଅତ୍ୟାଧୁନିକ ଟ୍ରାଫିକ୍ ପରିଚାଳନା ପ୍ରକଳ୍ପର କିଛି ଆଧୁନିକତା ନଥାଇ ତାହା ଯଥା ପୂର୍ବ ତଥା ପରଂ ଭାବେ ପରିଚାଳିତ ହେଉଛି । ବର୍ଷାଦିନେ ଜଳବନ୍ଦୀ ସ୍ମାର୍ଟସିଟିରେ ଭୁବନେଶ୍ୱର ବାସିନ୍ଦାଙ୍କୁ ଅତ୍ୟନ୍ତ ଅସ୍ତବ୍ୟସ୍ତ କରୁଛି । ପ୍ରତିବର୍ଷ ବର୍ଷାଦିନେ ତାହାର ପ୍ରତିକାର କରାଗଲେ ମଧ୍ୟ ତାହା ପରବର୍ତ୍ତୀ ବର୍ଷାଋତୁରେ ବିଲୋପ ହୋଇଯାଇଛି । ଶହୀଦନଗରସ୍ଥିତ ନନ୍ଦନକାନନ କାର୍ଯ୍ୟାଳୟଠାରେ ବହୁତଳ କାର୍ ପାର୍କିଂ ନିର୍ମାଣ ୨୦୧୭ରେ ଆରମ୍ଭ ହୋଇ ୨୦୧୯ରେ ନିର୍ମାଣ ସରିଥିଲେ ମଧ୍ୟ ତାହାକୁ ବହୁଦିନ ପରେ ନିକଟରେ କାର୍ଯ୍ୟକାରୀ ହେବା ଆରମ୍ଭ କରିଛି । ରାଜଧାନୀରେ ୧୯୬୪ ମସିହାରେ ନିର୍ମିତ ପୁରାତନ ରେଳଷ୍ଟେସନ୍‌କୁ ନବୀକରଣ କରାଯାଇ ବିଶ୍ୱସ୍ତରୀୟ ରେଳଷ୍ଟେସନ୍ ଭାବେ ୨୦୦୮ ମସିହାରୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଉକ୍ତ ୯ ମହଲା ବିଶିଷ୍ଟ କୋଠାର ଅଗ୍ରଗତି ତଥା ଅତ୍ୟାଧୁନିକ ରେଳଷ୍ଟେସନ୍‌ର ରୂପରେଖ ବର୍ତ୍ତମାନ ସୁଦ୍ଧା ଲୋକଲୋଚନକୁ ଆସିପାରିନାହିଁ । ଦୀର୍ଘ ପାଞ୍ଚବର୍ଷ ହେଲା ପୁରୁଣା ଏମ୍‌ଏଲ୍‌ଏ କଲୋନୀ ଭଙ୍ଗାଯାଇ ପ୍ରାୟ ୨୦୦୦ ଗଛ କଟା ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବହୁତଳ ବିଶିଷ୍ଟ ଏମ୍‌ଏଲ୍‌ଏ କଲୋନୀର ନିର୍ମାଣର କାର୍ଯ୍ୟକାରିତା ପରିଲକ୍ଷିତ ହେଉନାହିଁ । ଅପରନ୍ତୁ ଚାଳିଶ ଜଣ ବିଧାୟକଙ୍କୁ ସରକାରୀ ଗୃହ ଆବଣ୍ଟନ ହେବା ଦ୍ୱାରା ରାଜଧାନୀରେ ସରକାରୀ ଗୃହର ମଧ୍ୟ ସମସ୍ୟା ଦେଖାଯାଉଛି । ଏଥିସହିତ ପ୍ରଦୂଷଣ ମାତ୍ରା ବଢ଼ିବା ଯୋଗୁ ସହରରେ ଉନ୍ନତ ଜୀବନଧାରଣ କରିବା କଷ୍ଟକର ହୋଇପଡ଼ିଛି । ସ୍ମାର୍ଟ ସିଟିରେ ଯେତିକି ସୁବିଧା ଜନସାଧାରଣଙ୍କର ତାହାଠାରୁ ଅଧିକ ଅସୁବିଧା ମଧ୍ୟ ସେମାନେ ଭୋଗୁଛନ୍ତି । ରାଜଧାନୀ ପ୍ରଥମେ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ମାଷ୍ଟରପ୍ଲାନ୍‌ରେ ନିର୍ମିତ ହୋଇଥିବା ସରକାରୀ ଗୃହରେ ଆମ୍ବ, ପଣସ, ପିଜୁଳି, ଅମୃତଭଣ୍ଡା ଓ ନଡ଼ିଆ ଗଛରେ ପୂର୍ଣ୍ଣ ଥିଲା । ତେଣୁ ଶୀତଳ ପବନର ଅଭାବ ରାଜଧାନୀ ବାସିନ୍ଦା ଅନୁଭବ କରି ପାରୁନଥିଲେ । ରାଜଧାନୀ ଚତୁଃପାର୍ଶ୍ୱରେ ଥିବା ଛୋଟଛୋଟ ପାହାଡ଼ ଧଉଳି, ଖଣ୍ଡଗିରି, ଉଦୟଗିରି, ଶିଖରଚଣ୍ଡୀ ପ୍ରଭୃତିର ପବନ ସହରବାସୀଙ୍କ ତାତିକୁ କେତେକାଂଶରେ ପ୍ରଶମିତ କରୁଥିଲା । କିନ୍ତୁ ବର୍ତ୍ତମାନ ସେ ସ୍ଥାନମାନଙ୍କରେ ନଭଶ୍ଚୁମ୍ବୀ ଅଟ୍ଟାଳିକା ବିଦ୍ୟମାନ । ଶୀତଳ ପବନ ପାଇବା କାଠିକର ପାଠ । ବ[illegible]ମାନ ପରିସ୍ଥିତିରେ ସହରବାସୀ ଅସ୍ୱାସ୍ଥ୍ୟକର ବାୟୁର ଏକ ବିରାଟ ଗୁମ୍ଫାରେ ବସବାସ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ସହରରେ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ ବିଏମ୍‌ସିର ଥିବାସ୍ଥଳେ ଏହାର ସୌନ୍ଦର୍ଯ୍ୟକରଣ ବିଡିଏ ଉପରେ ନ୍ୟସ୍ତ ଥାଏ । ମୁଖ୍ୟଜନପଥରେ ଚଳପ୍ରଚଳର ସୁରକ୍ଷା, କିଓସ୍କ ନିର୍ମାଣ ଓ ଓମ୍‌ଫେଡ୍, ଓପଲଫେଡ୍ ନିର୍ମାଣ କରିବା ବିଡିଏ ଉପରେ ନ୍ୟସ୍ତ କରାଯାଇଛି । ତା'ଛଡ଼ା ବିନା ମଞ୍ଜୁରୀରେ ଗୃହ ନିର୍ମାଣ, ବେଆଇନ ଭାବେ ବସ୍ତି ନିର୍ମାଣ ସହିତ ରାସ୍ତା ଅବରୋଧକୁ ମୁକାବିଲା କରିବା ମଧ୍ୟ ବି.ଡି.ଏ.ର ମୁଖ୍ୟ ଦାୟିତ୍ୱ ।

ରାଜଧାନୀ ପ୍ରତିଷ୍ଠା ପରଠାରୁ ଗାନ୍ଧୀ ପାର୍କ, ବିଜୁ ପଟ୍ଟନାୟକ ପାର୍କ, ଇନ୍ଦିରା ଗାନ୍ଧୀ ପାର୍କ, ଦୀନଦୟାଲ ପାର୍କ, ଇନ୍ଦ୍ରା ପାର୍କ, ନେତାଜୀ ପାର୍କ, ବୁଦ୍ଧ ପାର୍କ, ମହାତ୍ମାଗାନ୍ଧୀ ପାର୍କ ପ୍ରଭୃତି ସତୁରିରୁ ଊର୍ଦ୍ଧ୍ୱ ପାର୍କ ରାଜଧାନୀର ଶୋଭାବର୍ଦ୍ଧନ କରୁଛି । ଆରମ୍ଭରୁ କିଛି ପାର୍କ ବିଏମ୍‌ସି ଅଧୀନରେ ଥିବାସ୍ଥଳେ ବର୍ତ୍ତମାନ ଅଧିକାଂଶ ପାର୍କ ବିଡିଏ ଦ୍ୱାରା ପରିଚାଳିତ ହେଉଛି । କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଯେ, କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପୂର୍ବରୁ ପାର୍କରେ ଥିବା ବଡ଼ବଡ଼ ଗଛ ଝାଉଁଳି ପଡ଼ିଲାଣି । ନୂତନ ବୃକ୍ଷରୋପଣ ପରିବର୍ତ୍ତେ ଅଧିକାଂଶ ପାର୍କରେ ପାଦଚଲା ରାସ୍ତା, ସିମେଣ୍ଟ ନିର୍ମିତ ସ୍ତମ୍ଭ ସହିତ କଂକ୍ରିଟ ଚଟାଣ, ଘାସ ପରିବର୍ତ୍ତେ ନିର୍ମିତ ହେଉଛି । ଅଧିକାଂଶ ପାର୍କରେ ଆବଶ୍ୟକୀୟ ସୁରକ୍ଷାକର୍ମୀଙ୍କ ଅଭାବ ଯୋଗୁ ପାର୍କର ଜିମ୍‌ନାସିୟମ୍, ପିଲାଙ୍କ ଖେଳ ସାମଗ୍ରୀ ଏବଂ ପାର୍କର ସୌନ୍ଦର୍ଯ୍ୟକରଣ ସଠିକ୍ ଭାବେ କରାଯାଇ ପାରୁନାହିଁ । ମୁଖ୍ୟରାସ୍ତାମାନଙ୍କରେ ଶୌଚାଳୟ ନିର୍ମାଣ କରାଯିବା ସହିତ ଖରାଦିନ ପାଇଁ ଜଳଛତ୍ର କରାଯିବା ପାଇଁ ନିହାତି ଜରୁରୀ । ସହରର ଅଧିକାଂଶ ଶୌଚାଳୟ ଭଗ୍ନାବଶେଷ ଅବସ୍ଥାରେ ଥିବା ସହିତ କେତେକ ଶୌଚାଳୟରେ ତାଲା ଝୁଲୁଥିବା ଲକ୍ଷ୍ୟ କରାଯାଉଛି । ଭୁବନେଶ୍ୱରକୁ ମନ୍ଦିରମାଳିନୀ ସହର ଭାବେ ଗ୍ରହଣ କରାଯାଇଥିବା ଯୋଗୁ ଦେଶବିଦେଶରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ଏଥିପାଇଁ ମନ୍ଦିରର ସୁରକ୍ଷା ସହିତ ପର୍ଯ୍ୟଟକମାନଙ୍କର ଯାନବାହାନର ସୁବିଧା, ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ସହିତ ବିଶ୍ରାମ ସ୍ଥଳୀର ଯଥେଷ୍ଟ ଆବଶ୍ୟକତା ରହିଛି । ଜାଗା ମିଶନ୍ ଜରିଆରେ ବସ୍ତିର ଏକଲକ୍ଷ ପଞ୍ଚସ୍ତରି ହଜାର ପରିବାରଙ୍କୁ ଜମି ଅଧିକାର ପ୍ରମାଣପତ୍ର ଦିଆଯାଇ ରାଜ୍ୟର ସାତଶହ ପଚିଶିଟି ବସ୍ତିକୁ 'ବିଜୁ ଆଦର୍ଶ କଲୋନୀ'ରେ ରୂପାନ୍ତରିତ କରାଯାଇ ପାରିଛି । କିନ୍ତୁ ଏପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହିତ ରାସ୍ତା ଲାଇଟ୍ କ୍ଷେତ୍ରରେ ଆଖିଦୃଶିଆ ଅଗ୍ରଗତି ଘଟି ନଥିବାସ୍ଥଳେ ବସ୍ତିର ଶୌଚାଳୟ ଅବସ୍ଥା କାର୍ଯ୍ୟକାରୀ କରା ନଯାଇ ଅସମ୍ପୂର୍ଣ୍ଣ ରହିଛି । ତେଣୁ 'ଜାଗା ମିଶନ୍'ର ସୁଫଳ ବର୍ତ୍ତମାନ ସୁଦ୍ଧା ମିଳି ପାରିନଥିବା ସ୍ଥଳେ ବହୁ ବସ୍ତିବାସିନ୍ଦା ମିଳିଥିବା ଜାଗା ବିଏମ୍‌ସି କର୍ମଚାରୀଙ୍କ ସହାୟତାରେ ବିକ୍ରି କରିଦେବା ଅଥଚ ଭଡ଼ାରେ ଦେବାର ବହୁ ନଜିର ରହିଛି ।


ସହରାଞ୍ଚଳ ପାନୀୟ ଜଳଯୋଗାଣ ବ୍ୟୟବରାଦରେ ପ୍ରତିଘରେ ନଳକୂପ (ଟ୍ୟାପ୍) ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଭୁବନେଶ୍ୱର ସହିତ ୫ଟି ସହରରେ ପ୍ରତି ଘରେ ସଂଯୋଗ କରାଯିବାର ନିଷ୍ପତ୍ତି କରାଯାଇଛି । ଏଥିସହିତ ଡ୍ରିଙ୍କିଙ୍ଗ୍ ଫ୍ରମ୍ ଟ୍ୟାପ୍ ମିଶନ୍ ମାଧ୍ୟମରେ ବିଶୁଦ୍ଧ ଜଳଯୋଗାଣ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇ ୨୦୨୦ରୁ ଆରମ୍ଭ କରାଯାଇଥିଲେ ସୁଦ୍ଧା ଏଯାବତ୍ ସତେଇଶି ପ୍ରତିଶତ ଘରକୁ ତାହା ସଂଯୋଗ କରାଯାଇ ପାରିଛି । ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତି ଅନୁସାରେ ଏହି ଯୋଜନା ଚଳିତ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ନିଷ୍ପତ୍ତି ନେବା ସହିତ ସହରକୁ ଏହି ସମୟ ମଧ୍ୟରେ ବସ୍ତିମୁକ୍ତ ସହର କରାଯିବାର ପ୍ରତିଶୃତି ରଖିଛନ୍ତି । ଏହି ନିଷ୍ପତ୍ତି କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ । ସରକାରୀ ସ୍ତରରେ ମନ୍ଥର ଗତି ଯୋଗୁ କୌଣସି ପ୍ରକଳ୍ପ ସମୟାନୁସାରେ ପ୍ରତିଫଳିତ ନହୋଇ ପଡ଼ି ରହିଛି । ୧୯୯୫ ମସିହାରେ ମ୍ୟୁନିସ୍‌ପାଲ୍ କର୍ପୋରେସନ୍ ଗଢ଼ା ହେଲା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ନୂଆ ଆଖିଦୃଶିଆ ପ୍ରକଳ୍ପ ନିର୍ମାଣ କରାଯାଇ ପାରିନାହିଁ । ଯାହା ବା ହୋଇଛି ତାହା ଏଯାବତ୍ ଭଲ ଭାବରେ କାର୍ଯ୍ୟକାରୀ କରାଯିବା ସମ୍ଭବ ହୋଇପାରିନାହିଁ । କେବଳ ଶହୀଦନଗରର ହାଟକୁ ଭାଙ୍ଗି ସେଠାରେ ମାର୍କେଟ୍ କମ୍ପ୍ଲେକ୍ସ କରାଯାଇ ଭଡ଼ାରେ ଦିଆଯାଇଛି, ତାହା ମଧ୍ୟ ୧୯୯୫ କାଉନ୍‌ସିଲ୍ ନିଷ୍ପତ୍ତି ଅନୁସାରେ । ରାଜଧାନୀ ମୁଖ୍ୟସ୍ଥାନ ମାର୍କେଟ୍ ସାମନା ପେଟ୍ରୋଲ ପମ୍ପ୍ ନିକଟରେ ଏକ ଫଳ ମାର୍କେଟ୍ ଦୁଇ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ହୋଇ ୨୦୧୫ରେ ଉଦ୍‌ଘାଟନ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତାର ଆବଣ୍ଟନରେ ଅବ୍ୟବସ୍ଥା ଯୋଗୁ କାର୍ଯ୍ୟକାରୀ ହୋଇପାରୁନି । ଗୋଟିଏ ଦୋକାନ ମାସକୁ ପଚିଶି ଶହ ଟଙ୍କାରେ ଭଡ଼ାରେ ୭୮ଟି ଦୋକାନୀଙ୍କୁ ଦିଆଯାଇଥିଲା । ଅବ୍ୟବସ୍ଥା ଯୋଗୁ ବିଏମ୍‌ସି ଆଠବର୍ଷ ଭିତରେ ପ୍ରାୟ ଷୋହଳଲକ୍ଷ ଟଙ୍କା ରାଜସ୍ୱ ହରାଇଛି । ଶୁଣାଯାଏ ଯେ, ବିଏମ୍‌ସି କର୍ତ୍ତୃପକ୍ଷଙ୍କ ସମନ୍ୱୟର ଅଭାବ ତଥା ଅଧକ୍ଷଙ୍କ ବାରମ୍ବାର ପରିବର୍ତ୍ତନ ଏହାର ମୁଖ୍ୟ କାରଣ । ଚାରି ନମ୍ବର ହାଟରେ ଥିବା ପଞ୍ଚଦୀପ ମାର୍କେଟ କମ୍ପ୍ଲେକ୍ସ ୧୯୯୯ରୁ ବିଏମ୍‌ସି ସାଧାରଣ ପ୍ରଶାସନ ବିଭାଗଠାରୁ ୩୦ ଲକ୍ଷ ଟଙ୍କା ଜମାକରି ମାଲିକାନା ନେଇଥିଲେ । ଏଥିରେ ଏକାନବେଟି ଦୋକାନ ଗୃହ ଏବଂ ଅଠରଟି ଅଫିସ୍ ଗୃହ ନିର୍ମିତ ହୋଇଥିଲା । ଉକ୍ତ କମ୍ପ୍ଲେକ୍ସ ଉଦ୍‌ଘାଟନ ହୋଇ ସାରିଥିଲେ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନପାରିବାରୁ ପ୍ରତି ମାସରେ ୧୦ଲକ୍ଷ ଭଡ଼ା ଏବଂ କୋଡ଼ିଏ ବର୍ଷ ମଧ୍ୟରେ ଦୁଇକୋଟି ଟଙ୍କା ଭଡ଼ା ନପାଇ ରାଜସ୍ୱ ହରାଇ ଚାଲିଛି । ଅବାଧରେ ରାସ୍ତାକଡ଼ରେ ଛେଳି, ମେଣ୍ଢା କଟାଯିବାରୁ ସହରର ପରିବେଶ ପ୍ରଦୂଷଣ ହେଉଥିବା ଦୃଷ୍ଟିରୁ ଗାଡ଼କଣଠରେ ଅଠରହଜାର ବର୍ଗଫୁଟ ସ୍ଥାନରେ ୮ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ କଂସେଇଖାନା ନିର୍ମାଣ କରାଯାଇ ୨୦୧୨ ମସିହାରୁ ଏଯାବତ୍ ଏହା କାର୍ଯ୍ୟକାରୀ ନହୋଇ ପଡ଼ିରହିଛି । ବର୍ତ୍ତମାନ ସୁଦ୍ଧା ଚାରିନମ୍ବର ହାଟରେ ଅବାଧ ମାଂସକଟା ଚାଲିଛି । ଦୈନିକ ଏକ ହଜାରରୁ ଅଧିକ ରାଜଧାନୀ ମଧ୍ୟରେ ମାଂସକଟାରୁ ବିଏମ୍‌ସି କର୍ତ୍ତୃପକ୍ଷ ଗତ ୬ ବର୍ଷ ଭିତରେ ପ୍ରାୟ ଏକ କୋଟି ଟଙ୍କାର ରାଜସ୍ୱ ହରେଇ ସାରିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ ।

ଭୁବନେଶ୍ୱର ସହରରେ ବିଭିନ୍ନ ହାଟମାନଙ୍କ ସମସ୍ୟା କହିଲେ ନସରେ । ଏକନମ୍ବର ହାଟ, ଚାରି ନମ୍ବର ହାଟ, ଶିରିପୁର ହାଟ ଏବଂ ମାଳିସାହି ହାଟ ସ୍ଥାନ ନେଇକରି ସ୍ୱୀକୃତିପ୍ରାପ୍ତ ବାକି ଅନ୍ୟ ହାଟ, ଯଥା ଇନ୍ଦ୍ରଧନୁ ମାର୍କେଟ ହାଟ, ଭିଏସ୍‌ଏସ୍ ନଗର ହାଟ, ପଳାଶୁଣୀ ହାଟ, କଳ୍ପନା ଏରିଆ ହାଟ, ରବିଟକିଜ୍ ହାଟ ପ୍ରମୁଖଙ୍କ ଭବିଷ୍ୟତ ସ୍ଥିତି ସମ୍ପୂର୍ଣ୍ଣ ଭାବେ ଅସ୍ଥାୟୀ । ଏଭଳି ହାଟମାନଙ୍କରୁ ବିଏମ୍‌ସି କେବଳ ଅସ୍ଥାୟୀ କୁପନ ଦ୍ୱାରା ଟିକସ ଆଦାୟ କରନ୍ତି । ଅଥଚ କୌଣସି ସୁବିଧା ଯୋଗାଇ ନଥାନ୍ତି କିମ୍ବା ନିର୍ମାଣ ପାଇଁ ଅର୍ଥ ଖର୍ଚ୍ଚ କରନ୍ତି ନାହିଁ । ତେଣୁ ସମଗ୍ର ହାଟକୁ ପୁନର୍ଗଠନ କରିବା ସହିତ ସ୍ଥାୟୀ ଜମି ପ୍ରଦାନ କରିବା ନିହାତି ଜରୁରୀ ଯାହା ବିକ୍ରେତାମାନଙ୍କର ଭବିଷ୍ୟତରେ ସ୍ଥାୟିତ୍ୱ ଆସିବ । ଭୁବନେଶ୍ୱର-ପୁରୀ ବାଇପାସ୍ ନିର୍ମାଣ ରାସ୍ତାରେ ଏକ ତିନିମହଲା ବିଶିଷ୍ଟ ନମୁନା ହାଟ ପଚାଶ କୋଟି ବଜେଟ୍‌ରେ ୨୦୨୧ ମସିହାରୁ ଯୋଜନା ହୋଇଥିବା ହାଟର ପ୍ରଥମିକ ପର୍ଯ୍ୟାୟ ପ୍ରକ୍ରିୟା ଶେଷ ହୋଇଥିଲେ ମଧ୍ୟ ପ୍ରୋଜେକ୍ଟ କେବେ ଓ କେଉଁଠି ଆରମ୍ଭ ହେବ ତାର ସୂଚନା ବର୍ତ୍ତମାନ ପର୍ଯ୍ୟନ୍ତ ସେ ଅଞ୍ଚଳବାସୀ ପାଇପାରିନାହାନ୍ତି, ଯାହା ପଳାଶୁଣି ଓ ଝାରପଡ଼ା ହାଟର ବିକଳ୍ପ ଭାବେ ପରିକଳ୍ପନା କରାଯାଇଥିଲା । ଦୀର୍ଘ ତିନିବର୍ଷ ହେଲା ଜାତୀୟ ରାଜପଥରେ ଫୁଟ୍‌ଓଭର ବ୍ରିଜ୍ ପଳାଶୁଣୀ ଛକ, ସତ୍‌ସଙ୍ଗ ବିହାର, କ୍ରାଉନ୍ ହୋଟେଲ ଓ ପାତ୍ରପଡ଼ା ନିକଟରେ ନିର୍ମାଣ କରାଯିବ ବୋଲି ଶିଳାନ୍ୟାସ କରାଯାଇଥିଲେ ସୁଦ୍ଧା ଏଯାବତ୍ ତାହା କାର୍ଯ୍ୟକାରୀ କରାଯାଇ ପାରିନାହିଁ ।

ବିଏମ୍‌ସି କର୍ପୋରେସନ୍‌ର ପୂର୍ବରୁ ରାଜସ୍ୱ ମିଳୁଥିବା ସଂସ୍ଥାକୁ କ୍ରମେ ବନ୍ଦ ହେବାକୁ ବସିଲାଣି । ବିନା ଯୋଜନା ଏବଂ ଦୂରଦୃଷ୍ଟି ଅଭାବରେ ନୂଆପଲ୍ଲୀ କଲ୍ୟାଣ ମଣ୍ଡପକୁ ଦୀର୍ଘ ୧୦ ବର୍ଷ ହେଲା ଭଙ୍ଗାଯାଇ ରାଜସ୍ୱ ହରାଇଲା ସତ କିନ୍ତୁ ବିଏମ୍‌ସି ପାଇଁ କାର୍ଯ୍ୟାଳୟ ନିର୍ମାଣ କରାନଯାଇ ତାହା ନଅ ନମ୍ବରକୁ ସ୍ଥାନାନ୍ତରିତ କରାଗଲା । ଏଥିସହିତ ପୁରୁଣା ଭୁବନେଶ୍ୱରରେ ନିର୍ମିତ ହୋଇଥିବା ଦକ୍ଷିଣଚଣ୍ଡୀ କଲ୍ୟାମଣ୍ଡପକୁ ସ୍ମାର୍ଟ ସିଟି ଗଢ଼ା ହେବା ଯୋଗୁ ଲିଙ୍ଗରାଜ ଥାନାକୁ ଅସ୍ଥାୟୀ ଭାବେ ସେଠାରେ ଅବସ୍ଥାପିତ କରାଗଲା । ଅଥଚ ବର୍ତ୍ତମାନ ସୁଦ୍ଧା ତାହାର ବିକଳ୍ପ କରାଗଲା ନାହିଁ । ଉଭୟ କ୍ଷେତ୍ରରେ ମଧ୍ୟବିତ୍ତ ପରିବାର ସୁବିଧାରୁ ବଞ୍ଚିତ ହେବା ସହିତ କର୍ପୋରେସନ୍ ବହୁଳ ଭାବେ ରାଜସ୍ୱ ହରାଇଲା । ଇତିମଧ୍ୟରେ ମଞ୍ଚେଶ୍ୱର ତଥା ଛଅ ନମ୍ବର ୟୁନିଟ୍‌ର ମ୍ୟୁନିସ୍‌ପାଲିଟି ଅଧୀନରେ ଥିବା କର୍ମଜୀବୀ ମହିଳା ନିବାସକୁ ବନ୍ଦ କରାଯାଇ ସେଠାରେ ଅନ୍ୟ ଏକ ଅଫିସ୍ କାର୍ଯ୍ୟରେ ବ୍ୟବହାର ହେବା କେତେଦୂର ସମିଚୀନ ତାହା କର୍ତ୍ତୃପକ୍ଷ ବିଚାର କରିବା ଉଚିତ୍ । ସ୍ୱଳ୍ପ ଭଡ଼ାରେ ମଧ୍ୟବିତ୍ତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯାତ୍ରୀନିବାସକୁ ବନ୍ଦ କରି ସେଠାରେ ବିଏମ୍‌ସିର ଷ୍ଟୋର କରିଦିଆଗଲା । ଜନସାଧାରଣଙ୍କୁ ଅଳ୍ପଭଡ଼ାରେ ଘର ମିଳିବା ତ ଦୂରର କଥା, ବିଏମ୍‌ସିର ରାଜସ୍ୱ ମିଳିବାର ପଥ ମଧ୍ୟ ବନ୍ଦ ହୋଇଗଲା । ବହୁ ପୁରାତନ ବାପୁଜୀନଗରରେ ଥିବା ଚୌଧୁରୀ ମାର୍କେଟ ଜମିକୁ ପ୍ରଶାସନ ବିଭାଗରୁ କିଣାଯାଇ ମାର୍କେଟ୍ ବିଲଡିଂ ନିର୍ମାଣ କରାଯାଇ ଭଡ଼ା ଦିଆଯାଇଥିଲା । ଇତିମଧ୍ୟରେ ଉକ୍ତ ଚୌଧୁରୀ ମାର୍କେଟକୁ ଭାଙ୍ଗି ହୋଟେଲ କିମ୍ବା ଲଜିଂ କରାଯିବା ପାଇଁ ନିଷ୍ପତ୍ତି କରାଯାଇଛି । ଏଭଳି ପରିସ୍ଥିତିରେ ବିଏମ୍‌ସିର ଆୟକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପୂର୍ବଭଳି ବିଭିନ୍ନ ସ୍ଥାନରେ 'କଲ୍ୟାଣ ମଣ୍ଡପ', ମହିଳାଙ୍କ ପାଇଁ 'କର୍ମଜୀବୀ ମହିଳା ନିବାସ', ସୁଲଭ ମୂଲ୍ୟରେ ରାତ୍ରୀଯାପନ ପାଇଁ 'ଯାତ୍ରୀ ନିବାସ' ପରି ପ୍ରକଳ୍ପ ନିର୍ମାଣ କରାଯିବା ଉଚିତ୍ । ଏହାଦ୍ୱାରା ଜନସାଧାରଣ ସୁଲଭ ମୂଲ୍ୟରେ ବିବାହ, ବ୍ରତ, ବୈଠକ ପ୍ରଭୃତି କରିପାରିବା ସହିତ ରାଜଧାନୀରେ ସ୍ୱଳ୍ପବେତନଭୋଗୀ ମହିଳା କର୍ମଚାରୀମାନେ ଅସ୍ଥାୟୀ ଭାବେ ରହିପାରିବାର ସୁଯୋଗ ପାଇପାରିବେ । ବିଏମ୍‌ସିର ସର୍ବୋଚ୍ଚ କାଉନ୍‌ସିଲ୍ ଏହି ପ୍ରସ୍ତାବମାନଙ୍କୁ ପୁନଃବିଚାର କରି ବିହିତ ପଦକ୍ଷେପ ନେବା ପାଇଁ ଜରୁରୀ ଆବଶ୍ୟକତା ରହିଛି ।

## ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ହଲ୍ଲାବୋଲ୍

# ସହକାରୀ ଯନ୍ତ୍ରୀଙ୍କୁ ତୁରନ୍ତ ବଦଳି ପାଇଁ ଅଡି ବସିଲେ ପଞ୍ଚାୟତ ସମିତି ଅଧ୍ୟକ୍ଷ



ଥୁଆମୂଳ ରାମପୁର/କଳମପୁର, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ପଞ୍ଚାୟତ ସମିତିର କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ବାଞ୍ଛାବଟ ପାଣ୍ଡେଙ୍କ ବଦଳିକୁ ନେଇ ଅନେକ ଚର୍ଚ୍ଚା ଚାଲିଥିଲା। ବଦଳିକୁ ନେଇ ଶାସକ ପ୍ରଶାସକ ମଧ୍ୟରେ ଲାଗିରହିଥିଲା ଅନ୍ତର୍ଦ୍ୱନ୍ଦ୍ୱ। ସୂଚନା ମୁତାବକ ଗତ ଏପ୍ରିଲ ୧୧ ତାରିଖ ପତ୍ର ସଂଖ୍ୟା ୨୨୪୩ରେ ତାଙ୍କୁ ଥୁଆମୂଳ ରାମପୁର ବ୍ଲକ୍‌ରୁ ଅନ୍ୟତ୍ର ବଦଳି ହୋଇଥିବା ବେଳେ, ସେ ଥୁଆମୂଳ ରାମପୁର ବ୍ଲକ୍‌ରୁ ଛାଡି ନଥିଲେ। ଯାହାକୁ ବିଭିନ୍ନ ସ୍ତରରେ ଆଲୋଚନା ସମାଲୋଚନା ଚାଲିଥିଲା। ଥୁଆମୂଳ ରାମପୁର ବ୍ଲକ୍‌ର ନିର୍ବାଚିତ ଜନପ୍ରତିନିଧିମାନଙ୍କ ପ୍ରତି ଅସଦାଚରଣ କରୁଥିବା ବେଳେ ବିଭିନ୍ନ ସମୟରେ ସେମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରିବା ସହିତ କୌଣସି ସହଯୋଗ କରୁନଥିବା ଭଳି ଅଭିଯୋଗ ବ୍ଲକ୍ ପ୍ରଶାସନ ପାଖରେ ଜଣାଇଥିଲେ। ଏପରିକି ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ମଧ୍ୟ ସମ୍ମାନ ଦେଉନଥିବା ବେଳେ ମନମୁଖୀ କାର୍ଯ୍ୟ ଶୈଳୀରେ ଅସନ୍ତୋଷ ପ୍ରକାଶ କରିଛନ୍ତି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ। ହେଲେ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ନେତୃତ୍ୱରେ ଡୁମେରପଦର ସମିତି ସଭ୍ୟ ରାଇଦାସ ନାଏକ, ଗୋପାଳପୁର ସମିତି ସଭ୍ୟା ସଞ୍ଜୁ କୁମାରୀ ନାୟକ, ସିଲେଟ ସମିତି ସଭ୍ୟ ବିପିନ ବିହାରୀ ନାଏକ, ବାଗଡିଆଣି ସମିତି ସଭ୍ୟ ଘାସିରାମ ମାଝୀ ଥୁଆମୂଳ ରାମପୁର ବ୍ଲକ ସରପଞ୍ଚ ସଂଘର ସଭାପତି ବଳଭଦ୍ର ଜାନୀ, କାଣିଗୁମା ସରପଞ୍ଚ ଧ୍ରୁବକାନ୍ତ ମାଝୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ସଭ୍ୟା ଏବଂ ସରପଞ୍ଚମାନେ ଏକତ୍ରିତ ହୋଇ ବିଡିଓ ଶୁଭକାନ୍ତ ନାଏକଙ୍କ ପାଖରେ ଉପସ୍ଥିତ ରହି ତୁରନ୍ତ ଆମ ସମ୍ମୁଖରେ ସହକାରୀ ଯନ୍ତ୍ରୀ ଶ୍ରୀ ପାଣ୍ଡେଙ୍କୁ ତୁରନ୍ତ ଥୁଆମୂଳ ରାମପୁର ବ୍ଲକ ଛାଡିବା ପାଇଁ ନିର୍ଦ୍ଦେଶ ନାମା ଜାରି କରାଯାଉ ବୋଲି ଅଡି ବସିଥିଲେ। ପରେ ବିଡିଓ ଶ୍ରୀ ନାଏକ ଏହି ଦିନ ହିଁ ବ୍ଲକ ଛାଡିବାକୁ ଆଦେଶ ଦେଇଥିବା ସୂଚନା ମିଳିଛି। ଥୁଆମୂଳ ରାମପୁର ବ୍ଲକ୍ ଏକ ଆଦିବାସୀ ଅଧ୍ୟୁଷିତ ବ୍ଲକ୍ ଭାବରେ ପରିଚିତ। ଏହି ଅଞ୍ଚଳର ସାମୂହିକ ବିକାଶ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କାର ଉନ୍ନୟନ ମୂଳକ କାର୍ଯ୍ୟ ଜାରି ରହିଛି। କିନ୍ତୁ ଏସବୁ ଉନ୍ନୟନ କାର୍ଯ୍ୟଗୁଡିକ କାର୍ଯ୍ୟାଳୟ ସ୍ତରରେ ହେବାର ବ୍ୟବସ୍ଥା ରହିଥିବା ବେଳେ ଠିକାଦାର ପୋଷା ନୀତିରେ ନିଜ ଇଚ୍ଛାରେ କାର୍ଯ୍ୟ ବଣ୍ଟନ କରୁଥିଲେ। ହେଲେ ଏସବୁ କାର୍ଯ୍ୟଗୁଡିକରେ ଉଚିତ ତଦାରଖର ଅବହେଳା ରହି ଆସୁଥିବା ଅଭିଯୋଗ ମଧ୍ୟ ରହିଆସୁଛି। ଏପରିକି ସହକାରୀ ଯନ୍ତ୍ରୀ ଶ୍ରୀ ପାଣ୍ଡେ ବ୍ଲକ୍‌ରେ ନିଜର ଆଧିପତ୍ୟ ଜମାଇ ରଖିଥିବା ବେଳେ କାହା ଛତ୍ରଛାୟାରେ ଏଭଳି କରୁଛନ୍ତି ବୋଲି କିଛି ଜନ ପ୍ରତିନିଧି ସମାଲୋଚନା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଥୁଆମୂଳ ରାମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଇଂ ସାଲକୋ ହେମ୍ବ୍ରମ୍‌ଙ୍କୁ ନିଯୁକ୍ତି ମିଳିଥିବା ବେଳେ ଯାହାକୁ ନେଇ ସହକାରୀ ଯନ୍ତ୍ରୀ ଶ୍ରୀ ପାଣ୍ଡେ ଅସନ୍ତୋଷ ଥିବା ଚର୍ଚ୍ଚା ଘନୀଭୂତ ହୋଇଥିଲା। ପରେ କୌଣସି କାରଣ ବଶତଃ ଜିଲ୍ଲା ପ୍ରଶାସନ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ହେମ୍ବ୍ରମଙ୍କୁ ଲାଞ୍ଜିଗଡ଼ ବ୍ଲକ୍‌କୁ କରାଯାଇଥିଲା। ଯାହାକୁ ନେଇ ସାଧରଣରେ ଚର୍ଚ୍ଚା ଜୋର୍ ଧରିଥିଲା। ଅନ୍ୟପଟରେ ୬ ମାସ ହେବ ବ୍ଲକ୍‌ରେ ପଞ୍ଚାୟତ ସମିତି ବୈଠକ ଡାକରା ହୋଇନଥିବା ବେଳେ ଏଥିପାଇଁ ବ୍ଲକ୍ ପ୍ରଶାସନ ହିଁ ଦାୟୀ ବୋଲି ସମିତି ସଭ୍ୟସଭ୍ୟାମାନେ ଅଭିଯୋଗ ଆଣିଥିଲେ।

## ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନ ପକ୍ଷରୁ ଜିଲ୍ଲାସ୍ତରୀୟ ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୈଚାରିକ ସଂଗଠନ ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନ ପକ୍ଷରୁ ୧୩ ତାରିଖ ଶନିବାର ଦିନ ଭବାନୀପାଟଣା ସ୍ଥିତ ଅମଲାଭବନଠାରେ ଉପବିଧି ସଂଶୋଧନ ଓ ନିର୍ବାଚନୀ ମାର୍ଗଦର୍ଶିକା ପ୍ରସ୍ତୁତି ସଂପର୍କିତ ଜିଲ୍ଲାସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଫେଡେରେସନର ପୂର୍ବତନ କାର୍ଯ୍ୟକାରୀ ସଭାପତି ଏସ୍.ସୁଜାତାଙ୍କ ଆବାହକତ୍ୱରେ ଆୟୋଜିତ ଏଇ ସଭାରେ ଜିଲ୍ଲାର ୧୩ଟି ବ୍ଲକ୍, ଦୁଇଟି ଏନ୍ଏସି ଓ ଗୋଟିଏ ମ୍ୟୁନିସିପାଲିଟିରୁ ଶତାଧିକ ସଦସ୍ୟ, ସଦସ୍ୟା ଯୋଗଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ଫେଡେରେସନର ଦୁଇବର୍ଷ ପୂର୍ତ୍ତି ପରେ କମିଟି ଭଙ୍ଗ କରାଯାଇ ନୂତନ କମିଟି ଗଠନ, ନୂତନ କର୍ମକର୍ତ୍ତା ଚୟନ ସହିତ ଉପବିଧିର ବିଭିନ୍ନ ଧାରାରେ ସଂଶୋଧନ ପ୍ରସ୍ତାବ ଆଗତ କରାଯାଇଥିଲା। ସେହିପରି ଖୁବ୍ ଶୀଘ୍ର ନୂତନ କର୍ମକର୍ତ୍ତା ଚୟନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ରାଜ୍ୟର ଅଗ୍ରଣୀ ସଂଗଠନ ଭାବେ ଫେଡେରେସନକୁ ଗଢ଼ି ତୋଳିବାକୁ ଉପବିଧି ସଂଶୋଧନ ଓ ନିର୍ବାଚନୀ ମାର୍ଗଦର୍ଶିକା ପ୍ରସ୍ତୁତି ଅତ୍ୟନ୍ତ ଆବଶ୍ୟକ ବୋଲି ସମସ୍ତ ସଦସ୍ୟ, ସଦସ୍ୟା ସହମତି ପ୍ରକାଶ କରିଥିଲେ। ସେହିପରି କମିଟି ଭଙ୍ଗ ପରେ ନୂତନ କର୍ମକର୍ତ୍ତା ଚୟନ ପାଇଁ ଫେଡେରେସନ ତରଫରୁ ବରିଷ୍ଠ ଉପଦେଷ୍ଟା ପ୍ରେମାନନ୍ଦ ବାଗ, ଯୋଗେଶ୍ୱର ସାଗର, ଗୋବର୍ଦ୍ଧନ ବାଗ, ବିଶ୍ୱନାଥ କର, ଗିରିଜା ବେହେରା, ଆଶିଷରଞ୍ଜନ ନାଏକ, ଋଷିସୂଦନ ଛତ୍ରପାଲ, ଅଞ୍ଜୁ କୁମାର, ଜ୍ୟୋସ୍ନା କୁମାର ପ୍ରମୁଖଙ୍କୁ ସଭା ପରିଚାଳନା, ମନୋନୟନ ଓ ନିର୍ବାଚନ ପରିଚାଳନା ଆଦି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଇ ସଭାରେ ବହୁସଂଖ୍ୟକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଆସନ୍ତା ୨୧ ତାରିଖ ଦିନ ନୂତନ କମିଟି ଗଠନ ପାଇଁ ନିର୍ବାଚନ କମିଟି ତାରିଖ ଘୋଷଣା କରିଥିଲେ।

## ରେଗଡା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପୁଷ୍ପାଲତା ବ୍ଲକ୍ ଟପ୍ପର



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପୁଷ୍ପଲତା କମ୍ପ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ୯୭.୪ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି।

ନିଜ ଚେଷ୍ଟାରେ ପୁଷ୍ପାଲତା କମ୍ପ ଏତେ ଅଧିକ ମାର୍କ ରଖିଥିବାରୁ ଏବେ ଚାରିଆଡେ ତାଙ୍କର ପ୍ରଶଂସା କରାଯାଉଛି।

ପୁଷ୍ପାଲତାଙ୍କ ମା' ବାପାଙ୍କ କହିବା ମୁତାବକ ମୋ ଝିଅ ପାଇଁ ଆମର ସମ୍ମାନ ବଢ଼ିଛି।

ଆମେ ଝିଅର ଏହି ସଫଳତାକୁ ନେଇ ବହୁତ ଖୁସି ବୋଲି କହିଥିଲେ।

## ସରପଞ୍ଚଙ୍କ ନିଆରା ଉଦ୍ୟମ

# ଘରଘର ବୁଲି ବାଣ୍ଟିଲେ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ପଞ୍ଚାୟତରେ ହୋଇଥିବା ଉନ୍ନୟନ ମୂଳକ କାମ ଓ ସରକାରୀ ଅର୍ଥର ବାର୍ଷିକ ବିନିଯୋଗ ହିସାବ ସାଧାରଣ ଜନତାଙ୍କ ସମ୍ମୁଖରେ ଉପସ୍ଥାପନ କରି ଧର୍ମଗଡ଼ ବ୍ଲକ୍ ଧଅରପୁର ପଞ୍ଚାୟତ ସରପଞ୍ଚ ଗୌରୀ ସେଠିଆ ଚର୍ଚ୍ଚାକୁ ଆସିଥିଲେ। ପୁଣି ଆଉ ଏକ ପଦକ୍ଷେପ ନେଇ ଚର୍ଚ୍ଚା ପରିସରକୁ ଆସିଛନ୍ତି। ଶନିବାର ଦିନ ପଞ୍ଚାୟତ ଅଧିନ ବିଭିନ୍ନ ଗ୍ରାମକୁ ଯାଇ ମୃତ ବ୍ୟକ୍ତିଙ୍କ ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ବାଣ୍ଟି ଛନ୍ତି। ସୂଚନା ମତେ ଗ୍ରାମ ପଞ୍ଚାୟତ ଅଧିନ ପାଇକପଡା ଗ୍ରାମର ଚମରେନ ଭଇସାଲଙ୍କ କିଛି ଦିନ ତଳେ ମୃତ୍ୟୁ ହୋଇଥିଲା। ସେହିପରି ପଞ୍ଚାୟତ ଅନ୍ତର୍ଗତ ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ଶନିବାର ଦିନ ସମସ୍ତ ମୃତ ବ୍ୟକ୍ତିଙ୍କ ପରିବାର ପାଖରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନା ସହାୟତା ବଣ୍ଟନ କରିଥିଲେ। ସୂଚନାଯେ ସେ ନିର୍ବାଚିତ ହୋଇ ସରପଞ୍ଚ ଦାୟିତ୍ୱ ଗ୍ରହଣ କରି ଅନେକ ପ୍ରକାର ଉନ୍ନୟନ ମୂଳକ କାମକୁ ଆଗେଇ ନେଇଛନ୍ତି। ଇତି ପୂର୍ବରେ ପଞ୍ଚାୟତ ଅଧୀନ ଅନେକ ଭତ୍ତା ହିତାଧିକାରୀଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ମୃତ୍ୟୁ ବିବରଣୀ ବ୍ଲକକୁ ପହଞ୍ଚି ପାରୁନଥିଲା। ଯାହା ନୂତନ ଭାବେ ଭତ୍ତା ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କ ଭତ୍ତା ପାଇବାରେ ସମ୍ଭବ ହୋଇ ପାରୁନଥିଲା। ସେ ଦାୟିତ୍ୱ ନେବା ପରେ ପ୍ରତ୍ୟେକ ୱାର୍ଡ ମେମ୍ବରଙ୍କ ଜରିଆରେ ସର୍ଭେ କରି ମୃତ୍ୟୁ ବିବରଣୀ ତଥ୍ୟ ଆଦାୟ କରି ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବା ବ୍ୟବସ୍ଥା କରିଥିଲେ। ତାଙ୍କର ଏଭଳି ଉଦ୍ୟମକୁ ପଞ୍ଚାୟତବାସୀ ଭୂରିଭୂରି ପ୍ରଶଂସା କରୁଥିବା ଜଣାପଡେ।

## ମିଶନ ଶକ୍ତି କାଫେ ଗୃହ ଉଦ୍‌ଘାଟିତ




ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ପରିସରରେ ମିଶନ ଶକ୍ତି କାଫେ ଷ୍ଟଲ୍ ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ ଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ନର୍ଲା ବିଡିଓ ବାସନ୍ତୀ ସେଠୀ, ସିଡିପିଓ ନିବାସିନୀ ବିଶ୍ୱାଳ, ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ଲିଲି ଦୀପ, ନମ୍ରତା ସାହୁଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ। ଏହି କାଫେରେ ସ୍ନାକ, ଚା, ଥଣ୍ଡା ପାନୀୟ, ମଧ୍ୟାହ୍ନ ଭୋଜନ ଆଦି ଖାଦ୍ୟ ଓ ପାନୀୟ ଉପଲବ୍ଧ ହେବ। ଏହି ଷ୍ଟଲ୍ ଦ୍ୱାରା ଫେଡରେଶନ ମେମ୍ବରମାନଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ଜଣାଯାଏ। ଏହା ଦ୍ୱାରା ପୁଣି ଏମାନଙ୍କର ଆର୍ଥିକ ମାନଦଣ୍ଡ ସୁଦୃଢ ହେବ ବୋଲି ଆଶା କରାଯାଉଛି।


## କଳାହାଣ୍ଡି ଜିଲ୍ଲାରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ଫଇସଲା ହେଲା ୩୭୨ଟି ମାମଲା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ ଥିବା ସମସ୍ତ ବିଚାରବିଭାଗୀୟ ଅଦାଲତ ଗୁଡିକରେ ଚଳିତ ୨୦୨୩ ବର୍ଷର '୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ' ୧୩ ତାରିଖ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଦିପ୍ତି ରଞ୍ଜନ କାନୁନଗୋ ଓ ସଚିବ ଶୁଭ ଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଜିଲ୍ଲାର ବିଭିନ୍ନ ଅଦାଲତରେ ୭ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୨୧ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ୧୯ଟି ଦେବାନୀ ମକଦ୍ଦମା ଫଇସଲା କରାଯାଇଥିଲା ବେଳେ ବିଚାର ଯୋଗ୍ୟ ୧୫୧ଟି ଫୌଜଦାରୀ ମକଦ୍ଦମା ଫଇସଲା କରାଯାଇଥିଲା ଏବଂ ଦଫା ୧୩୮, ଏନ୍ଆଇ ଏକ୍ଟ କେସେସ୍ ଦୁଇଟି ଫଇସଲା କରାଯାଇ ୩ ଲକ୍ଷ ୫୫ ହଜାର ୬୪୫ଟଙ୍କା ଆଦାୟ କରାଯାଇଥିଲା। ବିବାହ ଜନିତ ମକଦ୍ଦମା ୧୦ ଗୋଟି ଫଇସଲା କରାଯାଇଥିଲା ଓ ୫୬ଟି ରାଜସ୍ୱ ମକଦ୍ଦମା ଫଇସଲା କରାଯାଇ ୧ ଲକ୍ଷ ୧୧ ହଜାର ୬୧୬ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୧୧୭ଟି ପ୍ରାକ୍ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୨୫ ଲକ୍ଷ ୧୬ ହଜାର ୧୫୨ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ଲଳିତ କୁମାର ଦାସ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଳାହାଣ୍ଡି, ଶୁଭଗୌତମ ମିଶ୍ର, ସିନିୟର ସିଭିଲ ଜଜ୍ ରସ୍ମିତା ପାତ୍ର, ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ, ପି.ସୀତା ଲକ୍ଷ୍ମୀ, ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ନିଲୋଫର୍ ପ୍ରମୁଖ ଉପସ୍ଥିତ ରହି ନିଜନିଜ ଅଦାଲତ ପରିଚାଳନା କରିଥିଲେ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣ, କଳାହାଣ୍ଡି ସୂତ୍ରରୁ ପ୍ରକାଶ।

# ଜିଲ୍ଲା ଟପ୍ପର ହେଲେ ୩ ଛାତ୍ରୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ଶୁକ୍ରବାର ଦିନ ପ୍ରକାଶ ପାଇଛି। ପ୍ରକାଶିତ ଫଳ ଅନୁସାରେ କଳାହାଣ୍ଡି ଜିଲ୍ଲାରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୩ ଜଣ ଛାତ୍ରୀ ନିଜ ବିଭାଗରେ ଜିଲ୍ଲା ଟପ୍ପର ହୋଇଛନ୍ତି। ଏଥିରେ ଦଶମ ଶ୍ରେଣୀରେ ଭବାନୀପାଟଣା ହାଇଟେକ୍ ପବ୍ଲିକ ସ୍କୁଲର ଛାତ୍ରୀ ଜିଗିଶା ଭୋଇ ୯୭.୮୭ % ମାର୍କ ରଖି ଜିଲ୍ଲାର ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନରେ ଭବାନୀପାଟଣାର ପ୍ରଗତି କଲେଜର ଛାତ୍ରୀ କ୍ରୀଷ୍ଣା ମଞ୍ଜରୀ ସିଂ ୯୩% ଓ ବାଣିଜ୍ୟରେ ଭବାନୀପାଟଣା ହାଇଟେକ୍ ପବ୍ଲିକ ସ୍କୁଲ୍‌ର ଛାତ୍ରୀ ସରଞ୍ଜିତ କୌର ୯୫.୪% ମାର୍କ ରଖି ଜିଲ୍ଲାରେ ଟପ୍ପର ହୋଇଛନ୍ତି ବୋଲି ଜଣା ପଡିଛି।

# ୭୩ ଶିଶୁଙ୍କ ଜନନୀ ମା' କସ୍ତୁରୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଗମ୍ଭାରୀଗୁଡ଼ା ଯଶୋଦା ଅନାଥ ଆଶ୍ରମ କଥା ଆସିଲେ ପୌରାଣିକ ଯଶୋଦା କଥା ଆପେ ମନେ ପଡ଼ିଯାଏ। ଧର୍ମଗଡ଼ ସହରରୁ ମାତ୍ର କିଛି ଦୂରରେ ଥିବା ଏହି ଅନାଥ ଆଶ୍ରମ ଅବସ୍ଥିତ। ଏହି ଅନାଥ ଆଶ୍ରମ ପ୍ରତିଷ୍ଠାତା ଶ୍ୟାମସୁନ୍ଦର ଜାଲ ଓ ଧର୍ମପତ୍ନୀ କସ୍ତୁରୀ ଜାଲଙ୍କ ଉଦ୍ୟମ ସାରା ରାଜ୍ୟରେ ପ୍ରଶଂସନୀୟ। କସ୍ତୁରୀ ଜାଲ ବୟସ ତାଙ୍କର ପାଖାପାଖି ୫୦ ବର୍ଷ। ତାଙ୍କର ଜନ୍ମିତ ୩ଟି ସନ୍ତାନ ବ୍ୟତୀତ ତାଙ୍କ ପାଖରେ ଅଛନ୍ତି ୭୩ ଜଣ ଶିଶୁ। ବର୍ଷେ ନୁହେଁ ଦୁଇ ବର୍ଷ ନୁହେଁ ଦୀର୍ଘ ୩୫ ବର୍ଷ ହେଲା ଯଶୋଦା ଆଶ୍ରମରେ ରଖି ମା କସ୍ତୁରୀ ନିଜେ ସ୍ନେହ ଓ ମମତା ଦେଇ ଲାଳନ ପାଳନ କରୁଛନ୍ତି। ଅନାଥ ଅବସ୍ଥାରେ ରାସ୍ତା କଡ଼ରେ ପଡିଥିବା କୋମଳମତି ଶିଶୁମାନଙ୍କୁ ସାହାରା ଦେଇ ମା' କସ୍ତୁରୀ ନିଜ ପରିଚୟରେ ସେମାନଙ୍କୁ ବଞ୍ଚିବାର ରାହା ଦେଖାଇଛନ୍ତି। ସେହି ଆଶ୍ରମରେ ରହୁଥିବା ଅନ୍ତେବାସୀମାନେ ଯେତେବେଳେ ସ୍କୁଲ୍‌ରେ ପାଦ ଥାପନ୍ତି ତାଙ୍କ ମାତାଙ୍କ ନାମ କସ୍ତୁରୀ ଜାଲ ଓ ପିତାଙ୍କ ନାମ ଶ୍ୟାମସୁନ୍ଦର ଜାଲ ଉଲ୍ଲେଖ କରିଥାନ୍ତି। ନିଜର ପରିଚୟ ଦେଇ ଏହି ଦମ୍ପତି ୭୩ ଜଣ ଅନ୍ତେବାସୀଙ୍କ ଭବିଷ୍ୟତ ଗଢି ତୋଳିବାରେ ଲାଗି ପଡିଛନ୍ତି। ଶ୍ୟାମସୁନ୍ଦର ନିଜ ସ୍ୱର୍ଗତ ମାତା ଯଶୋଦାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମାତାଙ୍କ ନାମରେ ଏହି ଯଶୋଦା ଅନାଥ ଆଶ୍ରମ କରିଥିଲେ। ଏହି ଆଶ୍ରମରେ ଜାଲ ଦମ୍ପତ୍ତି ଅନାଥ ଶିଶୁ କନ୍ୟା ଓ ପୁତ୍ରଙ୍କୁ ରଖି ନିଜର ସନ୍ତାନ ଭଳି ଲାଳନ ପାଳନ କରୁଛନ୍ତି। ଏପରିକି ଏହି ମୋଟ ୭୩ ଜଣ ଅନ୍ତେବାସୀଙ୍କ ମଧ୍ୟରୁ ବରଗଡ଼ରେ ୩, ଜଣ, ଭୁବନେଶ୍ୱରରେ ୪ ଜଣ, କେସିଙ୍ଗାରେ ଜଣେ, ଜୟପାଟଣାରେ ଦୁଇଜଣ, ପାଠ ପଢୁଥିବା ବେଳେ ୧୭ ଜଣ ପୁଅଙ୍କୁ ବିବାହ କରିଥିବା ବେଳେ ଅନେକ ପିଲାଙ୍କ ପାଇଁ ବୋହୁ ମଧ୍ୟ ଆଣିଛନ୍ତି। ସେହିପରି ୩୯ ଜଣ ଝିଅଙ୍କୁ ନିଜ ହସ୍ତରେ କନ୍ୟାଦାନ କରିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ କିଛି ବର୍ଷ ହେବ ସରକାର ୪୪ ଜଣ ଅନ୍ତେବାସୀଙ୍କୁ ଥଇଥାନ ଦାଇତ୍ୱ ନେଇ ଥିବା ବେଳେ ବାକି ଅନ୍ୟ ଅନ୍ତେବାସୀଙ୍କ ଥଇଥାନ ଦାଇତ୍ୱ ଏହି ଦମ୍ପତି ନେଇଛନ୍ତି। ଅନ୍ୟ ଅନ୍ତେବାସୀଙ୍କ ପାଇଁ ସରକାର ସହଯୋଗର ହାତ ବଢ଼ାଇ ବାକୁ ଏହି ଦମ୍ପତି ସରକାରଙ୍କୁ ଅନୁରୋଧ କରିଛନ୍ତି। ନିଜ ସନ୍ତାନର ସବୁ କଥା ବୁଝିଲା ଭଳି ମା' କସ୍ତୁରୀ ଏହି ଶିଶୁମାନଙ୍କ ଦୈନନ୍ଦୀନ କାମ କରି ବେଶ୍ ଖୁସି ଅନୁଭବ କରନ୍ତି। ଶ୍ୟାମସୁନ୍ଦର କୁଲି ମଜୁରି କରି ଏହି ବଡ ପରିବାର ପୋଷଣ କରୁଥିବା କଥା ଯେତେବେଳେ ଲୋକଲୋଚନକୁ ଆସିଲା, ସେହି ସମୟରେ ଆଶ୍ରମ ଉପରେ ପ୍ରଶାସନର ନଜର ପଡିଲା। ପ୍ରଶାସନର କିଛିଟା ସହଯୋଗ ଓ ଜାଲ ଦମ୍ପତ୍ତିଙ୍କ ସ୍ନେହରେ ଅନ୍ତେବାସୀମାନେ କଷ୍ଟେମଷ୍ଟେ ଚଳୁଥିବା ବେଳେ ଜିଲ୍ଲା ତଥା ଜିଲ୍ଲା ବାହାର କିଛି ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଆଶ୍ରମ ଚାଲିଛି। ଏପରିକି ତତ୍କାଳିନ ସାଂସଦ ଭକ୍ତଚରଣ ଦାସ ଓ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅନୁଦାନ ପାଣ୍ଠିରୁ ଏଠାରେ ପକ୍କା ବାସଗୃହ ସହିତ ପାଚେରୀ ନିର୍ମାଣ କରାଯାଇପାରିଛି। ସାହାଯ୍ୟ, ସହଯୋଗ ଓ ଜାଲ ଦମ୍ପତ୍ତିଙ୍କ ପରିଶ୍ରମରୁ ଯେତିକି ମିଳୁଛି ସେତିକିରେ ଚଳି ଯାଉଛନ୍ତି ସମସ୍ତେ। ଏମିତି କୌଣସି ଜିନିଷ ନାହିଁ ଯେ ସେଥିରୁ ଅନ୍ତେବାସୀମାନେ ବଞ୍ଚିତ ହୋଇଥିବେ। ଚଳିବା ପାଇଁ ଯାହା ଦରକାର ତାହା ଯୋଗଇଛନ୍ତି ଜାଲ ଦମ୍ପତି। ବିଶେଷ କରି କସ୍ତୁରୀ ସେହି ଅନ୍ତେବାସୀଙ୍କୁ ସ୍ନେହର ଡୋରୀରେ ବାନ୍ଧି ଏମିତି ନୈତିକ ଶିକ୍ଷା ଦେଇଛନ୍ତି ଯେ, ସେମାନେ ସେଠାରୁ ଦୂରେଇ ଯିବା କଥା ଭାବି ପାରୁ ନାହାନ୍ତି। ବାପା ମା'ର ସ୍ନେହ ପାଉଥିବା ଅନ୍ତେବାସୀମାନେ ନିଜକୁ କେବେ ହେଲେ ଅନାଥ ବୋଲି ଭାବନ୍ତି ନାହିଁ। ଏହି ଅନ୍ତେବାସୀ ଓ କସ୍ତୁରୀଙ୍କ ମଧ୍ୟରେ ଏକ ନିବିଡ ସର୍ମ୍ପକ ଗଢି ଉଠିଛି। ମା' ହୁଏତ ସ୍ରଷ୍ଟାଙ୍କ ପ୍ରଥମ ସୃଷ୍ଟି। ତା' ନହେଲେ ଏ ଜୀବ ଜଗତ ତିଆରି ହୋଇ ପାରିନଥାନ୍ତି। ମାତୃତ୍ୱ ଲାଭକୁ ନାରୀ ଜନ୍ମର ସାର୍ଥକତା ରୂପେ ଗ୍ରହଣ କରୁଥିବା ବେଳେ ଦେବକୀ ମା'ଙ୍କ ଠାରୁ ଯଶୋଦା ମା' ମଧ୍ୟ କିଛି ଗୁଣରେ କମ ନ ଥିବା ତାର ପ୍ରମାଣର ଉଦାହରଣ ସୃଷ୍ଟି କରିଛନ୍ତି ଯଶୋଦା ଆଶ୍ରମର ଏହି ମା' କସ୍ତୁରୀ। ଉଲ୍ଲେଖନୀୟ ସେବା ପାଇଁ ୨୦୦୭ ମସିହାରେ ତାଙ୍କ ସ୍ୱାମୀ ଓ କସ୍ତୁରୀ ଜାଲଙ୍କୁ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ରାଜ୍ୟ ସ୍ୱୀକୃତି, ୨୦୦୮ ମସିହାରେ ପ୍ରଦ୍ୟୁମ୍ନ ବଳ ସ୍ମାରକି ସମ୍ମାନ, କଳାହାଣ୍ଡି ଉତ୍ସବରେ ଜିଲ୍ଲା ସ୍ତରୀୟ ସମ୍ମାନ, ରାଜ୍ୟ ସ୍ତରୀୟ ଗଡ ଫ୍ରେ ଫିଲିପ୍ସ ବ୍ରେଭେରୀ ଆୱାର୍ଡ, ପାଇଥିବା ବେଳେ ୨୦୧୪ ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ସୋସିଆଲ ସର୍ଭିସ ଡେଭଲପମେଣ୍ଟ ଟ୍ରଷ୍ଟ ଭୁବନେଶ୍ୱର ତରଫରୁ ମଦର ଟେରେସା ସେବା ପୁରସ୍କାର, ମାନବାଧିକାର ମଞ୍ଚ ଭୁବନେଶ୍ୱର ତରଫରୁ ସମ୍ମାନ, ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ, ଡ. ହରେକୃଷ୍ଣ ମହତାବ ସମ୍ମାନ, ଓଡ଼ିଶା ବିକାଶ ସମିତି ତରଫରୁ ପ୍ରବାସୀ ଓଡିଆ ସମ୍ମାନ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଭବାନୀପାଟଣା ତରଫରୁ ସମ୍ମାନ, କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ, ରାଜ୍ୟ କଳା ଓ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଭଳି ଅନ୍ୟ ସଙ୍ଘ ତରଫରୁ ମା' କସ୍ତୁରୀ ଓ ତାଙ୍କ ସ୍ୱାମୀ ଶ୍ୟାମ ସୁନ୍ଦରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଜି ମାତୃ ଦିବସରେ ସେହି ମାତୃସ୍ୱରୂପା କଳିଯୁଗ ଯଶୋଦାଙ୍କୁ 'ଓଡ଼ିଶା ଭାସ୍କର' ନ୍ୟୁଜ ପରିବାର ପକ୍ଷରୁ ଅନେକ ଶୁଭେଚ୍ଛା।




## ରାଶିଫଳ

**ସୋମବାର, ୧୫ ମଇ ୨୦୨୩**



**ମେଷ:** ଆଜି ଅତ୍ୟଧିକ କୌଣସି ବିଷୟକୁ ନେଇ ଆଲୋଚନା କରନ୍ତୁ ନାହିଁ। ଆକସ୍ମିକ ଧନ ଲାଭ ହୋଇପାରେ। ବନ୍ଧୁମାନେ ସନ୍ଧ୍ୟା ସମୟରେ କୌଣସି ଯୋଜନା କରି ପାରନ୍ତି। କାମ କାର୍ଯ୍ୟରେ ସଫଳ ନ ହେବା କାରଣରୁ ମନ ଅଶାନ୍ତି ରହିବ। ପରିବାରର ସୁଖମୟ ରହିବ। ଶତ୍ରୁଙ୍କୁ ହାନି ପହଞ୍ଚାଇବାକୁ ଚେଷ୍ଟା କରି ପାରନ୍ତି।




**ବୃଷ:** କୌଣସି ମହିଳା ସହ ସାକ୍ଷାତ ହୋଇପାରେ। ଯାହା ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ। କୋର୍ଟ କଚେରୀ ମାମଲା ଆଗକୁ ବଢିବ ନାହିଁ। କାମର ଚିନ୍ତା ଆପଣଙ୍କ ମୁଣ୍ଡରେ ରହିବ। ଯେଉଁ କାରଣରୁ ପରିବାର ଓ ବନ୍ଧୁମାନଙ୍କ ପାଇଁ ସମୟ ବାହାର କରି ପାରିବେ ନାହିଁ। ଦାମ୍ପତ୍ୟ ଜୀବନରେ ସୁଖମୟ ପରିସ୍ଥିତି ରହିବ।



**ମିଥୁନ:** ସ୍ଥାୟୀ ସମ୍ପତ୍ତିରୁ ଲାଭଦାୟକ ରହିବ। କାରୋବାରରେ ବୃଦ୍ଧି ହେବ। ରୋଜଗାରରେ ବୃଦ୍ଧି ହେବ। ପାର୍ଟନର ସହଯୋଗ ମିଳିବ। ଅଟକିଥିବା କାର୍ଯ୍ୟ ପୁରା ହେବ। ଆପଣଙ୍କ ଆଦର ସମ୍ମାନ ହେବ। ଆଜି ଆପଣ ରୋମାଞ୍ଚକ କାର୍ଯ୍ୟ କରିବେ। ଅଧିକ ଟଙ୍କା ଖର୍ଚ୍ଚ କରନ୍ତୁ ନାହିଁ।




**କର୍କଟ:** ପ୍ରେମୀ ପ୍ରେମିକାଙ୍କ ସର୍ମ୍ପକରେ ବିବାଦ ଆସିପାରେ। ଯାତ୍ରା ପାଇଁ ସମୟ ଉପଯୁକ୍ତ ନୁହେଁ। ବ୍ୟାପାର କିମ୍ବା ଚାକିରିରେ ଯେତିକି ପରିଶ୍ରମ କରିବେ ସେଥିରେ ସେତିକି ଲାଭ ମିଳିବ। ଜୀବନର ଭରପୁର ଲାଭ ଉଠାନ୍ତୁ। ବନ୍ଧୁର ସାହାର୍ଯ୍ୟ ନିଅନ୍ତୁ। ଯୋଗ କରିବା ଦ୍ୱାରା ଆଧାତ୍ମିକ, ମାନସିକ ଓ ଶାରୀରିକ ରୂପରେ ସୁସ୍ଥ ରଖି ଆପଣଙ୍କ ହୃଦୟ ଓ ମସ୍ତିଷ୍କକୁ ଭଲ ରଖିବେ।




**ସିଂହ:** କାର୍ଯ୍ୟ କ୍ଷେତ୍ରରେ ନୂଆ ଦାୟିତ୍ୱ ମିଳିପାରେ। ସାମାଜିକ କାର୍ଯ୍ୟ କଳାପରେ ଜଡିତ ରହିବେ। କୌଣସି ମହିଳା ମିତ୍ରର ସହଯୋଗ କରି ପାରନ୍ତି। ମାତା ପିତାଙ୍କ ସହ ନିଜର ଖୁସିକୁ ଶେୟାର କରନ୍ତୁ। ସ୍ୱାସ୍ଥ୍ୟ କମଜୋର ରହିବ। କାମରେ ରୁଚି ବଢିବ ନାହିଁ। ବାଣୀରେ ସଂଯମତା ରଖନ୍ତୁ।




**କନ୍ୟା:** ସମାଜ ସେବା କାର୍ଯ୍ୟରେ କାମ କରିବା ପାଇଁ ପ୍ରେରଣା ମିଳିବ। ମାନ ସମ୍ମାନ ମିଳିବ। ପୂର୍ବରୁ କରିଥିବା ପରିଶ୍ରମର ଫଳ ଆଜି ମିଳିବ। ବ୍ୟବସାୟରେ ପରିସ୍ଥିତି ଅନୁକୂଳ ରହିବ। ଭାଗ୍ୟର ସାଥ ମିଳିବ। ନିଜକୁ ନେଇ ଦୁଖୀ ରହିବା ଦ୍ୱାରା କିଛି ବି ହାସଲ ହେବ ନାହିଁ। ପରିବାର ସହିତ ବାଦ ବିବାଦ କରନ୍ତୁ ନାହିଁ। ବ୍ୟାପାରରେ କିଛି ହାନିର ଯୋଗ ଅଛି।



**ତୁଳା:** ମିତ୍ରଙ୍କ ଠାରୁ ସହଯୋଗ ମିଳିବ ନାହିଁ। ଶତ୍ରୁ ପକ୍ଷ ହାବି ରହିବେ। ନ ପଢି କୌଣସି ବି କାଗଜପତ୍ର ଉପରେ ହସ୍ତାକ୍ଷର କରନ୍ତୁ ନାହିଁ। ଘରେ ଚିନ୍ତାର ପରିବେଶ ରହିବ। ଶାରିରୀକ ସମସ୍ୟା ରହିପାରେ। ଖରାପ ସମୟ ଅଛି। ଖର୍ଚ୍ଚ ଉପରେ କାବୁ ରଖିବାକୁ ଚେଷ୍ଟା କରନ୍ତୁ ଓ କେବଳ ଜରୁରୀ ଜିନିଷ ହିଁ କ୍ରୟ କରନ୍ତୁ। ମନୋରଞ୍ଜର ଅବସର ପ୍ରାପ୍ତ ହେବ।



**ବିଛା:** ପରିବାର ସହିତ ସମୟ ବ୍ୟତୀତ କରିବାର ଅବସର ମିଳିବ। ବୟସ୍କ ଲୋକମାନଙ୍କ ପ୍ରେମ ଓ ଆଶୀର୍ବାଦ ମିଳିବ। କୌଣସି ପ୍ରଭାବଶାଳି ବ୍ୟକ୍ତିଙ୍କ ମାର୍ଗଦର୍ଶନ ଓ ସହଯୋଗ ପ୍ରାପ୍ତ ହେବ। ବୁଦ୍ଧିମାନର ସହ ନିବେଶ କରନ୍ତୁ। ସନ୍ତାନ ତରଫରୁ ଶୁଭ ସମାଚାର ମିଳିବ। ନିବେଶ ଇତ୍ୟାଦିରେ ଲାଭ ମିଳିବ। ପ୍ରାପ୍ତ ହୋଇଥିବା ଟଙ୍କା ଆପଣଙ୍କ ଆଶା ଅନୁସାରେ ହେବ ନାହିଁ। ପ୍ରେମରେ ମାମଲାରେ କିଛି ପରିବର୍ତ୍ତନ ନଜର ଆସି ପାରେ।




**ଧନୁ:** କାର୍ଯ୍ୟ କ୍ଷେତ୍ରରେ ଆସୁଥିବା ସମସ୍ତ ବାଧା ଦୂର ହେବ। ପତ୍ନୀ ଓ ପିଲାଙ୍କ ସହିତ ସମସ୍ତ ସମସ୍ୟା ବିଷୟରେ କଥାବାର୍ତ୍ତା କରନ୍ତୁ। ଚାକିରିରେ ଅଧିକାରୀ ବର୍ଗଙ୍କ ଅପେକ୍ଷା କରିବେ। ପୁରୁଣା ରୋଗରୁ ମୁକ୍ତି ପାଇ ପାରିବେ। କୁ ସଂଗତିରୁ ଦୂରେଇ ରୁହନ୍ତୁ। ଫାଲତୁ ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ଭଲ ଜିନିଷକୁ ହିଁ ଗ୍ରହଣ କରନ୍ତୁ। କରଜ ନିଅନ୍ତୁ ନାହିଁ। କୌଣସି ବିବାଦରେ ବିଜୟ ମିଳିବ।



**ମକର:** ଡୁବି ଯାଇ ଥିବା ଟଙ୍କା ମିଳିବାର କମ ସମ୍ଭାବନା ଅଛି। ଭାଗ୍ୟର ସାଥ ମିଳିବ ନାହିଁ। କାହା ସାହିତ ବି ଝଗଡା କରନ୍ତୁ ନାହିଁ। କିନ୍ତୁ ଶତ୍ରୁ ପରାସ୍ତ ହେବେ। ନୂଆ କାର୍ଯ୍ୟ ମିଳିବ। ଭରପୁର ପ୍ରୟାସ ଦ୍ୱାରା ନିଶ୍ଚିତ ରୂପରେ ସଫଳ ହେବେ। ବ୍ୟାପାର ଆପଣ କୌଣସି ଭୁଲ ନିଷ୍ପତି ନେବା ଦ୍ୱାରା ଆପଣଙ୍କୁ ଆର୍ଥିକ କ୍ଷତି ହୋଇପାରେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟର ଚିନ୍ତା ରହିବ। ସବୁଦିନ ବ୍ୟାୟମ କରନ୍ତୁ।



**କୁମ୍ଭ:** କଳା ଓ ସାହିତ୍ୟ କ୍ଷେତ୍ରରେ ରୁଚି ରଖିବେ। ବ୍ୟାପାରରେ ନୂଆ ଯୋଜନା ଦ୍ୱାରା ବ୍ୟାପାର କରିବେ। ମିତ୍ରଙ୍କ ଠାରୁ କିମ୍ବା ଭାଇ ଭଉଣୀଙ୍କଠାରୁ ସହଯୋଗ ମିଳିପାରେ। ଯଦି ଆପଣଙ୍କ ଯୋଜନା ବାହାର ବୁଲିବାର ହୋଇଥାଏ ତେବ ତାହା ବିଫଳ ହୋଇଯିବ। ନିଜର ଆୟ ଉପରେ ଧ୍ୟାନ ଦିଅନ୍ତୁ। ଉତ୍ସାହରେ ବୃଦ୍ଧି ଆସିପାରେ। ପାରିବାରିକ ସୁଖ ଶାନ୍ତି ମିଳିବ।



**ମୀନ:** ନିଜର ମାତା ପିତାଙ୍କୁ ଖୁସି କରିବାରେ ସଫଳ ହେବେ। ଜୀବନସାଥିଙ୍କ ସହିତ ଆରାମଦାୟକ ସାମୀ ବିତାଇବେ। ଘର ଓ ବାହାରରେ ପ୍ରସନ୍ନତା କା ୱାତାୱରଣ ରହିବ। କୌଣସି ବି କାର୍ଯ୍ୟ କରିବା ପୂର୍ବରୁ ତାହା ବିଷୟରେ ବୁଝି ନିଅନ୍ତୁ। ଆବଶ୍ୟକ ଜିନିଷ ହଜି ପାରେ। ଚିନ୍ତାରେ ରହିବେ। ପାରିବ ବ୍ୟବପାରରେ ଲାଭ ମିଳିବ। ବାହାର କାମରେ ସଫଳତା ମିଳିପାରେ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ସରକାରଙ୍କ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ପରିବେଶକୁ ସ୍ୱଚ୍ଛତା ରଖି ୫୫ ଏସଏଚଜିର ୬୦୮ ମହିଳା ଉପକୃତ ହୋଇଛନ୍ତି। ସରପଞ୍ଚ ସାହେଦା ତବସୁମ ପଞ୍ଚାୟତ ମହିଳା ମହାସଂଘର ସଭାନେତ୍ରୀ ଜ୍ୟୋସ୍ନାରାଣୀ ଖୁଣ୍ଟିଆ ଓ ସମ୍ପାଦିକା ସୌଦାମିନୀ ନାୟକଙ୍କ ସହାୟତାରେ ମୋଟ ୬୪ ହଜାର ୨ ଶହ ୪୦ ଟଙ୍କା ମହିଳାମାନଙ୍କୁ ପ୍ରଦାନ କରିଛନ୍ତି।ପ୍ରତି ୱାର୍ଡକୁ ସଫା କରି ଏଥିରୁ ବାହାରୁଥିବା ଅଳିଆ ଆବର୍ଜନାକୁ ନିର୍ମାଣ କରାଯାଇଥିବା ଆବର୍ଜନା କୁଣ୍ଡରେ ପକାଇବା ଦାଇତ୍ୱ ପ୍ରତି ୱାର୍ଡର ଏସଏଚଜି ମହିଳାଙ୍କ ଉପରେ ନ୍ୟସ୍ତ ରହିଥିଲା।ଏଥିପାଇଁ ପଞ୍ଚାୟତର ଜନସଂଖ୍ୟା ହିସାବରେ ସରକାରଙ୍କ ପକ୍ଷରୁ ପ୍ରାପ୍ୟ ଅର୍ଥ ଧାର୍ଯ୍ୟ କରାଯାଇଥିଲା।ସରପଞ୍ଚ ତବସୁମଙ୍କ ପ୍ରୟାସରେ ସମସ୍ତ ମହିଳାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜ ନିଜ ୱାର୍ଡର ସଫେଇ କରିଥିଲେ।ଏଥିରେ ସମିତି ସଭ୍ୟା ସାଗରିକା ତରେଇ,ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲ ମହିଳାମାନଙ୍କୁ ପୂର୍ଣ ସହାୟତା ଯୋଗାଇ ଦେଇଥିଲେ।ସରପଞ୍ଚ ତବସୁମଙ୍କ ତତ୍ୱବଧାନରେ ଉକ୍ତ ପଞ୍ଚାୟତର ସମସ୍ତ ଏସଏଚଜି ମହିଳା ସରକାରୀ ଯୋଜନାର ସଫଳ ରୂପାୟନ କରି ଜିଲ୍ଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

## ବେଧଡକ ମାଟି ଖେରା ଚାଲାଣ

ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ତହସିଲ ଅଧିନସ୍ଥ ବିଳାଶୁଣି ପଞ୍ଚାୟତ ଦେିଜଙ୍ଗ ଗ୍ରାମର ଜଣେ ଜଣାଶୁଣା ମାଟି ମାଫିଆ ନିଜ ଜେସିବି ଓ ଟ୍ରାକ୍ଟର ସହାୟତାରେ ଦୈନିକ ହଜାର ହଜାର ଟଙ୍କାର ମାଟି ବିକ୍ରି କରୁଅଛି। ଯାହା ଫଳରେ ନିଆଳୀ ତହସିଲଦାର ଏହାଉପରେ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଏହା ଫଳରେ ରାଜ୍ୟ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ହେଉଛି। ଉକ୍ତ ଜେସିବି ମାଲିକ ସ୍ଥାନୀୟ କୁଜି ନେତାଙ୍କ ସହାୟତାରେ ଏଭଳି ମାଟି ଖେରା ଚାଲାଣ କରି ନିଜର ପ୍ରଭାବ ବିସ୍ତାର କରୁଛନ୍ତି। ନିଆଳୀ ତହସିଲଦାର ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ବୋମା ନିଷ୍କ୍ରିୟ କଲା ବିଏସ୍ଏଫ୍

ମାଲକାନଗିରି(ଭାସ୍କର ନ୍ୟୁଜ): ଯବାନଙ୍କୁ ଟାର୍ଗେଟ କରି ମାଓବାଦୀମାନେ ଖଞ୍ଜିଥିବା ବୋମାକୁ ବିଏସଏଫ ଟିମ୍ ନିଷ୍କ୍ରିୟ କରିଛି। କାଳିମେଳା ସୁଧାକୋଣ୍ଡା ଅମାପଦର ଜଙ୍ଗଲରେ ମାଓବାଦୀମାନେ ଏହି ବୋମା ଖଞ୍ଜିଥିଲେ। ତେବେ ମେଟାଲ ଡିଟେକ୍ଟରରୁ ସୂଚନା ମିଳିବା ପରେ ଏହି ବୋମାକୁ ନିଷ୍କ୍ରିୟ କରାଯାଇଥିଲା। ଗୋଟିଏ ଗଛ କୋରଡରେ ଥିବା୩ କେଜି ଓଜନର ଷ୍ଟିଲ ଟିଫିନ ବୋମା, ଡିଟୋନେଟରକୁ ନିଷ୍କ୍ରିୟ କରାଯାଇଛି।

### ଠିକା ଶ୍ରମିକଙ୍କ ଆନ୍ଦୋଳନ ଯୋଗୁଁ ମଜୁରି ବୃଦ୍ଧି ନେଇ ତ୍ରିପାକ୍ଷିକ ରାଜିନାମା

## ବାଇପାସ୍ ଛକଠାରେ ବିଶାଳ ଶ୍ରମିକ ସମାବେଶ




କଣିହାଁ, (ଭାସ୍କର ନ୍ୟୁଜ୍): ଏନ୍‌ଟିପିସି କଣିହାଁରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ମଜୁରି ବୃଦ୍ଧି ଓ ଅନ୍ୟାନ୍ୟ ସୁବିଧା ସଂପର୍କିତ ଏକ ତ୍ରିପାକ୍ଷିକ ରାଜିନାମା ଗତ ୧୧ ମଇ ୨୦୨୩ ଗୁରୁବାର ଦିନ ସହକାରୀ ଶ୍ରମ କମିଶନର(କେନ୍ଦ୍ରୀୟ) ଅନୁଗୋଳଙ୍କ ଅଫିସରେ ସ୍ୱାକ୍ଷରିତ ହୋଇଥିଲା। ଏନ୍‌ଟିପିସି କଣିହାଁର ମାନବ ସମ୍ବଳ ବିଭାଗର ସିନିୟର ମ୍ୟାନେଜର ଜିତେନ୍ଦ୍ର କୁମାର, ୟୁପିଏଲ ପ୍ରତିନିଧି ବିଦ୍ୟାନନ୍ଦ ଆଚାର୍ଯ୍ୟଙ୍କ ସାକ୍ଷ୍ୟତାରେ କଣ୍ଟ୍ରାକ୍ଟର ଆସୋସିଏସନର କର୍ମକର୍ତ୍ତା ଶଙ୍କରଲାଲ ଅଗ୍ରୱାଲା, ବିଦ୍ୟାଧର କୁମାର, ଅଜୟ କୁମାର କର, ବିମଳ ହୋତା, ଦୁଷ୍ମନ୍ତ କୁମାର ସାହୁ ଏବଂ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ(ଏନ୍.ଟି.ପି.ସି.) ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଏନ୍.ଟି.ପି.ସି. ମଜଦୁର ସଭାର ସାଧାରଣ ସମ୍ପାଦକ ଅରେନ କୁମାର ପାଣି ଓ ସହକାରୀ ଶ୍ରମ କମିଶନର ଶ୍ରୀ ରାଜେଶ କୁମାର ଗୁପ୍ତା ଏହି ତ୍ରିପାକ୍ଷିକ ରାଜିନାମାରେ ସ୍ୱାକ୍ଷର କରିଥିଲେ। ଏହି ତ୍ରିପାକ୍ଷିକ ରାଜିନାମା ଅନୁସାରେ ଏନ୍.ଟି.ପି.ସି. କଣିହାଁର ମେଣ୍ଟେନାନ୍ସ ଠିକା ଶ୍ରମିକଙ୍କୁ କେନ୍ଦ୍ରୀୟ ସର୍ବନିମ୍ନ ମଜୁରୀ ସହିତ ଦୈନିକ ୫୦ ଟଙ୍କା ଅତିରିକ୍ତ ମଜୁରି, କଣ୍ଟିଜେଣ୍ଟ କେନ୍ଦ୍ରୀୟ ସର୍ବନିମ୍ନ ମଜୁରି ସହିତ ଦୈନିକ ୨୫ ଟଙ୍କା ଅତିରିକ୍ତ ମଜୁରି ୧ ଜୁଲାଇ ୨୦୨୩ ଠାରୁ ମିଳିବ ଏବଂ ୬୦ ବର୍ଷ ପରେ ଅବସର ନେବାକୁ ଥିବା ଠିକା ଶ୍ରମିକଙ୍କ ଅବସର କାଳୀନ ଆର୍ଥିକ ସହାୟତା ନିମନ୍ତେ ୟୁନିୟନ ସହ ପରାମର୍ଶ କରି ୬ ମାସ ମଧ୍ୟରେ ଏକ ସ୍କିମ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଦିନ ସଂଧ୍ୟା ୬ ଘଟିକା ସମୟରେ ଏ.ଆଇ.ୟୁ.ଟି.ୟୁ.ସି ଓ ଏ.ଆ.ଇ.ପି.ଏ'. ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ(ଏନ୍.ଟି.ପି.ସି.) ପକ୍ଷରୁ ଏନ୍.ଟି.ପି.ସି ବାଇପାସ ଛକ ଠାରେ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ୟୁନିୟନର ସଭାପତି ତଥା ଏ.ଆଇ.ୟୁ.ଟି.ୟୁ.ସି ଓଡିଶା ରାଜ୍ୟ ସମ୍ପାଦକ ଜୟସେନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୟୁନିୟନର ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଟୁନା ନାଏକ, କାର୍ଯ୍ୟକାରୀ କମିଟି ସଭ୍ୟ ଗନ୍ଧର୍ବ ନାଏକ, ସିଙ୍ଗେଶ୍ୱର ସାହୁ, ସୁନିଆଁ ନାଏକ, ସୁରେଶ ବେହେରା, ଅଭୟ ନାଏକ, ନରେଶ ପ୍ରଧାନ, କାଳନ୍ଦି ନାଏକ, ଶଙ୍କର ମାରାଣ୍ଡି, ନିଳାମ୍ବର ତିରିଆ, ବିରେନ୍ଦ୍ର ନାଏକ, ପ୍ରକାଶ ଗୋଛାୟତ, ଅନିଲ ନାଏକ, ଗୋବିନ୍ଦ ଭୁତିଆ, ଦଶରଥ ହେମ୍ବ୍ରମ, ସନ୍ତୋଷ ସାହୁ ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରି ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ(ଏନ୍‌ଟିପିସି) ପରିଚାଳନାରେ ଏନ୍‌ଟିପିସି ଠିକା ଶ୍ରମିକଙ୍କ ସଚେତନ, ସଂଗଠିତ ଲଗାତାର ଐକ୍ୟବଦ୍ଧ ଆନ୍ଦୋଳନ ଯୋଗୁଁ ଏହି ମଜୁରି ବୃଦ୍ଧି ଘଟିଲା ବୋଲି ମତବ୍ୟକ୍ତ କରିଥିଲେ। ଶ୍ରମିକମାନଙ୍କ ଅନ୍ୟାନ୍ୟ ଜ୍ୱଳନ୍ତ ସମସ୍ୟା ସମାଧାନ ପାଇଁ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ(ଏନ୍.ଟି.ପି.ସି.)କୁ ଶକ୍ତିଶାଳୀ କରିବା ସଙ୍ଗେ ସଙ୍ଗେ ସମସ୍ତ ଶ୍ରମିକ କର୍ମଚାରୀ ସଚେତନ ସଂଗ୍ରାମ ଗଢିତୋଳିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏ.ଆଇ.ୟୁ.ଟି.ୟୁ.ସିର ପୂର୍ବତନ ସର୍ବ ଭାରତୀୟ ସଭାପତି ତଥା ଏ ଯୁଗର ଅଗ୍ରଣୀ ମାର୍କ୍ସବାଦୀ ଚିନ୍ତାନାୟକ ଶିବଦାସ ଘୋଷଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ କଲିକତାସ୍ଥ ବ୍ରିଗେଡ ଗ୍ରାଉଣ୍ଡ ଠାରେ ଅନୁଷ୍ଠିତ ହେବାକୁ ଥିବା ବିଶାଳ ଜନ ସମାବେଶରେ ଏନ୍.ଟି.ପି.ସି. କଣିହାଁର ଶ୍ରମିକମାନେ ଯୋଗ ଦେବା ପାଇଁ ଘୋଷଣା ହୋଇଥିଲା।

## ଦଧିବାମନ ଜିଉଙ୍କ ଚନ୍ଦନ ଯାତ୍ରା ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଂଚାୟତ କୋଇଲୋସ୍ଥିତ ପ୍ରସିଦ୍ଧ ଶ୍ରୀ ଶ୍ରୀ ଦଧିବାମନ ଜୀୟୁଙ୍କ ଚନ୍ଦନ ଯାତ୍ରା ଉଦଯାପିତ ହୋଇଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ପ୍ରତିବର୍ଷ ଏହି ଚନ୍ଦନ ଯାତ୍ରା ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ୨୨ ଦିନ ବ୍ୟାପି ଅନୁଷ୍ଠିତ ହୋଇଥାଏ। ଏହି ଚନ୍ଦନଯାତ୍ରା ଓଡିଶାର ଏକ ନିଆରା ଚନ୍ଦନ ଯାତ୍ରା ଅଟେ। ପୁରୀ ଜଗନ୍ନାଥ ମନ୍ଦିର ରୀତି ନୀତି ଅନୁଯାଇ ଏହି ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା ବେଳେ ଓଡିଶାର ପ୍ରାୟ ପ୍ରତି ଦେବା ଦେବୀଙ୍କ ମନ୍ଦିରରେ ଏହି ଚନ୍ଦନ ଯାତ୍ରା ୨୧ ଦିନ ଅନୁଷ୍ଠିତ ହୋଇଥାଏ। ମାତ୍ର ଅସୁରେଶ୍ୱର ଦଧିବାମନ ଜୀୟୁଙ୍କ ଚନ୍ଦନ ଯାତ୍ରା ୨୨ ଦିନ ହୋଇଥାଏ। ବାହାରେ ଭଉଁରୀ ଯାତ୍ରା ବା ଚନ୍ଦନ ଯାତ୍ରା ୨୧ ଦିନ ହୋଇଥିଲାବେଳେ ମନ୍ଦିର ଭିତରରେ ଗୋଟିଏ ଦିନ ହୋଇଥାଏ। ଏହି ଚନ୍ଦନ ଯାତ୍ରାରେ ମହାପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ଜୀୟୁ ଚନ୍ଦନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏହା ପରେ ସନ୍ଧ୍ୟାରେ ଦଧିବାମନ ଜୀୟୁ ମନ୍ଦିରରୁ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ଜୀୟୁଙ୍କ ଚଳନ୍ତି ପ୍ରତିମା ରୂପେ ଶ୍ରୀ ଶ୍ରୀ ମଦନମୋହନ ଓ ଜଗତ ଜନନୀ ମା ଲକ୍ଷ୍ମୀ ଠାକୁରାଣୀ ସୁସଜ୍ଜିତ ମଣି ବିମାନରେ ଖୋଲ କିର୍ତନ ମହାପଟୁ ଆରାରେ ଚନ୍ଦନ ପୁଷ୍କରିଣୀରେ ପହଂଚିଥାନ୍ତି। ନୀତିକ୍ରାନ୍ତି ହେବା ପରେ ସୁସଜ୍ଜିତ ନୌକାରେ ବସି ଭଉଁରୀ ଯାତ୍ରାକରିଥାନ୍ତି। ଚନ୍ଦନ ଯାତ୍ରା ଏଠାରେ ଏକ ନିଆରା ପରମ୍ପରା ଅଟେ। ଯାହାକି ଅନ୍ୟ କୌଣସି ଚନ୍ଦନ ଯାତ୍ରାରେ ଦେଖିବାକୁ ମିଳିନଥାଏ। ତାହା ହେଲା ନୌକାରେ ପ୍ରଭୁଙ୍କ ମାନବୀୟ ଲୀଳାର ଭଜନ ଗାନ କରାଯାଇଥାଏ। ଚନ୍ଦନ ଯାତ୍ରାର ଶେଷ ଦିନ ପ୍ରଭୁଙ୍କ ଦର୍ଶନ ନିମନ୍ତେ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏହି ଅବସରରେ ସ୍ଥାନୀୟ ଅଂଚଳର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ଶ୍ରଦ୍ଧାଳୁ ଭକ୍ତଙ୍କୁ ଲସୀ ସର୍ବତ ଓ ମନ୍ଦିର ପରିଚାଳନା କମିଟି ତରଫରୁ ଦହି ପଖାଳ ବଂଟନ କରାଯାଇଥିଲା।

## ବିଜୁ ଛାତ୍ର ଜନତାଦଳ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପରିଲକ୍ଷିତ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ବିଜୁ ଛାତ୍ର ଜନତା ଦଳ, ଟାଉନ ଶାଖା ପକ୍ଷରୁ 'ଓଡ଼ିଶା ମୋ ପରିବାର' ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ରକ୍ତଭଣ୍ଡାର ପରିସରରେ ଆୟୋଜିତ ଶିବିରକୁ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତାଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ସମସ୍ତଙ୍କ ସହଯୋଗରେ ସମ୍ପ୍ରତି ବାଲେଶ୍ୱରରେ ରକ୍ତର ଅଭାବ ପୂରଣ ହୋଇପାରୁଛି ବୋଲି ସେ କହିଥିଲେ। ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ନିୟମିତ ଏହିଭଳି ଶିବିର ଆୟୋଜନ ପାଇଁ ବିଜୁ ଛାତ୍ର ଜନତା ଦଳ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ସିମନ ଦାସମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ପୂର୍ବତନ ପୌରପାଳ ଆଲୋକ ସାହୁ, ଯୁବ ସଂଗଠକ ସାହିରୁଲ ହକ, ଶ୍ରମିକନେତା ଶାନ୍ତନୁ ଦାସ, ବିଜେଡି କୃଷକ ସେଲ ସଭାପତି ଅଜୟ ସାମଲ, ଯୁବନେତା ଲିପୁ ମିଶ୍ର, ନାରୀନେତ୍ରୀ ମିନତୀ ସେଠୀ ଓ ଆଶ୍ରିତା ତରେଇ, ଛାତ୍ର ନେତା ଚିନ୍ମୟ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସଂଯୋଜକ ଓମପ୍ରକାଶ ମହାପାତ୍ରଙ୍କ ସମେତ ବିଜୁ ଛାତ୍ର ଜନତା ଦଳର ରାହୁଲ ନାୟକ ଓ ଅମିତ ମହାନ୍ତି ପ୍ରମୁଖ ଏହି ଶିବିର ପରିଚାଳନା କରିଥିଲେ। ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିର ଶେଷ ସୁଦ୍ଧା ୫୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଛାତ୍ରନେତା ଜାକବ ସିଂ, ମୋନାଲିସା ମହାନ୍ତି, ଶୁଭମ ନାୟକ, ଦିଲୀପ ମହାଳିକ, ଗଜେନ୍ଦ୍ର ନାୟକ, ସୁନୀଲ ଓଝା ପ୍ରମୁଖ ଶିବର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ତାଳଚେର ଜଗନ୍ନାଥ ମନ୍ଦିରରେ ଚନ୍ଦନଯାତ୍ରା



ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେର ସ୍ଥିତ ବହୁପୁରାତନ ଜଗନ୍ନାଥ ମନ୍ଦିରରେ ଅକ୍ଷୟ ତୃତୀୟ ଠାରୁ ଚନ୍ଦନଯାତ୍ରା ଆରମ୍ଭ ହୋଇ ଚନ୍ଦନଚାପରେ ସମାପ୍ତ ହୋଇଥାଏ। ଏହି ଅବସରରେ ପ୍ରତ୍ୟେକ ଦିନ ମନ୍ଦିରରୁ ମୋଦନମୋହନ ବିଗ୍ରହ ଏକ ପଟ୍ଟୁଆରରେ ବାହାରି ଭକ୍ତମାନଙ୍କ ଗହଣରେ ବ୍ରାହ୍ମଣୀ ନଦୀକୂଳକୁ ଯାଇ ବିଗ୍ରହଙ୍କ ଦେହରେ ଚନ୍ଦନ ଲେପ ଲଗାଇ ପୂଜାର୍ଚ୍ଚନା କରାଯାଇଥାଏ। ଶେଷ ଦିନରେ ମୋଦନମୋହନ ମନ୍ଦିରରୁ ପ୍ରଭୂ ଓ ରାଣୀ ମନ୍ଦିର ରାଧାକୃଷ୍ଣଙ୍କ ସହିତ ଏକ ପଟ୍ଟୁଆରରେ ସଂକିର୍ତନ ଓ ଭକ୍ତଙ୍କ ଗହଣରେ ଜଗନ୍ନାଥ ମନ୍ଦିରରୁ ବାହାରି ମୋଦନମୋହନ ମନ୍ଦିରରେ ପଂହଚିଥାନ୍ତି। ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ପୁନଃ ଜଗନ୍ନାଥ ମନ୍ଦିରକୁ ସେହି ଶୋଭାଯାତ୍ରା ଆସି ପୂଜା ପାଇଥାନ୍ତି। ରାଜାଙ୍କ ପୁରୋହିତ ଓ ମନ୍ଦିର ପୂଜକ ବିଧିବିଧାନର ସହ ଠାକୁରଙ୍କୁ ଚାପ ଖେଳାଇବା ସହ ଅକ୍ଷୟ ତୃତୀୟ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ରୀତିନୀତି ଅନୁସାରେ ପୂଜାପାଠ କରିଥାନ୍ତି। ଏହାକୁ ଦେଖିବାକୁ ଭକ୍ତଙ୍କର ସୁଅ ଛୁଟିଥାଏ ଓ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ।

## ମୁଣ୍ଡୁଳି କେନ୍ଦ୍ରୀୟ ବିଦ୍ୟାଳୟ ଟପ୍ପର ହେଲେ ସ୍ୱୟଂଶ୍ରୀ

ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ୍): କଠିନ ପରିଶ୍ରମ ଓ ଦୃଢ ଇଚ୍ଛା ଶକ୍ତି ଆଗରେ ପରିସ୍ଥିତି ହାର ମାନିବା ସହିତ ସଫଳତା ମିଳିଥାଏ ବୋଲି ସ୍ପଷ୍ଟ ପ୍ରମାଣିତ କରିଛନ୍ତି କଟକ ଜିଲ୍ଲା ନାରାଜ ମୁଣ୍ଡୁଳି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ସ୍ୱୟଂଶ୍ରୀ ପଣ୍ଡା। ସିବିଏସଇ ଦଶମ ପରୀକ୍ଷାରେ ୯୫.୬% ମାର୍କ ରଖି ଉତ୍ତୀର୍ଣ୍ଣ ହେବା ସହ ମୁଣ୍ଡୁଳିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଶୀର୍ଷ ସ୍ଥାନରେ ରହିଛନ୍ତି ଯାହାକୁ ନେଇ ପରିବାର ଓ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳି ଯାଇଛି।ଏଥିସହ ସ୍ୱୟଂଶ୍ରୀଙ୍କ ପାଖକୁ ବିଭିନ୍ନ ବୁଦ୍ଧିଜୀବୀ ମାନେ ଶୁଭେଚ୍ଛା ଜଣାଇବା ପାଇଁ ଆସୁଥିବା ଦେଖିବାକୁ ମିଳିଛି। ଏହି ସଫଳତା ପଛରେ ତାଙ୍କର ସ୍କୁଲର ସମସ୍ତ ଶିକ୍ଷକ, ବାପା ମା, ଅଜା ଆଇଙ୍କ ପ୍ରେରଣା ରହିଛି ବୋଲି ପ୍ରକାଶ କରିଛନ୍ତି। ଆଗକୁ ସେ ଆହୁରି କଠିନ ପରିଶ୍ରମ କରି ଜଣେ ସଫଳ ମହାକାଶ ବିଜ୍ଞାନୀ ହେବେ ବୋଲି ଆଶା ରଖିଛନ୍ତି। ଝିଅ ର ସଫଳତା ପାଇଁ ବାପା ମା, ଅଜା, ଆଇ, ଓ ପରିବାର ଲୋକେ ବହୁ ଖୁସି ଥିବା ପ୍ରକାଶ କରିଛନ୍ତି।

## ପ୍ରାଣୀ ବିଜ୍ଞାନ ବିଭାଗ ଶେଷବର୍ଷ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ପ୍ରକୋଷ୍ଠରେ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅଧ୍ୟକ୍ଷ ପ୍ରଫେସର ଡଃ ଭାଗୀରଥି ଜେନା ସଭାପତିତ୍ୱ କରିଥିବାବେଳେ ପାଠଚକ୍ରର ସମ୍ପାଦକ ଆର୍ତ୍ତତ୍ରାଣ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଭାଗୀୟ ମୁଖ୍ୟ ଡଃ ସତ୍ୟନାରାୟଣ ସାହୁ ଏହି ଉତ୍ସବକୁ ବିଦ୍ୟାୟ କାଳୀନ ଉତ୍ସବ ପରିବର୍ତ୍ତେ ଆଶିର୍ବାଦର ଉତ୍ସବ ବୋଲି ବର୍ଣ୍ଣନା କରିଥିଲେ। ଛାତ୍ର ଛାତ୍ରୀ ମାନେ ସମାଜରେ ଏକ ଭଲ ମଣିଷ ହେବା ସହ ବିଗତ ୩ ବର୍ଷ ଧରି ଲଗାତର ଶ୍ରେଷ୍ଠ ସ୍ନାତକ ପାଉଥିବା ବିଭାଗକୁ ଆହୁରି ଆଗକୁ ନେବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅଶିର୍ବାଦ ଦେଇଥିଲେ। ସଭାପତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଜେନା ବିଭାଗର ସଫଳତା ପାଇଁ ନିଜେ ଗର୍ବିତ ବୋଲି କହିବା ସଙ୍ଗେ ସଙ୍ଗେ ବିଭାଗୀୟ ମୁଖ୍ୟ ଡଃ ସାହୁ ଓ ଅଧ୍ୟାପିକା ଡଃ ପ୍ରିୟଦର୍ଶିନୀ ଲେଙ୍କାଙ୍କ କର୍ତ୍ତବ୍ୟ ପରାୟଣତା ଓ ସ୍ୱତନ୍ତ୍ର ଧ୍ୟାନକୁ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଅତୁଲ୍ୟ ପାତ୍ର, ଛାତ୍ରୀ ପ୍ରିୟଙ୍କା ଦାସ, ସସ୍ମିତା ରାଉତ, ଶୁଭସ୍ମିତା ସାହୁ, ପ୍ରଥମ ବର୍ଷ ଛାତ୍ରୀ ଉନିହାନୀ , ଛାତ୍ର ପ୍ରିୟାଂଶୁ ମଲ୍ଲିକ, ସର୍ଫରାଜ ତୃତୀୟ ବର୍ଷର ଛାତ୍ର ଛାତ୍ରୀ ମାନଙ୍କୁ ଶୁଭକାମନା କରି ବକ୍ତବ୍ୟ ରଖିଥିଲେ। ତୃତୀୟ ବର୍ଷର ଛାତ୍ର ସତ୍ୟଜିତ ସିଂହ, ସତ୍ୟପ୍ରଜ୍ଞ ବେଉରା, ଛାତ୍ରୀ ସିମରନ୍ ପ୍ରଧାନ, ପ୍ରିୟମ୍ୱଦା ସ୍ୱାଇଁ, ସିନୁଲତା ପ୍ରଧାନ ପ୍ରଭୃତି ଆଲୋଚନାରେ ଭାଗ ନେଇ ନିଜର ଅଭୂଲା ସ୍ମୃତି ଓ ଅନୁଭୂତିକୁ ବାକ୍ଷା କରିଥିଲେ। ଅଧ୍ୟାପିକା ପ୍ରିୟଦର୍ଶନୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରେସ୍ କ୍ଲବର ବନ୍ଧୁମିଳନ



ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁର ପ୍ରେସ୍ କ୍ଲବ ପକ୍ଷରୁ ସ୍ଥାନୀୟ ଅମ୍ବିକା ମଣ୍ଡପ ଠାରେ ରବିବାର ଦିନ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ରାଜୀବ ମହାନ୍ତିଙ୍କ ଅଧ୍ୟକ୍ଷତାକ୍ରମେ କ୍ଲବର ଉପଦେଷ୍ଟା ଅକ୍ଷୟ କୁମାର ମହାନ୍ତି, ଆନନ୍ଦ ଚନ୍ଦ୍ର ସାହୁ, ଜୟନ୍ତ କୁମାର ଗୋସ୍ୱାମୀ, ସମରଜିତ୍ ମହାନ୍ତି, ବିଜୟ କୁମାର ମହାନ୍ତି, ବିରଜା ପ୍ରସାଦ ପାଣି, ସନ୍ଦିପ୍ତ କୁମାର ରାୟ, ତପନ କୁମାର ମହାନ୍ତି, ଦିଲ୍ଲୀପ କୁମାର ଦାସ, ତପନ କୁମାର ମହାରଣ୍ୟ, ମହେଶ୍ୱର ସାହୁ, ପ୍ରଭାତ ତ୍ରିପାଠୀ, ପରମେଶ୍ୱର ବେହୁରିଆ, ଅନିଲ କୁମାର ପଣ୍ଡା, ସୁରେନ୍ଦ୍ର ସାମଲ, ସନ୍ତୋଷ କୁମାର ପଣ୍ଡା, ଦେବାଶିଷ ସାହୁ, ବିଜୟ କୁମାର ସାହୁ, ଦେବଦତ ଦାସ, ସୌମ୍ୟରଂଜନ ଦାସ, ଶକ୍ତିସ୍ୱରୂପ ମହାପାତ୍ର, ମନୋଜ କୁମାର ରଣା, ବିଭୁଦତ ପୃଷ୍ଟି, ମାନସ ରଂଜନ ତ୍ରିପାଠୀ, ପ୍ରଦୀପ କୁମାର ବେହୁରିଆ ପ୍ରମୂଖ ଯୋଗଦେଇ ଖବରଦାତା ମାନଙ୍କ ସୁରକ୍ଷା ପାଇଁ ସରକାର ଆଇନ ପ୍ରଣୟନ କରିବା ଏବଂ ବୀମା ରାଶି ୫ ଲକ୍ଷକୁ ବୃଦ୍ଧି କରିବା ପାଇଁ ଦାବି କରିଥିଲେ। ଖବରଦାତା ମାନଙ୍କ ଏକତା ଦ୍ୱାରା ହିଁ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ସାଧାରଣ ସଂପାଦକ ଅରୁଣ ରାଉତରାୟ ପ୍ରାକ୍ ସୂଚନା ଦେଇଥିଲେ। ଶେଷରେ କାର୍ଯ୍ୟକ୍ରମର ପ୍ରମୂଖ ଆୟୋଜକ ସମର ବିଜୟ ଶରଣ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷତିଗ୍ରସ୍ତ ମିଳିତ ମଞ୍ଚର ବୈଠକ

ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁରସହର ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଂଚ ଶନିବାର ଦିନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉମେଶ କୁମାର ସାହୁଙ୍କ ସଭାପତିତ୍ୱରେ ଜିଲ୍ଲା କୋର୍ କମିଟିର ଟିଗିମାନସୁ ମହାରଣ୍ୟ, ଜିତେନ୍ଦ୍ର ଶତପଥି, ଅର୍ଜୁନ ବେହେରା, ପ୍ରଦୀପ ସାହୁ, ଅଜୟ କୁମାର ସାହୁ, କ୍ଷୀରୋଦ ସାହୁ, ବାସୁଦେବ ମଲ୍ଲିକ, ରଂଜନ କୁମାର ବେହେରା, ବନମାଳି ବାରିକ, ଯତିନ୍ ଦାସ, ଅନାଦି ପଣ୍ଡା ପ୍ରମୁଖଙ୍କ ସହ ରାଜ୍ୟ ଯୁଗ୍ମ ଆବାହକ ଉମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ଚିଟ୍ ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦାବୀରେ ଆସନ୍ତା ୧୬ ତାରିଖ ଦିନ ଯାଜପୁର ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଭିନ୍ନ ଚିଟ୍ ଫଣ୍ଡ କମ୍ପାନୀ ଲୋକମାନଙ୍କ ଠାରୁ ଅର୍ଥ ଆଦାୟ କରି ଫେରସ୍ତ କରିନଥିବା ବେଳେ ସିବିଆଇ ତଦନ୍ତ କରାଯାଇଛି।

### ମା ବ୍ରାହ୍ମଣୀ ଦେବୀଙ୍କ ଯାତ୍ରା ମହୋତ୍ସବ

## କେଉଟ ସାହି ପକ୍ଷରୁ ମା'ଙ୍କ ନଗର ପରିକ୍ରମା

ବେଲଗୁଣ୍ଠା, (ଭାସ୍କର ନ୍ୟୁଜ୍): ମା ବ୍ରାହ୍ମଣୀ ଦେବୀ ମହାମୟୀ ଶୁକ୍ରବାର ଦିନ କେଉଟ ସାହି ତରଫରୁ ବିଭିନ୍ନ ବାଜା ଓ ରୋଷଣୀ ସହ ନଗର ପରିକ୍ରମା କରିଛନ୍ତି। ଅପୂର୍ବ ଆଧାତ୍ମିକ ପରିବେଶରେ ସାରା ସହର ଉତ୍ସବ ମୁଖର ହୋଇ ଉଠିଛି। ଶୁକ୍ରବାର ଦିନ ପୂର୍ବାହ୍ନ ୧୦ଟା ସମୟରେ ଏକ ଶୋଭାଯାତ୍ରାରେ ସାହି ବାସିନ୍ଦା ଓ ସହରବାସୀ ମାଙ୍କ କୋଳିସାହି ସ୍ଥିତ ଅସ୍ଥାୟୀ ମଣ୍ଡପ ନିକଟରେ ପୂର୍ବାହ୍ନ ସାଢ଼େ ଏଗାରଟା ବେଳେ ପହଞ୍ଚିବା ସହ ମାଙ୍କୁ ବିଧିବିଧାନ ସହ ପୂଜାର୍ଚ୍ଚନା କରି ନଗର ପରିକ୍ରମା ପାଇଁ ନିମନ୍ତ୍ରିତ କରି ଆସିଥିଲେ। ମାଙ୍କୁ ପୂଜାର୍ଚ୍ଚନା ସମୟରେ ମାଁଙ୍କ ମସ୍ତକରୁ ପୁଷ୍ପ ଖସିବା ମଧ ଏକ ଅଲୌକିକ ଘଟଣା ଭାବେ ସମସ୍ତଙ୍କୁ ଆନନ୍ଦିତ ଓ ଉତ୍ସାହିତ କରିଥିଲା। ମଧାହ୍ନ ବାରଟା ବେଳେ ସମସ୍ତ ସାହି ବାସିନ୍ଦା ଓ ସହରବାସୀ ନିଜ ନିଜ ଘରକୁ ଫେରିଥିଲେ। ପୁଣି ରାତ୍ର ୮ଘଣ୍ଟ ସମୟରେ ସାହି ବାସିନ୍ଦା ଓ ସହର ବାସି ଏକ ବିରାଟ ଶୋଭାଯାତ୍ରାରେ ଘଣ୍ଟ, ମୃଦଙ୍ଗ, ଶଙ୍ଖ ଧ୍ୱନୀ , ବାଜା ବାଜଣା, ଷଣ୍ଢ, ରଜା ରାଣୀ ,କାଠି ନାଚ, ଏବଂ ୧୦ଟି ସୁସଜ୍ଜିତ ରଥରେ ମାଙ୍କ ବିଭିନ୍ନ ଅବତାର ଧାରଣ କରିଥିବା ପୌରାଣିକ ବେଶ ସହ ସହସ୍ରାଧିକ ଭକ୍ତ ମାଙ୍କ କୋଳିସାହି ସ୍ଥିତ ଅସ୍ଥାୟୀ ମଣ୍ଡପରେ ପୁଣି ରାତି ୯ଟାରେ ପହଞ୍ଚି ମାଙ୍କୁ ମଜଣା ଓ ପୂଜାର୍ଚ୍ଚନା ରିନିନୀତି ଅନୁସାରେ କରିବା ପରେ ମା ସିଂହବାହିନୀ ହୋଇ ନଗର ପରିକ୍ରମାରେ ବାହାରି ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ମା ବଡ଼ଦାଣ୍ଡରେ ପହଞ୍ଚିବା ପରେ ଯାତ୍ରା କମିଟିର ନିର୍ଦ୍ଦେଶ ମୁତାବକ ଆତସବାଜି କାର୍ଯ୍ୟକ୍ରମ ସାହି ବାସିନ୍ଦାଙ୍କ ତରଫରୁ ଆରମ୍ଭ ହୋଇଥିଲା। ରାତି ପ୍ରାୟ ବାରଟା ବେଳେ ଆତସବାଜି କାର୍ଯ୍ୟକ୍ରମ ସମ୍ପନ୍ନ ହେବା ପରେ ମା ମହାମୟୀ ବଡ଼ ଦାଣ୍ଡରୁ ବାହାରି ଅନ୍ୟାନ୍ୟ ସାହି ପୂର୍ବ ନିର୍ଦ୍ଧାରିତ ରୁଟରେ ପରିକ୍ରମା କରି ଗ୍ରାମବାସୀଙ୍କୁ ଦର୍ଶନ ଦେଇ ବିଭୁକୃପା ପ୍ରଦାନ କରିଥିଲେ। ମା ମହାମୟୀ ବିଭିନ୍ନ ସାହି ପରିକ୍ରମା ପରେ ରାତି ପ୍ରାୟ ତିନିଟା ପରେ ନିଜ ଗମ୍ଭୀରାକୁ ଯାଇ ବିଶ୍ରାମ ନେଇଥିଲେ। ପୂର୍ବାହ୍ନ ଓ ରାତିରେ ଶୋଭାଯାତ୍ରା କାର୍ଯ୍ୟକ୍ରମରେ ଯାତ୍ରା କମିଟି ଉପଦେଷ୍ଟା ରବୀନ୍ଦ୍ରନାଥ ମହାପାତ୍ର, କାର୍ଯ୍ୟକାରୀ ସଭାପତି ତଥା ନଗରପାଳ ଫିରୋଜ କୁମାର ସେଠୀ, ଯାତ୍ରା କମିଟି ଉପସଭାପତି ତଥା ପୂର୍ବତନ ନଗରପାଳ ଚନ୍ଦ୍ରମଣି ସାମଲ, ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ, ଏନଏସି କାଉନସିଲର ଦିଲ୍ଲୀପ କୁମାର ଆଚାରୀ, ଦିବ୍ୟରଞ୍ଜନ ଦାସ, ଏସ.ଭାସ୍କର ପାତ୍ର,କାହ୍ନୁଚରଣ ସାହୁ, ପ୍ରଦୀପ କୁମାର ସେଠୀ,ବିଶ୍ୱନାଥ ଦଳାଇ, ଶିକ୍ଷାବିତ ମନୋରଞ୍ଜନ ପାଣିଗ୍ରାହୀ, ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଭି.ଦେବୀପ୍ରସାଦ ପାତ୍ର, ଯାତ୍ରା କମିଟି ସମ୍ପାଦକ ତଥା ଆଇନ ପରାମର୍ଶଦାତା ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ସନ୍ତୋଷ କୁମାର ସୁବୁଦ୍ଧି, ସଙ୍ଗଠକ ରବୀନ୍ଦ୍ରନାଥ ଚୌଧୁରୀ, ପ୍ରଶାନ୍ତ କୁମାର ପଣ୍ଡା, ବେଲଗୁଣ୍ଠା ମିଡ଼ିଆ କ୍ଲବ ସଭାପତି ଏଲ.ସତୀଶ ରେଡ୍ଡୀ, ସମ୍ପାଦକ ନବକିଶୋର ମହାରଣା, କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀ, ସଂଯୋଜକ ସୁନୀଲ କୁମାର ପାଣିଗ୍ରାହୀ, ବରିଷ୍ଠ ସଭ୍ୟ ଜିତେନ୍ଦ୍ର ଚୌଧୁରୀ, ଧୋବା ବରାଡ଼, ପୂର୍ବତନ କାଉନସିଲର ଜିତେନ୍ଦ୍ର କୁମାର ସୁବୁଦ୍ଧି, ସଙ୍ଗଠକ ରଞ୍ଜିତ କୁମାର ସାମଲ, ସନ୍ତୋଷ ସ୍ୱାଇଁ, ଟିନଂ. ମହେନ୍ଦ୍ର କୁମାର ପାତ୍ର, କେଉଟ ସାହି କମିଟିର ସନ୍ୟାସୀ ଡାକୁଆ, ବାବୁଲା ଗୌଡ଼, ଲଳିତ ରେଡ୍ଡୀ, ସତ୍ୟନାରାୟଣ ବେହେରା , ସନ୍ତୋଷ କୁମାର ପଣ୍ଡା,ପ୍ରଦୀପ ପାତ୍ର, ଶଙ୍କର ବେହେରା,ଶିବ ବେହେରା ପ୍ରମୁଖ ସାମିଲ ହୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଯାତ୍ରା କମିଟି ତରଫରୁ ବଳରାମ ମହାରଣା,କୈଳାଶ ଚନ୍ଦ୍ର ମହାପାତ୍ର ରବୀନ୍ଦ୍ର ଚୌଧୁରୀ ପ୍ରମୁଖ ମାଙ୍କ ନଗର ପରିକ୍ରମା ,ଆତସବାଜି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଧରାବିବରଣୀ ପ୍ରଦାନ କରୁଥିଲେ। ବଣିକ ସଙ୍ଘ ତରଫରୁ ଯାତ୍ରା ରେ ସାମିଲ ସମସ୍ତ ଭକ୍ତଙ୍କୁ ପ୍ରସାଦ ବଣ୍ଟନ ବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଥିଲା।




### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

#### ଏସ୍‌ଡିସିରେ...

ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ୯ ଜିଲ୍ଲାରେ ସ୍ୱତନ୍ତ୍ର ବିକାଶ ପରିଷଦର କାର୍ଯ୍ୟ ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ। ପୂର୍ବରୁ ୯ ଜିଲ୍ଲାରେ ସ୍ୱତନ୍ତ୍ର ବିକାଶ ପରିଷଦ କାର୍ଯ୍ୟ କରୁଥିବାବେଳେ ଏବେ ଆଉ ୧୪ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ସାମିଲ କରି ଆଦିବାସୀଙ୍କ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଯେଉଁ ନୂଆ ଜିଲ୍ଲାଗୁଡ଼ିକ ସାମିଲ ହେଲା ସେଗୁଡ଼ିକ ହେଲା- ବାଲେଶ୍ୱର, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ନୟାଗଡ଼, ଢେଙ୍କାନାଳ, ଅନୁଗୋଳ, ଯାଜପୁର, ଝାରସୁଗୁଡ଼ା, ବରଗଡ଼, ଦେବଗଡ଼, ବୌଦ୍ଧ ଓ ଗଞ୍ଜାମ। ଏହି ୨୩ ଜିଲ୍ଲାର ଆଦିବାସୀଙ୍କ ବିକାଶ ପାଇଁ ସରକାର ଏକ ଯୋଜନା ମଧ୍ୟ ପ୍ରସ୍ତୁତ କରିଛନ୍ତି। ଏହି ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଦେଶ। ଜଗନ୍ନାଥଙ୍କ ସଂସ୍କୃତି ସହ ଜନଜାତିଙ୍କ ସଂପୃକ୍ତି ରହିଛି। ବିକାଶର ପରିଭାଷାରେ କଳା ଓ ସଂସ୍କୃତିର ଭୂମିକା ସ୍ୱତନ୍ତ୍ର। ୨୦୨୩-୨୪ରେ ଜନଜାତିଙ୍କ ବିକାଶ ପାଇଁ ରାଜ୍ୟ ସରକାର ଯେଉଁ ୨୨୩ କୋଟି ଟଙ୍କା ବ୍ୟୟ କରିବେ, ସେଥିରେ ୮୦ଲକ୍ଷରୁ ଅଧିକ ଜନଜାତି ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

#### ପାସ୍ ହାର...

ଓ ମାନ୍ୟା ଗୁପ୍ତା ଟପ୍ପର ହୋଇଛନ୍ତି। ଅନ୍ୟପକ୍ଷରେ ଦଶମ ପରୀକ୍ଷାରେ ୯୯.୪୦ ପ୍ରତିଶତ ନମ୍ବର ରଖି ପ୍ରିୟଙ୍କା ପରାଶର ଓ ବିଷ୍ଣୁ ଶତପଥୀ ଓଡ଼ିଶା ଟପ୍ପର ହୋଇଥିବା ବେଳେ ଦ୍ୱାଦଶ ଶ୍ରେଣୀରେ ଦିଶା ଗୋଏଲ ୯୮.୨୬ ପ୍ରତିଶତ ନମ୍ବର ରଖି ଓଡ଼ିଶା ଟପ୍ପର ହୋଇଛନ୍ତି। ଏହି ପରୀକ୍ଷାରେ ମୋଟ ୨.୫ ଲକ୍ଷ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

#### ୩ ଅଭିଯୁକ୍ତଙ୍କୁ...

କରାଯାଉଥିଲା। ୩ ଅଭିଯୁକ୍ତଙ୍କ ନିକଟରୁ ୧୯ଟି ଦାମୀ ମୋବାଇଲ, ୪୭ଟି ସିମକାର୍ଡ ଓ ୬୧ଟି ଏଟିଏମ କାର୍ଡ ଜବତ କରାଯାଇଛି। ଖାଲି ସେତିକି ନୁହେଁ ଏହି ଓଟିପି ଜରିଆରେ ଲୋନ ବି ନିଆଯାଉଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଅଭିଯୁକ୍ତମାନେ ରାଜସ୍ଥାନର ଏକ ହନିଟ୍ରାପ ମାମଲାରେ ମଧ୍ୟ ସମ୍ପୃକ୍ତ ଥିବା ଆଇଜି ଶ୍ରୀ ପଙ୍କଜ କହିଛନ୍ତି।



ବେଗୁନିଆ, (ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରି ସ୍ଥିତ ଏସିଆ ମହାଦେଶରେ ପ୍ରସିଦ୍ଧ ଲାଭ କରିଥିବା ଏକାଦଶ ରୁଦ୍ର ତଥା ବାବା ହଟକେଶ୍ୱରଙ୍କ ଦେବ ଚନ୍ଦନ ଯାତ୍ରା ଅବସରରେ ମନ୍ଦିର ପରିସରରେ ଥିବା ପୋଖରୀରେ ଭକ୍ତଗଣଙ୍କ ଉପସ୍ଥିତିରେ ଜଳକ୍ରୀଡ଼ା କରିଥିଲେ ।ଏଥିରେ ବାବା ହଟକେଶ୍ୱରଙ୍କୁ ମନ୍ଦିର ଭିତରୁ ଘଣ୍ଟ,ଘଣ୍ଟି ଓ ମର୍ଦ୍ଦଳ ସହ ବାହାରି ପୋଖରୀ ଭିତରେ ଅପେକ୍ଷା ରତ ଡଙ୍ଗା ଭିତରେ ଅବସ୍ଥାନ କରି ୭ ଘେରା ବୁଲି ପ୍ରତ୍ୟାବର୍ତ୍ତନ କରିଥିଲେ । ପରେ ମଙ୍ଗଳ ଆଳତୀ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ସମେତ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସମାଜସେବୀ କୃଷ୍ଣଚନ୍ଦ୍ର ସୁବୁଦ୍ଧି,ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ,ପୂର୍ବତନ ସରପଞ୍ଚ ମଧୁସୂଦନ ସୁବୁଦ୍ଧି,ସମାଜସେବୀ ବିରଞ୍ଚି ଜଗଦେବ ଓ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟିତ କରିଥିଲେ । ମାଣିକ୍ୟ ସିଦ୍ଧ ମହାବାର ଆଶ୍ରମର ପ୍ରତିଷ୍ଠାତା ପ୍ରଶାନ୍ତ ବାବା,ମନ୍ଦିର କମିଟିର ସଭାପତି ଗୋପୀନାଥ ମହାପାତ୍ର,ଦିଲ୍ଲୀପ କୁମାର ପଣ୍ଡା ଜଗନ୍ନାଥ ମହାପାତ୍ର ଅକ୍ରୁର ରଣା ଓ ନୃସିଂହ ମହାପାତ୍ର ସମେତ ସଦସ୍ୟ ମାନେ ସହଯୋଗ କରିଥିଲେ ।ଏତଦ୍‌ବ୍ୟତୀତ ବେଗୁନିଆ ବଡ଼ସାହିରେ ମଧ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## କୋର୍ଟ ନିର୍ଦ୍ଦେଶକୁ ଅବମାନନା

# ରାସ୍ତା ଅବରୋଧ, ଯାତାୟାତରେ ସମସ୍ୟା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ କିଶ୍ମିପୁର ଗ୍ରାମପଞ୍ଚାୟତ ମହାଜନପୁର(ବାହାବଳପୁର) ଗ୍ରାମରେ ଜଣେକ ବ୍ୟକ୍ତି କୋର୍ଟ ନିର୍ଦ୍ଦେଶକୁ ଅବମାନନା କରିଥିବାର ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ରାସ୍ତା ଅବରୋଧ କରିବା କାରଣରୁ ସ୍ଥାନୀୟ ଗ୍ରାମର ଲୋକେ ଗମନା ଗମନ ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲ ତହସଲ ମୌଜା ମହାଜନପୁରସ୍ଥିତ ଖାତା ନଂ ୭୪୬ ଖସଡା ନଂ ୧୫୬୭ ମୋଟ ରକବା ଏ୦.୧୧୦ଡି କିସମ ରାସ୍ତା ଏକ ବିବାଦୀୟ ସମ୍ପତି ଅଟେ। ଏହି ବିବାଦୀୟ ସମ୍ପତିକୁ କେନ୍ଦ୍ର କରି ମାନ୍ୟବର ସଭିଲ ଜର୍ଜ ଜୁନିୟର ଡିଭିଜନ ସାଲେପୁର ମହୋଦୟଙ୍କ ଇଜିଲାସରେ କେଶ ନଂ ୧୨୪/ ୨୦୨୨ରେ ବଳବତ ଥାଇ ଯହିଁରେ ଆଇଏ ନଂ ୧୭୫/୨୦୨୨ରେ (ମାହାମା ଚାଲୁରହିଛି। ଏହି ସମ୍ପତିକୁ ମାନ୍ୟବର ଅଦାଲତ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମକଦମା ସମାପ୍ତ ହେବା ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶନାମା ବଳବତର ରହିବ ବୋଲି ମାନ୍ୟବର ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ସ୍ଥାନୀୟ ଗ୍ରାମର ପ୍ରତିବାଦୀ ଜାହାରା ବିବି ଓ ସେକ ଓ୍ୱାସିମ ମାନ୍ୟବର ଅଦାଲତଙ୍କ ଏହ ନିର୍ଦ୍ଦେଶକୁ ଅବମାମନା କରିଥିବାର ଥାନାରେ ଅଭିଯୋଗ ହୋଇଛି। ଅଦାଲତରେ ମାମଲା ବିଚାରାଧିନ ଥିଲା ବେଳେ ମାନ୍ୟବର ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରି ସମ୍ପୃକ୍ତ ବ୍ୟକ୍ତିମାନେ ଏହି ବିବାଦୀୟ ରାସ୍ତାକୁ ବଳ ପୂର୍ବକ ଅବରୋଧ କରିବା ଉଦ୍ଦେଶ୍ୟରେ ରାସ୍ତା ଉପରେ ମାଙ୍କଡ ପଥର ଜମା କରି ରାସ୍ତା ସ୍ଥିତାବସ୍ଥା ପରିବର୍ତ୍ତନ କରିବା ନିମନ୍ତେ ମସୁଧା ଚଳାଉଥିବାର ସ୍ଥାନୀୟ ଗ୍ରାମର ସେକ ଅବଦୁଲ ରଜିକ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ସହ ଜବର ଦଖଲକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଛନ୍ତି। ରାସ୍ତା ଜବର ଦଖଲ ଓ ଅବରୋଧ ହେତୁ ସ୍ଥାନୀୟ ଲୋକେ ଗମନା ଗମନ ନିମନ୍ତେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ପୋଲିସ ତରଫରୁ ଏହି ଅଭିଯୋଗ ଉପରେ ତଦନ୍ତ ଚାଲିଛି। ରିପୋର୍ଟ ଲେଖା ହେଲା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବାର ଜଣାଯାଇଛି।



# କାରଖାନାରେ ଦୁର୍ଘଟଣା, ୩ ଗୁରୁତର

ଯୋଡା, (ଭାସ୍କର ନ୍ୟୁଜ): ଯୋଡା ବ୍ଲକ ଅନ୍ତର୍ଗତ ମାଟକାମବେଡାଠାରେ ଥିବା ଆର୍ଯ୍ୟା ଆଇରନ ଏଣ୍ଡ ଷ୍ଟିଲ କାରଖନାରେ ଦୁର୍ଘଟଣା ଘଟି ୩ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି। ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରଣ କରାଯାଇଛି । ଗୁରୁତରମାନେ ହେଲେ ଗ୍ୟାସ ଏଜେନ୍ସି ଶ୍ରମିକ ବଡବିଲ ସାଧୁ ସିଂ ହାଟିଂର କ୍ରିଷ୍ଣା ଦାସ, କରଣ ମହାନ୍ତ ଓ ପ୍ଲାଣ୍ଟର ଜଣେ କର୍ମଚାରୀ ପ୍ରେମ ଶଙ୍କର ଶର୍ମା। ଏକ ଗ୍ୟାସ ଏଜେନ୍ସି ପକ୍ଷରୁ କାରଖାନାକୁ ଅକ୍ସିଜେନ ସିଲିଣ୍ଡର ସପ୍ଲାଏ କରାଯାଉଥିଲା। ସମ୍ପୃକ୍ତ ଏଜେନ୍ସି ତରଫରୁ କିଛି ଶ୍ରମିକ ପ୍ଲାଣ୍ଟ ପରିସରରେ ଗାଡି ମଧ୍ୟରୁ ଅକ୍ସିଜେନ ସିଲିଣ୍ଡର ଓହ୍ଲାଉଥିଲେ । ଏହି ସମୟରେ ଗୋଟିଏ ସିଲିଣ୍ଡର ଅଚାନକ ଫାଟିଯାଇଥିଲା । କର୍ମଚାରୀଙ୍କ ପାଖରେ ସୁରକ୍ଷା ଉପକରଣ ନଥିବାରୁ ତିନି ଜଣ ଗୁରୁତର ଆହତ ହୋଇପଡିଥିଲେ। ଗୁରୁତର ଆହତ କ୍ରିଷ୍ଣା ଦାସଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଥିବା ଜଣାପଡିଛି । ଏହି କାରଖାନାଟିରେ ବାରମ୍ବାର ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ ସୁରକ୍ଷା ପ୍ରତି ଆଦୌ ଧ୍ୟାନ ଦେଇନଥାନ୍ତି କିମ୍ବା ଏଥିପ୍ରତି ସରକାରୀ ସୁରକ୍ଷା ଅଧିକାରୀମାନଙ୍କ ପକ୍ଷରୁ ମଧ ଏହି କାରଖାନା ପ୍ରତି କୌଣସି ଅଙ୍କୁଶନଥିବା ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ, ଏହି ପ୍ଲାଣ୍ଟଟିରେ ଗତ ୭, ଅପ୍ରେଲ ୨୦୧୭ରେ ବ୍ଲାଷ୍ଟ ଫର୍ନେସର ଅଏଲ ଟ୍ୟାଙ୍କର ଫାଟି କାର୍ଯ୍ୟରତ ୬ଜଣ ମଧ୍ୟରୁ ଘଟଣାସ୍ଥଳରେ ହିଁ ୨ଜଣ ନିଖୋଜ ହେବା ସହ ଜଣେ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟମାନେ ମଧ ଆହତ ହୋଇଥିଲେ। ନିଖୋଜ ବ୍ୟକ୍ତିମାନଙ୍କୁ ଏକ ବଡଧରଣର ଖୋଜାଖୋଜି ପରେ ତାଙ୍କର ମୃତ ଦେହ ଠାବ କରାଯାଇପାରିଥିଲା । ସେମାନେ ହେଲେ ଚକ୍ରଧର ବିରୁଆ ଏବଂ ଇଶାକ କଙ୍ଗାରି । ଆହତମାନଙ୍କ ମଧ୍ୟରେ ଜଣେ ଶ୍ରମିକ ଜଗନ୍ନାଥ ଦେଓଗନ ଏବଂ କାରଖାନାର ଜଣେ ଫୋରମ୍ୟାନ ରମାକାନ୍ତ ରାଉତ ଅନ୍ତର୍ଭୁକ୍ତ। ଏହିପରି ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ ସମ୍ପୃକ୍ତ କାରଖାନା ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଶ୍ରମିମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି । କାରଖାନାରେ ଶ୍ରମିକଙ୍କ ସୁରକ୍ଷା ପ୍ରତି କଡାକଡି ନିୟମ ପାଳନ କରିବାକୁ ସାଧାରଣରେ ଦାବି ହେଉଛି ।

## ମାଙ୍କଡ ଆକ୍ରମଣରେ ୨ ଗୁରୁତର

ବାଲିପାଟଣା, (ଭାସ୍କର ନ୍ୟୁଜ୍): ପୁଣି ମାଙ୍କଡ ଆତଙ୍କ। କିଛି ଦିନର ବ୍ୟବଧାନ ପରେ ପୁଣି ମାଙ୍କଡ ମାନଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇ ଦୁଇ ଜଣ ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି। ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବାଗଲପୁର୍ ଗ୍ରାମରେ କିଛିଦିନ ତଳେ ମାଙ୍କଡମାନଙ୍କ ଆକ୍ରମଣ ରେ ପାଞ୍ଚ ଜଣ ଗୁରୁତର ଏବଂ ୧୦ ଜଣରୁ ଅଧିକ ବ୍ୟକ୍ତି ଆହତ ହୋଇଥିଲେ । ଖବର ପ୍ରସାରଣ ପରେ ବାଲିପାଟଣା ବାନାଞ୍ଚଳ ତରଫରୁ ମାଙ୍କଡ ଧରା ଅଭିଯାନ କରାଯାଇ ଦୁଇଟି ମାଙ୍କଡ କୁ ଧରି ଅନ୍ୟତ୍ର ଛଡା ଯାଇଥିବା ବେଳେ ମାଙ୍କଡ ମାନଙ୍କ ଉତ୍ପାତ କମିଥିଲା । କିଛି ଦିନର ନିରବତା ପରେ ଆଜି ପୁଣି ବାଗଲପୁର ଗ୍ରାମର ବୁଲି ସ୍ୱାଇଁ(୮୮) ଏବଂ ଶଙ୍କର ବେହେରା (୬୦) ମାଙ୍କଡ କାମୁଡାରେ ଗୁରୁତର ହୋଇ ଡାକ୍ତରଖାନା ରେ ଭର୍ତ୍ତି ହୋଇଛନ୍ତି । ଖବର ନେବାରେ ଜଣାପଡିଛି କି ବୁଲି ସ୍ୱାଇଁ ତାଙ୍କ ଘର ବାରିପଟ ବସିଥିବାବେଳେ ଗୋଟିଏ ହଠାତ୍ ଗୋଟିଏ ହନୁମାଙ୍କଡ ଗଛରୁ ଓହ୍ଲାଇ ଆସି ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସା କରାଇ ଘରକୁ ଆଣିଛନ୍ତି। ସେହିପରି ଶଙ୍କର ବେହେରା ରାସ୍ତାରେ ଯାଉଥିବା ସମୟରେ ଆଉଗୋଟେ ହନୁମାଙ୍କଡ ସମାନ ଢଙ୍ଗରେ କାମୁଡି ଗୁରୁତର କରିପକାଇଛି । ଉଭୟ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସିତ ହୋଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ବାଗଲପୁର୍ ଓ ଏହାର ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ୫ ମଟର ଚୋର ଗିରଫ

ନିଆଳି, (ଭାସ୍କର ନ୍ୟୁଜ୍): ଓଲଟପୁର ଥାନା ଅଧିନରେ ଦିନକୁ ଦିନ ବୃଦ୍ଧି ପାଉଥିଲା ମଟର ଚୋରି। ଏ ନେଇ ଓଲଟପୁର ଥାନାରେ ରମେଶ ଚନ୍ଦ୍ର ବେହେରା ଫିରିଫିରା ଗ୍ରାମର ଅଭିଯୋଗ କରିବା ପରେ ଓଲଟପୁର ପୋଲିସ୍ କେସ୍.ନଂ. ୫୨/୨୦୨୩ରେ ତିନିରେ ୫୩/୨୦୨୩ରେ ମୋଟ ୫ ଜଣକୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ପ୍ରକାଶ, ଓରଫ ରାକେଶ କାଣ୍ଡି (୨୬), ଦିଗାମ୍ବର ଓରଫ ପୂର୍ଣ୍ଣାର ଭୋଇ, ବସନ୍ତ ଭୋଇ ଓରଫ ଡିଲୁଆ (୫୦), ଗଗନ ଭୋଇ (୪୫), ତ୍ରିଲୋଚନ ଭୋଇ (୩୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୬ ଗୋଟି ମଟର ଓଲଟପୁର ପୋଲିସ୍ ଜବତ କରିଛି।

## ଘର ତୋଳାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଗତକାଲି ଘର ତୋଳାକୁ କେନ୍ଦ୍ର କରି ମାରଣାନ୍ତକ ଆକ୍ରମଣ କରିବାରୁ ପରିବାରର ଦୁଇ ଆହତ ହୋଇ ହୋଇଥିବା ଥାନା ରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବାଲିପାଟଣା ଥାନା ଅନ୍ତର୍ଗତ ମାର୍ଥାପୁର ଗ୍ରାମର ପ୍ରଶାନ୍ତ ପାତ୍ରଙ୍କ ଦ୍ୱିତୀୟ ମହଲା ଗୃହ ନିର୍ମାଣ ଚାଲିଥିବା ବେଳେ ତାଙ୍କ ପଡ଼ିଶା ଘରର ଜଗନ୍ନାଥ ପାତ୍ର(୨୦) ରଞ୍ଜନ ପାତ୍ର (୨୫), ଭାବଗ୍ରାହୀ ପାତ୍ର (୬୫), ବିନୋଦ ପାତ୍ର (୫୦), ଆନନ୍ଦ ପାତ୍ର(୪୫), ବାଉରି ବନ୍ଧୁ ପାତ୍ର, ରିଙ୍କୁ ପାତ୍ର(୨୦), ବାସନ୍ତି ପାତ୍ର(୪୫) ସଙ୍ଘବଦ୍ଧ ଭାବେ ପହଞ୍ଚି ପ୍ରଶାନ୍ତ ଏବଂ ତାଙ୍କ ପତ୍ନୀ ମିତାଲି ପାତ୍ରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଆଣିଥିବା ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରଶାନ୍ତଙ୍କ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ସୂଚନା ମିଳିଛି। ପରେ ମିତାଲି ଏବଂ ତାଙ୍କ ଯାଆଙ୍କ ବେକରୁ ସୁନା ହାର ଏବଂ ସୁନା ଚେନ୍ ସହିତ ୪୦ ହଜାର ଟଙ୍କା ଲୁଟିଥିବା ମିତାଲି ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ଅଭିଯୋଗ ଆଧାରରେ ଏକ କେଶ୍ ୧୬୫/୨୩ ନମ୍ବର ମାମଲା ରୁଜୁ କରାଯାଇ ଆଜି ରଞ୍ଜନ ପାତ୍ରକୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି ସୂଚନ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ଉଭୟଙ୍କ ପରିବାରରେ ପୂର୍ବରୁ ଜମିବାଡିକୁ ନେଇ ଶତ୍ରୁତା ଅଛି।

## ଜମିବାଡିକୁ କେନ୍ଦ୍ରକରି ଆକ୍ରମଣ, ୩ ଅଟକ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଗତକାଲି ଜମିବାଡ଼ିକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ହାତାହାତି ହେବା ପରେ ତିନି ଆହତ ଏବଂ ତିନି ବାଲିପାଟଣା ଥାନା ରେ ଅଟକ ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଗତ କାଲି ବାଲିପାଟଣା ଥାନା ଅନ୍ତର୍ଗତ ଆଳିଶି ପଞ୍ଚାୟତ ର ଭଇରିପୁର ଗ୍ରାମର ଦୁଇ ପରିବାର ମଧ୍ୟରେ ପୂର୍ବରୁ ଲାଗିରହିଥିବା ଜମିବାଡି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଏବଂ ମାରପିଟ୍ ହୋଇ ଦେବାଶିଷ ବାରିକ, ଆଶିଷ ବାରିକ ଏବଂ ଗଦାଧର ବାରିକ ଆହତ ହୋଇଥିବା ନେଇ ମାନସ ବାରିକ ବାଲିପାଟଣା ଥାନା ରେ ଅଭିଯୋଗ କରିବାପରେ ଅଭିଯୋଗ ଆଧାରରେ ବାଲିପାଟଣା ଥାନା ତଦନ୍ତ କରି ପ୍ରଶନ୍ନ ବାରିକ, ବିପିନ ବାରିକ ଏବଂ ତୋଫାନ ବାରିକ ଙ୍କୁ ଥାନା ରେ ଅଟକ ରଖିଥିବା ସୂଚନା ମିଳିଛି। ଆସନ୍ତା କାଲି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଏଏସ୍ଆଇ ଘନଶ୍ୟାମ ସାହୁ ସୂଚନା ଦେଇଛନ୍ତି।

## ଜଳ ପାଇଁ ଭୋଟ ବର୍ଜନ କରିବେ ଗ୍ରାମବାସୀ

କାକଟପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଦ୍ୱରା ଗ୍ରାମ ଗ୍ରାମରେ ମଧୁରଜଳ ଯୋଗାଣ ପାଇଁ ବ୍ୟବସ୍ଥା କରୁଥିବା ବେଳେ ଏଥିରୁ ବଞ୍ଚିତ ହୋଇଛନ୍ତି କାକଟପୁର ବ୍ଲକ କଟକଣା ଗ୍ରାମ ପଞ୍ଚାୟତର ଓ୍ୱାର୍ଡ ନଂ (୧୧)ର ପାଞ୍ଚ ସହରୁ ଉର୍ଦ୍ଧ ବାସିନ୍ଦା। ତାଙ୍କ ଅଭିଯୋଗ ମୁତାବକ ଗ୍ରାମ ବିଦ୍ୟାଳୟ ଆଗରେ ପାଇପ ଯୋଗେ ଟ୍ୟାପ ବସାଇ ସୁବିଧାରେ ଜଳ ଯୋଗାଇବାକୁ ବ୍ୟବସ୍ଥା ହୋଇଥିଲେ ସୁଧା ଆଜି ପର୍ଯ୍ୟନ୍ତ ମଧୁର ଜଳ ଯୋଗାଇ ଦିଆ ଯାଇନାହିଁ। ବିଦ୍ୟାଳୟରେ ପଢୁଥିବା କୁନି କୁନି ପିଲାମାନେ ଓ ଗ୍ରାମବାସୀ ମାନେ ପାଣି ଟୋପେ ପିଇବାକୁ ଡହଳ ବିକଳ ହେଉଥିଲା ବେଳେ ଏ ସଂକ୍ରାନ୍ତରେ ଆଜମପୁର ଗ୍ରାମବାସୀ ସ୍ଥାନୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ ସେ କର୍ଣ୍ଣପାତ କରୁନଥିବା ଗ୍ରାମ ବାସୀ ମାନେ ଏକ ଲିଖିତ ଅଭିଯୋଗ ବ୍ଲକ ବିଡିଓଙ୍କ ନିକଟରେ କରିଛନ୍ତି। ଜଳ ଯୋଗାଣ ବିଭାଗ ତରଫରୁ ଯଦି ଖୁବ ଶୀଘ୍ର ମଧୁର ଜଳ ଯୋଗାଣ ଆଜମପୁର ଗ୍ରାମବାସୀଙ୍କୁ ଯୋଗାଇ ଦିଆନଯାଏ ତେବେ ଆସନ୍ତା ନିର୍ବାଚନରେ ସମସ୍ତ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ହମିଦୁଲା ଖାନ, ଏମଡି ଜରାଲ, ରୋହିତ କାଣ୍ଡି, ସୁଜନ କାଣ୍ଡି, ସୁକାନ୍ତ ବେହେରା, ଗୁଲାମ ଅଲି ଖାନ, ଅରିଫ ଖାନ, ଶେଖ ଶୁଭମ, ଅବଦୁଲ ହୁସେନ, ଏସ କେ ଅବରାଲ, ଏସ କେ ଅବଦୁଲ ମଜିଦ, ପୂର୍ଣ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ତାଲିକା ପ୍ରସ୍ତୁତିରେ ବିଳମ୍ବକୁ ନେଇ ଅସନ୍ତୋଷ

ବୋଲଗଡ, (ଭାସ୍କର ନ୍ୟୁଜ): ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ୨୦୨୩ ମସିହା ମେ ମାସ ୬ ତାରିଖ ଦିନ ଚିଠି ନଂ୧୦୬୮୬ ଅନୁଯାୟୀ ୨୦୧୯ କ୍ୟାଡର ରୂଲରେ ଥିବା ଅସଙ୍ଗତିକୁ ନେଇ ଉପୁଜିଥିବା ଦ୍ୱନ୍ଦକୁ ଚିଠି ମାଧ୍ୟମରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସ୍ପଷ୍ଟ ଅବଗତ କରାଇଛନ୍ତି । ଏଥିରେ +୨ ଶିକ୍ଷା ସହିତ ସିଟି ଯୋଗ୍ୟତା ଥାଇ ଯେଉଁମାନେ ଶିକ୍ଷକ ଚାକିରୀ ପାଇଛନ୍ତି ଓ ୨୦୧୧ ମସିହା ଫେବୃଆରୀ ମାସର ୧୦ ରିଖପରେ ଗ୍ରାଜୁଏସନ ପାସ କରି କ୍ୟାଡର ରୂଲର କାଟାଗୋରୀ ୨ ଅନ୍ତର୍ଭୁକ୍ତ ହେବା ସହ ସେମାନେ ଓଟିଇଟି ୨ ପାସ କରିଥିବା ଆବଶ୍ୟକ । ନଚେତ କାଟାଗୋରୀ ୨ ତାଲିକାରୁ ବାଦ ପଡି ଯେଉଁଦିନ ଓଟିଇଟି ୨ ପାସ କରିବେ ସେହିଦିନ ଠାରୁ ସେମାନଙ୍କର ସିନିୟରିଟି ଭାବେ ଗଣନା କରାଯିବ ।ଉକ୍ତ ଚିଠିକୁ ଭିତ୍ତି କରି ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଚିଠି ୨୦୨୩ ମସିହା ମେ ମାସ ୧୧ ତାରିଖରେ ଚିଠି ନଂ୮୮୫୪ରେ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ କାଟାଗୋରୀ ୫(ଏ),୫(ବି)ଏବଂ ଗ୍ରାଜୁଏଟ(ବିଜ୍ଞାନ/କଳା)ରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ନାମ, ବିଦ୍ୟାଳୟର ନାମ, ସରକାରୀ ଚାକିରୀରେ ପ୍ରବେଶ ତାରିଖ ,ଗ୍ରାଜୁଏସନ ପାସ କରିଥିବା ତାରିଖ, ଚାକିରୀରେ ଥାଇ ଗ୍ରାଜୁଏସନ ପାସ କରିଥିଲେ ଶିକ୍ଷା ବିଭାଗର କୌଣସି ଅଧିକାରୀଙ୍କ ଅନୁମତି ପତ୍ର ନମ୍ବର ଓ ତାରିଖ ଏବଂ ଓଟିଇଟି ୨ ପାସ କରିଥିବା ତାରିଖ ଭଳି ତଥ୍ୟ ସହିତ ଆବଶ୍ୟକୀୟ ଦସ୍ତାବିଜର ଅବିକଳ ନକଲ ଗୁଡିକୁ ୨୦୨୩ ମସିହା ମେ ମାସ ୧୩ ରିଖ ସୁଦ୍ଧା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଏହା ଜିଲ୍ଲାର ଅନ୍ୟ ବ୍ଲକ ଶିକ୍ଷା ଅଧିକାରୀମାନେ ସିଆରସିସିଙ୍କ ମାଧ୍ୟମରେ ସ୍କୁଲ ପଏଣ୍ଟରୁ ତଥ୍ୟ ସଂଗ୍ରହ ପାଇଁ ଚିଠିଟିକୁ ପ୍ରେରଣ କରିଥିବାବେଳେ ବେଗୁନିଆ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ।ତେବେ ୨୦୨୩ ମସିହା ମେ ମାସ ୧୩ ରିଖଟି ଦ୍ୱିତୀୟ ଶନିବାର ଯୋଗୁଁ ସରକାରୀ କାର୍ଯ୍ୟାଳୟ ଛୁଟି ରହିଥିବା ବେଳେ ଏଠାରେ ପ୍ରଶ୍ନ ଉଠୁଛି ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ କିଭଳି ଛୁଟି ଦିବସଟିକୁ ଶେଷ ତାରିଖ ଧାର୍ଯ୍ୟ କଲେ ତାହା ସମସ୍ତକୁ ଆଶ୍ଚର୍ଯ୍ୟ ପ୍ରକଟ କରିଛି ।ଏହି ୧୩ ତାରିଖଟି ଶେଷ ତାରିଖ ଧାର୍ଯ୍ୟ କରାଯାଇଥିବାବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଏ ସଂକ୍ରାନ୍ତରେ ସିଆରସିସିଙ୍କ ମାଧ୍ୟମରେ କୌଣସି ପ୍ରଧାନ ଶିକ୍ଷକ କିମ୍ବା ଶିକ୍ଷକ/ ଶିକ୍ଷୟତ୍ରୀ ମାନଙ୍କୁ ସୂଚନା ଦିଆ ଯାଇନାହିଁ ।ଯାହାଦ୍ୱାରା ପଦୋନ୍ନତି ପାଇବାକୁ ଥିବା ଆଶାୟୀ ବରିଷ୍ଠ ଶିକ୍ଷକ/ ଶିକ୍ଷୟତ୍ରୀ ମାନଙ୍କର ତାଲିକା ପ୍ରସ୍ତୁତି ଆଜି ସୁଦ୍ଧା ହୋଇ ପାରିନଥିବାରୁ ପଦୋନ୍ନତି ପାଇବା ନେଇ ସନ୍ଦେହ ପ୍ରକାଶ ପାଇଥିବାରୁ ଅସନ୍ତୋଷ ଦେଖା ଦେଇଛି।

# ଘୋରଡିଆ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍‌ରେ ଅଗ୍ନିକାଣ୍ଡ

## ସର୍ଟସର୍କିଟ୍ ନା ମନୁଷ୍ୟକୃତ, ସାଧାରଣରେ ସନ୍ଦେହ



ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ଥାନା ଅନ୍ତର୍ଗତ ଘନିପୁର ପଞ୍ଚାୟତର ଘୋରଡିଆ ଗ୍ରାମରେ ଅବସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ରବିବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଛି ।ତେବେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଏହି ଅଗ୍ନିକାଣ୍ଡ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ହୋଇଥିବା ନେଇ ସଫେଇ ଦେଉଥିଲେ ହେଁ ସାଧାରଣରେ ଏହା ମନୁଷ୍ୟକୃତ ବୋଲି ସନ୍ଦେହ ପ୍ରକାଶ ପାଇଛି ।ସୂଚନାଯୋଗ୍ୟ ବିଗତ ଦିନରେ ଡେଲାଙ୍ଗ ରାମଚନ୍ଦ୍ରପୁରଠାରେ ଅବସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖାରେ ଏଭଳି ଅଗ୍ନିକାଣ୍ଡ ଘଟି ପ୍ରାୟ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବାବେଳେ ଆଜି ପର୍ଯ୍ୟନ୍ତ ଏହି ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରିନାହିଁ କିମ୍ବା କାହାକୁ ଗିରଫ କରାଯାଇପାରିନାହିଁ ।ସମାନ ଢଙ୍ଗରେ ରବିବାର ଦିନ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ,ଘୋରଡିଆ ଶାଖାରେ ଅଗ୍ନିକାଣ୍ଡ ଘଟି କେବଳ ଆସବାବପତ୍ର ଓ ଜରୁରୀ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଥିବାବେଳେ ଲକରରେ ଥିବା ବହୁମୂଲ୍ୟ ସୁନା ଅଳଙ୍କାର ଓ ଅର୍ଥରାଶି ସୁରକ୍ଷିତ ଥିବାରୁ ଏଥିରେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ଭୂମିକା ସନ୍ଦେହଜନକ ବୋଲି ସାଧାରଣରେ ଆଲୋଚନା ହେଉଛି ।ମିଳିଥିବା ସୂଚନା ଅନୁଯାୟୀ,ରବିବାର ଛୁଟି ଦିନ ଥିବାରୁ ବ୍ୟାଙ୍କ୍ ବନ୍ଦ୍ ଥିବାବେଳେ ଅପରାହ୍ନ ପ୍ରାୟ ତିନିଟା ସମୟରେ ବ୍ୟାଙ୍କ୍ ଭିତରେ ନିଆଁ ଲାଗି ପ୍ରଚୁର ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ସେବା କେନ୍ଦ୍ରକୁ ଖବର ଦେଇଥିଲେ ।ଖବର ପାଇ ଡେଲାଙ୍ଗ ଓ ଜଟଣୀରୁ ଅଗ୍ନିଶମ ବାହିନୀ ଆସି ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଦୀର୍ଘ ଦୁଇ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ ।ବ୍ୟାଙ୍କରେ ନିଆଁ ଲାଗିଥିବା ଖବର ପାଇ ଶାଖା ପରିଚାଳକ ଓ କର୍ମଚାରୀ ଆସି ଘଟଣାସ୍ଥଳରେ ପହଞ୍ଚିବା ପରେ ବ୍ୟାଙ୍କ୍ ତାଲା ଖୋଲି କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡିଛି ।ଏହି ଅଗ୍ନିକାଣ୍ଡ ଯୋଗୁଁ ବ୍ୟାଙ୍କର ଲକର ସୁରକ୍ଷିତ ଥିବାବେଳେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର,ଚେୟାର, ଟେବୁଲ୍ ସମେତ କମ୍ପ୍ୟୁଟର,ସିସିଟିଭି ଆଦି ପୋଡ଼ି ପାଉଁଶ ହୋଇଯାଇଥିବା ନେଇ ଶାଖା ପରିଚାଳକ ସୂଚନା ଦେଇଛନ୍ତି। ଏ ନେଇ ବ୍ୟାଙ୍କ୍ କର୍ତ୍ତୃପକ୍ଷ ପିପିଲି ଓ ଭୁବନେଶ୍ୱରରେ ଥିବା ଆଞ୍ଚଳିକ ଏବଂ ମୁଖ୍ୟ କାର୍ଯ୍ୟାଳୟକୁ ଅବଗତ କରାଇଥିବା ଜଣାପଡିଛି ।ଖବର ପାଇ ଡେଲାଙ୍ଗ ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ବ୍ୟାଙ୍କର ସୁରକ୍ଷା ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ।ତେବେ ଏହି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଶାଖାରେ ଅନୈତିକ ଉପାୟରେ ବିଭିନ୍ନ ଏସଏଚଜି,କୁକୁଡ଼ା ଫାର୍ମ,ବ୍ୟବସାୟୀଙ୍କୁ ଲକ୍ଷ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବା ସହ ସମସ୍ତ ନିୟମକାନୁନକୁ ଜଳାଞ୍ଜଳି ଦେଇ ଲୋକଙ୍କଠାରୁ ବିଭିନ୍ନ ଆକାଉଣ୍ଟରେ ଅର୍ଥ ଜମା ରଖାଯାଉଥିବା ନେଇ ଅଭିଯୋଗ ହୋଇଛି ।ତେବେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ସହ ଏହି ଘୋଟାଲାରୁ ବର୍ତ୍ତିବା ପାଇଁ ଏଭଳି ମନୁଷ୍ୟକୃତ ଅଗ୍ନିକାଣ୍ଡ କରିଥାଇପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

## ଅନ୍ଧାର ରାତିରେ ନିର୍ମାଣ ଚାଲିଛି ପାଣିଟାଙ୍କି

# ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ନିଆଳି, (ଭାସ୍କର ନ୍ୟୁଜ୍): ଅନ୍ଧାର ରାତିରେ ନିର୍ମାଣ ଚାଲିଛି ପାଣି ଟାଙ୍କି, ଯନ୍ତ୍ରୀ ଠିକାଦାର ମଧୁଚନ୍ଦ୍ରିକା ଟଙ୍କି ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ । ଏମିତି ଏକ ଅଭିଯୋଗ ଆସିଛି କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ଡିମିରି ପଂଚାୟତରୁ। ଏହି ପଂଚାୟତର ନୋଦା ଠାରେ ନିର୍ମାଣ ଚାଲିଥିବା ପାଣିଟାଙ୍କି ନିର୍ମାଣ ଅନ୍ଧାର ରାତିରେ ହେଉଛି। ଯାହାକୁ ନେଇ ଖୋଦ ସ୍ଥାନୀୟ ସରପଂଚ ଅଭିଶେକ ମହାପାତ୍ର ଅଭିଯୋଗ କରିଛନ୍ତି। ଏହି ଟାଙ୍କି ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ରହୁନଥିବା, ନିର୍ମାଣ ପୂର୍ବରୁ ସୂଚନାଫଳକ ଲଗାଯାଇନଥିବା, ନିମ୍ନମାନର କାମ ହେଉଥିବା ଓ ଅନ୍ଧାର ରାତିରେ ଏହି ନିର୍ମାଣ କାମ କରାଯାଉଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯନ୍ତ୍ରୀ ଠିକାଦାର ମଧୁଚନ୍ଦ୍ରିକାରେ ଏପରି ରାତାରାତି ବେନିୟମ ଟାଙ୍କି ନିର୍ମାଣ କାମ ଚାଲିଛି। କୋଟି କୋଟି ଟଙ୍କାକୁ ଏଠାରେ ହରିଲୁଟ କରିବାକୁ ମସୁଧା ଚଲାଇଛନ୍ତି। ପିଲର ଗୁଡିକ ବଙ୍କା ଢଙ୍କା ହୋଇ ନିର୍ମାଣ ହେବା ସହ ଆବୁଡା ଖାବୁଡାକୁ ଲୁଚାଇବା ପାଇଁ ହାତରେ ସିମେ□ ବାଲି ଲେପ ଦିଆଯାଇଛି। ଠିକାଦାରଙ୍କ ଏତାଦୃଶ୍ୟ ମନୋଭାବ କାମକୁ ନିମ୍ନମାନର କରାଯାଉଥିବା ଜଳ ଜଳ ଜଣାପଡୁଥିବାବେଳେ ଯନ୍ତ୍ରୀଙ୍କ ଅନୁପସ୍ଥିତି ଏନେଇ ସନ୍ଦେହକୁ ଦୃଢିଭୂତ କରୁଛି। ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହେଉଛି। ଏନେଇ କଣ୍ଟାପଡା ବ୍ଲକ ଉପାଧ୍ୟକ୍ଷ ଜଟିନ୍ଦ୍ର ନାଥ ବରାଳଙ୍କୁ ପଚାରିବାରେ ଏହା ସମ୍ପୂର୍ଣ୍ଣ ବେନିୟମ ଏପରି କାମ କରିବାକୁ ଦିଆଯିବନି ଉପରସ୍ଥ ଅଫିସରଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ୬ ଦିନ ହେଲା ସ୍ତ୍ରୀ ନିଖୋଜ

# ପାଗଳ ପରି ଘୂରି ବୁଲୁଛି ସ୍ୱାମୀ

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଇଶ୍ୱରପୁରୁ ପଞ୍ଚାୟତର ରିଘାଗଡ ଗ୍ରାମର ଶମ୍ଭୁ ସାହୁ(୪୦)ଙ୍କ ସ୍ତ୍ରୀ ସୁକାନ୍ତି ବିଶ୍ୱାଳ(୩୯) କେଉଁଆଡ଼େ ପଳାଇ ଯାଇ ଆଜି ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଓ ଶମ୍ଭୁ ସାହୁ ଚିନ୍ତାରେ ଦିନ କାଟୁଛନ୍ତି। ସୂଚନା ଅନୁସାରେ, ଗତ ୮.୫.୦୨୩ ରାତି ୩ଟାରୁ ଘରୁ ବାହାରି ଥିଲେ। କଟକ ଯାଉଥିବା କ୍ରିଷ୍ଣା ବସରେ କେଉଁ ଆଡେ ପଳାଇ ଯାଇଥିବା ନେଇ ୯.୫.୦୨୩ରେ ରାଜନଗର ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ ସ୍ୱାମୀ ଶମ୍ଭୁ ସାହୁ। ମାତ୍ର ସୁକାନ୍ତି ନିଖୋଜ ହେବାର ୬ ଦିନ ବିତି ଯାଇଥିଲେ ବି ପୋଲିସ ତାଙ୍କ ସନ୍ଧାନ ପାଇବାରେ ବିଫଳ ହୋଇଛି। ଏପରିକି ସୁକାନ୍ତିକୁ ଖୋଜିବା ନେଇ ପୋଲିସର ଆନ୍ତରିକତା ନଥିବା



ଅଭିଯୋଗ ହେଉଛି। ଅନ୍ୟପକ୍ଷେ ସ୍ତ୍ରୀକୁ ନପାଇ ସ୍ୱାମୀ ଶମ୍ଭୁ ପାଳଗ ପରି ଏଣେତେଣେ ଘୂରି ବୁଲୁଛନ୍ତି। ଯାହାକୁ ଦେଖୁଛନ୍ତି ସ୍ତ୍ରୀର ସନ୍ଧାନ ପାଇଁ ପଚାରି ବୁଝୁଛନ୍ତି ଯାହା ଅତ୍ୟନ୍ତ ମର୍ମସ୍ପର୍ଶୀ ଦୃଶ୍ୟ ଦେଖିବାକୁ ମିଳୁଛି। ଏପରିସ୍ଥଳେ ପୋଲିସ ଚୁପ୍ ବସିବା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନା ଅନୁସାରେ, ସୁକାନ୍ତି ଘରୁ ଗଲାବେଳେ ନୀଳ ରଙ୍ଗରେ ଶାଢୀ ପିନ୍ଧିଥିବା ସହ ଘରୁ ସୁନା, ଟଙ୍କା ଓ ବିଭୋ ମୋବାଇଲ ନେଇ ଯାଇଥିବା ଜଣାପଡ଼ିଛି। କୌଣସି ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ ନିକଟସ୍ଥ ପୋଲିସ ଷ୍ଟେସନ କିମ୍ବା ଶମ୍ଭୁ ସାହୁଙ୍କ ମୋବାଇଲ ୭୩୫୬୮୪୧୫୭୯ରେ ଯୋଗାଯୋଗ କରିବାକୁ ଶ୍ରୀ ସାହୁ ଅନୁରୋଧ କରିଛନ୍ତି।

## ହଜଯାତ୍ରୀ ପ୍ରଶିକ୍ଷଣ ଶିବିର

# ଉତ୍ତର ଓଡ଼ିଶାରୁ ୧୮୪ ଜଣ ମକ୍କା ଯିବେ




ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ସାଉଦି ଆରବର ମକ୍କାକୁ ହଜ ପାଇଁ ଉତ୍ତର ଓଡ଼ିଶାରୁ ଯାଉଥିବା ଇସଲାମ ଧର୍ମାବଲମ୍ବୀଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ଟୀକାକରଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ଶା ରାଜ୍ୟ ହଜ କମିଟି ଓ ବାଲେଶ୍ୱରର 'ଖୁଦାମୁଲ ହୁଜାଜ କମିଟି'ର ମିଳିତ ସହଯୋଗରେ ସହରର ଭେନିଆ ପାରାଡାଇଜ୍ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି ଶିବିରରେ ଅନୁଷ୍ଠାନର ସଭାପତି ହାଜି କମାଲ ଜାଫର ପୌରୋହିତ୍ୟ କରିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୌରାଧକ୍ଷା ସବିତା ସାହୁ, 'ରେବତୀ' ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା, ରାଜ୍ୟ ହଜ କମିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଲତାନ ଖାନ ପ୍ରମୁଖ ଏଥିରେ ଯୋଗ ଦେଇ ହଜ୍ ଯାତ୍ରୀଙ୍କର ମଙ୍ଗଳ ଯାତ୍ରା କାମନା କରିବା ସହିତ ବିଶ୍ୱ ଭାତୃତ୍ୱର ପ୍ରତୀକ ଏହି ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ସୟଦ ଅବଦୁଲ ସବୁହ ପ୍ରଶିକ୍ଷକ ଓ ଭଦ୍ରକର ସୟଦ ଅବଦୁଲ ମସଜୁଦ ଗାଇଡ ଭାବେ ଯୋଗଦେଇ ହଜ ଯାତ୍ରୀଙ୍କୁ ଯାତ୍ରାର ନିୟମାବଳି ସମ୍ପର୍କରେ ସଚେତନ କରିବା ସହ ହଜ ସମୟରେ ପାଳନ କରାଯାଉଥିବା ବିଭିନ୍ନ ପ୍ରକାର ନୀତି-ନିୟମ ସମ୍ପର୍କରେ ସୂଚନା ଦେଇଥିଲେ। ଖୁଦାମୁଲ ହୁଜାଜ କମିଟିର ସମ୍ପାଦକ ଇନ୍ତେଖାବ ଅଲୀ ଖାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ-ସଭାପତି ହାଜି ମଇନୁଲ ଇସଲାମ ଓ ମହମ୍ମଦ ମୁକ୍ତାର ଅହମ୍ମଦଙ୍କ ସମେତ ହାଜି ସେଖ ଅବଦୁଲ ହନ୍ନାନ, ହାଜି ଜହରୁଲ ଇସଲାମ, ହାଜି ଆଲମ ଅଲ୍ଲୀ ଖାଁ ପ୍ରମୁଖ ଯୋଗଦେଇ ହଜ୍ ଯାତ୍ରାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଆଜିମ ବାଲେଶ୍ୱରୀ କୋରାନ ପାଠ ସହ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ମାଷ୍ଟର ଶେଖ ଆଜାଦ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଖୁଦାମୁଲ ହୁଜାଜ କମିଟିର ଉପ-ସଭାପତି ହାଜି ଶେଖ ଜମାଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଚଳିତ ବର୍ଷ ବାଲେଶ୍ୱର ଜିଲାରୁ ୭୪ଜଣ, ଭଦ୍ରକରୁ ୯୦ଜଣ ଓ ମୟୂରଭଞ୍ଜ ଜିଲାରୁ ୨୦ ଜଣଙ୍କୁ ମିଶାଇ ମୋଟ ୧୮୪ ଜଣ ହଜଯାତ୍ରା କରିବାକୁ ଯିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରୀମାନେ ମେ ମାସ ୨୧ ତାରିଖରୁ ଜୁନ ୬ତାରିଖ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ମକ୍କା ଅଭିମୁଖେ ଯାତ୍ରା କରିବେ। ଜୁନ ୨୮ ତାରିଖରେ ହଜ୍ କରିବା ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଶେଖ ସରାଫତ ଅଲ୍ଲୀ, ଶେଖ ବିଲାଲୁଦ୍ଦିନ, ଚିରାଗ ଚୌହାନ, ସଲିମ ସୁବାସା, ଅମଜଦ ହୁସେନ ପ୍ରମୁଖ ଆଜିର ଶିବିର ପରିଚାଳନା କରିଥିଲେ ।

## ପ୍ରେରଣା ଦିବସ-୨୦୨୩ ପାଳିତ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାର ବ୍ଲକ୍ ବିଜୁ ପଟ୍ଟନାୟକ ସଭାଗୃହରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ସାଂସଦ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ୩ୟ ଶ୍ରାଦ୍ଧ ଦିବସକୁ ନିମାପଡ଼ା ପ୍ରେରଣା ଦିବସ ଭାବେ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିମାପଡ଼ାର ବିଧାୟକ ସମୀର ରଂଜନ ଦାଶ କହିଲେ ଭବାନୀ ବାବୁ କେବେ ନିଜ ବିଷୟରେ ଚିନ୍ତା କରୁ ନଥିଲେ । ମାତୃଭୂମିର ସେବା ଓ ସାଧାରଣ ଲୋକଙ୍କ ସେବା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ତାଙ୍କ ଜୀବନ ଥିଲା ପିଲା ଓ ଯୁବ ସମାଜ ପାଇଁ ପ୍ରେରଣାର ଉତ୍ସ । ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଶହୀଦ ସ୍ମୃତି ସଂସଦର ସଂପାଦକ ଡ଼ଃ ବେଣୁଧର ସେନାପତି । ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ନିମାପଡ଼ା ପଂଚାୟତ ସମିତିର ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷା ସସ୍ମିତା ସାହୁ ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ । କାର୍ଯ୍ୟକ୍ରମରେ ପ୍ରାୟ ଏଗାରଟି ବିଦ୍ୟାଳୟରେ ମୋ ସ୍ୱପ୍ନର ନିମାପଡ଼ା ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗୀତା କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ୍ ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା ଏବଂ ପ୍ରାୟ ବାରଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ମୁକ୍ତି ଆନ୍ଦୋଳନରେ ନିମାପଡ଼ା ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତି ଛାତ୍ରଛାତ୍ରୀ ଯଥାକ୍ରମେ ନିମାପଡ଼ା ମହାବିଦ୍ୟାଳୟର ସ୍ୱପ୍ନେଶ୍ୱରୀ ସ୍ୱାଇଁ, ରିଜିଓନାଲ୍ ମହାବିଦ୍ୟାଳୟର ବିନୟ ବିଶ୍ୱରଂଜନ ବାରିକ ଓ ସମୀକ୍ଷା ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା । ଧନ୍ୟବାଦ ଦେଇଥିଲେ ସଂସଦର ସସଦସ୍ୟ ଜୀବନାନନ୍ଦ ମହାପାତ୍ର । ପ୍ରତିଯୋଗୀତାରେ ବିଚାରକ ଭାବେ ଯୋଗ ଦେଇଥିଲେ ଅଧ୍ୟାପକ ରବୀନ୍ଦ୍ର ପାଢ଼ି, ଅଧ୍ୟାପକ କୃଷ୍ଣଚନ୍ଦ୍ର ସାବୁତ ଓ ଜେ.କେ. ସୁଖାରି ।

# ଜାତୀୟ ଓ ଅନ୍ତର୍ଜାତୀୟ



ବେଙ୍ଗାଲୁରୁ: କର୍ଣ୍ଣାଟକା ଡିଜିପି ପ୍ରବୀଣ ସୁଦ ସିବିଆଇ ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ସେ ଦୁଇ ବର୍ଷ ପାଇଁ ଏହି ପଦରେ ରହିବେ। ପ୍ରଧାନମନ୍ତ୍ରୀ, ପ୍ରଧାନ ବିଚାରପତି ଓ ଲୋକସଭାର ବିରୋଧୀ ଦଳର ନେତାଙ୍କୁ ନେଇ ଗଠିତ କମିଟି ତାଙ୍କ ନିଯୁକ୍ତି ଉପରେ ମୋହର ମାରିଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଦୁଇ ବର୍ଷ ଯାଏ ଏହି ପଦରେ ରହିବେ। ବର୍ତ୍ତମାନ ସିବିଆଇ ନିର୍ଦ୍ଦେଶକ ଭାବେ କାମ କରୁଥିବା ସୁବୋଧ କୁମାର ଜୈସୱାଲଙ୍କ ୨ ବର୍ଷିଆ କାର୍ଯ୍ୟକାଳ ମେ' ୨୫ରେ ଶେଷ ହେବ। ଏହାପରେ ପ୍ରବୀଣ ସୁଦ ନୂଆ ସିବିଆଇ ମୁଖ୍ୟ କାର୍ଯ୍ୟ ଆରମ୍ଭ କରିବେ। ପ୍ରବୀଣ ହେଉଛନ୍ତି ୧୯୮୬ ଆଇପିଏସ୍ ବ୍ୟାଚ୍‌ର କ୍ୟାଡର। ମାର୍ଚ୍ଚ ମାସରେ ପ୍ରବୀଣ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲେ। କର୍ଣ୍ଣାଟକା କଂଗ୍ରେସ ମୁଖ୍ୟ ଡିକେ ଶିବକୁମାର ତାଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିବା ସହ ସେ କର୍ଣ୍ଣାଟକା ବିଜେପି ସରକାରଙ୍କୁ ଘଣ୍ଟ ଘୋଡ଼ାଉଥିବା କହିଥିଲେ।

## କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଆସନକୁ ନେଇ ଦ୍ୱନ୍ଦ୍ୱ ଦୂର ହେଉନି

# ଖଡ୍‌ଗେ ନେବେ ନିଷ୍ପତ୍ତି



ବେଙ୍ଗାଲୁରୁ: କର୍ଣ୍ଣାଟକରେ ବିଧାନସଭା ନିର୍ବାଚନରେ ଜିତିବା ପରେ ମୁଖ୍ୟମନ୍ତ୍ରୀ ଚୟନ କଂଗ୍ରେସ ଦଳ ପାଇଁ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଶେଷ ନିଷ୍ପତ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେଙ୍କ ହାତରେ ନ୍ୟସ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ପାଇଁ ପ୍ରବଳ ଦାବିଦାର ଥିବା ସିଦ୍ଧରମୈୟା ଓ ଡିକେ ଶିବକୁମାର ଆସନ୍ତାକାଲି ଦିଲ୍ଲୀ ଯିବାର ଯୋଜନା ରହିଚି। ତେବେ ଦଳୀୟ ସୂତ୍ର ଅନୁଯାୟୀ ଏ ନେଇ ଏକ ନୂଆ ଫର୍ମୁଲା ବାହାରିଛି। ଖବର ଅନୁଯାୟୀ ସିଦ୍ଧରମୈୟା କର୍ଣ୍ଣାଟକରେ ପ୍ରଥମ ଦୁଇ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ହେବେ ଏବଂ ଡି.କେ ଶିବକୁମାର ଏହି ସମୟ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ହେବେ। ଏହା ପରେ ଶିବକୁମାରଙ୍କୁ ସିଏମ୍ ପଦବୀ ହସ୍ତାନ୍ତର କରାଯିବ। ଏହା ସହିତ ଯେତେବେଳେ ଶିବକୁମାର ଉପମୁଖ୍ୟମନ୍ତ୍ରୀ ହେବେ, ସେତେବେଳେ ତାଙ୍କର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ମଧ୍ୟ ରହିବ। ଏହି ଫର୍ମୁଲା ଦଳର ବିଧାନସଭା ପାର୍ଟି ବୈଠକରେ ଆଲୋଚନା ହେବ ଏବଂ ଏହା ପରେ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ପାର୍ଟି ସୂତ୍ରରୁ ପ୍ରକାଶ ଯେ ଆସନ୍ତା ଦୁଇ ଦିନ ମଧ୍ୟରେ ସିଏମଙ୍କ ନାମ ଘୋଷଣା କରାଯିବ ଏବଂ ମେ ୧୮ରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଏହି ସମାରୋହରେ ସିଏମ୍ ଏବଂ ଡେପୁଟି ସିଏମ୍ ସମେତ ଅନେକ କ୍ୟାବିନେଟ ମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ କରିବେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଶନିବାର ଆସିଥିବା ଫଳାଫଳରେ କଂଗ୍ରେସ ୧୩୬ଟି ସିଟ୍ ଜିତି ବହୁମତ ହାସଲ କରିଛି। ଏହା ସହ ଭାରତୀୟ ଜନତା ପାର୍ଟି ମାତ୍ର ୬୫ ଟି ଆସନ ଜିତିବାକୁ ସକ୍ଷମ ହୋଇଛି। ଅନ୍ୟପକ୍ଷରେ କିଙ୍ଗମେକର ହେବାର ସ୍ୱପ୍ନ ଦେଖୁଥିବା ଜେଡିଏସ୍ ମାତ୍ର ୧୯ଟି ଆସନରେ ସୀମିତ ରହିଛି। ଫଳାଫଳ ବାହାରିବା ପରେ ହିଁ ସିଦ୍ଧରମୈୟା ଏବଂ ଡି.କେ ଶିବକୁମାରଙ୍କ ସମର୍ଥକମାନେ ସେମାନଙ୍କ ନେତାଙ୍କୁ ସିଏମ କରିବାକୁ ଦାବିରେ ଅଡି ବସିଛନ୍ତି ଏବଂ ନିର୍ବାଚନରେ ଜିତିବା ଅପେକ୍ଷା କାହାକୁ ସିଏମ କରାଯିବା ଉଚିତ ତାହା ସ୍ଥିର କରିବା କଂଗ୍ରେସ ପାଇଁ କଷ୍ଟକର ବ୍ୟାପାର ହୋଇଛି। ତେବେ ଇତିମଧ୍ୟରେ କଂଗ୍ରେସ ପର୍ଯ୍ୟବେକ୍ଷକ ବେଙ୍ଗାଲୁରୁରେ ପହଞ୍ଚି ସିଏଲ୍‌ପି ବୈଠକ କରିଛନ୍ତି। ସେମାନେ ତାଙ୍କର ନିଷ୍ପତ୍ତି ଖଡ୍‌ଗେଙ୍କୁ ହସ୍ତାନ୍ତର କରିବା ପରେ ସ୍ଥିତି ସ୍ପଷ୍ଟ ହେବ।

## 'ସେବା ହେଉଛି ସବୁଠାରୁ ବଡ ଧର୍ମ'




ରାୟପୁର: ମୁଖ୍ୟମନ୍ତ୍ରୀ ଶ୍ରୀ ଭୁପେଶ ବାଘେଲ କହିଛନ୍ତି ଯେ ଯେତେବେଳେ ନର୍ସମାନଙ୍କ ବିଷୟରେ ଆଲୋଚନା ହୁଏ, କୋଭିଡ-୧୯ର ଚ୍ୟାଲେଞ୍ଜିଙ୍ଗ ପର୍ଯ୍ୟାୟ ମନକୁ ଆସେ। ତେବେ ଏହି ପ୍ରତିକୂଳ ପରିସ୍ଥିତିରେ ଆମର ଡାକ୍ତର ଏବଂ ନର୍ସମାନଙ୍କ ଦ୍ୱାରା ପ୍ରଦତ୍ତ ସେବାଗୁଡିକ ତୁଳନା କରାଯାଇପାରିବ ନାହିଁ। ନର୍ସମାନେ ସେମାନଙ୍କ ପରିବାର ଏବଂ ପିଲାମାନଙ୍କଠାରୁ ଦୂରରେ ରହି ରୋଗୀମାନଙ୍କୁ ସେବା କରିଥିଲେ। ଅନେକ ସମୟରେ ତାଙ୍କୁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା, କିନ୍ତୁ ସେ ନିଜ କର୍ତ୍ତବ୍ୟରୁ ଦୂରେଇ ଯାଇ ନଥିଲେ। ଆମର ନର୍ସ ଭଉଣୀମାନେ ଭଗବାନଙ୍କ ସେବା କରିବା ପରି ରୋଗୀମାନଙ୍କୁ ସେବା କରିଥିଲେ। ରାଜଧାନୀ ରାୟପୁର ପଣ୍ଡିତ ଜବାହରଲାଲ ନେହେରୁ ମେଡିକାଲ କଲେଜର ଅଡିଟୋରିୟମରେ ଛତିଶଗଡ ନର୍ସିଂ ଅଫିସର ଆସୋସିଏସନ ଦ୍ୱାରା ଆୟୋଜିତ ଆନ୍ତର୍ଜାତୀୟ ନର୍ସ ଦିବସ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ବାଘେଲ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ବାଘେଲ ତାଙ୍କ ଫଟୋକୁ ସଜାଇ ଫ୍ଲୋରେନ୍ସ ନାଇଟିଙ୍ଗଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଏବଂ ମାନବିକତା ପାଇଁ ଅବଦାନ ପାଇଁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯେପରି ଜଣେ ମା ନିଜ ପିଲାମାନଙ୍କର ସେବା କରନ୍ତି, ସେହିଭଳି ନର୍ସମାନେ ରୋଗୀମାନଙ୍କୁ ସେବା କରନ୍ତି ଏବଂ ଏଥିରେ କୌଣସି ଅତ୍ୟୁକ୍ତି ନାହିଁ। ସେବା ହେଉଛି ସବୁଠାରୁ ବଡ ଧର୍ମ ଏବଂ ଆପଣ ସମସ୍ତେ ସେବା କ୍ଷେତ୍ରରେ ଅଛନ୍ତି। ରୋଗୀଙ୍କ ଚିକିତ୍ସା ଏବଂ ପୁନରୁଦ୍ଧାରରେ ଆପଣଙ୍କର ଏକ ବଡ଼ ଭୂମିକା ରହିଛି।

## ରୁଷ-ଚୀନ ମଧ୍ୟରେ ବୁଝାମଣା ଦୁନିଆ ପାଇଁ ବିପଦ !



ନୂଆଦିଲ୍ଲୀ: ୟୁକ୍ରେନରେ ଜାରି ଯୁଦ୍ଧ ଭିତରେ ଚୀନ ଏବଂ ରୁଷ ମଧ୍ୟରେ ଘନିଷ୍ଠତା ବଢ଼ିଛି। ଗତ ଏକ ବର୍ଷରେ ଦୁଇ ଦେଶ ମଧ୍ୟରେ ସୈନ୍ୟ ସହଯୋଗ ମଧ୍ୟ ବଢ଼ିଛି। ଯାହା ଫଳରେ କେବଳ ୟୁରୋପ ନୁହେଁ ବରଂ ଦୁନିଆରେ ତୃତୀୟ ବିଶ୍ୱଯୁଦ୍ଧର ଆଶଂକା ବଢ଼ିଛି। ଚୀନର ଇତିହାସ ରହିଛି, ନିଜର ବିସ୍ତାରବାଦୀ ନୀତି ପାଇଁ ସେ ଯେକୌଣସି ଦେଶକୁ ଆକ୍ରମଣ କରିବାରେ ଆଦୌ ସଂକୋଚ କରିବ ନାହିଁ। ଅନ୍ୟପଟେ ରୁଷ, ୟୁକ୍ରେନ ସହ ଯୁଦ୍ଧ ୟୁରୋପ ସହ ଅନ୍ୟ ଦେଶର କଟକଣା ଯୋଗୁଁ ପୂର୍ବରୁ ହିଁ ଆକ୍ରୋଶରେ ରହିଛି। ଏପରି ସ୍ଥିତିରେ ଦୁନିଆର ବଡ଼ ଶକ୍ତି ରୁଷ ଏବଂ ଚୀନ ମଧ୍ୟରେ ସୈନ୍ୟ ଘନିଷ୍ଠତା ବଢ଼ିବା ଦୁନିଆରେ ନୂଆ ବିପଦ ସୃଷ୍ଟି କରିପାରେ। ଜାପାନ ମଧ୍ୟ ଏହା ଉପରେ ଚିନ୍ତା ପ୍ରକଟ କରି ରୁଷ ଏବଂ ଚୀନ ମଧ୍ୟ ସୈନ୍ୟ ସମ୍ପର୍କ ବଡ଼ ବିପଦ ହୋଇପାରେ ବୋଲି କହିଛି। ଜାପାନର ବିଦେଶ ମନ୍ତ୍ରୀ ୟୋଶିମାସା ହୟାଶି ରୁଷ ଏବଂ ଚୀନ ସୈନ୍ୟ ସହଯୋଗ ଉପରେ ଚିନ୍ତା ପ୍ରକଟ କରିଛନ୍ତି। ୟୁକ୍ରେନ ଉପରେ ମସ୍କୋର ଆକ୍ରମଣ ପରେ ୟୁରୋପରେ ସୁରକ୍ଷା ସ୍ଥିତିକୁ ଭାରତ-ପ୍ରଶାନ୍ତ କ୍ଷେତ୍ରରୁ ଅଲଗା କରାଯାଇ ପାରିବ ନାହିଁ। ସ୍ୱିଡେନରେ ୟୁରୋପୀୟ ଏବଂ ଭାରତ-ପ୍ରଶାନ୍ତ ବିଦେଶ ମନ୍ତ୍ରୀଙ୍କ ଏକ ବୈଠକରେ ହୟାଶି କହିଛନ୍ତି, 'ୟୁକ୍ରେନ ଉପରେ ରୁଷର ଆକ୍ରମଣ ଅନ୍ତରାଷ୍ଟ୍ରୀୟ ବ୍ୟାବସ୍ଥାକୁ ଦୋହଲାଇ ଦେଇଛି'। ହୟାଶି କହିଛନ୍ତି, 'ଏପରି ଆହ୍ୱାନ ଅନ୍ୟ କ୍ଷେତ୍ରରେ ସୃଷ୍ଟି ହେବ ଏବଂ ବର୍ତ୍ତମାନର ବ୍ୟବସ୍ଥା ଯେଉଁଥିରେ ଆମର ଶାନ୍ତି ଏବଂ ସମୃଦ୍ଧିକୁ ମଜଭୁତ କରୁଛି, ଏହାକୁ ବଡ଼ ଝଟକା ଲାଗିପାରେ'।

## ହୋମୋକନ୍-୨୦୨୩ ଉଦ୍‌ଘାଟିତ




ଡେରାଡୁନ୍ : ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ରବିବାର ଦିନ ଡେରାଡୁନ୍‌ର ଡନ୍ ୟୁନିଭରସିଟିରେ ଜାତୀୟ ହୋମିଓପାଥିକ୍ ସମ୍ମିଳନୀ 'ହୋମୋକନ୍-୨୦୨୩' ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୋମିଓପାଥି ଉପରେ ଏକ ଡକ୍ୟୁମେଣ୍ଟାରୀ ଲଞ୍ଚ କରିଥିଲେ। ହୋମିଓପାଥି କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ଡାକ୍ତରମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଛନ୍ତି ବୋଲି ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ହୋମିଓପାଥିର ପିତା ସାମୁଏଲ୍ ଖ୍ରୀଷ୍ଟିଆନ ହାହ୍ନେମାନ୍‌ଙ୍କୁ ସ୍ମରଣ କରି ସିଏମ୍ କହିଛନ୍ତି ଯେ ସେ ହୋମିଓପାଥି ଆକାରରେ ଏପରି ଚିକିତ୍ସା ପଦ୍ଧତି ପ୍ରସ୍ତୁତ କରିଛନ୍ତି, ଯାହା ଅତ୍ୟନ୍ତ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ସିଏମ୍ କହିଛନ୍ତି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ହୋମିଓପାଥି ବିଶ୍ୱର ଦ୍ୱିତୀୟ ସର୍ବାଧିକ ଔଷଧ ପ୍ରଣାଳୀ ଭାବରେ ମାନ୍ୟତା ପାଇଛି। "ଆମେ ସମସ୍ତେ କରୋନା ଅବଧିରେ ହୋମିଓପାଥି ଔଷଧ ସମେତ ପାରମ୍ପାରିକ ଔଷଧର ମହତ୍ତ୍ୱକୁ ଅତି ନିକଟରୁ ଦେଖିଛ। ଏହି ସୁଖଦ ଫଳାଫଳ ଯୋଗୁଁ, ହୋମିଓପାଥି ନୂତନ ସ୍ୱାସ୍ଥ୍ୟ ନୀତିରେ ଏକ ପ୍ରମୁଖ ଚିକିତ୍ସା ପଦ୍ଧତି ଭାବରେ ସ୍ଥାନ ପାଇଛି।

## ବିଷାକ୍ତ ମଦ ନେଲା ୩ ଜୀବନ

ଚେନ୍ନାଇ: ବିଷାକ୍ତ ମଦ ପିଇ ଚାଲିଗଲା ୩ ଜୀବନ, ୧୬ ଡାକ୍ତରଖାନାରେ ଭର୍ତ୍ତି। ତାମିଲନାଡୁର ମର୍କକାନମ୍‌ରେ ଏହି ଅଘଟଣ ଘଟିଛି। ଗୁରୁତରମାନେ ପୁଡୁଚେରୀ ଜିଆଇପିଏମ୍‌ଇଆର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ମୃତକମାନେ ହେଲେ ସୁରେଶ, ଶଙ୍କର ଓ ରାନୀଭେଲ୍। ଅଘଟଣ ପାଇଁ ବିରୋଧୀ ଦଳ ଏଆଇଏଡିଏମ୍‌କେ ସରକାରଙ୍କ ଦାୟିତ୍ୱହୀନତାକୁ ଦୋଷ ଦେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏଆଇଏଡିଏମ୍‌କେ ପକ୍ଷରୁ ସାଧାରଣ ସମ୍ପାଦକ ଇଡିପ୍‌ପାଡି କେ ପାଲାନିସ୍ୱାମୀ ପ୍ରଶାସନିକ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଏଆଇଏଡିଏମ୍ ?କେ ସରକାର ଥିବା ବେଳେ ଅପ୍ରାକୃତ ମଦ ବିକ୍ରିକୁ ହଟାଇ ଦିଆଇଯାଇଥିଲା। ମାତ୍ର ଏବେ ଏହାକୁ ପୁଣି ଲାଗୁ କରାଯାଇଛି। ସୂଚନାଥାଉକି, ଅପ୍ରାକୃତ ମଦ ମଣିଷ ପାଇଁ କ୍ଷତିକାରଣକ। ଏହା ମଣିଷକୁ ଅନ୍ଧ କିମ୍ବା ମଣିଷର ପ୍ରାଣ ନେଇଯାଇପାରେ।

# ବାଣିଜ୍ୟ

ମୁମ୍ବାଇ: ଯଦି ଆପଣ ମଧ୍ୟ ସେୟାର ମାର୍କେଟରେ ଟଙ୍କା ବିନିଯୋଗ କରନ୍ତି, ତେବେ ଆପଣ ନିଶ୍ଚିତ ଭାବରେ ମଲ୍ଟିବ୍ୟାଗର୍ ସେୟାର ବିଷୟରେ ଶୁଣିଥିବେ। ବଜାରରେ ଏହିପରି ଷ୍ଟକଗୁଡିକୁ ମଲ୍ଟିବ୍ୟାଗର୍ କୁହାଯାଏ, ଯାହାକି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେମାନଙ୍କ ନିବେଶକଙ୍କ ଅର୍ଥକୁ ଦୁଇଗୁଣ କରିପାରିଛି। ଏହି ଛୋଟ କମ୍ପାନୀଗୁଡିକର କିଛି ରିଟର୍ଣ୍ଣ ଜାଣି ଆପଣ ଆଶ୍ଚର୍ଯ୍ୟ ହୋଇଯିବେ। ଏପରି ଏକ ଷ୍ଟକ୍ ଯାହା ଗତ ୧୦ ବର୍ଷ ମଧ୍ୟରେ ଏହାର କ୍ରେତାଙ୍କୁ ଅପୂର୍ବ ରିଟର୍ଣ୍ଣ ଦେଇଛି। ଏପରି ଏକ ସେୟାର ହେଉଛି ୟୁନୋ ମିଣ୍ଡାର। କମ୍ପାନୀ ମାଲିକାନା ଅଟୋମୋବାଇଲ୍ ସଲ୍ୟୁସନ୍‌ର ଏକ ଟାୟର୍-୧ ଯୋଗାଣକାରୀ। ବିଏମଡବ୍ଲୁ, ଫୋର୍ଡ, ନିସାନ ଏବଂ କାୱାସାକି ପରି ବିଶ୍ୱର ବଡ଼ ବଡ଼କାର କମ୍ପାନୀ ଏହି ଘରୋଇ କମ୍ପାନୀରୁ ଉତ୍ପାଦ କିଣୁଛନ୍ତି। ୧୦ ବର୍ଷ ପୂର୍ବେ ଯଦି ଜଣେ ନିବେଶକ ଏହି ଷ୍ଟକ୍‌ରେ ମାତ୍ର ୧୦ହଜାର ଟଙ୍କା ବିନିଯୋଗ କରିଥାନ୍ତେ, ତା'ହେଲେ ଆଜି ତାଙ୍କ ନିବେଶର ମୂଲ୍ୟ ୮ ଲକ୍ଷ ଟଙ୍କା ହୋଇଥାନ୍ତା।

## ଚଳିତ ସପ୍ତାହରେ ଏକ୍ସ ଡିଭେଡେଣ୍ଡ ଷ୍ଟକ୍‌ରୁ ଲାଭ ଉଠାନ୍ତୁ

ମୁମ୍ବାଇ: ଆଗାମୀ କିଛି ଦିନ ଷ୍ଟକ୍ ମାର୍କେଟରୁ ସୁଯୋଗ ପାଇବାକୁ ଚାହୁଁଥିବା ନିବେଶକମାନଙ୍କ ପାଇଁ ବହୁତ ଭଲ ହେବ। ସୋମବାର ଠାରୁ ବ୍ୟବସାୟ ସପ୍ତାହରେ ଅନେକ କମ୍ପାନୀର ସେୟାର ଏକ୍ସ-ଡିଭିଡେଣ୍ଡ ଷ୍ଟକ୍ ହେବାକୁ ଯାଉଛି। ଏଭଳି ପରିସ୍ଥିତିରେ, ନିବେଶକମାନଙ୍କୁ ଏହି ପୋର୍ଟଫୋଲିଓରେ ଏହି ଅଂଶଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାକୁ କିଛି ଦିନ ଅଛି, ଯାହା ଦ୍ୱାରା ସେମାନେ ଡିଭିଡେଣ୍ଡର ଲାଭ ପାଇପାରିବେ। ଏକ୍ସ-ଡିଭିଡେଣ୍ଡ ତାରିଖ ହେଉଛି ସେହି ଦିନ ଯେତେବେଳେ କମ୍ପାନୀ ଡିଭିଡେଣ୍ଡ ପେମେଣ୍ଟ ପାଇଁ ଇକ୍ୱିଟି ସେୟାରର ମୂଲ୍ୟ ଆଡଜଷ୍ଟ କରିଥାଏ। ଏହି ତାରିଖ ସାଧାରଣତଃ ରେକର୍ଡ ତାରିଖର ଏକ କିମ୍ବା ଦୁଇ କାର୍ଯ୍ୟ ଦିନ ଅଟେ। ସେହିଭଳି ରେକର୍ଡ ତାରିଖ ହେଉଛି ସେହି ତାରିଖ ଯାହାର ଶେଷ ପର୍ଯ୍ୟନ୍ତ କମ୍ପାନୀ ତାଲିକାରେ ଆସୁଥିବା ଅଂଶୀଦାରମାନେ ଡିଭିଡେଣ୍ଡର ଲାଭ ପାଇବେ। ଏହି ଷ୍ଟକଗୁଡ଼ିକ ମଧ୍ୟରେ ଅନୁପମ ରସାୟନ ଇଣ୍ଡିଆ, ସୁଲା ଭିନେୟାର୍ଡ୍ସ, ଟାଟା କଫି ଏବଂ ଟାଟା କଞ୍ଜ୍ୟୁମର ପ୍ରଡକ୍ଟ, ଜିଏମ୍ ବ୍ରୁରିଜ୍, ଏଚ୍‌ଡିଏଫ୍‌ସି ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, କୋଲଗେଟ୍-ପାମୋଲିଭ୍ ଇଣ୍ଡିଆ, ହୋମ୍ ଫାଷ୍ଟ ଫାଇନାନ୍ସ କମ୍ପାନୀ ଇଣ୍ଡିଆ ଓ ଜେଏମ୍ ଫାଇନାନ୍ସିଆଲ୍ ସାମିଲ ରହିଛନ୍ତି।

# ୩୫ହଜାର କୋଟି ଟଙ୍କାର ଦାବିଦାର ନାହାନ୍ତି

## '୧୦୦ ଦିନ ୧୦୦ ପେ' ଅଭିଯାନ ଆରମ୍ଭ କରିବ ଆର୍‌ବିଆଇ




ନୂଆଦିଲ୍ଲୀ: ଭାରତର ବିଭିନ୍ନ ବ୍ୟାଙ୍କରେ ଅଣବ୍ୟବହାର ଯୋଗ୍ୟ ପଡ଼ିରହିଥିବା ହଜାର ହଜାର କୋଟି ଟଙ୍କାର ଦାବିଦାରଙ୍କୁ ଚିହ୍ନଟ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) '୧୦୦ ଦିନ ୧୦୦ ପେ' ନାମ ଅଭିଯାନ ଆରମ୍ଭ କରିଛି। ଏହି ଅନୁଯାୟୀ ୧୦୦ ଦିନ ମଧ୍ୟରେ ପ୍ରତ୍ୟେକ ଜିଲ୍ଲାରେ ପ୍ରତିଟି ବ୍ୟାଙ୍କରେ ଜମା ୧୦୦ ଅନ୍‌କ୍ଲେମ୍‌ଡ୍ ଡିପୋଜିଟ୍ ରାଶିର ପତ୍ତା ଲଗାଇବା ଓ ତାହାକୁ ସମାଧାନ କରିବା। ରିଜର୍ଭ ବ୍ୟାଙ୍କ ତା'ର ଏହି ଅଭିଯାନକୁ ନେଇ ସୂଚନା ଦେଇଛି କି ଏହି ଉପାୟରେ ବ୍ୟାଙ୍କରେ ଅଣବ୍ୟବହାର ଯୋଗ୍ୟ ପଡ଼ିରହିଥିବା ଅର୍ଥକୁ ହ୍ରାସ କରାଯାଇପାରିବ ଓ ଉକ୍ତ ଅର୍ଥର ପ୍ରକୃତ ମାଲିକଙ୍କୁ ଚିହ୍ନଟ କରି ତାଙ୍କ ଅର୍ଥ ଫେରସ୍ତ କରାଯାଇପାରିବ। ଏଠାରେ ସୂଚନାଯୋଗ୍ୟ ଯେ ଅନ୍‌କ୍ଲେମ୍‌ଡ ଡିପୋଜିଟ୍ ତାହାକୁ କୁହାଯାଇଥାଏ ଯାହା ୧୦ ବର୍ଷ କିମ୍ବା ତା' ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଉକ୍ତ ଆକାଉଣ୍ଟରେ କୌଣସି ଟ୍ରାଞ୍ଜେକସନ୍ କରାଯାଇନଥାଏ। ବ୍ୟାଙ୍କିଂ ସିଷ୍ଟମରେ ଏହାକୁ ଇନ୍‌ଆକ୍ଟିଭ୍ ଡିପୋଜିଟ୍ କୁହାଯାଇଥାଏ। ପବ୍ଲିକ ସେକ୍ଟର ବ୍ୟାଙ୍କ ସମୂହ ୨୦୨୩ ସୁଦ୍ଧା ଅନ୍‌କ୍ଲେମ୍‌ଡ୍ ଡିପୋଜିଟ୍ ଥିବା ୩୫ହଜାର କୋଟି ଟଙ୍କାକୁ ରିଜର୍ଭ ବ୍ୟାଙ୍କକୁ ଟ୍ରାନ୍ସଫର କରିଛନ୍ତି। ଏହି ରାଶି ଭିନ୍ନ ଭିନ୍ନ ବ୍ୟାଙ୍କରେ ୧୦.୨୪ କୋଟି ଖାତାଧାରକଙ୍କ ଅର୍ଥରାଶି। ଅନ୍‌କ୍ଲେମ୍‌ଡ୍ ଡିପୋଜିଟ୍ ବୃଦ୍ଧିର ମୁଖ୍ୟ କାରଣ ଏହା ଯେ କିଛି ଡିପୋଜିଟରଙ୍କ ମୃତ୍ୟୁ ହେବା ଓ ସେମାନଙ୍କ କୌଣସି ନୋମିନି ଦସ୍ତାବିଜ୍‌ରେ ଉଲ୍ଲେଖ ନଥିବା। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫାଇନାନ୍ସିଆଲ୍ ଷ୍ଟାବିଲିଟି ଆଣ୍ଡ ଡେଭଲପର କାଉନ୍‌ସିଲ୍ ବୈଠକରେ ଏହାକୁ ନେଇ ବିଶେଷ ଅଭିଯାନ ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ସେଲ୍ ରାଉରକେଲା ଇସ୍ପାତ କାରଖାନାରେ ଡିଆଇସି ଟ୍ରଫି ବିଜେତା ପୁରସ୍କୃତ



ରାଉରକେଲା,(ଭାସ୍କର ନ୍ୟୁଜ୍): ରାଉରକେଲା ଇସ୍ପାତ କାରଖାନାର ଡ଼ିଆଇସି ସଚିବାଳୟର ମନ୍ଥନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ୨୦୨୨-୨୩ ବର୍ଷ ପାଇଁ ଡ଼ିଆଇସି ଟ୍ରଫି ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ସାହୁ, ସାମଗ୍ରୀ ପ୍ରବନ୍ଧନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ, ସେବା ବିଭାଗର ସିଜିଏମ୍ ଇନଚାର୍ଜ ଦେବବ୍ରତ ଦତ୍ତ, ଏବଂ ଆରଏସପିର ବହୁ ଅନ୍ୟ ସିଜିଏମ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଭୌମିକ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଜ୍ଞାନକୁ ପରିବ୍ୟାପ୍ତ କରିବା ନିମନ୍ତେ ତଥା କାରଖାନା ଏବଂ କମ୍ପାନୀର ଅଭିବୃଦ୍ଧିରେ ଯୋଗଦାନ ପାଇଁ ସମସ୍ତଙ୍କୁ ଏଭଳି ପ୍ରତିଯୋଗିତାରେ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ନୂତନ ପ୍ଲେଟ ମିଲ ବିଭାଗର ମ୍ୟାନେଜର ଏମ ପି ମିଶ୍ର, ଏସ ସୌରଭ ଏବଂ ଦୀପକଙ୍କୁ ନେଇ ଗଠିତ ଦଳ ପ୍ରତିଯୋଗିତାର ବିଜେତା ଭାବରେ ଉଭା ହୋଇଥିଲେ। ଏହି ଟିମ୍ ୧୫୦୦୦ ଟଙ୍କା ନଗଦ ପୁରସ୍କାର ଏବଂ ଏକ ଟ୍ରଫି ଲାଭ କରିଥିଲା। ଏଥିରେ ଏଚଏସଏମ-୨ ବିଭାଗର ମ୍ୟାନେଜର, ଆର ମୁର୍ମୁ, କୋକ ଓଭେନ ବିଭାଗର ସିନିୟର ମ୍ୟାନେଜର, ଟି ପରିଡା ଏବଂ ନୂତନ ପ୍ଲେଟ ମିଲର ମ୍ୟାନେଜର ଜେ ରାଉତିଆ ଦ୍ୱିତୀୟ ସ୍ଥାନ ହାସଲ କରି ୧୦ ହଜାର ଟଙ୍କାର ଅର୍ଥ ରାଶି ଏବଂ ଟ୍ରଫି ଲାଭ କରିଥିଲେ। ହଟ ଷ୍ଟ୍ରିପ ମିଲ-୨ ବିଭାଗର ମ୍ୟାନେଜର ଏ ଅଗ୍ରୱାଲ, ଜଳ ପ୍ରବନ୍ଧନ ବିଭାଗର ମ୍ୟାନେଜର ଶ୍ରୀ ଦୀପକ ଗର୍ଗ ଏବଂ ଆର ଆଣ୍ଡ ସି ଲ୍ୟାବର ମ୍ୟାନେଜର୍ ଶ୍ରୀ ବି କେ ଗିରିଙ୍କୁ ନେଇ ଗଠିତ ଦଳ ତୃତୀୟ ପୁରସ୍କାର ଆକାରରେ ୫ ହଜାର ଟଙ୍କା ଓ ଏକ ଟ୍ରଫି ଲାଭ କରିଥିଲେ। ବିଭିନ୍ନ ବିଭାଗର ୯ ଟି ଟିମ୍ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ପ୍ରଥମ ତ୍ରୟମାସିକରେ କେଏସବି ଲିମିଟେଡ୍‌ର ଦୃଢ଼ ଫଳାଫଳ

ନୂଆଦିଲ୍ଲୀ: ପ୍ରଥମ ତ୍ରୟମାସିକ ୨୦୨୩ ର ବିକ୍ରୟ ମୂଲ୍ୟ ଟ.୪୮୯୬ ନିୟୁତ ପଞ୍ଜୀକୃତ ହୋଇଛି ଯାହାକି ୨୦୨୨ ର ଏହି ତ୍ରୟମାସିକ ତୁଳନାରେ ପ୍ରାୟ ୧୭% ର ବୃଦ୍ଧି। ଏହି ଅବଧିରେ ଅପରେଟିଂ ଲାଭ ୧୨% ରହିଛି। ଏଫଜିଡି ଅର୍ଡ଼ର ୩୩୯ ନିୟୁତ ଟଙ୍କା ଗ୍ରହଣ କରାଯାଇଛି ଯେଉଁଥିରୁ କେ ସି



କୋଟରେଲ୍‌ରୁ ୨୭୬ ନିୟୁତ ଟଙ୍କା ରହିଛି। ଅଲ୍ ଇଣ୍ଡିଆ ଡିଲର କନ୍‌ଫରେନ୍ସ ଇସ୍ତାନବୁଲ୍, ତୁର୍କୀରେ ଅନୁଷ୍ଠିତ ହୋଇଛି। ପ୍ରଥମ ତ୍ରୟମାସିକ, ୨୩ ର କାର୍ଯ୍ୟଦକ୍ଷତା ଉପରେ ସାରାଂଶ ପ୍ରଦାନ କରି, ଶ୍ରୀ ଫାରୁକ ଭାଥେନା, ସେଲ୍ସ ଓ ମାର୍କେଟିଂର ଭାଇସ ପ୍ରେସିଡେଂଟ କହିଛନ୍ତି ଯେ, 'ପ୍ରଥମ ତ୍ରୟମାସିକ ୨୦୨୩ ରେ ଆମେ ସର୍ବାଧିକ ଅର୍ଡ଼ର ଆଇଏନଆର ୬୭୬୪ ନିୟୁତ ଟଙ୍କା ସହିତ ପାରମ୍ପରିକ ବ୍ୟବସାୟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛୁ। ଆମର ଚଳିତ ତ୍ରୟମାସିକର ବିକ୍ରୟ ଗତ ବର୍ଷର ପ୍ରଥମ ତ୍ରୟମାସିକ ପ୍ରଥମ ତ୍ରୟମାସିକ ୨୦୨୨ ତୁଳନାରେ ୧୭% ଅଧିକ। ଜଟିଳ ମାକ୍ରୋଅର୍ଥନୈତିକ ପରିବେଶ ଓ ହ୍ରାସ ପାଉଥିବା ଲାଭ ସତ୍ତ୍ୱେ ଆମେ ଆମର ବଜାରରେ ବିକାଶର ପ୍ରକ୍ରିୟାକୁ ଜାରି ରଖିଛୁ। ଏହି ଉଲ୍ଲେଖନୀୟ ଫଳାଫଳ ବିକାଶ କୌଶଳ ଉପରେ ଦୃଢ଼ ଭାବରେ ଧ୍ୟାନ ପ୍ରଦାନ କରିବା କାରଣରୁ ସମ୍ଭବ ହୋଇପାରିଛି। ଏହା ସହିତ, ଆମର ଉତ୍ପାଦ ପୋର୍ଟଫୋଲିଓରେ ଗ୍ରାହକଙ୍କ ବିଶ୍ୱାସ ବୃଦ୍ଧି ହୋଇଛି ଓ ଦୃଢ଼କାରୀ ପ୍ରଣାଳୀ ମାଧ୍ୟମରେ କେଏସବିର ବିକାଶ ଧାରା ବଜାୟ ରହିଛି। ଆମର ଦୃଢ଼ ଅର୍ଡ଼ର ବ୍ୟାକଲଗ ତଥା ନୂତନ ଅର୍ଡ଼ର ଆର୍ଥିକ ବର୍ଷ ୨୦୨୩ ପାଇଁ ଆମକୁ ଏକ ନୂତନ ଆତ୍ମବିଶ୍ୱାସ ପ୍ରଦାନ କରିଛି।

## ୱେଷ୍ଟଲାଇଫ ଫୁଡୱାର୍ଲଡ୍‌ର ୨୦୨୩ ଆର୍ଥିକ ବର୍ଷରେ ରେକର୍ଡ ଯୋଗାଣ

ମୁମ୍ବଇ: ପଶ୍ଚିମ ଓ ଦକ୍ଷିଣ ଭାରତରେ ମ୍ୟାକ୍‌ଡୋନାଲ୍‌ଡସ୍ ରେଷ୍ଟୁରାଣ୍ଟସ୍‌ର ମାଲିକାନା ଓ ପରିଚାଳନା କରୁଥିବା ପୂର୍ବରୁ ୱେଷ୍ଟଲାଇଫ ଡେଭଲପମେଣ୍ଟ (ବିଏସ୍‌ଇ: ୫୦୫୫୩୩) ଭାବରେ ପରିଚିତ ଥିବା ୱେଷ୍ଟଲାଇଫ ଫୁଡୱର୍ଲଡ ଲିମିଟେଡ (ଡବ୍ଲ୍ୟୁଏଫଏଲ) ୨୦୨୩ ପୂର୍ଣ୍ଣାଙ୍ଗ ବର୍ଷରେ ରେକର୍ଡ ପ୍ରଦର୍ଶନ ସମ୍ପର୍କରେ ଘୋଷଣା କରିଛି ଏବଂ ଏହି ବର୍ଷ କମ୍ପାନୀ ଏଯାବତ୍ ସର୍ବାଧିକ ୨୨.୭ ବିଲିଅନ ଟଙ୍କା ବିକ୍ରି ସହିତ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏଥିରେ ୪୪% ଅଭିବୃଦ୍ଧି ହାସଲ କରିଛି, ଯାହା ଏହି ଶିଳ୍ପରେ ଅଗ୍ରଣୀ ସେମ୍ ଷ୍ଟୋର ବିକ୍ରି ଅଭିବୃଦ୍ଧି (ଏସଏସଏସ୍‌ଜି)ରେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୩୬% ଦ୍ୱାରା ସମ୍ଭବ ହୋଇଛି। କମ୍ପାନୀ ଟିକସ ପରବର୍ତ୍ତୀ ଲାଭ କ୍ଷେତ୍ରରେ ରେକର୍ଡ ପରିମାଣର ନଗଦ ଅର୍ଥ ଆକାରରେ ୨.୫ ବିଲିଅନ ଟଙ୍କା ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୯୭% ଅଧିକ। ଆଲୋଚ୍ୟ ତ୍ରୈମାସିକରେ କମ୍ପାନୀ ଚତୁର୍ଥ ତ୍ରୈମାସିକରେ ସର୍ବକାଳୀନ ସର୍ବାଧିକ ୫.୫୬ ବିଲିଅନ ଟଙ୍କା ବିକ୍ରି କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସେହି ସମୟ ତୁଳନାରେ ୨୨% ଅଧିକ ଏବଂ ତାହାସହିତ ଏହା ପୂର୍ବବର୍ଷ ସେହି ସମୟ ତୁଳନାରେ ଦୁଇଅଙ୍କ ବିଶିଷ୍ଟ ୧୪% ମଜଭୁତ ଏସଏସଏସ୍‌ଜି (ସେମ୍-ଷ୍ଟୋର ବିକ୍ରି ଅଭିବୃଦ୍ଧି) ହାସଲ କରିଛି। ଷ୍ଟୋର୍‌କୁ ଆସି ଖାଉଥିବା ଗ୍ରାହକଙ୍କ ସଂଖ୍ୟାରେ ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଦ୍ୱାରା ଏହା ସମ୍ଭବ ହୋଇଛି, ଯାହା ପରିସର ସ୍ଥଳରେ ବ୍ୟବସାୟକୁ ପୂର୍ବ ବର୍ଷ ସେହି ସମୟ ତୁଳନାରେ ୩୮% ଅଭିବୃଦ୍ଧି ହାସଲ କରିବାରେ ସମର୍ଥ କରାଇଛି। କମ୍ପାନୀର ନିଜସ୍ୱ ଯୋଗାଣକାରୀ ମାଧ୍ୟମ ମ୍ୟାକ୍‌ଡେଲିଭରୀ ପ୍ଲାଟଫର୍ମରେ ସୁଦୃଢ ବ୍ୟବହାରକାରୀ ସଂଖ୍ୟା ଦେଖିବାକୁ ମିଳିଛି ଏବଂ ସେହି ସମୟରେ ଏହାର ଡିଜିଟାଲ ବିକ୍ରିରେ ଉନ୍ନତି ଘଟି ୬୨% ହୋଇଛି, ଏହା ମୁଖ୍ୟତଃ ଏସ୍‌ଓକେ (ସ୍ୱୟଂ ଅର୍ଡର ଦାଖଲ କରୁଥିବା କିଓସ୍କଗୁଡିକ) ନେତୃତ୍ୱରେ ସମ୍ଭବ ହୋଇଛି। ଶୀର୍ଷସ୍ତରରେ ମଜଭୁତ ପ୍ରଦର୍ଶନ ଦ୍ୱାରା କମ୍ପାନୀର ରେଷ୍ଟୁରାଣ୍ଟ ପରିଚାଳନା ମାର୍ଜିନରେ ପୂର୍ବବର୍ଷ ଚତୁର୍ଥ ତ୍ରୈମାସିକ ତୁଳନାରେ ୨୦୨୩ ଆର୍ଥିକ ବର୍ଷର ସେହି ସମୟରେ ୩୪% ବୃଦ୍ଧି ଘଟିଛି, ଯାହା ସମ୍ପ୍ରତି ୧୩୬୪ ନିୟୁତ ଟଙ୍କା ରହିଛି। ମୁଦ୍ରାସ୍ଫୀତିଜନିତ ଚାପ ଏବଂ ପରିବ୍ୟାପ୍ତ ଅର୍ଥନୈତିକ ଅନିଶ୍ଚିତତାକୁ ସାମ୍ନା କରି କମ୍ପାନୀର ପରିଚାଳନା ଇବିଆଇଟିଡିଏ ୯୧୯ ନିୟୁତ ଟଙ୍କାକୁ ବୃଦ୍ଧିପାଇଛି, ଯାହା ପୂର୍ବ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ତୁଳନାରେ ୨୬% ବୃଦ୍ଧି ପାଇଛି। ଆଲୋଚ୍ୟ ତ୍ରୈମାସିକରେ କମ୍ପାନୀ ଟିକସ ପରବର୍ତ୍ତୀ ସମୟରେ ଲାଭ ନଗଦ ଅର୍ଥ ଆକାରରେ ୫୬୭ ନିୟୁତ ଟଙ୍କା ହାସଲ କରିଛି।

# ଖେଳ ଖବର



ଜଟଣୀ (ଭାସ୍କର ନ୍ୟୁଜ୍) : ପୂର୍ବତଟ ରେଳ ସ୍ପୋର୍ଟସ୍ ଆସୋସିଏସନ୍ ଖୋର୍ଦ୍ଧାରୋଡ୍ ପକ୍ଷରୁ ରେଳବାଇ ଷ୍ଟାଡିୟମ୍‌ରେ ଅନ୍ତର୍ବିଭାଗୀୟ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଖୋର୍ଦ୍ଧାରୋଡ୍ ମଣ୍ଡଳର ୧୨ଟି ବିଭାଗର ରେଳ କର୍ମଚାରୀ ଭାଗ ନେଇଛନ୍ତି। ଟୁର୍ଣ୍ଣାମେଣ୍ଟକୁ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ, ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ ଖୋର୍ଦ୍ଧାରୋଡ୍‌ର ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା, ଅତିରିକ୍ତ ମଣ୍ଡଳ ରେଳପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ(ଇନ୍‌ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ, କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ହିମାଦ୍ରି ଭୂଷଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ବାଣିଜ୍ୟ ଓ ବିତ୍ତ ବିଭାଗ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍ ମେଡିକାଲ ଓ ମେକାନିକାଲ୍ ବିଭାଗ ମଧ୍ୟରେ ହୋଇଥିଲା। ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ା ସଚିବ ଏମ୍‌ଡି ଜାକିରୁଦ୍ଦିନ୍ ଓ ଖୋର୍ଦ୍ଧାରୋଡ୍ କ୍ରୀଡ଼ା ସଙ୍ଗଠନର ସଦସ୍ୟମାନେ ପରିଚାଳନା କରିଥିଲେ। ଏହି ଅବସରରେ ଶ୍ରୀ ରୟ ରେଳବାଇ ଷ୍ଟାଡିୟମ୍‌ରେ ୧ ହଜାର ୱାଟ୍‌ର ୫୪ଟି ଏଲ୍‌ଇଡି ଲାଇଟ୍ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ।

## ରାଜସ୍ଥାନକୁ ୧୧୨ ରନରେ ହରାଇଲା ବାଙ୍ଗାଲୋର



ଜୟପୁର: ରବିବାର ଜୟପୁରସ୍ଥିତ ସୱାଇ ମାନସିଂହ ଷ୍ଟାଡିୟମ୍‌ରେ ରାଜସ୍ଥାନ ରୟାଲ୍ସ ଓ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଜସ୍ଥାନକୁ ୧୧୨ରନ୍‌ରେ ହରାଇଛି ବାଙ୍ଗାଲୋର। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ବାଙ୍ଗାଲୋର ୨୦ ଓଭରରେ ୫ ୱିକେଟ୍ ହରାଇ ୧୭୧ ରନ୍ କରିଥିଲା। ବାଙ୍ଗାଲୋର ପାଇଁ ଅଧିନାୟକ ଫାଫ୍ ଡୁପ୍ଲେସିସ ସର୍ବାଧିକ ୫୫ ରନ୍ ସଂଗ୍ରହ କରିଥିଲେ। ସେ ୪୪ଟି ବଲ୍ ଖେଳି ୩ଟି ଚୌକା ଓ ୨ଟି ଛକା ମାରିଥିଲେ। ଗ୍ଲେନ ମ୍ୟାକ୍ସୱେଲଙ୍କ ୩୩ବଲରୁ ୫୪ ରନ୍ ସଂଗ୍ରହ କରିଥିଲେ,ଏଥିରେ ୩ଛକା, ୫ଚୌକା ଅନ୍ତର୍ଭୁକ୍ତ ରହିଥିଲା। ସେହିପରି ଅନୁଜ ରାୱତ ୧୧ଟି ବଲ୍ ଖେଳି ୩ଟି ଚୌକା ଓ ୨ଟି ଛକା ମାଧ୍ୟମରେ ୨୯ ରନ୍ ସଂଗ୍ରହ କରିଥିଲେ। ବିରାଟ କୋହଲି ୧୯ଟି ବଲ୍ ଖେଳି ୧୮ ରନ୍ କରିଥିଲେ। ଏଥିରେ ଗୋଟିଏ ଚୌକା ସାମିଲ ଥିଲା। ରାଜସ୍ଥାନ ପକ୍ଷରୁ ସନ୍ଦିପ ଶର୍ମା ୪ଓଭର ବୋଲିଂ କରି ୩୪ରନ ବିନିମୟରେ ଗୋଟିଏ ୱିକେଟ ପାଇଥିଲେ। ଜାମ୍ପା ୨, କେଏମ୍ ଆସିଫ୍ ୨ ୱିକେଟ ଅକ୍ତିଆର କରିଥିଲେ। ପଛରେ ବ୍ୟାଟିଂ କରି ରାଜସ୍ଥାନ ରୟାଲର୍ସ ବାଙ୍ଗାଲୋର ବୋଲରଙ୍କୁ ସଠିକ ଭାବେ ମୁକାବିଲା କରି ନପାରି ମାତ୍ର ୧୦.୩ ଓଭରରେ ୫୯ରନ୍ କରିବାକୁ ସକ୍ଷମ ହୋଇଥିଲା। ରାଜସ୍ଥାନକୁ ଆରମ୍ଭରୁ ଝଟକା ଲାଗିଥିଲା। ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଆସୁଥିବା ଯଶସ୍ୱୀ ଜୟସ୍ୱାଲ ଖାତା ଖୋଲିପାରି ନଥିଲେ, ସେହିପରି ଜୋସ ବଟଲର ମଧ୍ୟ ଖାତା ଖୋଲିପାରି ନଥିବା ବେଳେ ଅଧିନାୟକ ସଂଜୁ ସାମସନ ୪, ଦେବଦୂତ ପଡିକଲ ୪ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଶିବରନ ହେଟମେୟର ଦଳ ପାଇଁ ସର୍ବାଧିକ ୩୫ ରନ୍ କରିଥିଲେ। ସେ ୧୯ଟି ବଲ ସାମ୍ନା କରିଥିଲେ। ଏଥିରୁ ଗୋଟିଏ ଚୌକା ଓ ୪ଟି ଛକା ରହିଥିଲା। ବାଙ୍ଗାଲୋର ସମସ୍ତ ବୋଲର ଭଲ ପ୍ରଦର୍ଶନ କରିଥିଲେ। ୱେନି ପର୍ନେଲ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ମିଚେଲ ବ୍ରାସୱେଲ ଓ କର୍ନ ଶର୍ମାଙ୍କୁ ୨ଟି ଲେଖାଏଁ ୱିକେଟ୍ ମିଳିଥିଲା। ମହମ୍ମଦ ସିରାଜ ଓ ଗ୍ଲେନ ମେକ୍ସୱେ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ଜିମ୍ବାୱେ ଖେଳାଳି ହୀଥ ଷ୍ଟ୍ରିକ୍ ଗୁରୁତର

କେପଟାଉନ: ଜିମ୍ବାୱେ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ତଥା ଅଲରାଉଣ୍ଡର ହୀଥ ଷ୍ଟ୍ରିକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡିଛି। ଦକ୍ଷିଣ ଆଫ୍ରିକାରେ ତାଙ୍କର ଚିକିତ୍ସା ଚାଲୁଥିଲେ ମଧ୍ୟ ଅବସ୍ଥା ଉଦ୍‌ବେଗଜନକ ରହିଥିବା ଜିମ୍ବାୱେ କ୍ରୀଡା ମନ୍ତ୍ରୀ ଡେଭିଡ କୋଲଟର୍ନ ଟୁଇଟ୍ କରି ଜଣାଇଛନ୍ତି। ହୀଥ କର୍କଟ ରୋଗରେ ଆକ୍ରାନ୍ତି । ଏବେ ଏହା ଷ୍ଟେଜ ୪ରେ ପହଞ୍ଚି ସାରିଛି । ଷ୍ଟ୍ରିକ ଜିମ୍ବାୱେର ପ୍ରଥମ ଖେଳାଳି ଭାବେ ୧୦୦ ୱିକେଟ ହାସଲ କରିଥିଲେ । କ୍ୟାରିୟରର ଶେଷ ଭାଗରେ ଭ୍ରଷ୍ଟାଚାର ନେଇ ଆଇସିସି ୨୦୨୧ରେ ତାଙ୍କ ଉପରେ ୮ ବର୍ଷ ପାଇଁ ପ୍ରତିବନ୍ଧ ଲଗାଇଥିଲେ। ୧୯୯୩ରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ । ୨୦୦୫ରେ ଶେଷ ଦିନିକିଆ ନ୍ୟୁଜିଲାଣ୍ଡ ଏବଂ ଟେଷ୍ଟ ଭାରତ ବିପକ୍ଷରେ ଖେଳିଥିଲେ। ଶନ ୱିଲିୟମ୍ସଙ୍କ ସମେତ ଜିମ୍ବାୱେ କ୍ରିକେଟର ଅନ୍ୟ ଖେଳାଳିମାନେ ହୀଥଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି।

## ଚେନ୍ନାଇକୁ ହରାଇଲା କୋଲକାତା



ଚେନ୍ନାଇ: ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମରେ ରବିବାର ଚେନ୍ନାଇ ସୁପର କିଙ୍ଗ୍‌ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଚେନାଇ ସୁପରକିଙ୍ଗ୍‌ସକୁ ୬ୱିକେଟରେ ପରାସ୍ତ କରିଛି କୋଲକାତା ନାଇଟ ରାଇଡର୍ସ।ଚେନ୍ନାଇ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ ହରାଇ ୧୪୪ ରନ୍ ସଂଗ୍ରହ କରିଛି। ଫଳରେ କୋଲକାତାକୁ ୧୪୫ ରନର ବିଜୟ ଲକ୍ଷ୍ୟ ମିଳିଥିଲା। ଚେନ୍ନାଇ ପାଇଁ ଋତୁରାଜ ଗାଏକ୍ୱାଡ ଓ ଡେଭନ କନୱେ ପାଳି ଆରମ୍ଭ କରିଥିଲେ। ଉଭୟ ବ୍ୟାଟର ଭଲ ଆରମ୍ଭ କରିଥିଲେ। କିନ୍ତୁ ଦଳର ସ୍କୋର ୩୧ ରନ ଥିବା ବେଳେ ଋତୁରାଜ ଆଉଟ ହୋଇଥିଲେ। ତାଙ୍କ ସ୍ଥାନ ପୂରଣ କରିଥିଲେ ଆଜିଙ୍କ୍ୟ ରାହାଣେ। ସେ ମଧ୍ୟ ଅଧିକ ସମୟ ପର୍ଯ୍ୟନ୍ତ କ୍ରିଜରେ ରହିପାରି ନଥିଲେ। ୬୧ ରନରେ ୨ୟ (ଆଜିଙ୍କ୍ୟ ରାହାଣେ), ୬୬ ରନରେ ୩ୟ (କନୱେ), ୬୮ ରନରେ ୪ର୍ଥ (ଅମ୍ବାତି ରାୟଡୁ) ଓ ୭୨ ରନରେ ୫ମ (ମୋଇନ ଅଲି) ୱିକେଟର ପତନ ହେଲା ପରେ ଚେନ୍ନାଇର ବ୍ୟାଟିଂ ମନ୍ଥର ହୋଇଯାଇଥିଲା। ଚେନ୍ନାଇ ପାଇଁ ଶିଭବ ଦୁବେ ସର୍ବାଧିକ ସ୍କୋର ୪୮ ରନ୍ କରିଥିଲେ। ସେ ଅପରାଜିତ ରହି ୩୪ଟି ବଲ ଖେଳିଥିଲେ। ଏଥିରୁ ଗୋଟିଏ ଚୌକା ଓ ଛକା ମାରିଥିଲେ। ରବୀନ୍ଦ୍ର ଜାଦେଜା ୨୪ଟି ବଲ୍ ଖେଳି ୨୦ ରନ କରିଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନି ୩ଟି ବଲ୍ ଖେଳି ଅପରାଜିତ ୨ ରନ କରିଥିଲେ। କୋଲକାତା ପାଇଁ ବରୁଣ ଚକ୍ରବର୍ତ୍ତୀ ଓ ସୁନୀଲ ନାରାୟଣ ୨ଟି ଲେଖାଏଁ ୱିକେଟ ନେଇଥିଲା ବେଳେ ବେଭବ ଅରୋରା ଓ ସୂର୍ଯ୍ୟାଂଶ ଶର୍ମାଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା। ପଛରେ ବ୍ୟାଟିଂ କରି କୋଲକାତା ୧୮.୩ ଓଭରରେ ୪ ୱିକେଟ ବିନିମୟରେ ୧୪୭ରନ୍ କରିଥିଲା। ଜୟସନ ରାୟ ୧ଚୌକା ସହାୟତାରେ ୧୨ ରନ୍ କରିଥିଲେ। ଗୁରବଜ ୧, ଭେଙ୍କଟେସ ଆୟାର ୯ ଓ କ୍ୟାପ୍‌ଟେନ୍ ନୀତିଶ ରାନା ୬ଚୌକା ଓ ୧ ଛକା ସହାୟତାରେ ୪୪ ବଲରୁ ୫୭ ରନ୍ ସଂଗ୍ରହ କରିଥିଲେ। ରିଙ୍କୁ ସିଂ ମଧ୍ୟ ଆଜି ତାଙ୍କର ବ୍ୟାଟିଂର ଜଲୱା ଦେଖାଇ ୪୩ ବଲରୁ ୫୪ରନ୍ ସଂଗ୍ରହ କରିଥିଲେ। ଏଥିରେ ୪ଚୌକା ଓ ୩ ଛକା ସାମିଲ ଥିଲା। ରସେଲ ମାତ୍ର ୨ ରନ୍ କରି ଅପରାଜିତ ଅଛନ୍ତି। ଚେନାଇ ସୁପର କିଙ୍ଗସ ପକ୍ଷରୁ ବୋଲର ଦୀପ ଚହର ୩ଟି ୱିକେଟ ଅକ୍ତିଆର କରିଥିବା ବେଳେ ଅନ୍ୟ ବୋଲର ମାନେ ଆଖିଦୃଶିଆ ପ୍ରଦର୍ଶନ କରିପାରି ନଥିଲେ।

## ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ: ପ୍ରମୋଦଙ୍କୁ କାଂସ୍ୟ ପଦକ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶାର ପ୍ରମୋଦ ଭଗତ ଥାଇଲାଣ୍ଡରେ ଚାଲିଥିବା ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଏକକ ଓ ଯୁଗଳ ବର୍ଗ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏକକ ସେମିଫାଇନାଲ୍‌ରେ ସେ ୨୧-୧୨, ୨୧-୧୯ରେ ଜାପାନ୍‌ର ଦାଇସୁକ ଫୁଜିହାରାଙ୍କୁ ପରାସ୍ତ କରିଥିଲେ। ଏହା ପୂର୍ବରୁ କ୍ୱାର୍ଟରଫାଇନାଲ୍‌ରେ ପ୍ରମୋଦ ୨୧-୧୫, ୨୨-୨୦ରେ ୟୁକ୍ରେନର ଓଲେକସାଣ୍ଡର ଚିରକୋଭଙ୍କୁ ମାତ୍ ଦେଇ ସେମିଫାଇନାଲ୍‌ରେ ପହଞ୍ଚିଥିଲେ। ଫାଇନାଲ୍‌ରେ ସେ ଇଂଲଣ୍ଡର ଡାନିଏଲ ବେଥେଲଙ୍କୁ ଭେଟିବେ। ପୁରୁଷ ଯୁଗଳ ସେମିଫାଇନାଲ୍‌ରେ ପ୍ରମୋଦ ଓ ତାଙ୍କ ସାଥୀ ସୁକାନ୍ତ କଦମ ୨୨-୨୪, ୨୧-୧୬, ୨୧-୧୩ରେ କୋରିଆର ଜୁ ଡୋଙ୍ଗଗାଏ ଓ ସିନ କ୍ୟୁଙ୍ଗ ହ୍ୱାନ୍‌ଙ୍କୁ ହରାଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା କ୍ୱାର୍ଟରଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ୨୧-୧୫, ୨୧-୧୪ରେ ପେରୁର ରେଞ୍ଜୋ ଦିକ୍ୱିଜ୍ ବାନ୍‌ସେସ୍ ମୋରାଲେସ ଓ ପେଡ୍ରୋ ପାବ୍‌ଲୋ ଡି'ଭିନାତିଆଙ୍କୁ ପରାସ୍ତ କରିଥିଲେ। ଫାଇନାଲ୍‌ରେ ପ୍ରମୋଦ-ସୁକାନ୍ତ ଅନ୍ୟ ଏକ ଭାରତୀୟ ଯୋଡ଼ି ତରୁଣ ଓ ନୀତେଶ କୁମାରଙ୍କୁ ଭେଟିବେ। ତେବେ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟତମ ଓଡ଼ିଶା ଖେଳାଳି ଦୀପ ରଂଜନ ବିଶୋଇ ପୁରୁଷ ଯୁଗଳ ସେମିଫାଇନାଲ୍‌ରେ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଛନ୍ତି। ଦୀପ ଓ ତାଙ୍କ ଭାରତୀୟ ସାଥୀ ମନୋଜ ସରକାର ସେମିଫାଇନାଲ୍‌ରେ ନୀତେଶ ଓ ତରୁଣଙ୍କଠୁ ୧୮-୨୧, ୧୦-୨୧ରେ ହାରିଯାଇଥିଲେ। ଏହା ପୂର୍ବରୁ କ୍ୱାର୍ଟରଫାଇନାଲ୍‌ରେ ଦୀପ ଓ ମନୋଜ ୨୧-୧୮, ୨୧-୧୭ରେ ଇଣ୍ଡୋନେସିଆର ସ୍ୱିୟୋକୋ ଓ ଫ୍ରେଡି ସେତିଆୱାନଙ୍କୁ ପରାସ୍ତ କରିଥିଲେ।

## ସ୍ୱର୍ଣ୍ଣପଦକ ବିଜୟିନୀ ଶ୍ୱେତାରାଣୀଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝରଗଡ଼ (ଭାସ୍କର ନ୍ୟୁଜ୍): ମସ୍କୋ ଉଷୁ ଷ୍ଟାର୍ସ-୨୦୨୩ ଆର୍ନ୍ତଜାତିକ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜୟୀ ବଡବିଲ ଅଞ୍ଚଳର ଶ୍ୱେତାରାଣୀ ମହାନ୍ତଙ୍କୁ ମସ୍କୋ ଉଷୁ ଷ୍ଟାର୍ସ-୨୦୨୩ ଆର୍ନ୍ତଜାତିକ ପ୍ରତିଯୋଗିତାରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ. ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାରଖାନା ଅଡିଟୋରିୟମ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କାରଖାନାର ମୁଖ୍ୟ ଏମ୍ ପୁରୁଷୋତ୍ତମ ଶ୍ୱେତାରାଣୀଙ୍କୁ ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ପାଇଁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଶ୍ୱେତାରାଣୀଙ୍କୁ ଜେଏସ୍‌ପିଏଲ ସାମାଜିକ ଶାଖା ଜେଏସ୍‌ପି ଫାଉଣ୍ଡେସନ ପକ୍ଷରୁ ଉଷୁ ଖେଳ ପାଇଁ ତାଲିମ ସହ ସବୁ ପ୍ରକାର ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଆସିଛି ବୋଲି କହିଥିଲେ। ଶ୍ରୀ ପୁରୁଷୋତ୍ତମ, ଉପସ୍ଥିତ ଥିବା ପ୍ରତ୍ୟେକ ଖେଳାଳି ଓ ପ୍ରଶିକ୍ଷକ ପଙ୍କଜ କୁମାର ମହାନ୍ତିଙ୍କ ସହ ଜେଏସ୍‌ପି ଫାଉଣ୍ଡେସନ ଦ୍ୱାରା ଯୋଗାଇ ଦିଆଯାଉଥିବା ତାଲିମ ସୁବିଧା, କ୍ରୀଡା ଭିତ୍ତିଭୂମି ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଫାଉଣ୍ଡେସନ ମାଧ୍ୟମରେ ଆଗକୁ ଅଧିକରୁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।



## ରେସଲରଙ୍କ ଅଭିଯୋଗ : ଭାଜ୍‌ପାରୁ କେହି ବି ଆମ ପାଖକୁ ଆସି ନାହାନ୍ତି



ନୂଆଦିଲ୍ଲୀ : ଦୀର୍ଘ ୨୨ଦିନ ହେବ ଦିଲ୍ଲୀର ଜନ୍ତର ମନ୍ତରଠାରେ ରେସଲରମାନେ ଧାରଣାରେ ବସିଛନ୍ତି। ଏହି ମହିଳା ରେସଲରମାନେ ଭାରତୀୟ କୁସ୍ତି ମହାସଂଘର ଅଧ୍ୟକ୍ଷ ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି। ସାକ୍ଷି ମଲିକ, ବଜରଙ୍ଗ ପୁନିଆ, ଭିନେଶ ଫୋଗାଟ ପ୍ରେସ କନଫରେନ୍ସ କରି କହିଛନ୍ତି, ୨୨ ଦିନ ହୋଇଗଲା ଏବେ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି(ଭାଜପା)ର କେହି ଜଣେ ହେଲେ ନେତା ଆମ ନିକଟକୁ ଆସି ନାହାନ୍ତି। ଅଲିମ୍ପିକ ପଦକ ବିଜେତା ସାକ୍ଷି ମଲିକ କହିଛନ୍ତି ସୋମବାର ଆମେ ଭାଜପା ମହିଳା ଏମ୍‌ପିକୁ ଚିଠି ଲେଖି ସହଯୋଗ ମାଗିବୁ। ତାଙ୍କ ଘରକୁ ଚିଠି ପଠାଇବୁ। ଆମକୁ ସବୁ ସମାଜର ଲୋକଙ୍କ ସହଯୋଗ ଦରକାର। ଆମେ ଯେଉଁ ଅଭିଯୋଗ ଆଣିଛୁ ତାହା ଠିକ, ସେଥିପାଇଁ ଆପଣ ସମସ୍ତେ ଆମ ସପକ୍ଷରେ ଆସନ୍ତୁ। ଭିନେଶ ଫୋଗାଟ ଅପିଲ କରିଛନ୍ତି, ମଙ୍ଗଳବାର ସମସ୍ତେ ନିଜ ନିଜ ଜିଲା ମୁଖ୍ୟାଳୟକୁ ଯାଇ ଅଭିଯୋଗ କରନ୍ତୁ, ଆମର ସମର୍ଥନରେ ୧୬ ମେ'ରେ ସତ୍ୟାଗ୍ରହ କରନ୍ତୁ।

## ମାତୃ ଦିବସରେ ଭାବବିହ୍ୱଳ ବାର୍ତ୍ତା ପୋଷ୍ଟ କଲେ କ୍ରିକେଟର



ନୂଆଦିଲ୍ଲୀ: ମେ' ୧୪କୁ ବିଶ୍ୱ ସାରା ମାତୃ ଦିବସ ଭାବେ ପାଳନ କରାଯାଉଛି। ଏହି ବିଶେଷ ଉତ୍ସବରେ ସମସ୍ତେ ସୋସିଆଲ ମିଡିଆ ମାଧ୍ୟମରେ ସ୍ୱତନ୍ତ୍ର ପୋଷ୍ଟ ସେୟାର କରି ନିଜ ନିଜ ମା'ଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ କ୍ରିକେଟରମାନେ ବି ଏଥିରେ ସାମିଲ ରହିଛନ୍ତି। ବିରାଟ କୋହଲି ସୋସିଆଲ ମିଡିଆରେ ସ୍ତ୍ରୀ ଅନୁଷ୍କା ଏବଂ ତାଙ୍କ ଝିଅଙ୍କ ଏକ ଫଟୋ ସେୟାର କରିଛନ୍ତି। ଏଥିସହିତ ବିରାଟ ଅନୁଷ୍କାଙ୍କ ମା' ଏବଂ ତାଙ୍କ ମା'ଙ୍କ ଫଟୋ ସେୟାର କରି କ୍ୟାପସନରେ ଶୁଭ ମାତୃ ଦିବସ ବୋଲି ଲେଖିଛନ୍ତି। ଅନୁଷ୍କା ଏହି ପୋଷ୍ଟରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି,'ଥ୍ୟାଙ୍କ ୟୁ'। ଏହି କ୍ରମରେ କ୍ରିକେଟର ସଚିନ ତେନ୍ଦୁଲକର ମଧ୍ୟ ସାମିଲ ଅଛନ୍ତି। ସେ ସୋସିଆଲ ମିଡିଆରେ ତାଙ୍କ ମା'ଙ୍କ ସହିତ ଏକ ଫଟୋ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ମା'ଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଥିବା ଦେଖିବାକୁ ମିଳୁଛି। ଫଟୋ ସେୟାର କରି ସେ ଏକ ହୃଦୟସ୍ପର୍ଶୀ କ୍ୟାପସନ ବି ଦେଇଛନ୍ତି। ସେହିପରି ଶିଖର ଧାୱନ ମା'ଙ୍କ ସହିତ ଫଟୋ ସେୟାର କରି ଲେଖିଛନ୍ତି, ମା' ମୋତେ ଜୀବନର ସର୍ବୋତ୍ତମ ଜିନିଷ ଦେଇଥିବାରୁ ଧନ୍ୟବାଦ। ତୁମ ସ୍ନେହ ପ୍ରେମ, ଯତ୍ନ ଏବଂ ତୁମର ସବୁବେଳେ ଅବିଶ୍ୱସନୀୟ ସମର୍ଥନ ପାଇଁ ମୁଁ ଋଣୀ। ହାପି ମଦର୍ସ ଡେ' ମା' ବୋଲି କ୍ୟାପ୍‌ସନରେ ଲେଖିଛନ୍ତି।

### ଏସିଆନ୍ ଟ୍ରାକ୍ ସାଇକ୍ଲିଂ ଚାମ୍ପିଅନ୍‌ସିପ୍

## ଭାରତୀୟ ଦଳରେ ସାମିଲ ହେଲେ ସ୍ୱସ୍ତି



ରାଉରକେଲା (ଭାସ୍କର ନ୍ୟୁଜ୍) : ଜୁନ ମାସରେ ମାଲେସିଆରେ ହେବାକୁ ଥିବା ଏସିଆନ୍ ଟ୍ରାକ୍ ସାଇକ୍ଲିଂ ଚାମ୍ପିଅନସିପ୍ ଏବଂ ଚୀନ୍‌ରେ ହେବାକୁ ଥିବା ଏସିଆନ ଗେମ୍‌ସରେ ଭାରତର ପ୍ରତିନିଧିତ୍ୱ କରିବେ ରାଉରକେଲା ଜନ୍ମିତ ତାରକା ସାଇକ୍ଲିଷ୍ଟ ସ୍ୱସ୍ତି ସିଂହ। ସ୍ୱସ୍ତି ପୁଣି ଥରେ ଭାରତୀୟ ସାଇକ୍ଲିଂ ଦଳରେ ସାମିଲ ହୋଇଛନ୍ତି। ଚୟନ ଶିବିରରେ ସେ ମାତ୍ର ୨ ମିନିଟ୍ ୧୮ ସେକେଣ୍ଡ୍ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହା ପୂର୍ବରୁ ସ୍ୱସ୍ତି ଏକାଧିକ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କୃତିତ୍ୱ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଚାରିଆଡୁ ପ୍ରଶଂସାର ସୁଅ ଛୁଟି ଆସୁଛି।

## ସୁଟର ହୃଦୟ ଓ ନାନ୍‌ସିଙ୍କୁ ରୌପ୍ୟ ପଦକ



ବକୁ: ବକୁରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ସୁଟିଂ ପ୍ରତିଯୋଗିତାର ୧୦ ମିଟର ଏୟାର ରାଇଫଲ୍ ପୁରୁଷ ବର୍ଗରେ ହୃଦୟ ହଜାରିକ ଏବଂ ମହିଳାରେ ନାନ୍‌ସି ରୌପ୍ୟ ପଦକ ଜିତିଥିଲେ। ଫାଇନାଲ୍‌ରେ ହୃଦୟ ୨୫୧.୯-୨୫୨.୪ରେ ହଙ୍ଗେରିର ଜଲାନ ପେକଲରଙ୍କଠୁ ଏବଂ ନାନ୍‌ସି ୨୫୩.୩-୨୫୪.୦ରେ ଚୀନ୍‌ର ହାଙ୍ଗ୍ ଜିୟାୟୁଙ୍କଠୁ ପରାସ୍ତ ହୋଇଥିଲେ। ଭାରତୀୟ ସୁଟର ରିଦିମ ସାଙ୍ଗୱାନ ଚଳିତ ବିଶ୍ୱକପ୍‌ରେ ୨୯ ବର୍ଷର କୀର୍ତ୍ତିମାନ ଭାଙ୍ଗିଛନ୍ତି। ସେ ୨୫ ମିଟର ପିସ୍ତଲ ଯୋଗ୍ୟତା ପର୍ଯ୍ୟାୟରେ ୫୯୫ ପଏଣ୍ଟ ସହ ବୁଲଗେରିଆର ଡାଏନା ଲୋରଗୋଭା (୧୯୯୪ ମସିହା, ମିଲାନ)ଙ୍କ ନାମରେ ଥିବା କୀର୍ତ୍ତିମାନକୁ ଭାଙ୍ଗିଥିଲେ। ଏଥିସହ ସେ ଟେବୁଲର ଶୀର୍ଷରେ ରହି ଫାଇନାଲ୍‌ରେ ପହଞ୍ଚିଥିଲେ। ହେଲେ ୮ ଜଣିଆ ଫାଇନାଲ୍‌ରେ ପ୍ରଥମ ସୁଟର ଭାବେ ସେ ବିଦାୟ ନେଇ ପଦକରୁ ବଞ୍ଚିତ ହୋଇଥିଲେ। ପୂର୍ବରୁ ମଧ୍ୟ ରିଦିମ କନିଷ୍ଠ ବିଶ୍ୱକପ୍‌ରେ ୩୪ ବର୍ଷର କୀର୍ତ୍ତିମାନ ଭାଙ୍ଗିଥିଲେ। ଜାଗ୍ରେବ ୟୁରୋପୀୟ ଚାମ୍ପିଅନ୍‌ସିପ୍‌ରେ ରୁଷିଆର ନିନୋ ସାଲୁକ୍‌ଭାଜେ (୫୯୩)ଙ୍କ ନାମରେ କୀର୍ତ୍ତିମାନ ରହିଥିଲା। ତେବେ ରଦିମ ପଦକ ନ ପାଇବାରୁ ଚଳିତ ପ୍ରତିଯୋଗିତାରେ ପ୍ରଥମ ଥର ଭାରତ ଗୋଟିଏ ଦିନ (ଶନିବାର) ପଦକ ଶୂନ୍ୟ ରହିଛି। ରିଦିମଙ୍କ ସାଥୀ ଈଶା ସିଂହ (୫୮୨) ଏବଂ ମନୁ ଭାକର (୫୭୮) ଯଥାକ୍ରମେ ୧୩ ଓ ୨୭ତମ ସ୍ଥାନରେ ପଦକ ଦୌଡ଼ରୁ ବାଦ୍ ପଡ଼ିଥିଲେ। ସେହିପରି ପୁରୁଷ ୫୦ ମିଟର ରାଇଫଲ ୩ ପୋଜିସନରେ ୩ ଭାରତୀୟ ଭାଗନେଇଥିଲେ ମଧ୍ୟ ଶୀର୍ଷ ୮ରେ ରହିପାରିନଥିଲେ। ଐଶ୍ୱର୍ଯ୍ୟ ପ୍ରତାପ ସିଂହ (୫୮୬), ଅଖିଳ ସିଓରାନ (୫୮୫) ଓ ସ୍ୱପ୍ନିଲ କୁସାଲେ (୫୮୩) ଯଥାକ୍ରମେ ଦଶମ, ତ୍ରୟୋଦଶ ଓ ୨୨ତମ ସ୍ଥାନରେ ରହି ପଦକ ଦୌଡ଼ରେ ସାମିଲ ହୋଇପାରିନଥିଲେ।


## ଗ୍ରାଣ୍ଡସ୍ଲାମ୍ ବିଜେତା ଡେଭିଡ୍‌ସନଙ୍କ ପରଲୋକ



ମେଲବର୍ଣ୍ଣ : ଅଷ୍ଟ୍ରେଲିଆର ଖ୍ୟାତନାମା ଟେନିସ୍ ଖେଳାଳି ଓଏନ୍ ଡେଭିଡ୍‌ସନଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ଡେଭିଡ୍‌ସନ ତାଙ୍କ କ୍ୟାରିୟରରେ ୧୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ତନ୍ମଧ୍ୟରେ ୧୧ଟି ମିକ୍ସଡ ଡବଲ୍ସ ଏବଂ ଦୁଇଟି ପୁରୁଷ ଡବଲ୍ସ ଟାଇଟଲ ରହିଛି। ବିଲି ଜିନ୍ କିଙ୍ଗ୍‌ଙ୍କ ସହ ଡେଭିଡ୍‌ସନ୍ ୧୯୬୦ରୁ ୧୯୭୦ ଦଶକ ମଧ୍ୟଭାଗରେ ୮ଟି ଗ୍ରାଣ୍ଡସ୍ଲାମ ଟ୍ରଫି ହାସଲ କରିଥିଲେ। ୧୯୬୭ରେ ଡେଭିଡ୍‌ସନ ୪ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ମିକ୍ସଡ ଡବଲ୍ସ ଟାଇଟଲ ହାସଲ କରି ଟେନିସ୍ ଇତିହାସରେ ତୃତୀୟ ଖେଳାଳି ହେବାର ଗୌରବ ଅର୍ଜନ କରିଥିଲେ। ବାମହାତୀ ସର୍ଭିସ୍‌ରେ ସେ ଧୁରନ୍ଧର ଥିଲେ।

## ପ୍ରିମିୟର ଲିଗ୍ କ୍ରିକେଟ୍ ମାଚ୍ : ଇଲେଭେନ୍ ଷ୍ଟାର ଓ ଗ୍ଲାଡିଏଟର ବିଜୟୀ

କଣାସ (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗୋପୀନାଥ ଖେଳପଡିଆଠାରେ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚର ତୃତୀୟ ଦିନର ୪ର୍ଥ ଓ ୫ମ ମାଚ୍‌ରେ ଆଜି ଇଲେଭେନ୍ ଷ୍ଟାର ଓ ଗ୍ଲାଡିଏଟର ଦଳ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚରେ ଇଲେଭେନ୍ ଷ୍ଟାର ବରକେରା ଓ ଗୋପିନାଥ ଏକାଦଶ ତ୍ରିଲୋଚନପୁର ପରସ୍ପରକୁ ଭେଟିଥିଲେ । ପ୍ରଥମେ ଇଲେଭେନ୍ ଷ୍ଟାର ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ଟି ୱିକେଟ୍ ହରାଇ ୧୪୪ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ତୁଷାର ସର୍ବାଧିକ ୩୮ରନ୍ କରିଥିଲେ । ପଛରେ ବ୍ୟାଟିଂ କରି ଗୋପିନାଥ ଏକାଦଶ ନିର୍ଦ୍ଧାରିତ ୧୨ଓଭରରେ ୯ଟି ୱିକେଟ୍ ହରାଇ ୧୦୭ରନ୍ କରି ପରାଜୟ ବରଣ କରିଥିଲେ। ଇଲେଭନ୍ ଷ୍ଟାର ଦଳର ବିନାୟକ ଜୟସିଂହ ୪ଟି ମହତ୍ୱପୂର୍ଣ୍ଣ ୱିକେଟ୍ ନେଇଥିବାରୁ ମାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସେହିଭଳି କଣାସର ସଂଗ୍ରାମ ଏକାଦଶ ଦଳ ଗ୍ଲାଡିଏଟର ଆଙ୍କୁଲା ଦଳକୁ ଭେଟିଥିଲେ। ଗ୍ଲାଡିଏଟର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ଟି ୱିକେଟ୍ ହରାଇ ୧୧୭ରନ୍ କରିଥିଲେ । ଦର୍ଶନକାନ୍ତ ପରିଡା ବ୍ୟକ୍ତିଗତ ୪୬ରନ୍ କରିଥିଲେ। ପଛରେ ବ୍ୟାଟିଂ କରି ସଂଗ୍ରାମ ଏକାଦଶ ଦଳ ୧୧୮ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ୫ଟି ୱିକେଟ୍ ହରାଇ ୯୬ରନ୍ ସଂଗ୍ରହ କରି ପରାଜୟବରଣ କରିଥିଲେ । ବ୍ୟକ୍ତି ଭବେ ୪୬ରନ୍ ଏବଂ ୩ଟି ମୂଲ୍ୟବାନ ଉଇକେଟ୍ ହାସଲ କରିଥିବା ଗ୍ଲାଡିଏଟର ଦଳର ଦର୍ଶକାନ୍ତ ପରିଡା ମ୍ୟାନ ଫ ଦି ମାଚ ବିବେଚିତ ହୋଇଥିଲେ । ଅତିଥି ରୂପେ ନାୟବେ ସରପଞ୍ଚ ବସନ୍ତ କୁମାର ଆର୍ଯ୍ୟ ଓ ଶିକ୍ଷକ ସୁଧିର କୁମାର ତ୍ରିପାଠୀ ଯୋଗଦେଇ କୃତିଖେଳାଙ୍କୁ ପୁରସ୍କୃତ କରିଥିଲେ । ସୁଲିନୀ ତ୍ରିପାଠୀ, ଗଣେଶ ସ୍ୱାଇଁ ଓ ପିନାକ୍ଷୀ ଦାଶ ଅମ୍ପାୟାର ଭାବେ ଦାୟିତ୍ୱ ସଂପାଦନା କରିଥିଲେ ।



ସୁସ୍ଥ ରହିବା ପାଇଁ ଉତ୍ତମ ଖାଦ୍ୟ ସହ ସଠିକ୍ ସମୟରେ ଶୋଇବା ଏବଂ ନିଦ ମଧ୍ୟ ଜରୁରୀ । ନିରାମୟ ଜୀବନ , ଶାରୀରକ, ମାନସିକ ସୁସ୍ଥତା ପାଇଁ ଆବଶ୍ୟକ ନିଦ୍ରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ବିଶେଷଜ୍ଞ ମାନେ ଦିନକୁ ୮ରୁ ୯ ଘଣ୍ଟା ଶୋଇବା ପାଇଁ କହିଥାନ୍ତି । ହେଲେ ଆଜିକା ତାରିଖରେ ଅନେକ ଲୋକଙ୍କୁ ଠିକ୍ ସେ ନିଦ ହେଉ ନାହିଁ ଯେଉଁଥି ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେବା ପାଇଁ ପଡୁଛି । ବେଳେ ବେଳେ ଖାଦ୍ୟ ପାଇଁ ମଧ୍ୟ ଆମକୁ ରାତିରେ ଠିକ୍ ଭାବେ ନିଦ ହୋଇ ନଥାଏ । ଚାଲନ୍ତୁ ଦେଖିବା କେଉଁ କେଉଁ ଖାଦ୍ୟ ରାତ୍ରୀରେ ନଦ୍ରା ନହେବାର କାରଣ ସାଜିଥାଏ । ଚା ବା କଫି: ରାତ୍ରୀରେ ଶୋଇବା ପୂର୍ବରୁ ଚା କିମ୍ବା କଫି ପିଅନ୍ତୁ ନାହିଁ । ନିଦ ନ ହେବାର ଏହା ଏକ ମୁଖ୍ୟ କାରଣ । ଏପରିକି ଏନର୍ଜି ଡ୍ରିଙ୍କସ୍ ମଧ୍ୟ ରାତିରେ ପିଇବା ଅନୁଚିତ । ଫାଷ୍ଟଫୁଡ: ଆଜିକା ତାରିଖରେ ସମସ୍ତଙ୍କ ପ୍ରଥମ ପସନ୍ଦ ଫାଷ୍ଟଫୁଡ ଖାଦ୍ୟ । ହେଲେ ଏହା ଆମ ଶରୀର ପାଇଁ କ୍ଷତିକାରକ । ଶୋଇବା ପୂର୍ବରୁ ଏହି ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ସମସ୍ୟା ସୃଷ୍ଟି ହୋଇଥାଏ ଏବଂ ନିଦ ମଧ୍ୟ ଠିକେସେ ହୋଇ ନଥାଏ । ମିଠା: ଶୋଇବା ପୂର୍ବରୁ କୌଣସି ପ୍ରକାର ମିଠାଯୁକ୍ତ ଖାଦ୍ୟ ଖାଇବା ଠାରୁ ଦୂରେଇ ରୁହନ୍ତୁ । ଏହାର କୁପ୍ରଭାବ ଆପଣଙ୍କ ଦାନ୍ତରେ ମଧ୍ୟ ପଡିଥାଏ । ସେହିପରି ଏହା ଶରୀରରେ ସୁଗାର ଲେବଲ୍ ମଧ୍ୟ ବଢାଇ ଦେଇଥାଏ । ନିଦ ନ ହେବାର ଏହା ମଧ୍ୟ ଏକ କାରଣ ।

## ନିର୍ବନ୍ଧ ଉତ୍ସବରେ ପରୀଙ୍କୁ କିସ୍ କଲେ ରାଘବ



ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି । ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ଆମ୍ ଆଦ୍‌ମୀର ସାଂସଦ ରାଘବ ଚଢ଼ାଙ୍କ ନିର୍ବନ୍ଧ ମେ' ୧୩ ଶନିବାର ଦିଲ୍ଲୀର କପୁରତାଲା ହାଉସରେ ସଂପନ୍ନ ହୋଇଯାଇଛି । ଏଥିରେ ଭଉଣୀ ପ୍ରିୟଙ୍କା ଚୋପ୍ରାଙ୍କ ସହ ସିନେମାର ବହୁ ବଡ ତାରକା ଯୋଗଦେଇଥିବାବେଳେ ଅନେକ ରାଜନେତା ମଧ୍ୟ ସାମିଲ ହୋଇଥିଲେ । ଏହି ଖୁସିର ମୁହୂର୍ତ୍ତରେ ପରିଣୀତି ଏବଂ ରାଘବଙ୍କ ଯୋଡି ବହୁତ ସୁନ୍ଦର ଦେଖାଯାଉଥିଲା । ପରିଣୀତି ଚୋପ୍ରା ଓ ରାଘବ ଚଢ଼ାଙ୍କ ନିର୍ବନ୍ଧରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପତ୍ନୀ ସୁନୀତାଙ୍କ ସହ ଯୋଗ ଦେଇଥିଲେ । ଅନ୍ୟ ରାଜନେତାଙ୍କ ସହ କଂଗ୍ରେସ ନେତା ରାଜୀବ ଶୁକ୍ଲା ମଧ୍ୟ ଯୋଗ ଦେଇଥିଲେ । ଭାବୀ ଦମ୍ପତିଙ୍କୁ କଂଗ୍ରେସ ନେତା ପି ଚିଦମ୍ବରମ୍ ଏକ ଫୁଲତୋଡ଼ା ଉପହାର ଦେଇଥିଲେ । ଚିଦମ୍ବରମ୍‌ଙ୍କୁ ଏହି ଉତ୍ସବରେ ଏକ ପାରମ୍ପରିକ ପୋଷାକରେ ଦେଖିବାକୁ ମିଳିଥିଲା । ଏହି ଉତ୍ସବରେ ପରିଣୀତି ଏକ ସୁବର୍ଣ୍ଣ ଗୋଲାପୀ ରଙ୍ଗର କୁର୍ତ୍ତା ପିନ୍ଧିଥିବାବେଳେ ରାଘବ ମୋନେଟୋନ ଅଚକନର କୁର୍ତ୍ତା ପିନ୍ଧିଥିଲେ । ଏହି ଉତ୍ସବରେ ପରିଣୀତି ହାତରେ ଯେଉଁ ହୀରା ମୁଦି ପିନ୍ଧିଥିଲେ ତାହାର ମୂଲ୍ୟ ୮୦-୯୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି । କୁର୍ତ୍ତା ପରିଣୀତି-ରାଘବଙ୍କ ନିର୍ବନ୍ଧରେ ଶିବସେନା ନେତା ଉଦ୍ଧବ ଠାକରେଙ୍କ ପୁଅ ଆଦିତ୍ୟ ଠାକରେ ମଧ୍ୟ ଯୋଗ ଦେଇଥିଲେ । ଏଥିରେ ଯୋଗ ଦେଇଥିବା ଡିଜାଇନର ମନିଷ ମାଲହୋତ୍ରା ଗରମ ପାଇଁ ହାଲୁକା ପୋଷାକ ପିନ୍ଧିଥିଲେ । ପରିଣୀତି ଚୋପ୍ରାଙ୍କ ଭାଇ ସହଜ ଚୋପ୍ରା ଓ ଶିବାଙ୍ଗ ଚୋପ୍ରା ଧଳା କୁର୍ତ୍ତା-ପାଇଜାମା ପିନ୍ଧିଥିବା ଦେଖାଯାଇଥିଲା । ରାଘବ ଚଢ଼ାଙ୍କ ନିର୍ବନ୍ଧ ପୋଷାକ ଡିଜାଇନ କରିଥିବା ପବନ ସଚଦେବା ମଧ୍ୟ ଅତିଥିଙ୍କ ଗହଣରେ ଉପସ୍ଥିତ ଥିଲେ । ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କୁ ମଧ୍ୟ ଅତିଥିଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା । ଯେମିତି କି ପରିଣୀତି-ରାଘବଙ୍କ ନିବନ୍ଧ ଉତ୍ସବ ରାଜନେତା ଓ ବଲିଉଡ୍ ସେଲିବ୍ରିଟିମାନଙ୍କ ମିଳନସ୍ଥଳ ପାଲଟିଥିଲା । ନିବନ୍ଧ ସ୍ଥଳରେ ପାରମ୍ପରିକ ସାଜସଜ୍ଜା ଦେଖିବାକୁ ମିଳିଥିଲା । ଆପ୍ ସାଂସଦ ରାଘବ ଚଢ଼ାଙ୍କ ଘର ବିଭିନ୍ନ ପ୍ରକାର ଫୁଲରେ ସଜାଯାଇଥିଲା । ତେବେ ନିର୍ବନ୍ଧର ଫଟୋ ଓ ଭିଡ଼ିଓ ଯେପରି ବାହାରକୁ ଲିକ୍ ନ ହୁଏ, ସେଥିପାଇଁ ଅତିଥିମାନଙ୍କୁ ପାଖରେ ଫୋନ ରଖିବାକୁ ଅନୁମତି ମିଳି ନ ଥିଲା । ଅତିଥିମାନଙ୍କ ପାଇଁ ଲାଲ ଗାଲିଚା ବିଛାଯାଇଥିଲା ଏବଂ ଆସନରେ ବସିବା ପୂର୍ବରୁ ସେମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କ ଫୋନ ରଖିଦେବାକୁ କୁହାଯାଇଥିଲା । ବର୍ତ୍ତମାନ ପରୀ-ରାଘବଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଭାଇରାଲ ହେଉଥିବା ଭିଡିଓରେ ପରୀ ରାଘବଙ୍କ ସହ ତାଙ୍କର ସେରିମନିକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଛି । ଯେଉଁଥିରେ ପରିଣୀତି ଏବଂ ରାଘବ ଏକ ରୋମାଣ୍ଟିକ୍ ମୁଡ୍‌ରେ ନଜର ଆସିଥିଲେ । ଏହି ସମୟରେ ଅଭିନେତ୍ରୀ ତାଙ୍କ ଭାବିସ୍ୱାମୀ ରାଘବଙ୍କ ପାଇଁ ମାହି ଗୀତ ଗାଇଥିବାର ଦେଖାଯାଇଥିଲା । ଏହା ଦେଖି ରାଘବ ମଧ୍ୟ ନିଜକୁ ଅଟକାଇ ପାରିନଥିଲେ । ସମ୍ଭାଳି ନପାରି ପରୀକୁ ଏକ କିସ୍ କରିଥିଲେ ରାଘବ । ଯାହାକୁ ନେଇ ସୋସିଆଲରେ ଖୁବ୍ ଚର୍ଚ୍ଚା ହେଉଛି ।







## ସ୍ୱାସ୍ଥ୍ୟ ପକ୍ଷେ ହିତକର ପଣସ

ଖରାଦିନେ ବିଭିନ୍ନ ପ୍ରକାର ଫଳ ଖାଇବା ଉଚିତ୍ । କଞ୍ଚା ଫଳ ଖାଇବା ଠିକ ନାଁ ଭୁଲ ତାହାକୁ ନେଇ ଲୋକଙ୍କ ମନରେ ଏକ ଦ୍ୱନ୍ଦ୍ୱ ରହିଥାଏ । କାରଣ ଖରା ଦିନେ କଞ୍ଚା ଫଳର ପ୍ରଭାବ ଗରମ ରହିଥାଏ । ପଣସ ଭଳି କଞ୍ଚା ଫଳ ଗରମ ଏବଂ ଆର୍ଦ୍ର ପରିବେଶରେ ଉତ୍ପାଦିତ ହୋଇଥାଏ । ପଣସକୁ କିଛି ଲୋକ ଖାଇବାକୁ ପସନ୍ଦ କରୁଥିବା ବେଳେ କିଛି ଲୋକ ନା ପସନ୍ଦ କରିଥାଆନ୍ତି । କଞ୍ଚା ପଣସରୁ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ ।ଏହା ପାଟିକୁ ସୁଆଦିଆ ଲାଗିବା ସହ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ପଣସରେ ରହିଛି ଭିଟାମିନ୍, ମିନେରାଲ୍ସ, ପ୍ରୋଟିନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ବି, ମ୍ୟାଗ୍ନେସିୟମ୍, ମାଙ୍ଗାନିଜ ଏବଂ ଫାଇବର ଭରପୂର ମାତ୍ରାରେ ରହିଥାଏ । ଏହି ସମସ୍ତ ଉପାଦାନ ଚର୍ମ ଏବଂ ପେଟର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସାହାୟକ ହୋଇଥାଏ । ବଦହଜମି ସମସ୍ୟାର ସମ୍ମୁଖୀନ ହେଉଥିଲେ, ପଣସ



ସେବନ କରିବା ଲାଭଦାୟକ ହୋଇଥାଏ । ଅଲ୍‌ସର୍ ଏବଂ ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ମଧ୍ୟ ସାହାଯ୍ୟ କରେ ପଣସ । ଏଥିସହ ଆଣ୍ଠୁ ଗଣ୍ଠି ଜନିତ ସମସ୍ୟାରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରେ ପଣସ । ପଣସ ଖାଇବା ଦ୍ୱାରା ଚେହେରାରେ ଚମକ ଆସିଥାଏ । ରକ୍ତ ଶର୍କରାକୁ ନିୟନ୍ତ୍ରଣ କରି ରଖିବାରେ ପଣସ ବେଶ ସହାୟକ ହୋଇଥାଏ । ପ୍ରତିଦିନ ପଣସ ଖାଇବା ଦ୍ୱାରା, ଏହା ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରେ ।

## ପୁଣି କୋର୍ଟ ଆସିବେ ସୈଫ୍





ପୁଣି କୋର୍ଟର ଦ୍ୱାରସ୍ଥ ହେବେ ବଲିଉଡ ଅଭିନେତା ସୈଫ ଅଲି ଖାନ । ଫେବ୍ରୁଆରୀ ୨୨, ୨୦୧୨ ରେ ତାଜ ହୋଟେଲର ୱାସବି ରେଷ୍ଟୁରାଣ୍ଟକୁ ସୈଫ୍ ଅଲି ଖାନଙ୍କ ସହ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ କରୀନା କପୁର ଖାନ, ତାଙ୍କ ଭଉଣୀ କରିସ୍ମା କପୁର, ଅଭିନେତ୍ରୀ ମଲାଇକା ଆରୋରା ଖାନ, ଅମୃତା ଆରୋରା ଏବଂ ଅନ୍ୟ କିଛି ସାଙ୍ଗମାନେ ଯାଇଥିଲେ । କୌଣସି ଏକ କାରଣରୁ ହୋଟେଲ ମାଲିକ ଦକ୍ଷିଣ ଆଫ୍ରିକାର ବ୍ୟବସାୟୀ ଇକବାଲ ମୀର ଶର୍ମାଙ୍କ ସହ ଝଗଡ଼ା ହୋଇଥିଲା । ସେଠାରେ ସୈଫ ଓ ଅନ୍ୟ ଦୁଇ ଜଣ ସାଙ୍ଗ ବ୍ୟବସାୟୀ ମୀର ଶର୍ମା ଓ ତାଙ୍କ ଶ୍ୱଶୁରଙ୍କୁ ମରଣାନ୍ତକ ଆକ୍ରମଣ ମାରିଥିଲେ । ଏଥିନେଇ ମୀର ସୈଫଙ୍କ ସହ ଶକିଲ ଲଡକ, ବିଲାଲ ଆମ୍ରୋହିଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ । ସୈଫ ଅଲ୍ଲୀ ବି ପାଲଟା ଅଭିଯୋଗ କରିଥିଲେ । ସେ କହିଥିଲେ ଯେ ଶର୍ମା ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ, ଯାହା ତାଙ୍କ ସହ ଆସିଥିବା ମହିଳାଙ୍କ ପ୍ରତି ଅପମାନ ହୋଇଥିଲା । ଡିସେମ୍ବର ୨୧, ୨୦୧୨ ରେ ପୋଲିସ ଏହି ମାମଲାରେ ଏକ ଚାର୍ଜସିଟ ଦାଖଲ କରିଥିଲା । ସୈଫ୍ ଅଲି ଖାନ ଏବଂ ତାଙ୍କର ଦୁଇ ବନ୍ଧୁଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୨୫ ଏବଂ ଧାରା ୩୪ ଅନୁଯାୟୀ ଅଭିଯୋଗ କରାଯାଇଥିଲା । ଏସ୍‌ପ୍ଲେନେଡ କୋର୍ଟର ଅତିରିକ୍ତ ମୁଖ୍ୟ ମହାନଗର ନିଗମ ମାଜିଷ୍ଟ୍ରେଟ ଏପ୍ରିଲ ୨୪ ରେ ସୈଫ ଅଲି ଖାନ ଏବଂ ଶକିଲ ଲଡକ, ବିଲାଲ ଆମ୍ରୋହିଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ । ୩ ଜଣଙ୍କୁ ଗିରଫ କରାଯାଇଥିଲା । ପରେ ଜାମିନରେ ମୁକୁଳିଥିଲେ ଏହି ୩ ଜଣ । ଅଭିଯୋଗର ୧୧ ବର୍ଷ ପରେ ଶୁଣାଣି ପାଇଁ କୋର୍ଟ ସାକ୍ଷୀମାନଙ୍କୁ ମଧ୍ୟ ଡକାଇଛନ୍ତି । ଏହି ମାମଲାର ଶୁଣାଣି ଜୁନ୍ ୧୫ ରୁ ହେବ ବୋଲି ଜଣାପଡିଛି ।

## ଶିମ୍‌ଲାରେ ଚୁଲି ଫୁଙ୍କିଲେ ପ୍ରୀତି

ପଞ୍ଜାବ କିଙ୍ଗ୍‌ସ ଦଳର ମାଲିକାଣୀ ତଥା ବଲିଉଡ୍ ଅଭିନେତ୍ରୀ ତଥା ପ୍ରୀତି ଜିଣ୍ଟା ଆଇପିଏଲ୍ ଚାଲିଥିବାବେଳେ ନିଜ ଦଳର ଖେଳାଳିଙ୍କ ମନୋବଳ ବଢ଼ାଇବା ଲାଗି ସେ ସବୁବେଳେ ଆଗରେ ଥାନ୍ତି । ସେ ସବୁ ମ୍ୟାଚ୍‌ରେ ଷ୍ଟାଡିୟମରେ ଉପସ୍ଥିତ ରହିଥାନ୍ତି । ବର୍ତ୍ତମାନ ସେ ନିଜ କାମରୁ ବିରତି ନେଇ ଶିମ୍‌ଲା ବୁଲିବାକୁ ଯାଇଥିବା ଜଣାପଡ଼ିଛି । ସେଠାରେ ଚୁଲି ଜାଳି ରୋଷେଇ କରୁଥିବା ନଜର ଆସିଛନ୍ତି । ସୋସିଆଲ ମିଡିଆରେ ଏହାର ଏକ ଭିଡ଼ିଓ ଓ ଫଟୋ ଖୁବ୍ ଭାଇରାଲ ହେବାରେ ଲାଗିଛି । ପ୍ରୀତିଙ୍କ ନିଜ ସହର ହେଉଛି ସିମ୍‌ଲା । ସେ ସ୍ୱାମୀ ଓ ୨ ପିଲାଙ୍କୁ ନେଇ ସିମଲା ବୁଲିବାକୁ ଯାଇଛନ୍ତି । ସେ ତାଙ୍କ ଘରେ ପାରମ୍ପରିକ ପୋଷାକ ପିନ୍ଧି ଚୁଲି ଜାଳି ରୋଷେଇ କରୁଥିବା ନଜର ଆସିଛନ୍ତି । ଏହାର ଫଟୋ ଓ ଭିଡ଼ିଓ ନିଜେ ପ୍ରୀତି ସୋସିଆଲ ମିଡ଼ିଆରେ ସେୟାର କରିଛନ୍ତି । ଆଉ ସେଥିରେ କ୍ୟାପ୍ ସନ ଲେଖିଛନ୍ତି- "ପୁରୁଣା ସ୍ମୃତି ଆଉ ଥରେ ତାଜା ହୋଇଛି ଏବଂ ନୂତନ ସ୍ମୃତି ତିଆରି କରୁଛି'। ଏଠାରେ ମୁଁ ଚୁଲିରେ ନଳ ଫୁଙ୍କି ନିଆଁ ଜଳାଇବାକୁ ଚେଷ୍ଟା କରୁଛି ଏବଂ ଲିଭିଯାଇଥିବା ଚୁଲିକୁ ପୁଣି ଥରେ ଜାଳିବାକୁ ଚେଷ୍ଟା କରୁଛି । ତାଙ୍କର ପ୍ରଶଂସକ ଏହି ଫଟୋକୁ ଦେଖି ଖୁବ୍ ପ୍ରଶଂସା କରିଛନ୍ତି ।








Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik